RNI REGD NO: 42041/83
www.sakalaepaper.com
/thesakalanews
/TheSakala
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-160 ♦BHUBANESWAR ♦TUESDAY ♦5 DECEMBER 2023 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୧୬୦ ♦ଭୁବନେଶ୍ୱର ♦ମଙ୍ଗଳବାର ♦୫ ଡିସେମ୍ବର ୨୦୨୩ ♦ପୃଷ୍ଠା-୧୬ ♦ଟ.୬.୦୦




▶ପୃଷ୍ଠା ୧୪ ଦେଖନ୍ତୁ...

# ମାଡ଼ି ଆସୁଛି 'ମିଗ୍‌ଜୋମ୍'

**ଲଗାଣ ବର୍ଷାରେ ତାମିଲନାଡୁ ଉବୁଟୁବୁ**

**ଚେନ୍ନଇ ଜଳାର୍ଣ୍ଣବ, ୫ ଜଣଙ୍କ ମୃତ୍ୟୁ**

**୭୦ ବିମାନ, ୬୦ ଟ୍ରେନ ବାତିଲ**

**୪ ଉପକୂଳ ଜିଲ୍ଲାରେ ଛୁଟି ଘୋଷଣା**



■ **ଚେନ୍ନଇ,୪ା୧୨(ଏଜେନ୍ସି):** ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା 'ମିଗ୍‌ଜୋମ୍' ଭୀଷଣ ରୂପ ଧାରଣ କରିବା ସହ ଉପକୂଳ ମୁହାଁ ହୋଇଥିବା ବେଳେ ଏହା ପ୍ରଭାବରେ ତାମିଲନାଡୁର ବିଭିନ୍ନ ଜିଲ୍ଲାରେ ପ୍ରବଳରୁ ପ୍ରବଳ ବର୍ଷା ଲାଗି ରହିଛି। ଚେନ୍ନଇ ସମେତ ଚେଙ୍ଗଲପେଟୁ,କାଞ୍ଚିପୁରମ ଏବଂ ତିରୁଭାଲୁର ଜିଲ୍ଲାରେ ଲାଗାଣ ବର୍ଷାକୁ ନେଇ ସ୍ଥିତି ଗମ୍ଭୀର ହୋଇପଡ଼ିଛି। ଏହିସବୁ ଜିଲ୍ଲା ବ୍ୟତୀତ ରାଜ୍ୟର ବହୁ ଉପକୂଳ ଜିଲ୍ଲା ମଧ୍ୟ ବର୍ଷା ଯୋଗୁଁ ପ୍ରଭାବିତ ହୋଇଛି। ଉଚ୍ଚ ବେଗରେ ପବନ ବୋହିବା ସହିତ ଲଗାଣ ବର୍ଷା ଯୋଗୁଁ ଚେନ୍ନଇ ସହର ଜଳମଗ୍ନ ହୋଇପଡ଼ିଥିବା ବେଳେ ସହରର ବିଭିନ୍ନ ଅଞ୍ଚଳରେ ୫ ଜଣଙ୍କ ମୃତ୍ୟୁ ହୋଇଛି। ଏହାବ୍ୟତୀତ କେତେକ ଅଞ୍ଚଳରେ ଘରଦ୍ୱାର ମଧ୍ୟ ଭାଙ୍ଗି ଯାଇଥିବା ସୂଚନା ମିଳିଛି। ସହରର ସବୁଆଡେ ପାଣି ଭର୍ତ୍ତି ହୋଇଥିବାରୁ ଟ୍ରାଫିକ ସମସ୍ୟା ଉତ୍କଟ ହୋଇପଡ଼ିଛି। ସେପଟେ ଚେନ୍ନଇ ବିମାନ ବନ୍ଦର ରନ୍‌ୱେ ପାଣିରେ ବୁଡ଼ି ରହିଥିବାରୁ ୩୩ଟି ବିମାନର ଗତିପଥ ପରିବର୍ତ୍ତନ କରାଯିବା ସହିତ ଏଠାରୁ ଉଡ଼ାଣ କରିବାକୁ ଥିବା ୭୦ଟି ବିମାନର ଉଡ଼ାଣ ବାତିଲ କରିଦିଆଯାଇଛି। ସେହିପରି ଲଗାଣ ବର୍ଷା ଯୋଗୁ ରେଳଧାରଣା ମଧ୍ୟ ବୁଡିଯାଇଛି। ଏହାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳବାଇ ପକ୍ଷରୁ ୬୦ଟି ଟ୍ରେନର ଚଳାଚଳ ବାତିଲ କରିଦିଆଯାଇଛି। ଚେନ୍ନଇ ସହର ସମେତ ଚେଙ୍ଗଲପେଟୁ, କାଞ୍ଚିପୁରମ ଏବଂ ତିରୁଭାଲୁର ଜିଲ୍ଲାର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇପଡ଼ିଥିବାରୁ ଜନଜୀବନ ବ୍ୟାହତ ହୋଇପଡ଼ିଥିବା ବେଳେ ଜଳ ନିଷ୍କାସନ ପାଇଁ ରାଜ୍ୟ ଏବଂ କେନ୍ଦ୍ରୀୟ ଏଜେନ୍ସିଙ୍କ ପକ୍ଷରୁ ଉଦ୍ୟମ ଆରମ୍ଭ କରାଯାଇଥିବା ରାଜ୍ୟପାଳ ଆର ଏନ ରବି କହିଛନ୍ତି। ସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଟିମ୍‌କୁ ସତର୍କ ରଖାଯାଇଛି। ଅନ୍ୟପକ୍ଷରେ ଉପରୋକ୍ତ ୪ ଜିଲ୍ଲାର ସ୍ଥିତିକୁ ଦେଖି ରାଜ୍ୟ ସରକାରଙ୍କ ପକ୍ଷରୁ ଆସନ୍ତାକାଲି ସମସ୍ତ ଶିକ୍ଷାନୁଷ୍ଠାନ ଓ ବ୍ୟାଙ୍କଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି।

## ଦକ୍ଷିଣ ଓଡ଼ିଶାରେ ଢାଳିବ

**୪ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ**

**ଭୁବନେଶ୍ୱର, ୪ା୧୨(ସମିସ):** ବାତ୍ୟା ମିଚାଉଁ (ବର୍ମୀୟ ଭାଷାରେ ମିଗ୍‌ଜୋମ୍)ର ପ୍ରଭାବ ଓଡ଼ିଶାରେ ଆରମ୍ଭ ହୋଇଯାଇଛି। ଆଜି(ସୋମବାର) ରାଜ୍ୟର ଦକ୍ଷିଣ ଉପକୂଳବର୍ତ୍ତୀ ଜିଲ୍ଲାର କିଛି ଅଞ୍ଚଳରେ ସ୍ୱଳ୍ପ ବର୍ଷା ହୋଇଛି। ଆସନ୍ତା କାଲିଠାରୁ ଏହାର ପ୍ରକୋପ ବୃଦ୍ଧି ପାଇବା ସହ ରାଜ୍ୟର ଅନେକ ସ୍ଥାନରେ ପ୍ରବଳ ବର୍ଷା ଆଶଙ୍କା ରହିଛି। ବିଶେଷକରି ଦକ୍ଷିଣ ଉପକୂଳ ଓ ଓଡ଼ିଶାର ଆନ୍ଧ୍ର ସୀମାନ୍ତବର୍ତ୍ତୀ କିଛି ଜିଲ୍ଲାରେ ବର୍ଷା ଓ ପବନର ପ୍ରଭାବ ରହିବ ବୋଲି କୁହାଯାଉଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ପକ୍ଷରୁ ବିଭିନ୍ନ ଜିଲ୍ଲା ପାଇଁ ଅରେଞ୍ଜ ଓ ୟେଲୋ ଆଲର୍ଟ ଜାରି କରାଯାଇଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ବାତ୍ୟା ମିଚାଉଁ ବର୍ତ୍ତମାନ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗର ସଂଲଗ୍ନ ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗରର ଦକ୍ଷିଣ ଆନ୍ଧ୍ର ଓ ଉତ୍ତର ତାମିଲ୍‌ନାଡୁ ଉପକୂଳରେ ସକ୍ରିୟ ରହିଛି। ଏହା ଘନୀଭୂତ ହୋଇ ଭୀଷଣ ବାତ୍ୟାରେ ପରିଣତ ହୋଇଛି। ବାତ୍ୟାଟି ଉତ୍ତର ଦିଗରେ ଗତି କରି ଦକ୍ଷିଣ ଆନ୍ଧ୍ରପ୍ରଦେଶର ନେଲୋର ଓ ମଛଲିପଟ୍ଟନମ ନିକଟରେ ୫ ତାରିଖ ଅପରାହ୍ଣରେ ସ୍ଥଳଭାଗ ଛୁଇଁବ। ଏହି ସମୟରେ ପବନର ▶ପୃଷ୍ଠା-୪

## ମିଜୋରାମ ନିର୍ବାଚନରେ ଜେଡ୍‌ପିଏମ୍‌କୁ ବହୁମତ

**ଇସ୍ତଫା ଦେଲେ ମୁଖ୍ୟମନ୍ତ୍ରୀ ଜୋରାମଥଙ୍ଗା**

**ଲାଲଦୁହୋମା ଗଢ଼ିବେ ନୂଆ ସରକାର**



■ **ଆଇଜଲ,୪ା୧୨(ଏଜେନ୍ସି):** ମିଜୋରାମ ବିଧାନସଭା ନିର୍ବାଚନ ଫଳାଫଳ ସୋମବାର ପ୍ରକାଶ ପାଇଛି। ୪୦ ଆସନ ବିଶିଷ୍ଟ ମିଜୋରାମ ବିଧାନସଭାର ସମସ୍ତ ଆସନ ପାଇଁ ଏଥର ମତଦାନ ହୋଇଥିଲା ବେଳେ ଜୋରାମ ପିପୁଲ୍ସ ମୁଭ୍‌ମେଣ୍ଟ(ଜେଡ୍‌ପିଏମ୍) ୨୭ଟି ଆସନରେ ବିଜୟ ହୋଇ ସଂଖ୍ୟାଗରିଷ୍ଠତା ହାସଲ କରିଛି। ▶ପୃଷ୍ଠା-୪

**ଜାନୁୟାରୀ ୧୭ରେ ପରିକ୍ରମା ପ୍ରକଳ୍ପର ଲୋକାର୍ପଣ**

## ଯଜ୍ଞସ୍ଥଳ ନିରୂପିତ

■ **ପୁରୀ,୪ା୧୨(ସମିସ):** ୨୦୨୪ ଜାନୁଆରୀ ୧୭ ତାରିଖ; ଶ୍ରୀକ୍ଷେତ୍ର ଆଉ ଇତିହାସରେ ଯୋଡ଼ି ହେବ ସ୍ୱର୍ଣ୍ଣିମ ଫର୍ଦ୍ଦ। ସାକାର ହେବ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱପ୍ନ। ଏହି ଦିନ ବହୁପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ହେବ। ଏଥିପାଇଁ ଭବ୍ୟ ପ୍ରତିଷ୍ଠା ଉତ୍ସବ ଆୟୋଜନ କରାଯାଉଛି। ଜାନୁୟାରୀ ୧୨ରୁ ପ୍ରତିଷ୍ଠା ଉତ୍ସବ ପାଇଁ ପୂଜାର୍ଚ୍ଚନା ଆରମ୍ଭ ହେବ। ୧୫ରୁ ତ୍ରିଦିନାତ୍ମକ ଯଜ୍ଞ କରାଯିବ। ୧୭ରେ ଯଜ୍ଞ ପୂର୍ଣ୍ଣାହୁତି ସହ ପରିକ୍ରମା ପ୍ରକଳ୍ପର ଶୁଭ ଉଦ୍‌ଘାଟନ ହେବ। ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଯାଇଥିବା ବେଳେ ସୋମବାର ଯଜ୍ଞସ୍ଥଳ ନିରୂପଣ ହୋଇଛି। ▶ପୃଷ୍ଠା-୪



**ସ୍ଥାନ ସ୍ଥିରକଲେ ଶ୍ରୋତ୍ରୀୟ ବ୍ରାହ୍ମଣ, ରାଜଗୁରୁ, ଶ୍ରୀମନ୍ଦିର ପୁରୋହିତ**

**ଐଶାନ୍ୟ କୋଣରେ ହେବ ହୋମଯଜ୍ଞ**

**ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ରକ୍ଷା ପାଇଁ ତତ୍ପରତା: ଜିଲ୍ଲାପାଳ ଅଫିସ ପାଇଁ ସମ୍ଭାବ୍ୟ ସ୍ଥାନ ପରିଦର୍ଶନ କଲା କମିଟି**

## ପଦ୍ମପୁର ହେବ ୩୧ତମ ଜିଲ୍ଲା

■ **ପଦ୍ମପୁର ୪ା୧୨ (ସମିସ):** ରାଜ୍ୟର ୩୧ତମ ଜିଲ୍ଲା ମାନ୍ୟତା ପାଇବ ପଦ୍ମପୁର। ଡିସେମ୍ବର ଶେଷ ସୁଦ୍ଧା ପଦ୍ମପୁରକୁ ଜିଲ୍ଲା ମାନ୍ୟତା ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତିଶ୍ରୁତିକୁ ସାକାର କରିବା ପାଇଁ ଆଧିକାରିକ ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ତଦନୁସାରେ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ନୂତନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସ୍ଥାନ ନିରୂପଣରୁ ଏହା ସ୍ପଷ୍ଟ ବାରି ହେଉଛି। ନୂତନ ଜିଲ୍ଲାପାଳ କାର୍ଯ୍ୟାଳୟର ସ୍ଥାନ ନିରୂପଣ ପାଇଁ ସୋମବାର ଉତ୍ତରାଞ୍ଚଳ ରାଜସ୍ୱ କମିସନର୍ ଡ. ସୁରେଶ ଚନ୍ଦ୍ର ଦଳାଇଙ୍କ ଅଧ୍ୟକ୍ଷତାରେ ୧୧ଜଣିଆ କମିଟି କ୍ଷେତ୍ର ପ୍ରଦର୍ଶନ କରିଛନ୍ତି। ଚିରୋଲି ଅଫିସ୍, ଅନ୍ୱେଷା ହଷ୍ଟେଲ ପଡ଼ିଆ ଓ ବରିକେଲ୍; ସର୍ବମୋଟ ତିନୋଟି ସ୍ଥାନକୁ ଚିହ୍ନଟ କରିବା ▶ପୃଷ୍ଠା-୪









ଇଣ୍ଡୋନେସିଆରେ ଜ୍ୱାଳାମୁଖୀ ଉଦ୍‌ଗୀରଣ

# ୧୧ ପର୍ବତାରୋହୀ ମୃତ; ୧୨ ନିଖୋଜ



**ଜାକାର୍ତ୍ତା, ୪।୧୨ (ଏଜେନ୍ସି):** ଇଣ୍ଡୋନେସିଆର ମାରାପିରେ ଜ୍ୱାଳାମୁଖୀରେ ସୋମବାର ପୁଣି ବିସ୍ଫୋରଣ ହୋଇଛି। ଏହି ଦୁର୍ଘଟଣାରେ ୧୧ ଜଣ ପର୍ବତାରୋହୀଙ୍କ ମୃତ୍ୟୁ ହୋଇଛି।୧୨ ଜଣ ମଧ୍ୟ ନିଖୋଜ ହୋଇଯାଇଛନ୍ତି। ଏମାନଙ୍କୁ ଖୋଜିବା ପାଇଁ ତଲାସୀ ଅଭିଯାନ ଜାରି ରହିଛି। ସେହିପରି ୪୯ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ରିପୋର୍ଟ ଅନୁଯାୟୀ ପର୍ବତାରୋହଣର ୨ଟି ମାର୍ଗ ଜ୍ୱାଳାମୁଖୀ ନିକଟ ଦେଇ ଯାଇଛି। ଏବେ ଏହାକୁ ବନ୍ଦ କରିଦିଆଯାଇଛି। ଜ୍ୱାଳାମୁଖୀଠାରୁ ୩ କିମି ଭିତରେ ଥିବା ସମସ୍ତ ଗାଁକୁ ଖାଲି କରାଯାଇଛି। ଏହା ପୂର୍ବରୁ ରବିବାର ଜ୍ୱାଳାମୁଖୀରେ ବିସ୍ଫୋରଣ ହୋଇଥିଲା। ଏଥିଯୋଗୁଁ ପ୍ରାୟ ୩ କିମି ଉପରକୁ ଧୂଆଁ ପଳାଇ ଥିଲା। ଏହାର ଆଖପାଖ ଅଞ୍ଚଳରେ ଥିବା ଗାଡ଼ି ଏବଂ ରାସ୍ତାଘାଟରେ ପାଉଁଶ ଭର୍ତ୍ତି ହୋଇଯାଇଛି। ସୋମବାର ପୁଣି ବିସ୍ଫୋରଣ ହେବାରୁ ଉଦ୍ଧାରକାର୍ଯ୍ୟ ପ୍ରଭାବିତ ହୋଇଥିଲା। କିଛି ସମୟ ପାଇଁ ଏହାକୁ ବନ୍ଦ କରିଦିଆଯାଇଥିଲା। ଇଣ୍ଡୋନେସିଆ ଭାଷାରେ ମାରାପୀର ଅର୍ଥ 'ନିଆଁର ପାହାଡ଼'। ଏହା ସୁମାତ୍ରା ଦ୍ୱୀପର ସବୁଠାରୁ ସକ୍ରିୟ ଜ୍ୱାଳାମୁଖୀ। ଇଣ୍ଡୋନେସିଆର ଦ୍ୱୀପଗୁଡ଼ିକ 'ପ୍ରଶାନ୍ତ ରିଙ୍ଗ ଅଫ୍ ଫାୟାର'ରେ ରହିଛି।

# ବାୟୁସେନା ବିମାନ ଦୁର୍ଘଟଣାଗ୍ରସ୍ତ; ୨ ପାଇଲଟ ମୃତ



**ହାଇଦରାବାଦ, ୪।୧୨ (ଏଜେନ୍ସି):** ଭାରତୀୟ ବାୟୁସେନା (ଆଇଏଏଫ୍) ର ପୁଣି ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ସୋମବାର ସକାଳେ ଏକ ପ୍ରଶିକ୍ଷଣ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ତେଲଙ୍ଗାନା ମେଡକର ପରିଧି ରୱେଲି ଅଞ୍ଚଳରେ ଖସି ପଡ଼ିଛି। ଏହି ଦୁର୍ଘଟଣାରେ ୨ ଜଣ ପାଇଲଟ ପ୍ରାଣ ହରାଇଛନ୍ତି। ଆଇଏଏଫ୍‌ର ସୂଚନା ଅନୁଯାୟୀ ବିମାନରେ ଜଣେ ମୁଖ୍ୟ ପାଇଲଟଙ୍କ ସହିତ ଅନ୍ୟ ଜଣେ ଟ୍ରେନି ପାଇଲଟ ଥିଲେ। ସେ ବିମାନ ଉଡ଼ାଇବା ଶିଖୁଥିଲେ। ଏହି ବିମାନ (ପିସି ୭ ଏମକେ-୨) ଡିଣ୍ଡିଗୁଲ ଏୟାରଫୋର୍ସ ଏକାଡେମିରୁ ସୋମବାର ସକାଳେ ଉଡ଼ାଣ ଆରମ୍ଭ କରିଥିଲା। ପରେ ଏହା ୮ଟା୫୫ ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ ତଳେ ପଡ଼ିବାର କିଛି ସମୟ ପରେ ବିମାନଟି ଜଳି ପାଉଁଶ ହୋଇ ଯାଇଥିଲା। ଦୁର୍ଘଟଣାର କାରଣ ଜାଣିବା ପାଇଁ 'କୋର୍ଟ ଅଫ୍ ଇନକ୍ୱାରୀ' ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ ଯେ ଗତ ୮ ମାସ ମଧ୍ୟରେ ବାୟୁସେନାର ୩ଟି ବିମାନ ଦୁର୍ଘଟଣାଗ୍ରସ୍ତ ହେଲାଣି। ଏହା ପୂର୍ବରୁ ଜୁନ୍‌ରେ ଏକ ପ୍ରଶିକ୍ଷଣ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସେହିପରି ମଇ ମାସରେ ମିଗ୍-୨୧ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ୩ ଜଣ ପାଇଲଟଙ୍କ ମୃତ୍ୟୁ ହୋଇଥିଲା।

## ରାଘବ ଚଢ଼ାଙ୍କ ନିଲମ୍ବନ ପ୍ରତ୍ୟାହୃତ

**ନୂଆଦିଲ୍ଲୀ, ୪।୧୨ (ଏଜେନ୍ସି):** ଆମ୍ ଆଦମୀ ପାର୍ଟି (ଆପ୍) ର ରାଜ୍ୟସଭା ସାଂସଦ ରାଘବ ଚଢ଼ାଙ୍କୁ ଆଶ୍ୱସ୍ତି ମିଳିଛି। ସ୍ୱାଧୀକାର ଭଙ୍ଗ ମାମଲାରେ ତାଙ୍କ ନିଲମ୍ବନ ଆଦେଶକୁ ଉଚ୍ଛେଦ କରିଦିଆଯାଇଛି। ସୋମବାର ସଂସଦରେ ବସିଥିବା ସ୍ୱାଧୀକାର କମିଟିର ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଚଢ଼ାଙ୍କୁ ରାଜ୍ୟସଭାକୁ ଫେରିବା ପାଇଁ ଉପ-ରାଷ୍ଟ୍ରପତି ଜଗଦୀପ ଧନଖର ଅନୁମତି ଦେଇଛନ୍ତି। ସେ କହିଛନ୍ତି ଯେ ଏ ସଂକ୍ରାନ୍ତରେ ବିଜେପି ସାଂସଦ ଜିଭିଏଲ ନରସିମ୍ହା ରାଓ ଏକ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଏଥିରେ ତାଙ୍କ ନିଲମ୍ବନକୁ ରଦ୍ଦ କରିଦିଆଯାଇଥିଲା। ଭୁଲ୍ ପାଇଁ ତାଙ୍କ ନିଲମ୍ବନ ଅବଧିକୁ ପର୍ଯ୍ୟାପ୍ତ କୁହାଯାଇଥିଲା। ରାଜ୍ୟସଭା ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଚଢ଼ାଙ୍କ ନିଲମ୍ବନକୁ ରଦ୍ଦ କରାଯାଇ ନାହିଁ। କମିଟିର ଯାଞ୍ଚରେ ଦୋଷୀ ସାବ୍ୟସ୍ତ ହେବା ପରେ ଆପ୍ ସାଂସଦଙ୍କୁ ଦଣ୍ଡ ଦିଆଯାଇଥିଲା। ଅଗଷ୍ଟ ୧୧ରୁ ତାଙ୍କୁ ନିଲମ୍ବନ କରାଯାଇଥିଲା। ଏହି ଦଣ୍ଡ ଦୋଷ ପାଇଁ ପର୍ଯ୍ୟାପ୍ତ। ଏବେ ସେ ଗୃହ କାର୍ଯ୍ୟରେ ସାମିଲ ହୋଇପାରିବେ।

● ଉତ୍ତରାଖଣ୍ଡ ସୁଡ଼ଙ୍ଗ ଦୁର୍ଘଟଣା ମାମଲା

## ନିର୍ମାଣରେ ସର୍ଭେ ରିପୋର୍ଟକୁ ଅଣଦେଖା

**ନୂଆଦିଲ୍ଲୀ, ୪।୧୨ (ଏଜେନ୍ସି):** ଉତ୍ତରାଖଣ୍ଡର ଚାରିଧାମକୁ ସବୁ ଋତୁରେ ଗମନାଗମନ ପାଇଁ ସିଲକ୍ୟାରା ସୁଡ଼ଙ୍ଗ ନିର୍ମାଣ ହେଉଛି। ଏବେ ଏହି ସୁଡ଼ଙ୍ଗ ଧସିବାକୁ ନେଇ ଚକିତ କରିବା ଭଳି ତଥ୍ୟ ସାମ୍ନାକୁ ଆସିଛି। ସୁଡ଼ଙ୍ଗ ନିର୍ମାଣରେ ଗୁରୁତର ଅବହେଳା କରାଯାଇଥିବା ଜଣାପଡ଼ିଛି। ଡିଟେଲ ପ୍ରୋଜେକ୍ଟ ରିପୋର୍ଟ (ଡିପିଆର) ରେ ଜିଓ୍ୱୋ ଟେକ୍ନିକାଲ ସର୍ଭେ ରିପୋର୍ଟକୁ ଧ୍ୟାନ ଦିଆଯାଇ ନାହିଁ। ରିପୋର୍ଟରେ ସୁଡ଼ଙ୍ଗ ନିର୍ମାଣ ହେଉଥିବା ପାହାଡ଼ରେ ବଡ଼ ବଡ଼ ପଥର ଥିବା କୁହାଯାଇଥିଲା। ମାତ୍ର ଖୋଳା ଆରମ୍ଭ ହେବା ପରେ ଖାଲି ଫସଫସିଆ ମାଟି ବାହାରି ଥିଲା। ଏହାର ଡିପିଆର ଉପରେ ନ୍ୟାସନାଲ ହାଇୱେ କର୍ପୋରେସନ (ଏନ୍‌ଏଚ୍‌ଆଇଡିସିଏଲ) ଠାରୁ ନେଇ ସୁଡ଼ଙ୍ଗ ବନାଉଥିବା କମ୍ପାନୀ ନବୟୁଗ (ଏନ୍‌ଇସିଏଲ) ପର୍ଯ୍ୟନ୍ତ କେହି ଉତ୍ତର ଦେବାକୁ ପ୍ରସ୍ତୁତ ନାହାନ୍ତି। ତେବେ ନବୟୁଗ କମ୍ପାନୀ ଅଷ୍ଟ୍ରିଆ-ଜର୍ମାନୀର ବରନାର୍ଡ କମ୍ପାନୀ ଦ୍ୱାରା ଏହି ଡିପିଆର ପ୍ରସ୍ତୁତ କରିଥିଲା। ବରନାର୍ଡ କମ୍ପାନୀର ସୂଚନା ଅନୁଯାୟୀ ସୁଡଙ୍ଗର ଭୂତାତ୍ତ୍ୱିକ ସ୍ଥିତି ଟେଣ୍ଡରରେ କରାଯାଇଥିବା ଆଶଙ୍କଠାରୁ ବହୁତ କଠିନ ଥିଲା। ନିର୍ମାଣ ଆରମ୍ଭ ହେବା ଦିନଠାରୁ ଏହା ଜଣାପଡ଼ି ଯାଇଥିଲା। ସୁଡ଼ଙ୍ଗ ସମ୍ବନ୍ଧିତ କାଗଜପତ୍ର ଅନୁଯାୟୀ ଟିଏଏସ୍‌ପିଏଲ ଏବଂ ଜିଇଏସ୍ ଫାର୍ମ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରାଳୟକୁ ଏହି ସୁଡ଼ଙ୍ଗର ଜିଓ୍ୱୋଲୋଜିକାଲ ରିପୋର୍ଟ ପ୍ରଦାନ କରିଥିଲା। ପୂର୍ବରୁ ଏହି ଦୁଇ କମ୍ପାନୀର ଏପରି କୌଣସି ପ୍ରକଳ୍ପରେ କାମ କରି ନ ଥିଲେ। ୨୦୧୮ ରେ ସିଲକ୍ୟାରା-ଡଣ୍ଡାଲଗାଁଓ ସୁଡ଼ଙ୍ଗର କାମ ଆରମ୍ଭ ହୋଇଥିଲା। ୨୦୨୨ ଜୁଲାଇ ସୁଦ୍ଧା କାମ ସାରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ସମୟସୀମା ୧୬ ମାସ ହେଲା ଚାଲି ଯାଇଥିବାବେଳେ ଏ ପର୍ଯ୍ୟନ୍ତ କାମ ସରିନାହିଁ। ମାତ୍ର ଆସନ୍ତା ବର୍ଷ ମଇ ସୁଦ୍ଧା ସୁଡ଼ଙ୍ଗ ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ନବୟୁଗର ଇଞ୍ଜିନୟର ପ୍ରଦୀପ ନେଗି ଏବଂ ସୁରକ୍ଷା ମ୍ୟାନେଜର ରାହୁଲ ତିୱାରୀ ଦାବି କରିଛନ୍ତି। ଅନ୍ୟପଟେ ସୁରକ୍ଷା ସର୍ଭେ ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ହାଇୱେ କର୍ପୋରେସନ ପକ୍ଷରୁ କୁହାଯାଇଛି। ସୂଚନା ଅନୁଯାୟୀ ଇଞ୍ଜିନିୟରି ପ୍ରକ୍ୟୁରମେଣ୍ଟ ଆଣ୍ଡ କନଷ୍ଟ୍ରକ୍ସନ (ଇପିସି) ମୋଡରେ ନବୟୁଗ କମ୍ପାନୀକୁ ସୁଡ଼ଙ୍ଗ ନିର୍ମାଣ କାର୍ଯ୍ୟ ଦିଆଯାଇଥିଲା। ନିର୍ମାଣରେ ଯେକୌଣସି ପ୍ରକାରର ତ୍ରୁଟି ପାଇଁ ଏହି କମ୍ପାନୀ ଦାୟୀ ରହିବ ବୋଲି ଟେଣ୍ଡରରେ ସର୍ତ୍ତ ରହିଥିଲା।

# ମଣିପୁରରେ ପୁଣି ହିଂସା ; ୧୩ ମୃତଦେହ ଉଦ୍ଧାର

**ଇମ୍ଫାଲ,୪।୧୨(ଏଜେନ୍ସି):**

ବିଗତ କିଛି ଦିନ ଧରି ଶାନ୍ତ ପଡ଼ିଥିବା ମଣିପୁରରୁ ପୁଣି ହିଂସାର ଖବର ଆସିଛି। ସୋମବାର ତେଙ୍ଗନାଉପଲ ଜିଲ୍ଲାରେ କିଛି ଗୋଷ୍ଠୀଙ୍କ ମଧ୍ୟରେ ଗୁଳିକାଣ୍ଡ ଘଟି ୧୩ ଜଣଙ୍କ ମୃତ୍ୟୁ ହୋଇଥିବା କୁହାଯାଇଛି। ଏହି ଘଟଣା

## ହିଂସାରେ ବିଦେଶୀ ବିଦ୍ରୋହୀ ଗୋଷ୍ଠୀଙ୍କ ହାତ ଥିବା ସନ୍ଦେହ



ଜଣାପଡ଼ିବା ପରେ ଆସାମ ରାଇଫଲ୍ସ ପକ୍ଷରୁ ଲିଥୁଇ ଜିଲ୍ଲାରେ ସର୍ଚ୍ଚ ଅପରେସନ ଆରମ୍ଭ କରାଯାଇଥିଲା। ଏହି ସମୟରେ ୧୩ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିବା ସ୍ଥାନୀୟ ପ୍ରଶାସନ ପକ୍ଷରୁ କୁହାଯାଇଛି। ତେବେ ଘଟଣାସ୍ଥଳରୁ କୌଣସି ଅସ୍ତ୍ରଶସ୍ତ୍ର ଉଦ୍ଧାର କରାଯାଇ ନାହିଁ। ଏହି ୧୩ ମୃତଦେହର ଚିହ୍ନଟ କରାଯାଇପାରି ନଥିବା ବେଳେ ସେମାନେ ସ୍ଥାନୀୟ ଅଞ୍ଚଳର ନୁହନ୍ତି ବୋଲି ସ୍ଥାନୀୟ ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ତେଣୁ କୌଣସି ବିଦ୍ରୋହୀ ଗୋଷ୍ଠୀ ବାହାରୁ ଆସି ଅନ୍ୟ ଗୋଷ୍ଠୀ ଉପରେ ଆକ୍ରମଣ କରିବାକୁ ଉଦ୍ୟମ କରିବା ବେଳେ ଏଭଳି ଘଟଣା ଘଟିଥିବା କୁହାଯାଇଛି। ଗତ ମେ ' ମାସରୁ ମଣିପୁରରେ ସାଂପ୍ରଦାୟିକ ସଂରକ୍ଷଣ ବ୍ୟବସ୍ଥାକୁ ନେଇ କୁକି ଏବଂ ମେଇତି ଗୋଷ୍ଠୀଙ୍କ ମଧ୍ୟରେ ହିଂସା ଆରମ୍ଭ ହୋଇଥିଲା। ପ୍ରାୟ ସାତ ମାସ ଧରି ହିଂସା ଲାଗି ରହିବା ସହିତ ବିଭିନ୍ନ ସ୍ଥାନରେ ୧୮୦ ଲୋକଙ୍କ ମୃତ୍ୟୁ ହୋଇଥିଲା। ଏହାବ୍ୟତୀତ ୫୦ ହଜାରରୁ ଅଧିକ ଲୋକ ବାସଚ୍ୟୁତ ହେବା ସହିତ ବହୁ ସମ୍ପତ୍ତି ମଧ୍ୟ ନଷ୍ଟ ହୋଇଥିଲା। ତେବେ ଗତମାସ ଶେଷ ଭାଗରେ ମଣିପୁର ସ୍ଥିତିରେ କିଛିଟା ପରିବର୍ତ୍ତନ ଦେଖାଯାଇଥିଲା। ନିକଟରେ ଏଠାକାର ବହୁ ପୁରାତନ ଏବଂ ପ୍ରଭାବୀ ବିଦ୍ରୋହୀ ଗୋଷ୍ଠୀ 'ୟୁଏନଏଲଏଫ' କେନ୍ଦ୍ର ସରକାରଙ୍କ ସହ ବୁଝାମଣା କରିବା ସହିତ ହିଂସା ପରିତ୍ୟାଗ କରି ମୁଖ୍ୟସ୍ରୋତରେ ସାମିଲ ହେବାକୁ ଚୁକ୍ତି ସ୍ୱାକ୍ଷର କରିଥିଲା। ଏହାପରେ ମଣିପୁରରେ ହିଂସା ଏକପ୍ରକାର ଶେଷ ହୋଇଯିବ ବୋଲି ଆଶା କରାଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ କିଛି ସ୍ପର୍ଶକାତର ଇଲାକାକୁ ଛାଡି ଗତକାଲି ଇଣ୍ଟରନେଟ୍‌ସ୍ରୋ ସ୍ୱାଭାବିକ କରାଯାଇଥିଲା। କିନ୍ତୁ ଏହାର କିଛି ଘଣ୍ଟା ପରେ ତେଙ୍ଗନାଉପଲ ଜିଲ୍ଲାରେ ଏଭଳି ଘଟଣା ଦେଖିବାକୁ ମିଳିଛି। କେନ୍ଦ୍ର ସରକାରଙ୍କ ସହ ୟୁଏନଏଲଏଫର ହୋଇଥିବା ବୁଝାମଣାକୁ ତେଙ୍ଗନାଉପଲ ଜିଲ୍ଲା ପକ୍ଷରୁ ସ୍ୱାଗତ କରାଯିବା ପରେ ଅନ୍ୟ କୌଣସି ବିଦ୍ରୋହୀ ଗୋଷ୍ଠୀ ବାହାରୁ ଆସି ପୁଣିଥରେ ହିଂସା ଭିଆଇବାକୁ ଉଦ୍ୟମ କରିଥିବା ସନ୍ଦେହ କରାଯାଉଛି।

# ୨୦୨୨ରେ ମହିଳା, ଶିଶୁଙ୍କ ପ୍ରତି ବଢ଼ିଛି ଅପରାଧ

ଏନ୍‌ସିଆର୍‌ବି ରିପୋର୍ଟ



**ନୂଆଦିଲ୍ଲୀ,୪।୧୨(ଏଜେନ୍ସି):** ୨୦୨୨ ବର୍ଷରେ ମହିଳା ଏବଂ ଶିଶୁଙ୍କ ପ୍ରତି ଅପରାଧ ବଢିଛି। ୨୦୨୧ ତୁଳନରେ ଏହି ବର୍ଷରେ ମହିଳାଙ୍କ ପ୍ରତି ୪ ପ୍ରତିଶତ ହାରରେ ଅପରାଧ ବଢିଥିଲା ବେଳେ ଶିଶୁଙ୍କ ପ୍ରତି ବଢିଥିବା ଅପରାଧ ହାର ୮.୭ ପ୍ରତିଶତ ରହିଛି ବୋଲି ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ(ଏନସିଆରବି) ପକ୍ଷରୁ ପ୍ରକାଶ କରାଯାଇଥିବା ରିପୋର୍ଟରୁ ଜଣାପଡ଼ିଛି। ୩୬ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ସମେତ ବିଭିନ୍ନ କେନ୍ଦ୍ରୀୟ ଏଜେନ୍ସିଙ୍କ ଠାରୁ ମିଳିଥିବା ତଥ୍ୟକୁ ଆଧାର କରି ଏନସିଆରବି ' କ୍ରାଇମ୍ ଇନ ଇଣ୍ଡିଆ ୨୦୨୨' ଶୀର୍ଷକ ରିପୋର୍ଟ ପ୍ରସ୍ତୁତ କରିଥିଲା ବେଳେ ୨୦୨୧ ତୁଳନାରେ ୨୦୨୨ରେ ବିଭିନ୍ନ ଦିଗରେ ଅପରାଧ ବଢିଥିବା କହିଛି। ଏହି ବର୍ଷରେ ମହିଳାଙ୍କ ପ୍ରତି ବଢିଥିବା ଅପରାଧ ହାର ୪ ପ୍ରତିଶତ , ଶିଶୁ ଅପରାଧ ୮.୭ ପ୍ରତିଶତ ଏବଂ ବରିଷ୍ଠ ନାଗରିକଙ୍କ ପ୍ରତି ବଢିଥିବା ଅପରାଧ ହାର ୯.୩ ପ୍ରତିଶତ ରହିଥିବା କୁହାଯାଇଛି। ସେହିପରି ଅନୁସୂଚିତ ଜାତି ଏବଂ ଜନଜାତିଙ୍କ ପ୍ରତି ବଢିଥିବା ଅପରାଧ ହାର ଯଥାକ୍ରମେ ୧୩.୧ ପ୍ରତିଶତ ଓ ୧୪.୩ ପ୍ରତିଶତ ରହିଛି। ଅନ୍ୟପକ୍ଷରେ ଏହି ବର୍ଷରେ ବଢିଥିବା ଅର୍ଥନୈତିକ ଅପରାଧ ହାର ୧୧.୧ ପ୍ରତିଶତ ରହିଥିଲା ବେଳେ ଦୁର୍ନୀତି ହାର ୧୦.୫ ପ୍ରତିଶତ ଏବଂ ବଢିଥିବା ସାଇବର ଅପରାଧ ହାର ୨୪.୪ ପ୍ରତିଶତ ରହିଥିବା କୁହାଯାଇଛି। ୨୦୨୨ରେ ମହିଳାଙ୍କ ବିରୋଧରେ ହୋଇଥିବା ଅପରାଧ ସଂଖ୍ୟା ୪ ଲକ୍ଷ ୪୫ ହଜାର ୨୫୬ ରହିଛି। ଏହି ବର୍ଷରେ ଦୁଷ୍କର୍ମ ସଂଖ୍ୟା ୩୧ ହଜାର ୫୧୬ ରେକର୍ଡ କରାଯାଇଥିଲା ବେଳେ ରାଜସ୍ଥାନରେ ସର୍ବାଧିକ ୫୩୯୯ ମାମଲା ରୁଜୁ ହୋଇଛି।

● ସଂସଦର ଶୀତ ଅଧିବେଶନ

## ପ୍ରଥମ ଦିନରୁ ହୋହଲ୍ଲା

**ନୂଆଦିଲ୍ଲୀ,୪।୧୨(ଏଜେନ୍ସି):** ସୋମବାର ସଂସଦର ଶୀତ ଅଧିବେଶନ ଆରମ୍ଭ ହୋଇଛି। ହେଲେ ଏହି ଅଧିବେଶନକୁ ନେଇ ଯାହା ଆକଳନ କରାଯାଉଥିଲା ପ୍ରଥମ ଦିନରୁ ତାହା ହିଁ ଦେଖାଯାଇଛି।ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳର ସଦସ୍ୟମାନେ ଟିଏମସି ସାଂସଦ ମହୁଆ ମୋଇତ୍ରଙ୍କ ନିଲମ୍ବନ ସୁପାରିସ୍‌କୁ ନେଇ ହୋହଲ୍ଲା ଆରମ୍ଭ କରିଦେଇଥିଲେ। ' କ୍ୟାସ୍ ଫର୍ କ୍ୱେରୀ' ମାମଲାରେ ସଂସଦୀୟ ସଦାଚାର କମିଟି ମହୁଆଙ୍କ ନିଲମ୍ବନ ନେଇ ସୁପାରିସ କରିଥିଲା। ସୋମବାର ଏହି ରିପୋର୍ଟ ଗୃହରେ ଉପସ୍ଥାପନ ହେବାକୁ ଥିଲା ବେଳେ ବିରୋଧୀ ଦଳ ଏହି ପ୍ରସଙ୍ଗରେ କେନ୍ଦ୍ରକୁ ଘେରିଥିଲେ। ଅନ୍ୟପକ୍ଷରେ ତିନି ରାଜ୍ୟରେ ବିପୁଳ ବିଜୟରେ ଉତ୍‌ଫୁଲ୍ଲିତ ରହିଥିବା ବିଜେପି ସଦସ୍ୟମାନେ ମଧ୍ୟ ବିରୋଧୀଙ୍କୁ ନିଶାଣ କରିବାକୁ ପଛାଇ ନଥିଲେ। ତେବେ ହୋହଲ୍ଲା ମଧ୍ୟରେ ରାଜ୍ୟ ସଭାରେ ପୋଷ୍ଟ ଅଫିସ୍ ବିଲ୍‌କୁ ଅନୁମୋଦନ ମିଳିଛି।

# ଏମ୍‌ପିରେ ବିଜେପିର ବିଜୟ ସତ୍ତ୍ୱେ ହାରିଲେ ବାହୁବଳୀ

**ଭୋପାଳ, ୪।୧୨ (ଏଜେନ୍ସି):**



- ବିଜେପିର ୨୭ ବିଧାୟକ; ୧୨ ମନ୍ତ୍ରୀ ପରାସ୍ତ
- କଂଗ୍ରେସର ୬୦ ବିଧାୟକ ପରାଜିତ
- ରାଜସ୍ଥାନର ୯୧ ବିଧାୟକ ହାରିଲେ
- କ୍ୟାବିନେଟର ୬୮ % ସଦସ୍ୟ ପରାସ୍ତ

ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନରେ ବିଜେପି ଦୁଇ ତୃତୀୟାଂଶ ବହୁମତ ସହ ବିଜୟୀ ହୋଇଛି। ଏହି ଦଳର ଭୋଟ ସେୟାର ୭.୫୩ ପ୍ରତିଶତ ବୃଦ୍ଧି ପାଇଛି। ୨୩୦ରୁ ଦଳ ୧୬୩ ଆସନ ହାତେଇଛି। ଏହା ସତ୍ତ୍ୱେ ଦଳର ଅନେକ ବିଧାୟକ ହାରି ଯାଇଛନ୍ତି। ସେହିପରି କଂଗ୍ରେସର ଭୋଟ ସେୟାର ୦.୪୯ ପ୍ରତିଶତ ହ୍ରାସ ପାଇଛି। ଏସ୍‌ପି, ବିଏସ୍‌ପି ଏବଂ ସ୍ୱାଧୀନ ବିଧାୟକ ଖାତା ଖୋଲି ପାରିନାହାନ୍ତି। ଭାରତ ଆଦିବାସୀ ପାର୍ଟି ମାତ୍ର ଗୋଟିଏ ଆସନରେ ବିଜୟୀ ହୋଇଛି। ନିର୍ବାଚନରେ ମୋଦୀ ଲହର ଏବଂ 'ଲାଡଲି ବେହେନ' ପ୍ରଭାବ ସତ୍ତ୍ୱେ ବିଜେପିର ୯୯ ବିଧାୟକଙ୍କ ମଧ୍ୟରୁ ୨୭ ଜଣ ଏବଂ ୩୧ ମନ୍ତ୍ରୀଙ୍କ ମଧ୍ୟରୁ ୧୨ ଜଣ ପରାଜିତ ହୋଇଛନ୍ତି। ଅର୍ଥାତ ୩୯ ପ୍ରତିଶତ ଜନତା ଏହି ମନ୍ତ୍ରୀଙ୍କୁ ନାପସନ୍ଦ କରିଛନ୍ତି। ସିନ୍ଧିଆଙ୍କ ସମର୍ଥକ ୧୯ ପ୍ରାର୍ଥୀଙ୍କ ମଧ୍ୟରୁ ୯ ଜଣ ହାରି ଯାଇଛନ୍ତି। ୮ ଜଣଙ୍କ ମଧ୍ୟରୁ ୩ ମନ୍ତ୍ରୀ ପରାସ୍ତ ହୋଇଛନ୍ତି। ନରୋତ୍ତମ ମିଶ୍ରା ଏବଂ କମଲ ପଟେଲଙ୍କ ପରାଜୟ ସମସ୍ତଙ୍କୁ ଚକିତ କରିଦେଇଛି। ସେହିପରି କଂଗ୍ରେସ ୮୫ ବିଧାୟକଙ୍କୁ ଟିକଟ ଦେଇଥିଲା। ଏମାନଙ୍କ ମଧ୍ୟରୁ ୬୦ ଜଣ ପରାଜିତ ହୋଇଛନ୍ତି। ଅନ୍ୟପକ୍ଷରେ ରାଜସ୍ଥାନରେ ପୁରୁଣା ଧାରା ଜାରି ରହିଛି। ପ୍ରତି ନିର୍ବାଚନରେ ୫୦ ପ୍ରତିଶତ ମନ୍ତ୍ରୀ ହାରି ଯାଆନ୍ତି। ଚଳିତ ଥର ୬୮ ପ୍ରତିଶତ ମନ୍ତ୍ରୀ ପରାଜିତ ହୋଇଛନ୍ତି। ୨୫ରୁ ୧୭ ଜଣ ପରାଜୟର ସମ୍ମୁଖୀନ ହୋଇଛନ୍ତି। ଏଥିଯୋଗୁଁ ୯୧ ବିଧାୟକ ମଧ୍ୟ ନିଜ ଆସନ ବଞ୍ଚାଇ ପାରିନାହାନ୍ତି। ଗେହଲଟ କ୍ୟାବିନେଟର ୬୮ ପ୍ରତିଶତ ସଦସ୍ୟ ପରାଜିତ ହୋଇଛନ୍ତି। ଅନେକ ବଡ଼ ବ୍ୟବଧାନରେ ହାରିଛନ୍ତି। ବିଜେପି-କଂଗ୍ରେସ ବ୍ୟତୀତ ଅନ୍ୟ ଦଳ ସେତେ ସଫଳ ହୋଇନାହାନ୍ତି। ଚଳିତ ଥର ୭୨ ଜଣ ପ୍ରଥମ ଥର ପାଇଁ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ଏଥିରେ ବିଜେପିର ୪୬ ଜଣ, କଂଗ୍ରେସର ୧୯ ଏବଂ ଅନ୍ୟାନ୍ୟ ଦଳର ୭ ନେତା ସାମିଲ ଅଛନ୍ତି।

## ଆଶ୍ଚର୍ଯ୍ୟ କରିଛି ଛତିଶଗଡ଼ ଫଳାଫଳ

## ୧୬ ଓ ୨୮ ରେ ଭୋଟରେ ହାରଜିତ୍



**ରାୟପୁର/ସମ୍ବଲପୁର ,୪।୧୨(ସମିସ):** ଗତକାଲି ପ୍ରକାଶ ପାଇଥିବା ୪ ରାଜ୍ୟର ବିଧାନସଭା ନିର୍ବାଚନ ଫଳାଫଳ ମଧ୍ୟରୁ ଛତିଶଗଡ ଫଳାଫଳ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ବିଶେଷକରି ଯେତିକି ଭୋଟ ବ୍ୟବଧାନରେ ପ୍ରାର୍ଥୀଙ୍କ ହାରଜିତ୍ ନିର୍ଣ୍ଣୟ ହୋଇଛି ତାହା ପଞ୍ଚାୟତ ନିର୍ବାଚନ ପରି ଲାଗୁଛି । ମୁଖ୍ୟ ନିର୍ବାଚନ କମିସନଙ୍କ ତଥ୍ୟ ଅନୁସାରେ କେଉଁଠି ଭୋଟ୍ ବ୍ୟବଧାନ ୧୬ ରହିଛି ତ' କେଉଁଠି ୨୮ଟି ଭୋଟରେ ପ୍ରାର୍ଥୀ ବିଜୟୀ ହୋଇଛନ୍ତି । ଏକ ହଜାରରୁ ଦୁଇ ହଜାର ଭୋଟ୍ ବ୍ୟବଧାନରେ ହାରିଥିବା ଅନେକ ପ୍ରାର୍ଥୀ ରହିଛନ୍ତି । ହେଲେ ଚଳିତ ଥରର ଭୋଟ ବ୍ୟବଧାନ ନିର୍ବାଚନୀ ଇତିହାସରେ ବିରଳ ବୋଲି ଧରାଯିବ। ତଥ୍ୟ ଅନୁସାରେ ଛତିଶଗଡ ବିଧାନସଭାର କାଂକେର-୮୧ ଆସନରେ ବିଜେପି ପ୍ରାର୍ଥୀ ଆଶାରାମ ନେତମ ୬୭,୯୮୦ ଖଣ୍ଡ ଭୋଟ ପାଇ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୧୬ ଭୋଟରେ ପରାସ୍ତ କରିଛନ୍ତି। ସେହିପରି ପଥଲଗାଁ - ୧୪ ଆସନରୁ ବିଜେପି ପ୍ରାର୍ଥୀ ଗୋମତୀ ସାଏ ୮୨,୩୨୦ ଖଣ୍ଡ ଭୋଟ ପାଇ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୨୫୫ ଭୋଟରେ ପରାସ୍ତ କରିଛନ୍ତି। ହେଲେ ସବୁଠାରୁ ଆଶ୍ଚର୍ଯ୍ୟ କରିଛି ଅମ୍ବିକାପୁର ଆସନ ଫଳାଫଳ। ୨୦୧୮ ସାଧାରଣ ନିର୍ବାଚନରେ ଅମ୍ବିକାପୁର ଆସନରୁ କଂଗ୍ରେସ ପ୍ରାର୍ଥୀ ଟି.ଏସ ସିଂଦେଓ ବିଜୟୀ ହୋଇ ମୁଖ୍ୟମନ୍ତ୍ରୀ ପାଇଁ ଦାବିଦାର ଥିଲେ। ଏଥର କିନ୍ତୁ ସେ ମାତ୍ର ୯୪ ଖଣ୍ଡ ଭୋଟରେ ପରାଜିତ ହୋଇଛନ୍ତି। ବିଜେପି ପ୍ରାର୍ଥୀ ରାଜେଶ ଅଗ୍ରୱାଲ ୯୦୭୮୦ ଖଣ୍ଡ ଭୋଟ ପାଇ ଟି.ଏସ ସିଂ ଦେଓଙ୍କୁ ମାତ୍ର ୯୪ ଭୋଟରେ ପରାଜିତ କରିଛନ୍ତି।

ସେହିପରି ବିନ୍ଦ୍ରନୱାଗଡରେ କଂଗ୍ରେସର ଜନକ ଧୃବ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୮୧୬ ଭୋଟର ପରାସ୍ତ କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛନ୍ତି।ମଧ୍ୟପ୍ରଦେଶରେ ମଧ୍ୟ ଅନେକ ଆସନରେ ହାରଜିତର ବ୍ୟବଧାନ ହଜାରେ ଭୋଟ ଭିତରେ ରହିଛି ସାହାଜପୁର- ୧୬୭ ଆସନରେ ବିଜେପିର ଅରୁଣ ଭୀମବାଡା ୮୯,୯୬୦ ପାଇ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୨୮ ଭୋଟରେ ପରାସ୍ତ କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛନ୍ତି। ସେହିପରି ମାନ୍ଧାତା ଆସନରେ ଭୋଟ ବ୍ୟବଧାନ ୫୮୯, ଧରମପୁରୀ ଆସନରେ ଭୋଟ ବ୍ୟବଧାନ ୩୫୬, ଗୋହାଡ଼ ଆସନରେ ୬୦୭, ସେମାରିଆ ଆସନରେ ୬୩୭, ବୈହାର ଆସନରେ ୫୫୧, ଟିମରନି ଆସନରେ ୯୫୦, ହର୍ଦା ଆସନରେ ୮୭୦, ଭିକନଗାଁ ଆସନରେ ୬୦୩, ରାଜପୁର ଆସନରେ ୮୯୦, ମାନୱାର ଆସନରେ ୭୦୮, ମହିଦପୁର ଆସନରେ ଭୋଟ ବ୍ୟବଧାନ ୨୯୦ ରହିଛି।

● ଲୋହିତ ସାଗରରେ ଉତ୍ତେଜନା

## ଇସ୍ରାଏଲ୍ ଜାହାଜ ଉପରେ କ୍ଷେପଣାସ୍ତ୍ର ମାଡ଼

**ତେଲ ଆଭିଭ, ୪।୧୨ (ଏଜେନ୍ସି):** ଇସ୍ରାଏଲ-ହମାସ୍ ଯୁଦ୍ଧ ଥମିବା ପରିବର୍ତ୍ତେ ଦିନକୁ ଦିନ ଭୟଙ୍କର ହେବାରେ ଲାଗିଛି। ଏହା ଅନ୍ୟ ଅଞ୍ଚଳକୁ ବ୍ୟାପି ଚାଲିଛି। ଏବେ ଲୋହିତ ସାଗରରେ ଯୁଦ୍ଧ ଆରମ୍ଭ ହୋଇଯାଇଛି। ରବିବାର ସନ୍ଧ୍ୟାରେ ୟେମେନର ହୁତି ବିଦ୍ରୋହୀ ୩ଟି ଜାହାଜ ଉପରେ ବାଲିଷ୍ଟିକ କ୍ଷେପଣାସ୍ତ୍ର ମାଡ଼ କରିଛନ୍ତି। ଏହା ମଧ୍ୟରେ ଇସ୍ରାଏଲର ୨ଟି ଜାହାଜ ୟୁନିଟି ଏକ୍ସପ୍ଲୋରେର ଏବଂ ନମ୍ବର ନାଇନ ସାମିଲ ରହିଛି। ଏହା ବ୍ୟତୀତ ଆକ୍ରମଣରେ ୟେମେନର ହୋଦାୟତା ବନ୍ଦରରୁ ୧୦୧ କିମି ଦୂରରେ ଥିବା କଣ୍ଟେନର ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ସେହିପରି ଆମେରିକା ଲୋହିତ ସାଗରରେ ୩ଟି ଡ୍ରୋନ୍‌କୁ ଗୁଳିକରି ଖସାଇ ଦେଇଛି। ଏ ସବୁ ଜାହାଜ ଉପରେ ଆକ୍ରମଣ କରିବାକୁ ଆସୁଥିଲେ ବୋଲି କୁହାଯାଇଛି। ହୁତି ବିଦ୍ରୋହୀମାନେ ପ୍ରାୟ ୫ ଘଣ୍ଟା ପର୍ଯ୍ୟନ୍ତ ଆକ୍ରମଣ ଜାରି ରଖିଥିଲେ ବୋଲି ଆମରିକାର ଜଣେ ଅଧିକାରୀ କହିଛନ୍ତି। ଏହା ସକାଳ ୧୦ଟାରୁ ଆରମ୍ଭ ହୋଇଥିଲା। ଗତ ମାସରେ ତୁର୍କୀରୁ ଭାରତ ଆସୁଥିବା ଏକ ଜାହାଜକୁ ହୁତି ବିଦ୍ରୋହୀ କବ୍‌ଜା କରି ନେଇଥିଲେ। ଇସ୍ରାଏଲ ଜାହାଜ ଉପରେ ଆକ୍ରମଣ ଜାରି ରହିବ ବୋଲି ବିଦ୍ରୋହୀ ଧମକ ଦେଇଥିଲେ। ଯୁଦ୍ଧ ଆରମ୍ଭ ହେବା ପରଠାରୁ ଏ ପର୍ଯ୍ୟନ୍ତ ଇସ୍ରାଏଲ ଗାଜାରେ ୧୦ ହଜାରରୁ ଅଧିକ ଥର ଆକାଶ ମାର୍ଗରୁ ଆକ୍ରମଣ କରିଛି। ଇସ୍ରାଏଲ ଡିଫେନ୍ସ ଫୋର୍ସ (ଆଇଡିଏଫ) ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏ ପର୍ଯ୍ୟନ୍ତ ଗାଜାରେ ୧୫,୫୦୦ରୁ ଅଧିକ ଲୋକ ପ୍ରାଣ ହରାଇଲେଣି ବୋଲି ହମାସ ପକ୍ଷରୁ କୁହାଯାଇଛି।

- ଲୋହିତ ସାଗରରେ ଆମେରିକା ଖସାଇଲା ୩ ଡ୍ରୋନ
- ହମାସ ବାଟାଲିୟନ କମାଣ୍ଡରକୁ ନିପାତ କଲା ଆଇଡିଏଫ୍
- ଗତ ୨୪ ଘଣ୍ଟାରେ ୩୧୬ ମୃତ; ୬୦୦ରୁ ଅଧିକ ଆହତ

### ଖଣି ଅଞ୍ଚଳରେ ଉତ୍କଟ ବାୟୁ ପ୍ରଦୂଷଣ ନେଇ ସାଂସଦ ମାନସଙ୍କ ଉଦ୍‌ବେଗ

# ପଦକ୍ଷେପ ସଂପର୍କରେ ଲୋଡ଼ିଲେ ଉତ୍ତର

**ଭୁବନେଶ୍ୱର,୪।୧୨(ସମିସ):** ଓଡ଼ିଶା ଖଣି ଖାଦାନରେ ଭରା। ଦେଶରେ ଚାଲୁଥିବା ବିଭିନ୍ନ କଳକାରଖାନା ଓଡ଼ିଶାର ଖଣି ଉପରେ ନିର୍ଭରଶୀଳ। ସାରା ଦେଶରେ ଉତ୍ପାଦନ ହେଉଥିବା କ୍ରୋମାଇଟର ଶତପ୍ରତିଶତ ଓଡ଼ିଶାରୁ ହିଁ ଉତ୍ପାଦନ ହୁଏ। ସେହିପରି ଦେଶର ୭୫ପ୍ରତିଶତ ବକ୍ସାଇଟ୍, ୫୦ପ୍ରତିଶତ ଲୁହାପଥର ଓ ୨୫ ପ୍ରତିଶତ କୋଇଲା ଓଡ଼ିଶାରୁ ହିଁ ଉତ୍ପାଦନ ହେଉଛି। ଦେଶକୁ ଓଡ଼ିଶା ଖଣିରୁ କୋଟି କୋଟି ରାଜସ୍ୱ ଯାଉଥିଲେ ମଧ୍ୟ ଖଣି ଖୋଲା ଯାଉଥିବା ଅଞ୍ଚଳରେ ବାୟୁ ପ୍ରଦୂଷଣ ପ୍ରତି ସରକାର କମ୍ ଦୃଷ୍ଟି ଦେଉଛନ୍ତି, ଯାହାକୁ ନେଇ ରାଜ୍ୟ ସଭାରେ ଉଦ୍‌ବେଗ ପ୍ରକାଶ କରିଛନ୍ତି ବିଜେଡି ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ।

କୋଇଲା ଖନନ ଦ୍ୱାରା ବାୟୁ ପ୍ରଦୂଷଣକୁ ରୋକିବାକୁ କେନ୍ଦ୍ର ସରକାର କି ପଦକ୍ଷେପ ନେଇଛନ୍ତି ବୋଲି ରାଜ୍ୟ ସଭାରେ ପ୍ରଶ୍ନ କରିଛନ୍ତି। ଏଥିସହ କେନ୍ଦ୍ର ସରକାର କୋଇଲା ଖଣିମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ମାର୍ଗଦର୍ଶିକା ପ୍ରସ୍ତୁତ କରିବେ କି ବୋଲି ଶ୍ରୀ ମଙ୍ଗରାଜ କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଅନୁରୂପ ଭାବେ କୋଇଲା ଖଣିଗୁଡ଼ିକ କେନ୍ଦ୍ର ସରକାରଙ୍କ ମାର୍ଗଦର୍ଶିକା ଅନୁପାଳନ କରୁଛନ୍ତି କି ନାହିଁ, ତା'ର ତଦାରଖ ପାଇଁ କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ



- ■ କ୍ରୋମାଇଟ୍ ପାଇଁ ସାରା ଦେଶ ଓଡ଼ିଶା ଉପରେ ନିର୍ଭରଶୀଳ
- ■ ଓଡ଼ିଶାରୁ ଉତ୍ତୋଳନ ହେଉଛି ୭୫% ବକ୍ସାଇଟ, ୫୦% ଲୁହାପଥର
- ■ ଦେଶର ମୋଟ ଉତ୍ତୋଳିତ କୋଇଲାର ୨୫ ଭାଗ ଓଡ଼ିଶାରୁ

ଏକ ସମ୍ମିଳିତ ବ୍ୟବସ୍ଥା ଗ୍ରହଣ କରାଯାଉଛି କି ନାହିଁ, ସେନେଇ ସାଂସଦ ଶ୍ରୀ ମଙ୍ଗରାଜ ପ୍ରଶ୍ନ କରିଛନ୍ତି।

ବିଜେଡି ସାଂସଦ ମାନସ ରଞ୍ଜନ ମଙ୍ଗରାଜଙ୍କ ଏହି ପ୍ରଶ୍ନର ଉତ୍ତର ରଖିଛନ୍ତି କେନ୍ଦ୍ର ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ। ସେ କହିଛନ୍ତି ଯେ କେନ୍ଦ୍ର ସରକାର ସାରା ଦେଶର କୋଇଲା ଖଣିରେ ବାୟୁ ପ୍ରଦୂଷଣକୁ ରୋକିବା ପାଇଁ ତିନୋଟି ନିର୍ଦ୍ଦେଶନାମା ଜାରି କରିଛନ୍ତି। ପରିବେଶ ପ୍ରଭାବ ଆକଳନ ବିଜ୍ଞପ୍ତି ଅନୁଯାୟୀ ପ୍ରକଳ୍ପ ପ୍ରସ୍ତାବକଙ୍କୁ ପରିବେଶର ପ୍ରଭାବ ଅଧ୍ୟୟନ କରିବାକୁ ପଡ଼ିବ ଏବଂ ପରିବେଶର ସୁରକ୍ଷା ନିଶ୍ଚିତ କରିବାକୁ ଉପଯୁକ୍ତ ପରିବେଶ ପରିଚାଳନା ଯୋଜନା ଗ୍ରହଣ କରିବାକୁ ପଡ଼ିବ। ସେହିଭଳି କୋଇଲା ଖଣି ମାନକ ବିଜ୍ଞପ୍ତି ଅନୁଯାୟୀ ପୁରୁଣା ଓ ନୂଆ ଖଣିଗୁଡ଼ିକ କୋର୍-ଏରିଆରେ ପ୍ରଦୂଷଣ ରୋକିବା ପାଇଁ କି ପଦକ୍ଷେପ ଗ୍ରହଣ କରିବା ଉଚିତ, ସେ ସମ୍ପର୍କରେ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ନ୍ୟାସନାଲ୍ ଆମ୍ବିଏଣ୍ଟ୍ ଏୟାର କ୍ୱାଲିଟି ଷ୍ଟାଣ୍ଡାର୍ଡସରେ ଖଣିଗୁଡ଼ିକ ଚାରିପାଖରେ ଥିବା ବଫର୍ ଜୋନ୍‌ରେ ରକ୍ଷଣାବେକ୍ଷଣ ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଖଣି ଖନନ ଓ ବିକାଶ ସମୟରେ କେନ୍ଦ୍ର ସରକାରଙ୍କ ମାର୍ଗଦର୍ଶିକାର ଅନୁପାଳନ କରାଯାଉଛି କି ନାହିଁ, ତାହା କେନ୍ଦ୍ରୀୟ କୋଇଲା ପିଏସୟୁଗୁଡ଼ିକ ଯାଞ୍ଚ କରିଥାନ୍ତି। ଖଣି ଲିଜ୍‌ଧାରୀମାନେ ମଧ୍ୟ ପ୍ରତି ୬ମାସରେ କେନ୍ଦ୍ର ସରକାର, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ରିପୋର୍ଟ ଦେଇଥା'ନ୍ତି। ଖଣି ଅଞ୍ଚଳରେ ଶିଳ୍ପାୟନ ସହ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ କ୍ଷମତା ଦିଆଯାଇଛି ବୋଲି ମନ୍ତ୍ରୀ ନିଜ ଉତ୍ତରରେ କହିଛନ୍ତି।

ଏହାବ୍ୟତୀତ ନୂଆ ଖଣି ଅଞ୍ଚଳ ଅନୁମତି ପାଇଁ ପରିବେଶ ମଞ୍ଜୁରି କ୍ଷେତ୍ରରେ ନିୟମର ପରିବର୍ତ୍ତନ କରାଯାଇଥିବା ବେଳେ ଜଙ୍ଗଲ ଜମିରେ ଖଣି ହୋଇଥିଲେ ବିଭାଗଠାରୁ ଅନୁମତି ନେବାକୁ ବାଧ୍ୟତାମୂଳକ କରାଯାଇଛି। ଏହା ବ୍ୟତୀତ ଖଣି ଅଞ୍ଚଳର ପ୍ରକଳ୍ପର ସମୟସୀମା ବା ପରସୀମା ବୃଦ୍ଧି କରାଗଲେ ମଧ୍ୟ ଜଙ୍ଗଲ, ପରିବେଶ ମନ୍ତ୍ରଣାଳୟଠାରୁ ଅନୁମତି ନେବାକୁ ନିୟମ କରାଯାଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଠାରୁ ସମସ୍ତ ରିପୋର୍ଟ ପାଇବା ପରେ ହିଁ କେନ୍ଦ୍ର ସରକାର ଅନୁମତି ଦେଇଥାନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

■ ଆଜି ପ୍ରଥମାଷ୍ଟମୀ

# ପତ୍ରୁଆଁ ହେବେ ବଡ଼ଦେଉଳର ବଡ଼ଠାକୁର

ପୁରୀ, ୪।୧୨(ସମିସ): ପ୍ରଥମାଷ୍ଟମୀରେ ପୋଡ୍ରୁଆଁ ହେବେ ବଡ଼ଦେଉଳର ବଡ଼ଠାକୁର। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ମଙ୍ଗଳବାର ଭୋଗମଣ୍ଡପ ବଢ଼ିବା ପରେ ତିନିବାଡ଼ରେ ମଇଲମ କରାଯାଇ ମହାସ୍ନାନ କରାଯିବ। ଏହାପରେ ଠାକୁରଙ୍କୁ ନୂଆ ଲୁଗା ଲାଗି କରାଯିବ। ଠାକୁରଙ୍କ ମଉଳା

**ନିଆଳି ମାଧବ ମନ୍ଦିରରୁ ଆସିଲା ପତ୍ରୁଆଁ ଭାର**



କ୍ଷେତ୍ର କୁହାଯାଉଥିବା ପ୍ରାଚୀର ଅଧିଷ୍ଠାତା ଦେବତା ନିଆଳି ମାଧବଙ୍କ ପୀଠରୁ ଗତ ଚାରିବର୍ଷ ହେବ ପତ୍ରୁଆଁ ଭାର ଆସୁଛି। ଶ୍ରୀମନ୍ଦିର ପ୍ରଶାସନ ଏହାକୁ ଭକ୍ତଙ୍କ ଦାନ ଆକାରରେ ଗ୍ରହଣ କରୁଛି। ଏବର୍ଷ ମଧ୍ୟ ମାଧବଙ୍କ ପୀଠରୁ ଭାର ଆସିଛି। ଏହାକୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ଡୋନେସନ୍ ସେଲ୍ ଦାନ ଆକାରରେ ଗ୍ରହଣ କରାଯାଇଛି।

ଅପରାହ୍ନରେ ମାଧବ ମନ୍ଦିରରୁ ଭାର ଆଣି ଆସିଥିବା ଶ୍ରଦ୍ଧାଳୁ ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିଥିଲେ। ଏହି ଭାରରେ ଅରୁଆ ଚାଉଳ, ବିରି, ନଡ଼ିଆ, ଗୁଡ଼, ଡାଲି, ପାଚିଲା କଦଳୀ, ଘିଅ ଚନ୍ଦନକାଠ, ପାନ, ଗୁଆ, ଅଳେଇଚ, ଲବଙ୍ଗ ଓ ଗୋପାଳବଲ୍ଲଭ ପାଇଁ ବିଭିନ୍ନ ଫଳମୂଳ, ତୁଳସୀ, ପଦ୍ମଫୁଲ ମାଳ ରହିଛି। ଭାର ଆସିବା ବେଳେ ବଡ଼ଦାଣ୍ଡ ଉଚ୍ଛୁଳି ପଡ଼ିଥିଲା। ଗୁଣ୍ଡିଚା ମନ୍ଦିରଠାରୁ ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ଭୋଇ ସେବକମାନେ ପତାକା ଧରି ଚାଲିଥିଲେ। ଢୋଲିଆ ଓ ମହୁରିଆ ମଙ୍ଗଳ ବାଦ୍ୟରେ କମ୍ପିଥିଲା ପରିବେଶ। ପଛକୁ ପଛ ସଂକୀର୍ତ୍ତନ, ଲଉଡ଼ି ଖେଳ, ନୃତ୍ୟ ଆଦି ପରିବେଷଣ କରାଯାଉଥିଲା। ୨୦ଜଣ ବେହେରା ସେବକ ନିଷ୍ଠାର ସହ ଉପବାସ ବ୍ରତ ପାଳି ଏହି ଦିବ୍ୟଭାର ଆଣି ଆସିଥିଲେ। ଏହି ସମୟରେ ବଡ଼ଦାଣ୍ଡରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଶ୍ରୀମନ୍ଦିର କାର୍ଯ୍ୟାଳୟ ନିକଟରେ ପହଞ୍ଚିବା ପରେ କାର୍ଯ୍ୟାଳୟ ଡୋନେସନ୍ ସେଲ୍‌ରେ ଏହି ଭାର ରଖାଯାଇଛି। ଶ୍ରୀଶ୍ରୀ ମାଧବାନନ୍ଦଜୀଉ ବିକାଶ ପରିଷଦ କର୍ମକର୍ତ୍ତା ଏହି ଶୋଭାଯାତ୍ରାରେ ସାମିଲ ଥିଲେ। ତେବେ ଶ୍ରୀଜଗନ୍ନାଥଙ୍କ ମାମୁଁଘରକୁ ନେଇ କେହି କୌଣସି ପ୍ରକାର ସ୍ପଷ୍ଟ ତଥ୍ୟ ଉପସ୍ଥାପନ କରୁ ନଥିବା ବେଳେ କିଛି ବର୍ଷ ହେବ ଶ୍ରଦ୍ଧା ଓ ବିଶ୍ୱାସର ସହିତ ନିଆଳି ମାଧବପୀଠରୁ ମହାପ୍ରଭୁଙ୍କ ପାଇଁ ଏହି ପତ୍ରୁଆଁ ଭାର ଆସୁଛି।

## ଗୋଟିଏ ଦିନ ବଢ଼ିଲା ବାଲିଯାତ୍ରା

**କଟକ, ୪।୧୨(ସମିସ):** ଐତିହାସିକ ବାଲିଯାତ୍ରା-୨୦୨୩କୁ ଆଉ ଗୋଟିଏ ଦିନ ବଢ଼ାଇ ଦିଆଯାଇଛି। ୮ ଦିନ ପରିବର୍ତ୍ତେ ଏଥର ୯ ଦିନ ଯାତ୍ରା ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜନସାଧାରଣଙ୍କ ଆଗ୍ରହ ଓ ଉତ୍ସାହକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କରେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କଟକ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଗତ ୨୭ତାରିଖରୁ ଏହି ଐତିହାସିକ ମୁକ୍ତାକାଶ ସର୍ବବୃହତ୍ ମେଳା ଅନୁଷ୍ଠିତ ହେଉଥିବା ବେଳେ ସୋମବାର ଉଦ୍‌ଯାପନ ହେବାର ଥିଲା। କିନ୍ତୁ ଏହି ଯାତ୍ରା ମଙ୍ଗଳବାର ଉଦ୍‌ଯାପିତ ହେବ। ପ୍ରକାଶ ଥାଉ କି, ଚଳିତ ବର୍ଷ ବାଲିଯାତ୍ରାରେ ୧୪୭୬ଟି ବ୍ୟାବସାୟିକ ଷ୍ଟଲ୍ ଓ ୫୦୦ରୁ ଅଧିକ ଉଠାଦୋକାନୀ ବ୍ୟବସାୟ କରୁଛନ୍ତି। ଓର୍‌ମାସ ଓ ମିଶନ୍ ଶକ୍ତି ଶହଶହ ଷ୍ଟଲ୍ ଖୋଲି ସାଧାରଣ ଲୋକଙ୍କୁ ସେବା ଯୋଗାଇ ଦେଉଛନ୍ତି। ଯାତ୍ରା ଗୋଟିଏ ଦିନ ▶ପୃଷ୍ଠା-୪

**୧୦ ଜିଲ୍ଲାରେ ନିର୍ମାଣ ହେବ ଟ୍ରକ୍ ଟର୍ମିନାଲ**

# ଡିପିଆର ପ୍ରସ୍ତୁତ କଲା ପୂର୍ତ୍ତ ବିଭାଗ

**ଭୁବନେଶ୍ୱର,୪।୧୨(ସମିସ):** ଜାତୀୟ ରାଜପଥରେ ସୁରକ୍ଷିତ ଗାଡ଼ି ଚଳାଚଳ ସହ ଟ୍ରକ୍ ଚାଳକଙ୍କ ସୁବିଧା ପାଇଁ ପ୍ରସ୍ତାବିତ ଟ୍ରକ୍ ଟର୍ମିନାଲ ନିର୍ମାଣ ପାଇଁ ଡିପିଆର୍ ପ୍ରସ୍ତୁତ ହୋଇଛି। ଏଥିପାଇଁ ୩୦୦ କୋଟି ଟଙ୍କା ବ୍ୟୟଅଟକଳ କରାଯାଇଛି। ଜମି ଚିହ୍ନଟ ହୋଇସାରିଥିବାରୁ ଡିପିଆର୍ ପ୍ରସ୍ତୁତି ପାଇଁ କିଛି ମାସ ତଳେ ପରିବହନ ବିଭାଗ ପକ୍ଷରୁ ପୂର୍ତ୍ତ ବିଭାଗକୁ ଅନୁରୋଧ କରାଯାଇଥିଲା। ସୂଚନାନୁସାରେ, ପ୍ରଥମ ପର୍ଯ୍ୟାୟରେ ସୁନ୍ଦରଗଡ଼, କେନ୍ଦ୍ରାପଡ଼ା, ଅନୁଗୁଳ, ବାଲେଶ୍ୱର, ଭଦ୍ରକ, ନବରଙ୍ଗପୁର, ଯାଜପୁର, ବ୍ରହ୍ମପୁର, କେନ୍ଦୁଝର ଏବଂ ଜଗତସିଂହପୁରରେ ଟ୍ରକ୍ ଟର୍ମିନାଲ ନିର୍ମାଣ ପାଇଁ ଯୋଜନା ହୋଇଛି। କିଛି ବର୍ଷ ହେଲା, ରାଜ୍ୟର ବିଭିନ୍ନ ଜିଲ୍ଲାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଅଯଥାରେ ବହୁ ଧନଜୀବନ ହାନି ହେଉଛି। ଏଥିମଧ୍ୟରୁ ବହୁ ଦୁର୍ଘଟଣା ରାସ୍ତାରେ ବେଆଇନ ଭାବେ ଟ୍ରକ୍ ପାର୍କିଂ ଯୋଗୁଁ ଘଟିଥିବା କୁହାଯାଉଛି। ଏକ ତଥ୍ୟ ଅନୁଯାୟୀ, ବର୍ଷକୁ ହାରାହାରି ୫ ହଜାରରୁ ଅଧିକ ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଥିବା ବେଳେ ସେଥିରୁ ୨୫% ମୃତ୍ୟୁ କେବଳ ଏହି ବେଆଇନ ପାର୍କିଂ ଯୋଗୁଁ ଘଟୁଛି।

**ବନ୍ଦ ହେବ ବେଆଇନ ପାର୍କିଂ, କମିବ ଦୁର୍ଘଟଣା**

ନିକଟରେ ଘଟଗାଁ ନିକଟରେ ଘଟିଥିବା ଛାତିଥରା ଦୁର୍ଘଟଣା ପରେ ରାସ୍ତା ଉପରେ ବେଆଇନ ପାର୍କିଂ ବିରୋଧରେ ଧରପଗଡ଼ ଅଭିଯାନ ଆରମ୍ଭ ହୋଇଛି।

ସୁପ୍ରିମ୍‌କୋର୍ଟଙ୍କ ସଡ଼କ ସୁରକ୍ଷା କମିଟି ଅନୁସାରେ, ରାସ୍ତାରେ ବେପରୁଆ ଭାବେ ଗାଡ଼ି ରଖିବା ହେତୁ ବହୁ ସଂଖ୍ୟକ ଦୁର୍ଘଟଣା ଘଟୁଛି। ତେଣୁ କମିଟିର ସୁପାରିସ ଅନୁସାରେ ରାଜ୍ୟ ସରକାର ଟ୍ରକ୍ ଟର୍ମିନାଲ ନିର୍ମାଣ କରି ଗାଡ଼ି ଚାଳକ ଓ କର୍ମଚାରୀଙ୍କୁ ମୌଳିକ ସୁବିଧା ସୁଯୋଗ ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ରାଜ୍ୟ ସରକାରଙ୍କ '୫-ଟି' ଉପକ୍ରମ ଅଧୀନରେ ଆବଶ୍ୟକତା ଦୃଷ୍ଟିରୁ ଅଗ୍ରାଧିକାର ଭିତ୍ତିରେ ଟ୍ରକ୍ ଟର୍ମିନାଲ ନିର୍ମାଣ ପାଇଁ ଯୋଜନା ହୋଇଥିଲା।

ପ୍ରସ୍ତାବିତ ଟ୍ରକ୍ ଟର୍ମିନାଲରେ ପାର୍କିଂ ପାଇଁ ବିସ୍ତୃତ ସ୍ଥାନ ସମେତ ଚାଳକ ଓ କର୍ମଚାରୀଙ୍କ ସୁବିଧା ପାଇଁ ଶୌଚାଳୟ ସୁବିଧା ଥିବା ଡର୍ମିଟୋରୀ, ପାନୀୟ ଜଳ ସୁବିଧା, ଫୁଡ୍ ପ୍ଲାଜା, କ୍ୟାଣ୍ଟିନ୍, ଟ୍ରକ୍ ମରାମତି ପାଇଁ ଗ୍ୟାରେଜ, ସୁରକ୍ଷାକର୍ମୀଙ୍କ କୋଠରୀ, କାର୍ଯ୍ୟାଳୟ ଆଦି ନିର୍ମାଣ କରାଯିବ। ଟ୍ରକ୍ ପ୍ରବେଶ ଓ ପ୍ରସ୍ଥାନ ପାଇଁ ଭିନ୍ନ ଦ୍ୱାର ରହିବ। ଆବଶ୍ୟକତାକୁ ଦେଖି ଅନ୍ୟାନ୍ୟ ସୁବିଧା ପାଇଁ ପଦକ୍ଷେପ ନିଆଯିବ।

## ମୋଦୀଙ୍କୁ ଅଭିନନ୍ଦନ ଜଣାଇଲେ ନବୀନ

**ଭୁବନେଶ୍ୱର,୪।୧୨(ସମିସ):** ନିକଟରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଛତିଶଗଡ଼ ବିଜେପି ବୃହତ୍ ବିଜୟ ଲାଭ କରିଛି। ମଧ୍ୟପ୍ରଦେଶରେ ଦଳ ପୁନର୍ବାର କ୍ଷମତାକୁ ଫେରିବା ସହ ରାଜସ୍ଥାନ ଓ ଛତିଶଗଡ଼ରେ ବିଜୟୀ ହୋଇଛି। ଏହି ବିଜୟ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଆଜି ସକାଳେ ପ୍ରଧାନମନ୍ତ୍ରୀଙ୍କ ସହ ମୁଖ୍ୟମନ୍ତ୍ରୀ ଟେଲିଫୋନ ଯୋଗେ କଥା ହେବା ସହ ବିଜୟ ପାଇଁ ଅଭିନନ୍ଦନ ଜଣାଇଛନ୍ତି।

## ୧୦ ଟଙ୍କା ପାଇଁ ମଦ ଦୋକାନୀ କର୍ମଚାରୀଙ୍କୁ ହତ୍ୟା

**ଖପ୍ରାଖୋଲ,୪।୧୨(ସମିସ):** ନିର୍ଦ୍ଧାରିତ ମୂଲ୍ୟଠାରୁ ୧୦ ଟଙ୍କା ଅଧିକ ନେବାରୁ ମଦ ଦୋକାନ କର୍ମଚାରୀଙ୍କୁ ପିଟିପିଟି ମାରିଦେଲେ ୩ ଦୁର୍ବୃତ୍ତ। ଏଭଳି ଏକ ଆପରାଧିକ ଘଟଣା ଘଟିଛି ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଖପ୍ରାଖୋଲ ଅଞ୍ଚଳରେ। ମୃତକ ହେଲେ, ବିହାର ଔରଙ୍ଗାବାଦର ଗୋପାଳ ପ୍ରସାଦ (୩୩)। ଏହି ଘଟଣାରେ ଖପ୍ରାଖୋଲ ପୁଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ, ବେଲପଡ଼ା ଥାନା ଖରଖରା ଗାଁର ଲଛମନ ଦାସ (୩୧), ବୁଢାଭଟା ଗାଁର ଯୋଗୀନ୍ଦ୍ର ବରିହା (୨୯) ଓ ବିଶ୍ୱନାଥ

**୩ ଅଭିଯୁକ୍ତ କୋର୍ଟ ଚାଲାଣ**



ନିଆଲ୍ (୩୦)। ସୂଚନାନୁଯାୟୀ, ରବିବାର ଅପରାହ୍ଣରେ ଏହି ୩ ଅଭିଯୁକ୍ତ ପାଖ ଗାଁରେ କ୍ରିକେଟ୍ ଖେଳି ସାରିବା ପରେ ମଦ ପାଇଁ ଖପ୍ରାଖୋଲରେ ଥିବା ଏକ ସରକାରୀ ବିଦେଶୀ ମଦ ଦୋକାନକୁ ଯାଇଥିଲେ। ସେଠାରେ ଟଙ୍କା ନେଣଦେଣକୁ କେନ୍ଦ୍ର କରି ମଦ ଦୋକାନ କର୍ମଚାରୀ ଗୋପାଳଙ୍କ ସହ ସେମାନଙ୍କର ବଚସା ହୋଇଥିଲା। ପରେ ଏହା ଉଗ୍ରରୂପ ନେବାରୁ ଅଭିଯୁକ୍ତମାନେ ଏକ ଠେଙ୍ଗାରେ ଗୋପାଳଙ୍କୁ ନିସ୍ତୁକ ମାଡ଼ ମାରି ଗୁରୁତର କରିଥିଲେ। ଅନ୍ୟ କର୍ମଚାରୀମାନେ ପ୍ରଥମେ ତାଙ୍କୁ ଖପ୍ରାଖୋଲ ଓ ପରେ ପାଟଣାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ଗୋପାଳଙ୍କ ଅବସ୍ଥା ଉଦ୍‌ବେଗଜନକ ହେବାରୁ ତାଙ୍କୁ ବୁର୍ଲା ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଆଜି ଗୋପାଳଙ୍କ ମୃତ୍ୟୁ ହୋଇଯାଇଛି। ଏ ସଂପର୍କରେ ଖପ୍ରାଖୋଲ ପୁଲିସ ଦଫା ୩୦୭, ୩୪ରେ ଏକ ମାମଲା (୨୬୦/୨୩) ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରିଛି ବୋଲି ଥାନା ଅଧିକାରୀ ରମାକାନ୍ତ ସାହୁ ସୂଚନା ଦେଇଛନ୍ତି।

■ ଶେରଗଡ଼ ଫାଣ୍ଡି ଅଧିକାରୀଙ୍କୁ ହତ୍ୟା ମାମଲା

# ମୁଖ୍ୟ ଅଭିଯୁକ୍ତ ସମୀରକୁ ଆଜୀବନ କାରାଦଣ୍ଡ

**ବ୍ରହ୍ମପୁର,୪।୧୨(ସମିସ):** ଶେରଗଡ଼ ଫାଣ୍ଡି ଅଧିକାରୀ ତଥା ସବ୍ ଇନ୍ସପେକ୍ଟର ମନୋରଞ୍ଜନ ମିଶ୍ର ହତ୍ୟାକାଣ୍ଡ ଘଟଣାରେ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ସମୀର କୁମାର ପଣ୍ଡା(୪୨) ଦୋଷୀ ସାବ୍ୟସ୍ତ ହୋଇଛି। ସମୀରକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ଆସିକା ଅତିରିକ୍ତ ଜିଲ୍ଲା ଦୌରାଜଜ୍ ପି.କେ. ଚୌଧୁରୀ। ଗତ ରବିବାର ଫେରାର ଥିବା ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ସମୀର କୁମାର ପଣ୍ଡାକୁ ବ୍ରହ୍ମପୁର ପୁଲିସ କାବୁ କରିବାରେ ସକ୍ଷମ ହୋଇଥିଲା। ନଭେମ୍ବର ୧୫ତାରିଖ ଠାରୁ ଫେରାର ଥିବା ସମୀରକୁ ବ୍ରହ୍ମପୁର ପୁଲିସର ସ୍ୱତନ୍ତ୍ର ଟିମ୍ ଗୋଲାପଲ୍ଲୀ ସାହି ସ୍ଥିତ ପୂଜା ଲଜ୍ରୁ କାବୁ କରିଥିଲା। ଏହି ମାମଲାରେ ଅଭିଯୁକ୍ତ ସମୀର ବିରୋଧରେ ଭାରତୀୟ ପିଙ୍ଗଳ କୋଡର ଧାରା ୩୦୨, ୩୪, ୨୦୧, ୨୫(୧), ଆର୍ମସ ଆକ୍ଟ ଓ ୨୭(୨) ଆର୍ମସ ଆକ୍ଟରେ ମାମଲା ରୁଜୁ ହୋଇଥିଲା।



- ● ରବିବାର ବ୍ରହ୍ମପୁରରୁ ଗିରଫ ହୋଇଥିଲା
- ● ଦୁଇ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ, ଜଣେ ନିର୍ଦ୍ଦୋଷ

ସୋମବାର ପ୍ରକାଶିତ ରାୟ ପ୍ରକାରେ ସମୀର ପଣ୍ଡାକୁ କୋର୍ଟ ଧାରା ୩୦୨ ଓ ୩୪ରେ ଆଜୀବନ କାରାଦଣ୍ଡ ସହିତ ୧୦ ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୪ମାସ ସଶ୍ରମ କାରାଦଣ୍ଡ, ଧାରା ୨୦୧ ଓ ୩୪ ବଳରେ ୭ବର୍ଷ କାରାଦଣ୍ଡ ଓ ୩ ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୨ ମାସ ସଶ୍ରମ କାରାଦଣ୍ଡ, ୨୫(୧) ଆର୍ମସ ଆକ୍ଟ ବଳରେ ୫ବର୍ଷ କାରାଦଣ୍ଡ ଓ ୫ ହଜାର ଜରିମାନା ଓ ଅନାଦେୟ ୩ମାସ ସଶ୍ରମ କାରାଦଣ୍ଡ ଏବଂ ୨୭(୨) ଆର୍ମସ ଆକ୍ଟ ବଳରେ ୭ବର୍ଷ ଜେଲଦଣ୍ଡ ସହିତ ୫ ହଜାର ଜରିମାନା ଓ ଅନାଦେୟ ଅଧିକ ୩ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ଠାରୁ ଆଦାୟ ଅର୍ଥକୁ ମୃତ ପୁଲିସ ସବ୍ ଇନ୍ସପେକ୍ଟର ମନୋରଞ୍ଜନ ମିଶ୍ରଙ୍କ ପତ୍ନୀ ତନ୍ମୟୀ ମିଶ୍ରଙ୍କୁ ଦେବାକୁ ରାୟରେ ଉଲ୍ଲେଖ ରହିଛି।

ତେବେ ଏହି ମାମଲାରେ ପୂର୍ବରୁ ଅର୍ଥାତ୍ ୨୦୧୦ ମସିହାରେ ସମୀର ପଣ୍ଡା ଗିରଫ ପରଠାରୁ ▶ପୃଷ୍ଠା-୪

### ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

# ପୂର୍ବତନ ଇନ୍ସପେକ୍ଟର ତପନ ପାଢ଼ୀଙ୍କୁ ୨ବର୍ଷ ଜେଲ୍

**ବ୍ରହ୍ମପୁର, ୪।୧୨(ସମିସ):** ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ବିଚାରପତି ଡ. ଅରୁଣ କୁମାର ସାହୁ ଏକ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ମାମଲାର ବିଚାର କରି ଜଣେ ପୂର୍ବତନ ପୁଲିସ ଇନ୍ସପେକ୍ଟରଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୧୦ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୧ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି। ଦୋଷୀ ସାବ୍ୟସ୍ତ ହୋଇଥିବା ପୂର୍ବତନ ପୁଲିସ ଇନ୍ସପେକ୍ଟର ଜଣକ ହେଉଛନ୍ତି ଗଞ୍ଜାମ ଓ ବ୍ରହ୍ମପୁର ପୁଲିସ ଜିଲ୍ଲାର ତତ୍କାଳୀନ ଇନ୍ସପେକ୍ଟର ତପନ କୁମାର ପାଢ଼ୀ।

**ତପନଙ୍କ ପେନସନ ବନ୍ଦ ପାଇଁ ଭିଜିଲାନ୍ସ ବିଭାଗ କରିବ ସୁପାରିସ୍**

ସୂଚନାଯୋଗ୍ୟ ଯେ, ୨୦୦୨ ଏପ୍ରିଲ ୧୬ ତାରିଖରେ ତପନ ଗଞ୍ଜାମ ପୁଲିସ ଜିଲ୍ଲାର ଅପରାଧ ନିୟନ୍ତ୍ରଣ ବ୍ୟୁରୋରେ ଇନ୍ସପେକ୍ଟର ଭାବେ କାର୍ଯ୍ୟ କରୁଥିଲେ। ଏହି ସମୟରେ ତାଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। ସେହିକ୍ରମରେ ବ୍ରହ୍ମପୁର ଭିଜିଲାନ୍ସ ପକ୍ଷରୁ ଇନ୍ସପେକ୍ଟର ଶ୍ରୀ ପାଢ଼ୀଙ୍କ ବାସଭବନ ସମେତ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଥିଲା। ଚଢ଼ଉ ବେଳେ ଶ୍ରୀ ପାଢ଼ୀଙ୍କ ନିକଟରୁ ୮ଲକ୍ଷ ୯୯ହଜାର ୪୩୮ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ ହୋଇଥିଲା। ଏହାପରେ ଭିଜିଲାନ୍ସ ପକ୍ଷରୁ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ସେ ଜାମିନରେ ମୁକୁଳି ଥିଲେ। ଏହି ମାମଲାର ବିଚାର ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଚାଲୁ ରହିଥିଲା। ଏହା ଭିତରେ ଶ୍ରୀ ପାଢ଼ୀ ଚାକିରିରୁ ଅବସର ନେଇସାରିଛନ୍ତି। ଭିଜିଲାନ୍ସ ବିଭାଗର ତଦନ୍ତ ଅଧିକାରୀ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲେ। ବିଚାର ବେଳେ ମୋଟ ୨୮ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଥିବା ଦର୍ଶାଇ କୋର୍ଟ ସୋମବାର ଉପରୋକ୍ତ ରାୟ ପ୍ରକାଶ କରିଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁରେନ୍ଦ୍ର ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ। ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ପୂର୍ବତନ ପୁଲିସ ଇନ୍ସପେକ୍ଟର ତପନ କୁମାର ପାଢ଼ୀଙ୍କ ପେନସନ ବନ୍ଦ କରିବାକୁ ଭିଜିଲାନ୍ସ ବିଭାଗ ସୁପାରିସ କରାଯିବ ବୋଲି ଜଣାପଡ଼ିଛି।

## ଲୋକକଥା



ଭୋଟ ଫଳ ଦେଖି ଛନକା ପଶିଲା
ଇଣ୍ଡିଆ ମେଣ୍ଟଙ୍କ ମନରେ,
ତକାହକା ହୋଇ ଆସୁଛନ୍ତି ସବୁ
ବୈଠକ କରିବେ ଦିଲ୍ଲୀରେ।
କେମିତି ମୋହିବେ ଭୋଟରେ
ଏବେଠୁ ପଲିସି କିଭଳି କରିବେ,
କଂଗ୍ରେସ ମନରେ ବିଚାରେ !!

**କେନ୍ଦୁଝର ବନଖଣ୍ଡରେ ହାତୀମୃତ୍ୟୁକୁ ନେଇ ଚିନ୍ତା**

# ୮ ବର୍ଷରେ ୩୦ ମୃତ

**କେନ୍ଦୁଝର, ୪।୧୨ (ସମିସ):** ଗତ କିଛି ଦିନ ହେଲା କେନ୍ଦୁଝର ବନଖଣ୍ଡ ହାତୀଙ୍କ ମୃତ୍ୟୁଯନ୍ତା ପାଲଟିଛି। ରେଳ ଦୁର୍ଘଟଣା, ରାସ୍ତା ଦୁର୍ଘଟଣାରେ ଅନେକ ହାତୀଙ୍କ ଜୀବନ ଯାଇଥିବା ବେଳେ ଏବେ ବିଦ୍ୟୁତ୍ ଆଘାତରେ ହାତୀଙ୍କ ଜୀବନ ଯିବା ପରିବେଶପ୍ରେମୀଙ୍କୁ ଚିନ୍ତାରେ ପକାଇ ଦେଇଛି। ଗତ ୮ ବର୍ଷରେ ଜିଲ୍ଲାରେ ୩୦ଟି ହାତୀଙ୍କ ମୃତ୍ୟୁ ହୋଇଥିବା ବେଳେ ସେଥିରୁ ୯ଙ୍କ ଜୀବନ କେବଳ ବିଦ୍ୟୁତ୍ ଆଘାତରେ ଯାଇଛି। ଯାହା ଫସଲ ସୁରକ୍ଷା ପାଇଁ ଦିଆଯାଇଥିବା ବିଦ୍ୟୁତ୍ ତାରବାଡ଼ ସଂସ୍ପର୍ଶରେ ଆସି ଘଟିଛି।

**ବଢ଼ୁଛି ବିଦ୍ୟୁତ୍ ଆଘାତରେ ମୃତ୍ୟୁ ସଂଖ୍ୟା**

କେନ୍ଦୁଝର ବନଖଣ୍ଡରେ ହାତୀ ଆକ୍ରମଣରେ ଲୋକଙ୍କର ଜୀବନହାନୀ ହେବା ଓ ଆହତ ହେବା ଘଟଣା ପ୍ରାୟ ପ୍ରତ୍ୟେକ ବର୍ଷ ଘଟିଥାଏ। ଏପରିକି କେତେବେଳେ ହାତୀ ଆକ୍ରମଣରେ ଲୋକଙ୍କର ଧନଜୀବନ କ୍ଷତି ଘଟିଥାଏ। ହାତୀ ମଣିଷ ଲଢ଼େଇ ଜିଲ୍ଲାରେ ଅନେକ ବର୍ଷ ହେଲା ଲାଗି ରହିଛି। ଏହାର ବିଭିନ୍ନ ଦିଗ ରହିଛି। ଜିଲ୍ଲା ସଂରକ୍ଷିତ ଜଙ୍ଗଲ ଗୁଡିକରେ ହାତୀଙ୍କ ନିମନ୍ତେ ଖାଦ୍ୟାଭାବ, ଜଙ୍ଗଲ ନଷ୍ଟ, ଶିଳ୍ପାୟନ, ବ୍ୟାପକ ଖଣିଖନନ ଏବଂ ଜନବସତି ଓ ଚାଷ ନାମରେ ଗଛକଟା ମୁଖ୍ୟ କାରଣ। ଅନ୍ୟପକ୍ଷରେ ହାତୀମାନଙ୍କ ଚଳପ୍ରଚଳ ନିମନ୍ତେ ସେଫ୍ କରିଡରର ଅଭାବ କାରଣରୁ ଗାଡ଼ିମଟର ଓ ଟ୍ରେନ୍ ଦୁର୍ଘଟଣା ଐତିହ୍ୟ ପ୍ରାଣୀଙ୍କର ଜୀବନହାନୀର ଅନ୍ୟତମ କାରଣ। କେନ୍ଦୁଝର ବନଖଣ୍ଡରେ ବିଭିନ୍ନ କାରଣରୁ ହାତୀ ମୃତ୍ୟୁ ବଢ଼ିବା ଘଟଣା ଚିନ୍ତା ବଢ଼ାଇଛି।

ସୂଚନା ଅନୁସାରେ, କେନ୍ଦୁଝର ବନଖଣ୍ଡରେ ୨୦୧୫-୧୬ ମସିହାରେ ଗୋଟିଏ ଛୁଆ ମାଈ ହାତୀକୁ ମିଶାଇ ମୋଟ ୬ଟି ହାତୀର ମୃତ୍ୟୁ ହୋଇଛି। ସେଗୁଡିକ ମଧ୍ୟରୁ ଗୋଟିଏ ହାତୀକୁ ପୋକଲିନ ମେସିନ୍‌ରେ ବାଡ଼େଇ ମାରିଦେବା କାରଣରୁ ଜଣଙ୍କ ନାମରେ ମାମଲା ରୁଜୁ କରି ତାଙ୍କୁ ଗିରଫ କରାଯାଇଥିଲା। ଅନ୍ୟ ଗୋଟିଏ ହାତୀର ବିଦ୍ୟୁତ୍ ଆଘାତ ଯୋଗୁଁ ମୃତ୍ୟୁ ହୋଇଥିଲା। ସେହିପରି ୨୦୧୭-୧୮ରେ ତେଲକୋଇ ଓ କେନ୍ଦୁଝର ବନାଞ୍ଚଳରୁ ଗୋଟିଏ ଲେଖାଏଁ ୨ଟି ମାଈ ହାତୀର ମୃତ୍ୟୁ ହୋଇଛି। ୨୦୧୮-୧୯ରେ ଗୋଟିଏ ଛୁଆ, ଗୋଟିଏ ମାଈ ଓ ଗୋଟିଏ ଦନ୍ତା ହାତୀକୁ ମିଶାଇ ୩ଟି ହାତୀର ମୃତ୍ୟୁ ହୋଇଥିଲା। ଏଥିମଧ୍ୟରୁ ୨୦୧୮ ନଭେମ୍ବର ୨୧ରେ ବସନ୍ତପୁରରୁ ନରଣପୁର ରେଳ ଲାଇନରେ ▶ପୃଷ୍ଠା-୪

## ମାଈ ହାତୀର ଗଳିତ ମୃତଦେହ ଉଦ୍ଧାର

**ଚମ୍ପୁଆ,୪।୧୨(ସମିସ):** ଚମ୍ପୁଆ ରେଞ୍ଜ କାଳିକାପ୍ରସାଦ ରିଜର୍ଭ ଫରେଷ୍ଟର ଚେଙ୍ଗଯୋଡାଠାରେ ଏକ ୩୦ ବର୍ଷୀୟ ମାଈ ହାତୀର ମୃତଦେହ ବନ ବିଭାଗ ଦ୍ୱାରା ଠାବ କରାଯାଇଛି। ଘଟଣାସ୍ଥଳରେ ବିଦ୍ୟୁତ ବିଭାଗ ଓ



ବନ ବିଭାଗ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ପରସ୍ପରକୁ ଦୋଷ ଲଦିଲଦି ହେଉଛନ୍ତି।

ସୂଚନା ଅନୁସାରେ ସୋମବାର ଅପରାହ୍ନରେ ଉକ୍ତ ଜଙ୍ଗଲ ମଧ୍ୟରେ ଏକ ହାତୀର ଗଳିତ ମୃତଦେହ ପଡ଼ିଥିବା ଖବର ପାଇ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚିଥିଲା। ହାତୀଟି ମରିପଡ଼ିଥିବା ସ୍ଥାନରେ ଏକ ୩୩ କେଭି ବିଦ୍ୟୁତ ଖୁଣ୍ଟ ରହିଥିବା ବେଳେ ଉକ୍ତ ଖୁଣ୍ଟରୁ ଷ୍ଟେ-ତାରଟି ହାତୀ ପାଦ ପାଖରେ ଲାଗିଥିବା ଦେଖିବାକୁ ମିଳିଛି। ଖବର ପାଇ କେନ୍ଦୁଝର ବନଖଣ୍ଡ ଅଧିକାରୀ ଏଚ୍‌ଡି ଧନରାଜ ଓ ବିଦ୍ୟୁତ ବିଭାଗର ନିର୍ବାହୀ ଯନ୍ତ୍ରୀ ନାରାୟଣ ଜେନା ଘଟଣାସ୍ଥଳରେ ପହଞ୍ଚିଥିଲେ। ହାତୀଟି ପ୍ରାୟ ୨୫ ଦିନ ହେବ ମରିପଡ଼ିଥିବା ବେଳେ ଶରୀରର ଅଧାରୁ ଅଧିକ ଅଂଶ ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଥିଲା। ▶ପୃଷ୍ଠା-୪

## ଦୁଇ ଚାଷୀଙ୍କୁ ଦଳିଦେଲା ହାତୀ

**ଟାଙ୍ଗୀ/କାଲୁପଡ଼ାଘାଟ,୪।୧୨(ସମିସ):** ହାତୀ ଆକ୍ରମଣରେ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ବରିକୋଗ୍ରାମର ଦୁଇ ଚାଷୀଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସାମ୍ଭବ୍ୟ ବାତ୍ୟା ଆଶଙ୍କାରେ ଧାନକୁ ସୁରକ୍ଷା ଦେବା ପାଇଁ ରବିବାର ବିଳମ୍ବିତ ରାତିରେ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ବରିକୋ ଗ୍ରାମର ଲକ୍ଷ୍ମୀଧର ବେହେରା (୬୮) ଓ ପାରିଓରଡ଼ ଗ୍ରାମର କୃଷ୍ଣଚନ୍ଦ୍ର ପ୍ରଧାନ (୬୬)ଧାନ ଜମିକୁ ଯାଇଥିଲେ।। ଉଭୟ ଚାଷୀ ବରିକୋ ନୂଆ ଗାଁ ନିଜ ଚାଷ ଜମି ପାଖରେ ବସିଥିବା ବେଳେ ହାତୀଙ୍କ କବଳରେ ପଡ଼ିଥିବା କୁହାଯାଇଛି।

ରବିବାର ରାତିରେ ଟାଙ୍ଗୀ ବନାଞ୍ଚଳ ବରିକୋ ଗ୍ରାମ ନିକଟରେ ୩ ଟି ଜଙ୍ଗଲୀ ହାତୀ ଆତଙ୍କ ଭିଆଇ ଥିଲେ। ସ୍ଥାନୀୟ ଚାଷୀଙ୍କ ମନରେ ▶ପୃଷ୍ଠା-୪

**‘୫-ଟି’ ଅଧ୍ୟକ୍ଷଙ୍କୁ ଭେଟିଲେ ବିଧାୟକଗଣ ଓ ବିଭିନ୍ନ ସଂଗଠନର କର୍ମକର୍ତ୍ତା**

# ନୂଆ ଓଡ଼ିଶା ଗଠନରେ ବ୍ରତୀ ହେବାକୁ ସଙ୍କଳ୍ପ



**ଭୁବନେଶ୍ୱର, ୪।୧୨(ସମିସ):** ନୂଆ ଓଡ଼ିଶା ଗଠନ ନିମନ୍ତେ ମିଳିମିଶି କାର୍ଯ୍ୟ କରିବା ଲାଗି ‘ନବୀନ ଓଡ଼ିଶା’ ଓ ‘୫-ଟି’ ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଆହ୍ୱାନ ରାଜ୍ୟର ପ୍ରତ୍ୟେକ ବର୍ଗଙ୍କୁ ପ୍ରଭାବିତ କରିଛି। ପ୍ରତିଦିନ ବହୁ ବ୍ୟକ୍ତିବିଶେଷ, ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଓ ରାଜନୈତିକ ବ୍ୟକ୍ତି ଶ୍ରୀ ପାଣ୍ଡିଆନଙ୍କୁ ଭେଟି ଶୁଭେଚ୍ଛା ଜ୍ଞାପନ ସହ ‘ନବୀନ ଓଡ଼ିଶା’ ଗଠନରେ ନିଜର ପ୍ରତିବଦ୍ଧତା ଜଣାଉଛନ୍ତି। ଏହି କ୍ରମରେ ଆଜି ମଧ୍ୟ ନବୀନ ନିବାସରେ ବହୁ ବିଧାୟକ, ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଶ୍ରୀ ପାଣ୍ଡିଆନଙ୍କୁ ଭେଟିଛନ୍ତି।

ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ, ପରଜଙ୍ଗ ବିଧାୟକ ନୃସିଂହ ଚରଣ ସାହୁ, ଆଠମଲ୍ଲିକ୍ ବିଧାୟକ ରମେଶ ଚନ୍ଦ୍ର ସାଏ, ବରୀ ବିଧାୟିକା ସୁନନ୍ଦା ଦାସ, ସୋରଡ଼ା ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି ନବୀନ ନିବାସରେ ‘୫-ଟି’ ଓ ‘ନବୀନ ଓଡ଼ିଶା’ ଅଧ୍ୟକ୍ଷଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ସେହିପରି ଓଏସିଏ ସମ୍ପାଦକ ସଞ୍ଜୟ ବେହେରା, ନାଲକୋ କର୍ମଚାରୀ ସଂଘ, ଓଡ଼ିଶା କୁଡୁମି ସେନା, ରାଇଜିଂ ଇଣ୍ଡିଆ ସିଟିଜେନ୍ ଫୋରମ୍, କେନ୍ଦୁଝର ଜିଲ୍ଲା ଯାଦବ ମହାସଭା, ଇଣ୍ଡିଆ ବାସ୍ତୁ ଏକାଡେମୀ, ଲେବୋର ପ୍ରୋଗ୍ରେସିଭ୍ ଫେଡେରେସନ୍, ମସଜିଦ୍ ମାଦ୍ରାସା କମିଟି, ଓଡ଼ିଶା ମେଡିକାଲ ୱାର୍କର୍ସ ୟୁନିଅନ୍, ଓଡ଼ିଶା ପ୍ରୋସିକ୍ୟୁସନ୍ ସର୍ଭିସ୍ ଆସୋସିଏସନ୍, ଓଡ଼ିଶା ଲୋକସେବା ଭବନ ଲୋ ପେଡ୍ ତୃତୀୟ ଶ୍ରେଣୀ କର୍ମଚାରୀ ସଂଘ, ଓଡ଼ିଶା ମତ୍ସ୍ୟ ସେବା ସଂଘ, ଓଡ଼ିଶା ପୁଲିସ ମିନିଷ୍ଟ୍ରିଆଲ ଅଫିସର୍ସ ଆସୋସିଏସନ, ବିଜୁ ପଟ୍ଟନାୟକ ରିଡିଂ ସେଣ୍ଟର କୋଟପାଡ଼ର ବହୁ ସଂଖ୍ୟକ କର୍ମକର୍ତ୍ତା ଶ୍ରୀ ପାଣ୍ଡିଆନଙ୍କୁ ସାକ୍ଷାତ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଶ୍ରୀ ପାଣ୍ଡିଆନଙ୍କୁ ଶୁଭେଚ୍ଛା ଜଣାଇବା ସହ ଓଡ଼ିଶାର ରୂପାନ୍ତରଣ ଅଭିଯାନକୁ ଆହୁରି ଆଗେଇ ନେବା ଲାଗି ସବୁ ପ୍ରକାର ସହଯୋଗ ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ଏକ ନୂଆ ଏବଂ ସଶକ୍ତ ଓଡ଼ିଶା ଗଠନରେ ସେମାନଙ୍କ ସହଯୋଗକୁ ଶ୍ରୀ ପାଣ୍ଡିଆନ ପ୍ରଶଂସା କରିବା ସହ ଶୁଭେଚ୍ଛା ନିମନ୍ତେ ଧନ୍ୟବାଦ ଅର୍ପଣ କରିଛନ୍ତି।

**■ ହାଇକୋର୍ଟରେ ଶ୍ରୀମନ୍ଦିର ନାଟମଣ୍ଡପ ମାମଲା**

# ମରାମତି କାମ ଆରମ୍ଭ ହୋଇଥିବା ନେଇ ଆମିକସ୍‌କ୍ୟୁରୀଙ୍କ ରିପୋର୍ଟ

**କଟକ,୪।୧୨(ସମିସ):** ପୁରୀ ଶ୍ରୀମନ୍ଦିରର ରକ୍ଷଣାବେକ୍ଷଣ ପ୍ରସଂଗରେ ରୁଜୁ ଜନସ୍ୱାର୍ଥ ମାମଲାରେ ସୋମବାର ଆମିକସ୍‌କ୍ୟୁରୀଙ୍କ ପକ୍ଷରୁ ହାଇକୋର୍ଟରେ ଏକ ରିପୋର୍ଟ ଦାଖଲ ହୋଇଛି। ହାଇକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ ଅନୁସାରେ, ଗତ ନଭେମ୍ବର ୧୭ରୁ ଏଏସ୍‌ଆଇ ପକ୍ଷରୁ ଶ୍ରୀମନ୍ଦିର ନାଟମଣ୍ଡପର ମରାମତି କାର୍ଯ୍ୟ ଆରମ୍ଭ କରାଯାଇଥିବା ନେଇ ରିପୋର୍ଟ ଦିଆଯାଇଛି। ଆସନ୍ତା ଶୁଣାଣି ସମୟରେ ସମସ୍ତ ପକ୍ଷ ଉକ୍ତ ମରାମତିର ଅଗ୍ରଗତି ସମ୍ପର୍କରେ ରିପୋର୍ଟ ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅଭିଷେକ ଦାସଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ଜଷ୍ଟିସ ଏମ୍.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି।

ଆମିକସ୍‌କ୍ୟୁରୀ ନାଟମଣ୍ଡପ ପରିଦର୍ଶନ କରି ନଭେମ୍ବର ୧୭ରୁ ଡିସେମ୍ବର ୩ ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ଅନୁଧ୍ୟାନ କରିଥିଲେ। ଉତ୍ତର-ପୂର୍ବ ଓ ଦକ୍ଷିଣ-ପୂର୍ବ କଲମର ଚାରିପାର୍ଶ୍ୱରେ ପଲସ୍ତରା ଛଡ଼ା କାର୍ଯ୍ୟ ଆରମ୍ଭ ହୋଇଛି ଓ ଆବଶ୍ୟକ ଷ୍ଟେନ୍‌ଲେସ ଷ୍ଟିଲ୍‌ସ ସାମଗ୍ରୀ କିଣିବା ପାଇଁ ଏଏସ୍‌ଆଇ ତରଫରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ତଥ୍ୟ ଅନୁସାରେ, ଏହି କାର୍ଯ୍ୟ ଶେଷ କରିବା ପାଇଁ ଏଏସ୍‌ଆଇକୁ ଦୈନିକ ୬ ଘଣ୍ଟା କାର୍ଯ୍ୟ ସମୟ ସହ ୧୨୦ ଦିନ ଆବଶ୍ୟକ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ପ୍ରକାଶ ଥାଉକି, ନାଟମଣ୍ଡପ ମରାମତି କାର୍ଯ୍ୟ ଆରମ୍ଭ ସମୟ ନେଇ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା(ଏଏସ୍‌ଆଇ) ସତ୍ୟପାଠରେ ଯାହା ଉଲ୍ଲେଖ କରିଥିଲା; ତାହାକୁ ହାଇକୋର୍ଟ ଅଗ୍ରାହ୍ୟ କରିଥିଲେ ଓ ତୁରନ୍ତ ମରାମତି କାର୍ଯ୍ୟ ଆରମ୍ଭ କରିବାକୁ ଗତ ନଭେମ୍ବର ୧୫ରେ ଏଏସ୍‌ଆଇକୁ ନିର୍ଦ୍ଦେଶ ଦେଇଥିଲେ। ମାମଲାରୁ ପ୍ରକାଶ ଯେ ୨୦୧୭ ଜାନୁଆରୀ ୫ରେ ପୁରୀ ଜଗନ୍ନାଥ ମନ୍ଦିରର ନାଟମଣ୍ଡପ ମରାମତି କାର୍ଯ୍ୟ ୪ ମାସ ମଧ୍ୟରେ ଶେଷ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ୬ ବର୍ଷ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ କାର୍ଯ୍ୟ ଶେଷ ହୋଇ ନଥିବାରୁ ମାମଲାକୁ ଗୁରୁତ୍ୱର ସହ ଗ୍ରହଣ କରିଥିଲେ ହାଇକୋର୍ଟ। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଡିସେମ୍ବର ୧୮ ତାରିଖକୁ ଧାର୍ଯ୍ୟ ହୋଇଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଆଲୋକ କୁମାର ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

## ହାତୀ ଆକ୍ରମଣରେ ମହିଳା ଗୁରୁତର

**ପାଟଣା,୪।୧୨(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ପୋଇପାଣି ନିକଟରେ ହାତୀ ଆକ୍ରମଣରେ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ସେ ହେଲେ, ପୋଇପାଣି ଗ୍ରାମର ତୁଳସୀ ମହାରଣା(୪୫)। ସୂଚନାନୁସାରେ, ତୁଳସୀ ସାପ୍ତାହିକ ହାଟ ଡୁମୁରିଆକୁ ଯାଇଥିଲେ। ଫେରିବା ବେଳେ ପୋଇପାଣି ଗାଁ ସୀମା ନିକଟରେ ଏକ ହାତୀ ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ଏଥିରେ ସେ ଗୁରୁତର ଆହତ ହୋଇଥିଲେ। ଚିକିତ୍ସା ଲାଗି ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

## ମହୁମାଛି ଆକ୍ରମଣରେ ୫ ଆହତ

**ଆନନ୍ଦପୁର, ୪।୧୨(ସମିସ):** ମହୁମାଛି ଆକ୍ରମଣରେ ଆହତ ହୋଇ ୫ଜଣ ଆନନ୍ଦପୁର ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣକ ଅବସ୍ଥା ଗୁରୁତର ଥିବା ଜଣାଯାଇଛି। ଘଷିପୁରା ଥାନା ଅନ୍ତର୍ଗତ ଭାଟିସିରା ଗ୍ରାମର ଦୁର୍ଯ୍ୟୋଧନ ଓଝା ଓ ତାଙ୍କ ପୁଅ ହରିଆ ଓଝା ବିଲରେ କାମ କରୁଥିବା ବେଳେ ମହୁମାଛିମାନଙ୍କ ଆକ୍ରମଣର ଶିକାର ହୋଇଥିଲେ। ଚିକିତ୍ସା ପାଇଁ ସେମାନଙ୍କୁ ଆନନ୍ଦପୁର ଡାକ୍ତରଖାନାକୁ ଅଣାଯାଇଥିଲା। ସେମାନଙ୍କ ମଧ୍ୟରୁ ଦୁର୍ଯ୍ୟୋଧନଙ୍କ ଅବସ୍ଥା ଗୁରୁତର ଥିବା ଜଣାଯାଇଛି। ଅନ୍ୟ ଆହତମାନେ ହେଲେ, ବରୀପାଳ ଗ୍ରାମର ଶିକ୍ଷକ ନବୀନ ଚରଣ ହୋ, ଜରକ ସାହିର ଦଶମା ଗୁଇଁଆ ଏବଂ ଖାଳିଆମେନ୍ଥା ଗ୍ରାମର କୁନି ଭୂୟାଁ। ଘରକୁ ଫେରିବା ବେଳେ ମହୁମାଛି ଆକ୍ରମଣ କରିବାରୁ ଏମାନେ ରାସ୍ତା ଉପରେ ଆହତ ହୋଇଥିଲେ।

**■ ହାଇକୋର୍ଟରେ ବେଆଇନ ଚିଙ୍ଗୁଡ଼ିଘେରି ମାମଲା**

## ୧୫ଦିନ ମଧ୍ୟରେ ଚିଲିକା ନୀତି ଚୂଡ଼ାନ୍ତ କରିବାକୁ ନିର୍ଦ୍ଦେଶ

**କଟକ, ୪।୧୨(ସମିସ):** ଆର୍ଦ୍ରଭୂମି ସୁରକ୍ଷା ତଥା ଚିଲିକାରେ ବେଆଇନ ଚିଙ୍ଗୁଡ଼ିଘେରି ପ୍ରସଂଗରେ ରୁଜୁ ଜନସ୍ୱାର୍ଥ ମାମଲାର ସୋମବାର ଶୁଣାଣି କରିଛନ୍ତି ହାଇକୋର୍ଟ। ଆସନ୍ତା ୧୫ ଦିନ ମଧ୍ୟରେ ଚିଲିକା ସମ୍ପର୍କିତ ପ୍ରସ୍ତୁତ ହୋଇଥିବା ସ୍ୱତନ୍ତ୍ର ଚିଠା ନୀତିକୁ ଚୂଡ଼ାନ୍ତ କରିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପାରମ୍ପରିକ ମତ୍ସ୍ୟଜୀବୀ, ଅଣପାରମ୍ପରିକ ମତ୍ସ୍ୟଜୀବୀ ଓ ଅନ୍ୟ ପକ୍ଷଙ୍କୁ ଶୁଣାଣି କରି ଏହି ନୀତି ଚୂଡ଼ାନ୍ତ କରାଯିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ୍ ଡ. ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଓ ଜଷ୍ଟିସ ଏମ୍.ଏସ୍.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ବେଆଇନ ଚିଙ୍ଗୁଡ଼ି ଘେରି ରୋକିବା ପାଇଁ ଡ୍ରୋନ୍ ପାଟ୍ରୋଲିଂ ଦିଗରେ ଅଦ୍ୟାବଧି କ’ଣ ପଦକ୍ଷେପ ନିଆଯାଇଛି, ତାହା ଜଣାଇବାକୁ ସରକାରଙ୍କୁ କହିଛନ୍ତି ହାଇକୋର୍ଟ। ପୁରୀ, କେନ୍ଦ୍ରାପଡ଼ା, ଖୋର୍ଦ୍ଧା ଓ ଗଞ୍ଜାମ ଜିଲ୍ଲାପାଳ ଏ ସମ୍ପର୍କରେ ଜଣାଇବେ। ମାମଲାର ଶୁଣାଣି ବେଳେ ସରକାରଙ୍କ ପକ୍ଷରୁ ଅବଗତ କରାଯାଇଥିଲା ଯେ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ପ୍ରସ୍ତୁତ କରିଥିବା ଚିଠା ନୀତିକୁ ଚୂଡ଼ାନ୍ତ ପାଇଁ ସରକାର ପ୍ରକ୍ରିୟା ଜାରୀ ରଖିଛନ୍ତି। ଏଥିପାଇଁ କମିଟି ଗଠିତ ହୋଇଛି। ସମ୍ପୃକ୍ତ ଜିଲ୍ଲା ତଥା ପୁରୀ, କେନ୍ଦ୍ରାପଡ଼ା, ଖୋର୍ଦ୍ଧା ଓ ଗଞ୍ଜାମ ଜିଲ୍ଲାପାଳ ଏବଂ ମତ୍ସ୍ୟଜୀବୀ ପ୍ରତିନିଧିଙ୍କ ସହ ଆଲୋଚନା ହୋଇ ସେମାନଙ୍କ ମତାମତ ନିଆଯାଉଛି। ରାଜ୍ୟ ଜଙ୍ଗଲ ବିଭାଗ, ଅର୍ଥ ବିଭାଗ ଓ ଆଇନ ବିଭାଗର ପରାମର୍ଶରେ ଏହା ଚୂଡ଼ାନ୍ତ ହେବା ପରେ ରାଜ୍ୟ କ୍ୟାବିନେଟ୍‌ରେ ଉପସ୍ଥାପନ ହେବ। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଡିସେମ୍ବର ୧୯କୁ ଧାର୍ଯ୍ୟ କରିଛନ୍ତି ଖଣ୍ଡପୀଠ।

**● ଶିଶୁଭବନରେ ଏସ୍‌ସିବି ଶିଶୁ ଚିକିତ୍ସା ବିଭାଗ ମିଶ୍ରଣ ମାମଲା**

## ସରକାରଙ୍କ ଜବାବ ଦାଖଲ ପରେ ମାମଲାରେ ପୂର୍ଣ୍ଣଚ୍ଛେଦ

**କଟକ, ୪।୧୨(ସମିସ):** ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍‌ପିଟାଲ (ଏସ୍‌ସିବି)ର ଶିଶୁରୋଗ ଚିକିତ୍ସା ବିଭାଗକୁ କଟକ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସ୍ନାତକୋତ୍ତର ଶିଶୁ ଚିକିତ୍ସା ପ୍ରତିଷ୍ଠାନ(ଶିଶୁଭବନ)ରେ ମିଶ୍ରଣ ଅଭିଯୋଗରେ ଦାୟର ଜନସ୍ୱାର୍ଥ ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ହାଇକୋର୍ଟ। ରାଜ୍ୟ ସରକାରଙ୍କ ଜବାବ ଦାଖଲ ପରେ ମାମଲାର ଅନ୍ତ ଘଟିଛି। ଭବିଷ୍ୟତରେ ରୋଗୀ ଚିକିତ୍ସା କ୍ଷେତ୍ରରେ ଅସୁବିଧା ବା କିଛି ଅନିୟମିତତା ହେଲେ ଆବେଦନକାରୀ ଅଦାଲତଙ୍କ ଦ୍ୱାରସ୍ଥ ହୋଇପାରିବେ ବୋଲି ହାଇକୋର୍ଟ କହିଛନ୍ତି। ଡ. କହ୍ନେୟାଲାଲ ଶର୍ମାଙ୍କ ପକ୍ଷରୁ ରୁଜୁ ଏହି ଜନସ୍ୱାର୍ଥ ମାମଲାର ଶୁଣାଣି କରି କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ୍ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଓ ଜଷ୍ଟିସ ଏମ୍.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ସରକାର ତାଙ୍କ ଜବାବରେ ଦର୍ଶାଇଥିଲେ ଯେ ଶିଶୁଭବନର ନବକଳେବର କରାଯାଇଛି। ଏଠାରେ ଅନ୍ତଃବିଭାଗୀୟ ଚିକିତ୍ସା ସୁବିଧା ଉପଲବ୍ଧ କରାଯାଉଛି। ଆବଶ୍ୟକସ୍ଥଳେ ଏସ୍‌ସିବି ମେଡିକାଲ କଲେଜ ହସ୍ପିଟାଲରୁ ଡାକ୍ତର ଅଣାଯିବ, ଯେପରି ଶିଶୁ ରୋଗୀମାନେ ସୁବିଧା ପାଇପାରିବେ ବୋଲି ଜବାବରେ ଉଲ୍ଲେଖ ରହିଥିଲା। ସୂଚନା ଥାଉକି, ଏସ୍‌ସିବି ମେଡିକାଲର ଶିଶୁରୋଗ ଚିକିତ୍ସା ବିଭାଗକୁ ଶିଶୁଭବନରେ ମିଶ୍ରଣ ପାଇଁ ସରକାର ନିଷ୍ପତ୍ତି ନେଇଥିଲେ। ଏହାକୁ ବିରୋଧ କରି ଏକାଧିକ ମାମଲା ହାଇକୋର୍ଟରେ ଦାୟର ହୋଇଥିଲା। ଏକ ମାମଲାରେ ହାଇକୋର୍ଟ ୨୦୧୨ ଜୁଲାଇ ୧୮ରେ ଏଭଳି ମିଶ୍ରଣ ଉପରେ ଅନ୍ତରୀଣ ରହିତାଦେଶ ଦେଇଥିଲେ। ଆବେଦନକାରୀ ଶ୍ରୀ ଶର୍ମାଙ୍କ ପକ୍ଷରୁ ରୁଜୁ ମାମଲାରେ ମଧ୍ୟ ହାଇକୋର୍ଟ ଉକ୍ତ ଅନ୍ତରୀଣ ରହିତାଦେଶ ବଳବତ୍ତର ରଖିଥିଲେ। ଇତିମଧ୍ୟରେ ୮ ବର୍ଷ ଅତିକ୍ରାନ୍ତ ହୋଇଯାଇଥିବା ବେଳେ ମାତ୍ର ଗୋଟିଏ ୟୁନିଟ୍ ଏସ୍‌ସିବିରେ କାର୍ଯ୍ୟ କରୁଛି। ବାକି ସବୁ ଶିଶୁଭବନରେ ମିଶ୍ରଣ ହୋଇଥିବା ଆବେଦନକାରୀ ଅଭିଯୋଗ କରିଥିଲେ।

## ଓରାଳିରେ ମହାବଳ ଆତଙ୍କ



**ଆନନ୍ଦପୁର, ୪।୧୨(ସମିସ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ହାଟଡିହି ବ୍ଲକ୍ ଅନ୍ତର୍ଗତ ମୁଦୁଲିପଦା ଗ୍ରାମରେ ବାଘ ଆତଙ୍କ ଦେଖାଦେଇଛି। ଆଖପାଖ ଅଞ୍ଚଳରେ ଭୟର ବାତବରଣ ଖେଳିଯାଇଛି। ସୂଚନା ଅନୁଯାୟୀ ଓରାଳି, ମୁଦୁଲିପଦା ବଣରେ ଏକ ବାଘର ପାଦ ଚିହ୍ନ ଦେଖିବାକୁ ମିଳିଛି। ଏହା କେଉଁ ପ୍ରଜାତିର ବାଘ ତାହା ଜାଣିବାକୁ ବନ ବିଭାଗ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଥିବା ବେଳେ ଗ୍ରାମବାସୀ ଏହା ଏକ ମହାବଳ ବୋଲି ଯୁକ୍ତି ବାଢ଼ିଛନ୍ତି। ବାଘର ଏକ ଫଟୋ ମଧ୍ୟ ସେମାନେ ବନବିଭାଗକୁ ଦେଇଥିବା ଜଣାଯାଇଛି। କିନ୍ତୁ ଏ ସଂପର୍କରେ ବନ ବିଭାଗ ପକ୍ଷରୁ କୌଣସି ଆଧିକାରିକ ସୂଚନା ଦିଆଯାଇନାହିଁ। ଉକ୍ତ ଫଟୋଟିର ସତ୍ୟାସତ୍ୟ ଯାଞ୍ଚ କରାଯିବା ପରେ ପ୍ରତିକ୍ରିୟା ଦିଆଯିବ ବୋଲି କେନ୍ଦୁଝର ଡିଏଫ୍‌ଓ ଅଭୟ ଦଳେଇ କହିଛନ୍ତି। ତେବେ ଆତଙ୍କିତ ନ ହେବାକୁ ସେ ଅଞ୍ଚଳବାସୀଙ୍କୁ ଅନୁରୋଧ କରିଛନ୍ତି।

# ଅବଶିଷ୍ଟାଂଶ...

### ୮ ବର୍ଷରେ ୩୦ ମୃତ...

ଟ୍ରେନ୍ ଦୁର୍ଘଟଣାରେ ଏକ ୨୦ ବର୍ଷର ମାଈ ହାତୀର ମୃତ୍ୟୁ ଘଟଣା ସେତେବେଳେ ବନ ବିଭାଗ ଓ ରେଳ ବିଭାଗ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି କରିଥିଲା। ବନବିଭାଗ ରେଳବିଭାଗ ବିରୋଧରେ ମାମଲା ରୁଜୁ କରିଥିଲା। କିନ୍ତୁ ତାହା କେବଳ ତଦନ୍ତ ଓ ଚେତାବନୀ ମଧ୍ୟରେ ସୀମିତ ରହିଯାଇଛି।

ସେହିପରି ୨୦୧୯-୨୦ରେ ୨ଟି ଛୁଆ ହାତୀ ସମେତ ୬ଟି ହାତୀ ମୃତ୍ୟୁମୁଖରେ ପଡ଼ିଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ଏହି ମୃତ ହାତୀଗୁଡିକ ମଧ୍ୟରେ ଗୋଟିଏ ଛୁଆହାତୀ ଓ ୨ ମାଈ ହାତୀ ରାସ୍ତା ପାର ହେଉଥିବା ବେଳେ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ଏହାକୁ ନେଇ ସେତେବେଳେ ସାରା ରାଜ୍ୟରେ ଚହଳ ସୃଷ୍ଟି କରିଥିଲା। ବନ ବିଭାଗ ଏକ ବସ୍ ସମେତ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ନେଇଥିଲେ। ସେହିପରି ୨୦୨୦-୨୧ରେ ୨ ଛୁଆ ହାତୀ ସହିତ ୭ଟି ହାତୀର ମୃତ୍ୟୁ ଘଟିଥିଲା। ମୃତ ହାତୀଙ୍କ ମଧ୍ୟରୁ ୨୦୨୦ ଜୁନ୍ ୧୪ରେ ଚମ୍ପୁଆ ବନାଞ୍ଚଳର ବୈତରଣୀ ସଂରକ୍ଷିତ ଜଙ୍ଗଲରେ ଗୋଟିଏ ଦନ୍ତା ଓ ଗୋଟିଏ ମାଈ ହାତୀ ବିଦ୍ୟୁତ ଆଘାତରେ ମୃତ୍ୟୁ ହେବା ଘଟଣା ଗୁରତ୍ୱପୂର୍ଣ୍ଣ ଥିଲା। ୨୦୨୧ରେ ସଦର ବନାଞ୍ଚଳରେ ବିଦ୍ୟୁତ ଆଘାତରେ ଗୋଟିଏ ବଡ଼ ହାତୀର ମୃତ୍ୟୁ ହୋଇଥିଲା। ୨୦୨୨ରେ ମଧ୍ୟ ୨ଟି ହାତୀର ବିଦ୍ୟୁତ ଆଘାତ କାରଣରୁ ମୃତ୍ୟୁ ହୋଇଥିଲା। ଚଳିତ ବର୍ଷ ଗତ ମାସରେ ତେଲକୋଇ ବନାଞ୍ଚଳରେ ୨ଟି ହାତୀଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଥିଲା। ଫସଲ ସୁରକ୍ଷା ପାଇଁ ବିଦ୍ୟୁତ୍ ତାରବାଡ଼ ଦିଆଯିବା କାରଣରୁ ଏହି ହାତୀଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ବନବିଭାଗ ପକ୍ଷରୁ ୧୦ରୁ ଅଧିକ ଲୋକଙ୍କୁ ଗିରଫ କରାଯାଇଥିଲା। ଏହା ପରେ ହାତୀ ସୁରକ୍ଷା ପାଇଁ ବନବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଥିଲେ ମଧ୍ୟ ପୁଣି ଏକ ହାତୀର ମୃତ୍ୟୁ ପରିବେଶପ୍ରେମୀଙ୍କ ଚିନ୍ତା ବଢ଼ାଇ ଦେଇଛି। ଚମ୍ପୁଆ ରେଞ୍ଜ କାଳିକାପ୍ରସାଦ ରିଜର୍ଭ ଫରେଷ୍ଟର ଟେଙ୍ଗଯୋଡା ଠାରେ ଏକ ୩୦ ବର୍ଷୀୟ ମାଈହାତୀର ମୃତଦେହ ବନ ବିଭାଗ ଦ୍ୱାରା ଠାବ କରାଯାଇଛି। ଯାହା ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଥିବାରୁ ବନବିଭାଗ ବିଦ୍ୟୁତ୍ ବିଭାଗ ମଧ୍ୟରେ ଦୋଷ ଲଦା ଲଦି ଆରମ୍ଭ ହୋଇଯାଇଛି।

ହାତୀ ସଂଖ୍ୟା ହ୍ରାସ କାରଣରୁ ଏହାକୁ ଐତିହ୍ୟ ପ୍ରାଣୀଙ୍କ ମାନ୍ୟତା ପ୍ରଦାନ କରାଯାଇଛି। କିନ୍ତୁ କେନ୍ଦୁଝର ଜିଲ୍ଲାରେ ହାତୀ କରିଡର କରାଯାଇପାରିନି। ଏଭଳି ପରିସ୍ଥିତିରେ ଗତ ମାସକ ମଧ୍ୟରେ ୩ଟି ହାତୀର ବିଦ୍ୟୁତ ଆଘାତରେ ମୃତ୍ୟୁ ଘଟଣା ବନ ବିଭାଗକୁ ଚିନ୍ତାରେ ପକାଇଛି। ସବୁଠାରୁ ବଡକଥା ହେଲା ଚାଷଜମିର ସୁରକ୍ଷା ନାମରେ ଜମି ଚାରିପାଖରେ ବେଆଇନ ବିଦ୍ୟୁତ ସରବରାହ କରି ହାତୀମାନଙ୍କର ଜୀବନକୁ ବିପନ୍ନ କରାଯାଉଛି।

### ମାଈ ହାତୀର ଗଳିତ...

ଏ ନେଇ ବନଖଣ୍ଡ ଅଧିକାରୀ ଏଚ୍‌ଡି ଧନରାଜ ଏହା ଏକ ବିଦ୍ୟୁତଆଘାତ ଜନିତ ମୃତ୍ୟୁ ଘଟଣା ବୋଲି ଗଣମାଧ୍ୟମକୁ ସୂଚନା ଦେଇଥିବା ବେଳେ ବିଦ୍ୟୁତ ବିଭାଗ ପକ୍ଷରୁ ନିର୍ବାହୀ ଯନ୍ତ୍ରୀ ନାରାୟଣ ଜେନା ଏହାକୁ ଖଣ୍ଡନ କରିବା ସହିତ ଏହା ବିଦ୍ୟୁତଆଘାତ ଜନିତ ମୃତ୍ୟୁ ନୁହେଁ ବୋଲି ପ୍ରକାଶ କରିଛନ୍ତି। ଉଭୟ ବିଭାଗ ପକ୍ଷରୁ ଏହି ହାତୀ ମୃତ୍ୟୁର ତଦନ୍ତ କରାଯିବା ପରେ ପ୍ରକୃତ ସତ୍ୟ ଜଣାପଡ଼ିବ ବୋଲି ସୂଚନା ଦେଇଥିଲେ।

ସୂଚନା ଯୋଗ୍ୟ କି କେନ୍ଦୁଯୋଡ଼ା ମୁଖ୍ୟ ରାସ୍ତା ନିକଟରୁ ମାତ୍ର ୧୦୦ ମିଟର ଦୂରରେ ଏହି ହାତୀ ମୃତ୍ୟୁ ହୋଇଥିଲେ ମଧ୍ୟ ୨୫ ଦିନ ଭିତରେ ବନ ବିଭାଗ ପାଖରେ କୌଣସି ସୂଚନା ନ ରହିବା ବନ ବିଭାଗର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟ ପକ୍ଷରେ କିଛି ଦିନ ତଳେ ୪୨ଟି ହାତୀ ଉକ୍ତ ଜଙ୍ଗଲରେ ରହିଥିବା ବେଳେ ବନ ବିଭାଗ ଦିନରାତି ଏକ କରିଦେଇଥିଲା। ମାତ୍ର ୨୫ ଦିନ ତଳୁ ଏହି ହାତୀ ମୃତ୍ୟୁ ବିଷୟରେ କିପରି ଜାଣିପାରିଲା ନାହିଁ; ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମାତ୍ର ବିଦ୍ୟୁତ ବିଭାଗ ବିଦ୍ୟୁତ ମରାମତି ନାମରେ ମାସରେ ଦୁଇ ଥର ସକାଳ ୮ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ବିଦ୍ୟୁତ କାଟ କରୁଥିଲେ ମଧ୍ୟ କିପରି ତାଙ୍କ ନଜର ଏ ଘଟଣା ଉପରେ ପଡ଼ିଲା ନାହିଁ ତାହା ସମସ୍ତଙ୍କୁ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ଦୁଇ ଚାଷୀଙ୍କୁ...

ଆତଙ୍କ ଖେଳି ଯାଇଥିଲା। ଲୋକେ ଧାନ ଜମିକୁ ସୁରକ୍ଷା ଦେବା ପାଇଁ ଏକାଠି ହେଉଥିବା ବେଳେ ବରିକୋ ଗ୍ରାମର ଲକ୍ଷ୍ମୀଧର ଓ ପାରିଓରଡ଼ଗ୍ରାମର କୃଷ୍ଣଚନ୍ଦ୍ର ସାଙ୍ଗ ହୋଇ ଜମିକୁ ଯାଇଥିଲେ।ଚାଷ ଜମି ନିକଟରେ ଦୁହେଁ ବସିଥବା ବେଳେ ରାତି ପ୍ରାୟ ସାଢେ ୧୨ଟା ସମୟରେ ହାତୀପଲ ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ଚାଷ ଜମିରେ ଦୁହିଁଙ୍କର ମୃତ୍ୟୁ ହୋଇଥିଲା।କୃଷ୍ଣଚନ୍ଦ୍ର ଓ ଲକ୍ଷ୍ମୀଧର ଘରକୁ ଫେରିବାରେ ବିଳମ୍ବ ହେବାରୁ ଲୋକମାନେ ତାଙ୍କୁ ଖୋଜାଖୋଜି କରିଥିଲେ। ସୋମବାର ସକାଳୁ ସେମାନଙ୍କ ମୃତ ଦେହ ଚାଷ ଜମିରେ ଲୋକେ ଠାବ କରିଛନ୍ତି। ଖବର ପାଇ ପୁଲିସ ସହ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚିଠିଚ ତଦନ୍ତ କରିଛନ୍ତି। ଟାଙ୍ଗୀ ତହସିଲ ତରଫରୁ ପ୍ରତ୍ୟେକ ମୃତ ବ୍ୟକ୍ତିଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଯୋଗାଇ ଦିଆଯାଇଥିବା ବେଳେ ୭ଦିନ ମଧ୍ୟରେ ପ୍ରତ୍ୟେକ ପରିବାରକୁ ୬୦ ହଜାର ଟଙ୍କା ଓ ଅବଶିଷ୍ଟ ୫ ଲକ୍ଷ ୪୦ ହଜାର ଟଙ୍କା ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ଟାଙ୍ଗୀ ରେଞ୍ଜର ଦେବାଶିସ ଭୋଇ ସୂଚନା ଦେଇଛନ୍ତି। ତେବେ ବିଳମ୍ବିତ ରାତିରେ ଦୁଇଟି ସୁରକ୍ଷା ଟିମ୍ ପଠାଯାଇଥିବା ରେଞ୍ଜର ଶ୍ରୀ ଭୋଇ ମଧ୍ୟ ସୂଚନା ଦେଇଛନ୍ତି।

### ମୁଖ୍ୟ ଅଭିଯୁକ୍ତ ସମୀରକୁ...

୨୦୨୦ ମସିହା ପର୍ଯ୍ୟନ୍ତ ଦୀର୍ଘ ୧୦ ବର୍ଷ କାରାଦଣ୍ଡ ଭୋଗିସାରିଛି। ପରେ ସୁପ୍ରିମ କୋର୍ଟଙ୍କ ଠାରୁ ଜାମିନ ପାଇ ମୁକୁଳିଥିଲା। ସୂଚନାଯୋଗ୍ୟ ଯେ, ୨୦୧୦ ମସିହା ନଭେମ୍ବର ୨୬ତାରିଖ ରାତିରେ ପାଟ୍ରୋଲିଂ ସମୟରେ ତତ୍କାଳୀନ ଶେରଗଡ଼ ଫାଣ୍ଡି ଅଧିକାରୀ ତଥା ସବ୍ ଇନ୍ସପେକ୍ଟର ମନୋରଞ୍ଜନ ମିଶ୍ରଙ୍କ ସହିତ କିଛି ଯୁବକଙ୍କ ବଚସା ହୋଇଥିଲା। ଏହି ସମୟରେ ହଠାତ୍ ଉତ୍ତ୍ୟକ୍ତ ହୋଇ ଯୁବକମାନେ ପୁଲିସ ଅଧିକାରୀ ମନୋରଞ୍ଜନ ମିଶ୍ରଙ୍କୁ ଗୁଳିକରି ହତ୍ୟା କରିଥିଲେ। ଏହି ଘଟଣାରେ ପୁଲିସ ଅଭିଯୁକ୍ତ ସୁଶାନ୍ତ ବେହେରା, ସୁନୀଲ ପାଣିଗ୍ରାହୀ ଓରଫ୍ ସୁନୀଲ ବେହେରା ଓ ସମୀର ପଣ୍ଡାକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲାଟି ଆସିକା ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ପି.କେ. ଚୌଧୁରୀଙ୍କ କୋର୍ଟରେ ଚାଲୁରହିଥିଲା। ଘଟଣାର ଦୀର୍ଘ ୧୩ବର୍ଷ ପରେ ଅର୍ଥାତ୍ ଗତ ନଭେମ୍ବର ୧୫ ତାରିଖରେ ଏହି ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଥିଲା। ମାମଲାର ବିଚାରଣା ବେଳେ ମୋଟ ୨୨ଜଣ ସାକ୍ଷ୍ୟଙ୍କ ବୟାନ ରେକର୍ଡ କରାଯାଇଥିଲା। ସାକ୍ଷ୍ୟ ଓ ପ୍ରମାଣ ଅଭାବରୁ ସୁନୀଲ ପାଣିଗ୍ରାହୀ ଓରଫ୍ ସୁନୀଲ ବେହେରାଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଥିବା ବେଳେ ଅନ୍ୟଜଣେ ଅଭିଯୁକ୍ତ ସୁଶାନ୍ତ ବେହେରାକୁ ଉପଯୁକ୍ତ ସାକ୍ଷ୍ୟ ଓ ପ୍ରମାଣ ବଳରେ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ କୋର୍ଟ। ତେବେ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ସମୀର ପଣ୍ଡା ସୁପ୍ରିମ କୋର୍ଟଙ୍କ ଠାରୁ ସର୍ତ୍ତମୂଳକ ଜାମିନ ପାଇ ଜେଲରୁ ମୁକୁଳି ଥିବାବେଳେ ରାୟ ପ୍ରକାଶ ଦିନ କୋର୍ଟରେ ହାଜର ନହୋଇ ଫେରାର ହୋଇଯାଇଥିଲା। ଫଳରେ କୋର୍ଟ ଫେରାର ଅଭିଯୁକ୍ତ ସମୀର ପଣ୍ଡା ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରିଥିଲେ। ସୋମବାର ସମୀରକୁ କଡ଼ା ସୁରକ୍ଷା ମଧ୍ୟରେ ଆସିକା ଜେଲରୁ କୋର୍ଟରେ ହାଜର କରାଯାଇଥିଲା। ସମୀରର ଉପସ୍ଥିତିରେ ଗତ ନଭେମ୍ବର ୧୫ତାରିଖରେ ହୋଇଥିବା ରାୟ, ଯାହା ବନ୍ଦ ଲଫାପାରେ ସଂରକ୍ଷିତ ରଖାଯାଇଥିଲା ତାହାକୁ ଖୋଲାଯାଇ ଶୁଣାଯାଇଥିଲା। ପୂର୍ବ ରାୟ ପ୍ରକାରେ ସମୀରକୁ ଉପଯୁକ୍ତ ସାକ୍ଷ୍ୟ ଓ ପ୍ରମାଣ ଭିତ୍ତିରେ କୋର୍ଟ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିବା ପବ୍ଲିକ ପ୍ରସିକ୍ୟୁଟର ତ୍ରିଲୋଚନ ପରିଡ଼ା କହିଛନ୍ତି।

### ଗୋଟିଏ ଦିନ ବଢ଼ିଲା...

ବଢ଼ିବା ପରେ ବ୍ୟବସାୟୀ ଓ ଜନସାଧାରଣଙ୍କ ମଧ୍ୟରେ ଖୁସିର ମାହୋଲ୍ ଦେଖିବାକୁ ମିଳିଛି। ଜିଲ୍ଲା ପ୍ରଶାସନ, ମହାନଗର ନିଗମ, ସିଡିଏ କର୍ତ୍ତୃପକ୍ଷ ଓ କମିଶନରେଟ୍ ପୁଲିସ ଆଉ ଗୋଟିଏ ଦିନର ଯାତ୍ରା ପ୍ରସ୍ତୁତି ଚଳାଇଛନ୍ତି।

### ଦକ୍ଷିଣ ଓଡ଼ିଶାରେ...

ବେଗ ୯୦-୧୦୦ କିମି ଓ ଝଟକା ପବନ ୧୧୦ କିମି ପର୍ଯ୍ୟନ୍ତ ଯାଇପାରେ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି।

ମଙ୍ଗଳବାର କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ମଧ୍ୟ ଜାରି ହୋଇଛି। ଅନୁରୂପ ଭାବରେ ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ ଓ ପୁରୀ ଜିଲ୍ଲାରେ ପ୍ରବଳ ବର୍ଷା ଆଶଙ୍କା ଥିବାରୁ ୟେଲୋ ଆଲର୍ଟ ଜାରି କରାଯାଇଛି। ବୁଧବାର ଗଜପତି, ଗଞ୍ଜାମ, ପୁରୀ ଓ ଜଗତସିଂହପୁର ଜିଲ୍ଲାରେ ପବନର ବେଗ ବଢ଼ି ୪୦-୫୦ ଓ ଝଟକା ପବନ ୬୦ କିମି ପର୍ଯ୍ୟନ୍ତ ପହଞ୍ଚିବାର ଥିବା ବେଳେ ମାଲକାନଗିରି, କୋରାପୁଟ ଓ ରାୟଗଡ଼ାରେ ଏହା ୩୦-୪୦ ଓ ଝଟକା ପବନ ୫୦ କିମି ଛିଇଁପାରେ ବୋଲି ପାଣିପାଗ କେନ୍ଦ୍ର କହିଛି। ଅନ୍ୟପଟେ ପ୍ରବଳ ବର୍ଷାକୁ ଆଶଙ୍କା ଥିବା ଯୋଗୁଁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ରାଜ୍ୟର ଚାଷୀଙ୍କ ପାଇଁ ସତର୍କ ସୂଚନା ଜାରି କରିଛି। ଅମଳ ହୋଇଥିବା ଧାନ, ପନିପରିବା, ପୁଷ୍ଟିଶସ୍ୟ, କପା ଓ ଅନ୍ୟାନ୍ୟ ଫସଲକୁ ଘରକୁ ନେଇ ଯିବାକୁ କୁହାଯାଇଛି। ପନିପରିବା ଜମିରୁ ପାଣି ନିଷ୍କାସନର ବ୍ୟବସ୍ଥା କରିବାକୁ ପାଣିପାଗ ବିଭାଗ ପରାମର୍ଶ ଦେଇଛି।

### ମିଜୋରାମ ନିର୍ବାଚନରେ...

ଶାସକ ଦଳ ମିଜୋ ନ୍ୟାସନାଲ ଫ୍ରଣ୍ଟ(ଏମଏନଏଫ୍)କୁ ମାତ୍ର ୧୦ଟି ଆସନ ମିଳିଥିଲା ବେଳେ ବିଜେପିକୁ ଦୁଇ ଏବଂ କଂଗ୍ରେସ ଗୋଟିଏ ଆସନରେ ବିଜୟୀ ହୋଇଛି। ଏମଏନଏଫ୍ର ପରାଜୟ ପରେ ମୁଖ୍ୟମନ୍ତ୍ରୀ ଜେରାମଥଙ୍ଗ ସୋମବାର ସନ୍ଧ୍ୟାରେ ରାଜ୍ୟପାଳଙ୍କୁ ଭେଟି ନିଜର ଇସ୍ତଫାପତ୍ର ଦେଇଛନ୍ତି। ଅନ୍ୟପକ୍ଷରେ ଜେଡ୍‌ପିଏମ୍ ମୁଖ୍ୟ ଲାଲଦୁହୋମାଙ୍କ ନେତୃତ୍ୱରେ ସରକାର ପ୍ରତିଷ୍ଠା କରିବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ନିର୍ବାଚନରେ ଜେଡ୍‌ପିଏମ୍ ଉଲ୍ଲେଖନୀୟ ବିଜୟ ହାସଲ କରିଥିବାରୁ ପୂର୍ବତନ ଆଇପିଏସ୍ ଅଧିକାରୀ ତଥା ଏହାର ମୁଖ୍ୟ ଲାଲଦୁହୋମା ରାଜ୍ୟବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଲାଲଦୁହୋମା ଗୋଆରେ ବରିଷ୍ଠ ଆଇପିଏସ୍ ଭାବେ କାର୍ଯ୍ୟ କରିବା ପରେ ରାଜନୀତିରେ ପ୍ରବେଶ କରିବା ସହିତ କଂଗ୍ରେସରେ ଯୋଗ ଦେଇଥିଲେ। ଏହାପରେ ସେ ମିଜୋରାମରେ କିଛି ସ୍ଥାନୀୟ ସଂଗଠନକୁ ଏକାଠି କରି ଜୋରାମ ପିପୁଲ୍ସ ମୁଭମେଣ୍ଟ ନାମରେ ଦଳ ଗଠନ କରିଥିଲେ।

### ଯଜ୍ଞସ୍ଥଳ ନିରୂପିତ...

ଶ୍ରୀମନ୍ଦିର ଈଶାନ୍ୟ କୋଣରେ ଏହି ଯଜ୍ଞସ୍ଥଳ ନିରୂପଣ କରାଯାଇଛି। ଶ୍ରୋତ୍ରୀୟ ବ୍ରାହ୍ମଣ, ରାଜଗୁରୁ, ଶ୍ରୀମନ୍ଦିର ପୁରୋହିତ ଏହି ସ୍ଥାନ ଚିହ୍ନଟ କରିଛନ୍ତି।

ପରିକ୍ରମା ପ୍ରକଳ୍ପ ପ୍ରତିଷ୍ଠା ଉତ୍ସବ ପାଇଁ ଶ୍ରୀମନ୍ଦିର ଈଶାନ୍ୟ କୋଣ ଅର୍ଥାତ୍ ଉତ୍ତର ଦ୍ୱାର ନିକଟରେ ଯଜ୍ଞକୁଣ୍ଡ କରାଯିବ। ଜାନୁୟାରୀ ୧୨ରୁ ଯଜ୍ଞାଦି କର୍ମ ଆରମ୍ଭ ହେବ। ୧୫ତାରିଖରୁ ହୋମଯଜ୍ଞ କରାଯିବ। ସକାଳ ସାଢ଼େ ୭ଟାରେ ଅଖଣ୍ଡ ଦୀପ ସ୍ଥାପନ, ପଞ୍ଚକର୍ମ, ବ୍ରାହ୍ମଣ ବରଣ, ମଣ୍ଡଳ ପୂଜନ, ଅପରାହ୍ନ ୩ଟାରେ ବୈଷ୍ଣବ ନାମାଗ୍ନି ସଂସ୍କାର, ଆରତି ଓ ପୁଷ୍ପାଞ୍ଜଳି, ୧୬ ତାରିଖରେ ସୂର୍ଯ୍ୟପୂଜା, ଧରିତ୍ରୀ ପୂଜା, ଗୋ ପୂଜା, ଶାଳା ପ୍ରବେଶ, ପଞ୍ଚକର୍ମ, ମଣ୍ଡଳ ପୂଜା, ହବନ, ଆରତି, ପୁଷ୍ପାଞ୍ଜଳି ଏବଂ ୧୭ ତାରିଖରେ ଯଜ୍ଞ ପୂର୍ଣ୍ଣାହୁତି ହେବ। ଏହିଦିନ ସକାଳ ସାଢ଼େ ୭ଟାରେ ସୂର୍ଯ୍ୟପୂଜା, ଧରିତ୍ରୀ ପୂଜା, ଗୋ-ପୂଜା, ପଞ୍ଚକର୍ମ, ବାସ୍ତୁ ଶୋଧନ, ଅଧିବାସ, ଫଳକ ଲୋକାର୍ପଣ, ଅପରାହ୍ନ ସାଢ଼େ ୧ଟାରୁ ୨ଟା ୨୫ମଧ୍ୟରେ ପୂର୍ଣ୍ଣାହୁତି, ଆରତି ଓ ପୁଷ୍ପାଞ୍ଜଳି ଦିଆଯିବ ବୋଲି ସମୟ ନିର୍ଘଣ୍ଟ ହୋଇଛି।

ସୋମବାର ଅପରାହ୍ନରେ ଶ୍ରୋତ୍ରୀୟ ବ୍ରାହ୍ମଣ, ରାଜଗୁରୁ, ଶ୍ରୀମନ୍ଦିର ପୁରୋହିତଙ୍କ ସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ, ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ସମେତ ପରିଚାଳନା କମିଟି ସଦସ୍ୟ ପ୍ରମୁଖ ସାମିଲ ରହି ଯଜ୍ଞସ୍ଥଳ ପରିଦର୍ଶନ କରିଥିଲେ। କେଉଁଠି କ’ଣ କରାଯିବ, ସେହି ସ୍ଥଳରେ ହିଁ ଆଲୋଚନା କରିଥିଲେ।

ଶ୍ରୀମନ୍ଦିର ଚାରିଦ୍ୱାରରେ ବେଦପାଠ କରାଯିବ। ପୂର୍ବ ତଥା ସିଂହଦ୍ୱାରରେ ଋଗ୍‌ବେଦ, ଦକ୍ଷିଣ ତଥା ଘୋଡ଼ାଦ୍ୱାରରେ ଯଜୁଃବେଦ, ପଶ୍ଚିମ ତଥା ବାଘ ଦ୍ୱାରରେ ସାମ୍ ବେଦ ଏବଂ ଉତ୍ତର ତଥା ହାତୀଦ୍ୱାରରେ ଅଥର୍ବ ବେଦ ପାଠ ହେବ। ସେଦିନ ଓଡ଼ିଶାର ପୁରପଲ୍ଲୀରେ ଜଗନ୍ନାଥଙ୍କୁ ନେଇ କିଛି ନା କିଛି କାର୍ଯ୍ୟକ୍ରମ କରାଯିବ। ପୁରୀ ତଥା ବିଭିନ୍ନ ସ୍ଥାନରୁ ସଂକୀର୍ତ୍ତନ ମଣ୍ଡଳୀ ଆସି ମନ୍ଦିର ଚତୁଃପାର୍ଶ୍ୱରେ ପ୍ରଦକ୍ଷଣ କରି ନାମ ସଂକୀର୍ତ୍ତନ କରିବେ।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାକ ଶ୍ରୀ ଦାସ କହିଛନ୍ତି, ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଯଜ୍ଞ ପାଇଁ ସ୍ଥାନ ଚିହ୍ନଟ ସରିଛି। ମାପଚୁପ ସହ ଅଧିକାରୀ କ୍ଷେତ୍ର ପରିଦର୍ଶନ କରିଛନ୍ତି। ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବ। ଡିସେମ୍ବର ୧୫ ସୁଦ୍ଧା ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ସରିବ। ପ୍ରକଳ୍ପ ପାଇଁ ଜମିଦାନ କରିଥିବା ଜମିଦାତା, ନିୟୋଜିତ ଅଧିକାରୀ ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯିବ। ସାଧୁସନ୍ଥ ଓ ମଠାଧୀଶଙ୍କ ଦ୍ୱାରା ଅଖଣ୍ଡ ନାମ ଓ ସଂକୀର୍ତ୍ତନ କରାଯିବ।

### ପଦ୍ମପୁର ହେବ...

ସହ ଅଧିକାରୀମାନେ ବିସ୍ତୃତ ଭାବେ ସମୀକ୍ଷା କରିଛନ୍ତି। ଜିଲ୍ଲାପାଳ କାର୍ଯ୍ୟାଳୟ, ଅନ୍ୟ ସମସ୍ତ କାର୍ଯ୍ୟାଳୟ ଓ ସରକାରୀ କ୍ୱାର୍ଟର୍ ନିର୍ମାଣ ପାଇଁ ଆବଶ୍ୟକ ଭିତ୍ତିଭୂମି ଦୃଷ୍ଟିରୁ ଏହି ସ୍ଥାନଗୁଡ଼ିକ କେତେଦୂର ଉପଯୁକ୍ତ ହୋଇପାରିବ, ସେ ନେଇ ଆଲୋଚନା କରିଛନ୍ତି।

ସ୍ଥାନ ନିରୂପଣ ୧୧ ଜଣିଆ କମିଟିରେ ଜିଲ୍ଲାପାଳ ମନୀଷା ବାନାର୍ଜୀ, ଅତିରିକ୍ତ ଜିଲ୍ଲାପାଳ ଲଲାଟ କୁମାର ଲୁହା, ଉପଜିଲ୍ଲାପାଳ ଆଲୋକ ପଟେଲ, ବରଗଡ଼ ରାସ୍ତା ଓ ପୂର୍ତ୍ତ ବିଭାଗର ଅଧୀକ୍ଷକ ଯନ୍ତ୍ରୀ, ପଦ୍ମପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷକ ଯନ୍ତ୍ରୀ, ପଦ୍ମପୁର ତହସିଲଦାରଙ୍କ ସମେତ ଅନ୍ୟ ଅଧିକାରୀ ରହିଛନ୍ତି। ଏହି ୧୧ଜଣିଆ କମିଟି ବିଶଦ୍ ଆଲୋଚନା ପରେ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବ।

# ହାତୀ ପାଇଁ ଅନ୍ଧାରରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ

ତେଲକୋଇ, ୪।୧୨(ସମିସ)

ବନବିଭାଗ ଓ ବିଦ୍ୟୁତ ବିଭାଗର ମନମାନି ଯୋଗୁଁ ୧୩ ପଞ୍ଚାୟତର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଏବେ ଅନ୍ଧାର ଭିତରକୁ ଠେଲି ହୋଇଯାଇଛି। ହାତୀ ସୁରକ୍ଷା ଆଳରେ ସଞ୍ଜ ନଇଁଲେ ଖୁଣ୍ଟାପଡ଼ା ଠାରୁ କାଳିଆହତା ପର୍ଯ୍ୟନ୍ତ ୧୩ଟି ପଞ୍ଚାୟତର ୧୦୦ରୁ ଊର୍ଦ୍ଧ୍ୱ ଗାଁ ଅନ୍ଧାରରେ ବୁଡି ଯାଉଛି। ଫଳରେ ସାଧାରଣ ଲୋକଙ୍କ ସହିତ ହଜାର ହଜାର ଛାତ୍ରଛାତ୍ରୀ ପ୍ରଭାବିତ ହେଉଛନ୍ତି।

କେନ୍ଦୁଝର ବନଖଣ୍ଡରେ ମାସକ ଭିତରେ ବିଦ୍ୟୁତ ଆଘାତରେ ୩ ହାତୀଙ୍କ ମୃତ୍ୟୁ ପରେ ଲୋକଙ୍କ ଉପରେ ଦାଉ ସାଧୁଛି ବନବିଭାଗ। ହାତୀଙ୍କୁ ସଠିକ ଭାବେ ନିରୀକ୍ଷଣ କରି ଜନବସତିରୁ ଜଙ୍ଗଲକୁ ଘଉଡ଼ାଇବାରେ ବିଫଳ ବନବିଭାଗ ନିଜ ମୁଣ୍ଡରୁ ଦୋଷ ହଟାଇବା ପାଇଁ ଏଭଳି ପଦକ୍ଷେପ ନେଇଥିବା ଲୋକେ ଅଭିଯୋଗ କରିଛନ୍ତି। ଜନବସତି ଅଞ୍ଚଳରୁ ହାତୀଙ୍କୁ ନ ଘଉଡ଼ାଇ ବିଦ୍ୟୁତକାଟ କରି ଦୁଇ ବିଭାଗ ନିଶ୍ଚିତ ହୋଇ ଶୋଇପଡୁଛନ୍ତି। ବିଦ୍ୟୁତ ଭଳି ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି ସାଧାରଣ ଲୋକେ। ଅନ୍ୟ ପକ୍ଷରେ ସନ୍ଧ୍ୟା ୫ଟାରୁ ସକାଳ ୭ଟା ପର୍ଯ୍ୟନ୍ତ ବିଦ୍ୟୁତ କାଟ୍ କରିବା ଫଳରେ ରୋଷେଇ ବାସଠାରୁ ଆରମ୍ଭ



କରି ପିଲାଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ୧୩ଟି ପଞ୍ଚାୟତରେ ପ୍ରାଇମେରୀ ସ୍କୁଲ ଓ ହାଇସ୍କୁଲ ମିଶି ୧୩୬ଟି ସ୍କୁଲ ରହିଥିବା ବେଳେ ତିନୋଟି କଲେଜ ମଧ୍ୟ ରହିଛି। ଏହି ସ୍କୁଲ ଓ କଲେଜରେ ୧୫ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଏମାନଙ୍କ ଭବିଷ୍ୟତ ଏବେ ଅନିଶ୍ଚିତତା ଭିତର ଦେଇ ଗତି କରୁଛି। ଆଗକୁ ପ୍ରଥମ ଶ୍ରେଣୀ ଠାରୁ ଆରମ୍ଭ କରି କଲେଜ ପର୍ଯ୍ୟନ୍ତ ପିଲାଙ୍କ ପରୀକ୍ଷା ଆସୁଥିବାରୁ ପରୀକ୍ଷା କେମିତି ଦେବେ ସେନେଇ ଛାତ୍ରଛାତ୍ରୀ ଚିନ୍ତାରେ ପଡ଼ିଛନ୍ତି। ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ନେଇ ବନବିଭାଗ ଖାମଖିଆଲି ମନୋଭାବ ପୋଷଣ କରୁଛି। ସେପଟେ କିରୋସିନି ମିଳୁନଥିବାରୁ ଡିବିରି ଓ ଲଣ୍ଠନ ଜାଳିବା ଲୋକଙ୍କ ପକ୍ଷରେ କଷ୍ଟକର ହୋଇପଡ଼ିଥିବା ବେଳେ ପିଲାଙ୍କ ପାଠପଢ଼ା ଏବେ ଚୁଲିକି ଗଲାଣି। ସେପଟେ ସରକାର ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ସ୍କୁଲ ଓ କଲେଜ ଗୁଡିକୁ ରୁପାନ୍ତରଣ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଏଠି ବନବିଭାଗ ନିଜର କର୍ତ୍ତବ୍ୟ ନକରି ହାତୀ ସୁରକ୍ଷା ଆଳରେ ବିଦ୍ୟୁତ କାଟ କରି ପିଲାଙ୍କ ଭବିଷ୍ୟତକୁ ନଷ୍ଟ କରୁଥିବା ଦେଖିବାକୁ ମିଳୁଛି। ସରକାରୀ ଗାଇଡ୍‌ଲାଇନ ଅନୁଯାୟୀ ରାତ୍ର ସମୟରେ ଯେଉଁ ଅଞ୍ଚଳରେ ହାତୀପଲଙ୍କ ଚଳପ୍ରଚଳ ରହିଛି ସେ ଅଞ୍ଚଳକୁ ବିଦ୍ୟୁତ ସରୋବରାହ ବନ୍ଦ ରଖାଯିବ। ହେଲେ ଏଠି ସେ ନିୟମକୁ ଫୁ କରି ଉଡ଼ାଇ ଦେଉଛି ବନବିଭାଗ। ଏକ ମାସରୁ ଅଧିକ ସମୟ ଧରି ଖୁଣ୍ଟାପଡ଼ା, ଆକୁଳ, ଦେଉଳଡିହା, କରଦାଙ୍ଗି, ଡିମକାଣ୍ଡ, ସିରିଗିଡା, ବିମଳା, ବଳଭଦ୍ରପୁର, ରାଇସୁଆଁ, ପଡ଼ାଙ୍ଗ, କରମଙ୍ଗୀ, ପୁରୁଯୋଡା, କାଳିଆହତା ଆଦି ୧୩ ପଞ୍ଚାୟତକୁ ସନ୍ଧ୍ୟା ସମୟରୁ ବିଦ୍ୟୁତ କାଟ କରିବା ପାଇଁ ବନବିଭାଗ ଟାଟାପାୱାରକୁ ନିର୍ଦ୍ଦେଶ ଦେଇ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହିତ ଖେଳଖେଳୁଛି। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଆଗକୁ ସାଧାରଣ ନିର୍ବାଚନ ଆସୁଥିବାରୁ ଏହାର ପ୍ରଭାବ ନିର୍ବାଚନ ଉପରେ ପଡ଼ିବାର ଆଶଙ୍କା ରହିଛି ବୋଲି ବୁଦ୍ଧିଜୀବୀ ଆଶଙ୍କା ପ୍ରକାଶ କରିଛନ୍ତି।

ଏସମ୍ପର୍କରେ ସହକାରୀ ବନ ସଂରକ୍ଷକଙ୍କୁ ପଚାରିବାରୁ ହାତୀ ଆଉ ଲୋକଙ୍କ ସୁରକ୍ଷା ପାଇଁ ଏଭଳି ପଦକ୍ଷେପ ନିଆଯାଉଛି ବୋଲି କହି ଦାୟିତ୍ୱହୀନ ମନ୍ତବ୍ୟ ଦେଇଛନ୍ତି। ହେଲେ ଏଠି ହାତୀ ସୁରକ୍ଷିତ ହେଉଥିବା ବେଳେ ପିଲାଙ୍କ ଭବିଷ୍ୟତ ଅସୁରକ୍ଷିତ ଆଡକୁ ଗତିକରୁଛି। ତେବେ ଟାଟାପାୱାର ପାୱାର କନିଷ୍ଠ ଯନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ନିର୍ବାହୀ ଯନ୍ତ୍ରୀ ପର୍ଯ୍ୟନ୍ତ ଏସମ୍ପର୍କରେ ମୁହଁ ଖୋଲି ବାକୁ ସିଧାସିଧା ମନାକରିଦେଇଛନ୍ତି। ତେବେ କେବେ ସରକାର ପ୍ରଭାବିତ ଏହି ୧୩ ପଞ୍ଚାୟତ ଲୋକଙ୍କ ସହିତ ପିଲାଙ୍କ ଭବିଷ୍ୟତ ବିଷୟରେ ଚିନ୍ତା କରିବେ ଏବଂ ବିଦ୍ୟୁତ କାଟକୁ ବନ୍ଦ କରି ଛାତ୍ରଛାତ୍ରୀଙ୍କୁ ସନ୍ଧ୍ୟାରୁ ସକାଳ ପର୍ଯ୍ୟନ୍ତ ବିଦ୍ୟୁତ ଯୋଗାଣ କରିବେ ତାହା ଦେଖିବାକୁ ବାକି ରହିଲା।

## ହାଇୱା ପଛରେ ପିଟିହେଲା ଟ୍ରକ୍

**ବାଲିବନ୍ଧ, ୪।୧୨ (ସମିସ):** ୨୦ନମ୍ବର ଜାତୀୟ ରାଜପଥ ଝୁମ୍ପୁରା ଥାନା ସିଜୁକଳା ନିକଟରେ ସୋମବାର ଭୋର ୪ଟା ସମୟରେ ଏକ ହାଇୱା ଗାଡି ପଛରେ ଟ୍ରକ୍ ଧକ୍କା ଦେବା ଯୋଗୁଁ ଦୁର୍ଘଟଣା ଘଟିଛି। ଫଳରେ ଟ୍ରକ୍ ଚାଳକର ବାମ ଗୋଡ଼ ଭାଙ୍ଗି ଚୁର୍‌ମାର ହୋଇଯାଇଛି। ସୂଚନା ମୁତାବକ ହାଇୱା ଗାଡି (ନଂ ଓଡି୦୯ଭି୨୪୧୦) ଝୁମ୍ପୁରା ପଟୁ ରିମୁଳି ଅଭିମୁଖେ ଯାଇଉଥିବା ବେଳେ ପଛରେ ଦ୍ରୁତଗତିରେ ଯାଉଥିବା ୧୪ ଚକିଆ ଟ୍ରକ (ଓଡି୦୪ଏନ୦୬୭୫) ଗାଡି ଭାରସାମ୍ୟ ହରାଇ ହାଇୱା ପଛରେ ଧକ୍କା ଦେଇଥିଲା। ଏତେ ଭୟଙ୍କର ଧକ୍କା ହୋଇଥିଲା ଯେ ଟ୍ରକର ଇଞ୍ଜିନ୍



ଓ କ୍ୟାବିନ ମିଶିଯାଇଥିଲା। ତ'ଭିତରେ ଟ୍ରକ ଚାଳକ ଚାପି ହୋଇଯିବାରୁ ତାର ବାମ ଗୋଡ ଭାଙ୍ଗି ଚୁର୍‌ମାର ହୋଇଯାଇଛି। ସ୍ଥାନୀୟ ଲୋକ ଚାଳକକୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗ ଝୁମ୍ପୁରା ଡାକ୍ତରଖାନାକୁ ପଠାଇଥିଲେ। ପ୍ରାଥମିକ ଚିକିତ୍ସାପରେ ଚାଳକକୁ କେନ୍ଦୁଝର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଖବର ପାଇ ଝୁମ୍ପୁରା ପୁଲିସ ଘଟଣାସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତ ଅନୁଧ୍ୟାନ କରିବା ସହ ଏକ ମାମଲା ରୁଜୁ କରି ଗାଡି ଦୁଇଟିକୁ ଜବତ କରିଛି।

## ଦୁର୍ଘଟଣାରେ ପୂର୍ବତନ ସରପଞ୍ଚ ଗୁରୁତର

**ଘସିପୁରା, ୪।୧୨(ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ କେଶଦୁରାପାଳ ଗ୍ରାମର ପୂର୍ବତନ ସରପଞ୍ଚ ପର୍ଶୁରାମ ମହାରଣା (୫୨) ଦୁର୍ଘଟଣାର ଶିକାର ହୋଇଛନ୍ତି। ସେ ଆଜି ଦିନ ୧୧ଟା ସମୟରେ ଘସିପୁରା ବ୍ଲକ କାର୍ଯ୍ୟାଳୟକୁ ଏକ ବାଇକ୍ ଯୋଗେ



ଆସୁଥିବା ସମୟରେ ହାତୀଶିଳା ଗାଁ ବାଙ୍କ ନିକଟରେ ଦୁର୍ଘଟଣାର ଶିକାର ହୋଇଥିଲେ। ସ୍ଥାନିୟ ଲୋକେ ଗୁରୁତର ଆହତ ଅବସ୍ଥାରେ ଉଦ୍ଧାର କରି ସଙ୍ଗେସଙ୍ଗେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଉନ୍ନତ ଚିକିତ୍ସା ପାଇଁ ଡାକ୍ତର କଟକ ସ୍ଥାନାନ୍ତର କରିଛନ୍ତି। ଦୁର୍ଘଟଣାରେ ପର୍ଶୁରାମଙ୍କ ଡାହାଣ ଗୋଡ଼ ଭାଙ୍ଗି ଯିବା ସହ ଅନେକ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିବା ସୂଚନା ମିଳିଛି। ଖବର ପାଇ ଉପଖଣ୍ଡ ଚିକିତ୍ସାଳୟରେ ଅନେକ ଜଣାଶୁଣା ବ୍ୟକ୍ତି ପହଞ୍ଚି ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି।

## କୋଲିମାଟି ବାଇକ୍ ଧକ୍କାରେ ୨ ଗୁରୁତର

**ଆନନ୍ଦପୁର, ୪।୧୨(ସମିସ):** ୨୦ ନମ୍ବର ଜାତୀୟ ରାଜପଥର କୋଲିମାଟି ଛକ ନିକଟରେ ଆଜି ଏକ ସଡ଼କ ଦୁର୍ଘଟଣାରେ ୨ ଜଣ ବାଇକ୍ ଆରୋହୀ ଗୁରୁତର ଆହତ ହୋଇ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତର ହୋଇଥିବା ଜଣାଯାଇଛି। ଢେଙ୍କାନାଳ ଅଞ୍ଚଳର ରିଙ୍କୁ ଦାସ ଓ ସୌମ୍ୟରଞ୍ଜନ ସାହୁ କେନ୍ଦୁଝରରୁ ବାଇକ୍ ଯୋଗେ ଫେରୁଥିବା ବେଳେ କୋଲିମାଟି ନିକଟରେ ଏକ ପିକଅପ ଭ୍ୟାନ ପଛପଟୁ ଧକ୍କା ଦେବାରୁ ୨ ବାଇକ୍ ଆରୋହି ଆହତ ହୋଇପଡ଼ିଥିଲେ। ସ୍ଥାନୀୟ ଯୁବକ ମାନଙ୍କ ସହଯୋଗରେ ପୁଲିସ ଆହତମାନଙ୍କୁ ଉଦ୍ଧାର କରି ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ଉଭୟଙ୍କର ଅବସ୍ଥା ଉଦ୍‌ବେଗଜନକ ଥିବାରୁ କଟକ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି।

## ରାଣୀ ଲକ୍ଷ୍ମୀବାଇ ଆତ୍ମରକ୍ଷା ପ୍ରଶିକ୍ଷଣ ଉଦ୍‌ଯାପିତ



**ଆନନ୍ଦପୁର, ୪।୧୨(ସମିସ):** ଆନନ୍ଦପୁର ବ୍ଲକ ଶାଳବଣୀ ଗ୍ରାମପଞ୍ଚାୟତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମେ ୫ ଦିନିଆ ରାଣୀ ଲକ୍ଷ୍ମୀବାଇ ଆତ୍ମରକ୍ଷା ପ୍ରଶିକ୍ଷଣ ଉଦଯାପିତ ହୋଇଯାଇଛି। ବିଦ୍ୟାଳୟର ଷଷ୍ଠ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୨୧୪ ଜଣ ଛାତ୍ରୀ ଏହି ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରିଥିଲେ। ପ୍ରଧାନ ଶିକ୍ଷକ ପ୍ରସନ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣରେ ଫକୀରପୁର ବାଳିକା ବିଦ୍ୟାଳୟର ଶିକ୍ଷୟିତ୍ରୀ ମିନତୀ କୁମାର ତ୍ରିପାଠୀ ଏବଂ ତରତରା ପଞ୍ଚାୟତ ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ କଳ୍ପନା ବରାଳ ପ୍ରମୁଖ ପ୍ରଶିକ୍ଷକଙ୍କ ଉପସ୍ଥିତିରେ ଆତ୍ମରକ୍ଷା ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଶ୍ରୀଧର ମହାରଣା, ରାଜୀବ ନାୟକ, ପଦ୍ମଲୋଚନ ବାରିକ, ସରୋଜ କୁମାର ସାହୁ, ନାରାୟଣ ସାହୁ, ସତ୍ୟବ୍ରତ ନାଥ, ଶିକ୍ଷୟତ୍ରୀ ଜାନକୀ ସାହୁ, ସୁଚିତ୍ରା ସାହୁ, ଦେବସ୍ମିତା ଚୌଧୁରୀ, ଅଜିତ କୁମାର ସାହୁ ଓ ସୁଷମା ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ରାଇଡିହା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କ୍ରୀଡ଼ା ଉତ୍ସବ

କେନ୍ଦୁଝର, ୪।୧୨(ସମିସ)

କେନ୍ଦୁଝର ଜିଲ୍ଲା ସାହରପଡ଼ା ବ୍ଲକ ଅନ୍ତର୍ଗତ ରାଇଡିହା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ନୂଆ ଓଡ଼ିଶା' ର ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମରେ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ଜଗନ୍ନାଥ ନାଏକ କ୍ରୀଡା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଛାତ୍ରଛାତ୍ରୀ ଶିକ୍ଷା ସହ କ୍ରୀଡାରେ ମନୋନିବେଶ କଲେ ସେମାନଙ୍କର ବୌଦ୍ଧିକ ବିକାଶ ହୋଇପାରିବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଇଡିହା ସରପଞ୍ଚ ବିକୁ ନାଏକ, ଜିଲ୍ଲା ପରିଷଦ ସଦସ୍ୟ ବୁଦ୍ଧଦେବ ମହାକୁଡ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ଲକ୍ଷ୍ମୀ ନାଏକ, ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ଶିକ୍ଷା ମଣ୍ଡଳ ଶିକ୍ଷା ନୀରିକ୍ଷକ ସଞ୍ଚିତା ବେହେରା, ଜିଲ୍ଲା ଶିକ୍ଷା ନୀରିକ୍ଷକ ସଞ୍ଜୟ କୁମାର ଧଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଦୃଢ ମାନସିକତା, ଇଚ୍ଛାଶକ୍ତି ଓ ନିଷ୍ଠା ବଜାୟ ରଖିଲେ ଛାତ୍ରଛାତ୍ରୀ କ୍ରୀଡ଼ା କ୍ଷେତ୍ରରେ ସଫଳ ହୋଇପାରିବେ ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମର ନୋଡାଲ ଅଫିସର ତଥା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ପ୍ରଦୀପ୍ତା କୁମାରୀ ବ୍ରହ୍ମ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ନାଏକ, ଅଧ୍ୟାପିକା ଶୁଭଶ୍ରୀ ଶୁଭସ୍ମିତା ଖିଲାର, ଅଧ୍ୟାପକ ଚନ୍ଦ୍ରକାନ୍ତ ମିଶ୍ର, ଦୀପ୍ତିରଞ୍ଜନ ମଲ୍ଲିକ, ବାଦଲ କୁମାର ବେହେରା, ଅନାଦି ଚରଣ ସାହୁ ଏବଂ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ମମତା ନାଏକ, ରଶ୍ମିତା ସାହୁ, ମନୀଷା ଦାସ, ସବିତା ରାଣୀ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ସଫଳ ରୂପାୟନରେ ସହଯୋଗ କରିଥିଲେ।

## ବିଜୁ ଯୁବ ଓ ଛାତ୍ର ଜନତା ଦଳର ବୈଠକ

ପାଟଣା, ୪।୧୨(ସମିସ)

ପାଟଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସାହାରପଡ଼ା ମୁଖ୍ୟାଳୟରେ ଥିବା କଲେଜ ପଡ଼ିଆ ଠାରେ ସାହାରପଡ଼ା ବ୍ଲକ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ପାଟଣା ବିଧାୟକ ଜଗନ୍ନାଥ ନାଏକଙ୍କ ନିର୍ଦ୍ଦେଶ କ୍ରମେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ଆଗାମୀ ୬ ତାରିଖରେ କେନ୍ଦୁଝରରେ ହେବାକୁ ଥିବା ଜିଲ୍ଲାସ୍ତରୀୟ 'ମୁଁ ବି ହେବି ନବୀନ ଓଡ଼ିଶାର ସାରଥୀ' କାର୍ଯ୍ୟକ୍ରମକୁ କିପରି ସଫଳ କରାଯାଇ ପାରିବ ଓ ସାହାରପଡ଼ା ବ୍ଲକ ଅଞ୍ଚଳରୁ ଯୁବ ଓ ଛାତ୍ର କର୍ମୀ ମାନେ କିପରି ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିବେ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବ୍ଲକ ଯୁବ ବିଜେଡି ସଭାପତି ସତ୍ୟ ନାରାୟଣ ପଣ୍ଡାଙ୍କ



ସଂଯୋଜନାରେ ଆୟୋଜିତ ବୈଠକରେ ଜିଲ୍ଲା ପରିଷଦ ସଦସ୍ୟ ବୁଦ୍ଧଦେବ ମହାକୁଡ, ଜିଲ୍ଲା ଛାତ୍ର ବିଜେଡି ଉପସଭାପତି ବିପ୍ଳବ କୁମାର ପୃଷ୍ଟି, ବ୍ଲକ ଛାତ୍ର ସଭାପତି ଭବାନୀ ଶଙ୍କର ମହାନ୍ତ ପ୍ରମୁଖ ଯୋଗ ଦେଇ ବ୍ଲକର ଯୁବ ଓ ଛାତ୍ର ସଙ୍ଗଠନକୁ ଆହୁରି ସୁଦୃଢ କରିବାକୁ ଆହ୍ୱାନ ଦେଇଥିଲେ। ଏହି ସଭାରେ ବ୍ଲକର ସମସ୍ତ ପଞ୍ଚାୟତର ଯୁବ ଓ ଛାତ୍ର ନେତା ମାନେ ଯୋଗ ଦେଇଥିଲେ। ବ୍ଲକ ସୋସିଆଲ ମିଡିଆ ସଂଯୋଜକ ସମୀର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଜାନୁଆରୀ ୨୫ରୁ ରାଜ୍ୟସ୍ତରୀୟ ଗୋଲ୍‌ଡେନ୍ କପ୍ ଟି-୨୦ କ୍ରିକେଟ୍

ଘସିପୁରା, ୪।୧୨(ସମିସ)

ଘସିପୁରା ବ୍ଲକ ଅନ୍ତର୍ଗତ ଅଲତି ଡିଏନ ସରକାରୀ ହାଇସ୍କୁଲ ମିନି ଷ୍ଟାଡିୟମ ପରିସରରେ ପ୍ରତି ବର୍ଷ ପରି ଚଳିତ ବର୍ଷ ୪ ଦିନ ବ୍ୟାପି ଗୋଲ୍ଡେନ କପ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି।ଏଥିନେଇ ଗଁପୁର ରଘୁନାଥଜୀୟୁ ଆଶ୍ରମ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ପୋର୍ଟସ କ୍ଲବ କାର୍ଯ୍ୟନିର୍ବାହୀ ପ୍ରଶନ୍ନକୁମାର ନାୟକଙ୍କ ସଂଯୋଜନାରେ କ୍ଲବର ମାର୍ଗଦର୍ଶକ ରତିକାନ୍ତ ବରାଳ, ଟିମ୍ ମ୍ୟାନେଜର ତଥା ବରିଷ୍ଠ କ୍ରିଡାବିତ ମନ୍ମଥକୁମାର ରାଉତ ବୈଠକରେ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟ ଆୟୋଜନର ତାରିଖ, ଟିମ୍ ଏବଂ ପଡ଼ିଆ ଉନ୍ନତି କରଣ ଉପରେ ଆଲୋଚନା କରିଥିଲେ। ଆସନ୍ତା ଜାନୁଆରୀ ୨୫ ରୁ ୨୮ ପର୍ଯ୍ୟନ୍ତ ୪ ଦିନ ବ୍ୟାପୀ ଗୋଲ୍ଡେନ କପ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆୟୋଜନ ହେବାକୁ ଆପାତତଃ ସ୍ଥିର କରାଯାଇଥିଲା।ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟ ତଥା ରାଜ୍ୟ ବାହାରର ନାମୀଦାମୀ ୮ଟି କ୍ରିକେଟ କ୍ଲବ ସାମିଲ ହେବାକୁ ସମ୍ମତି ପ୍ରଦାନ କରିଥିବା ଜଣାପଡ଼ିଛି। ପ୍ରସ୍ତୁତି ବୈଠକରେ ସ୍ଥାନୀୟ ସରପଞ୍ଚ ପ୍ରିୟବ୍ରତ ବରାଳ ସମେତ ଭେଟେରାନ୍ ଖେଳାଳୀ ବୈଲୋଚନ ସ୍ୱାଇଁ, ଜିତେନ୍ଦ୍ର ଓଝା, ଦିପକ ଭୂୟାଁ, ପ୍ରଶନ୍ନ ସାମଲ, ନିରଞ୍ଜନ ବରାଳ, ପ୍ରକାଶ ମଲ୍ଲିକ, ପ୍ରକାଶ ଦାସ, ଶ୍ରୀକାନ୍ତ ସାହୁ ସମେତ ସ୍ପୋର୍ଟସ କ୍ଲବର, ସମୀର ସ୍ୱାଇଁ, ସିପକ ଦାସ, ଜଗନ୍ନାଥ ବେହେରା, ନିର୍ମଳ ନାୟକ, ଜଗତଜ୍ୟୋତି ବରାଳ, ଏବଂ ଶତାଧିକ କାର୍ଯ୍ୟକର୍ତ୍ତା ଅଂଶ ଗ୍ରହଣ କର ନିଜର ମତାମତ ରଖିଥିଲେ।

## ବିଦ୍ୟୁତ୍ ଆଘାତରେ ମହିଳା ମୃତ

**ଘସିପୁରା, ୪।୧୨(ସମିସ):** ଘସିପୁରା ଥାନା ଖାଳିଆମେଣ୍ଟା ଗ୍ରାମର ପ୍ରଦୀପ ଜେନାଙ୍କ ପତ୍ନୀ ସନ୍ଧ୍ୟାରାଣୀ ଜେନା(୪୨) ଆଜି ସନ୍ଧ୍ୟାରେ ନିଜ ଘର ଭିତରେ ଥିବା ବିଦ୍ୟୁତ ପ୍ଲକରେ ତାର ଲଗାଇବା ବେଳେ ଅସାବଧାନତା ବସତଃ ବିଦ୍ୟୁତ୍ ଆଘାତରେ ଆସି ଯିବାରୁ ଘଟଣାସ୍ଥଳରେ ସଂଜ୍ଞାହୀନ ଅବସ୍ଥାରେ ପଡ଼ିଯାଇଥିଲେ। ପରିବାର ଲୋକ ଦେଖିବା ପରେ ତାଙ୍କୁ ସଙ୍ଗେସଙ୍ଗେ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ନେଇ ଭର୍ତ୍ତି କରିଥିଲେ। ଡାକ୍ତର ପରୀକ୍ଷା ନିରୀକ୍ଷା ପରେ ମହିଳାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଘସିପୁରା ପୁଲିସ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବକୁ ବ୍ୟବଚ୍ଛେଦ ଗୃହକୁ ପଠାଇ ଘଟଣାର ଅଧିକ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

## ନକ୍‌ଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ
## କସିରା ଏକାଦଶ ଚାମ୍ପିଅନ

**ତୁରୁମୁଙ୍ଗା, ୪।୧୨(ସମିସ):** କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଜାଲି ଖେଳପଡ଼ିଆ ଠାରେ ପଞ୍ଚମ ବାର୍ଷିକ ନକଆଉଟ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ ଗୋଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ସୁମିତ ଏକାଦଶ ଜାଲି ବନାମ ବିଟୁ କେଟୁ ଏଲଟୁ ଏକାଦଶ କସିରା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉଭୟ ଦଳ ନିର୍ଦ୍ଧାରିତ ସମୟ ମଧ୍ୟରେ ଗୋଲ ଦେଇନପାରି ସମାନ ସ୍ଥିତିରେ ଥିଲେ। ପେନାଲ୍ଟି ଦ୍ୱାରା ବସିରା ଦଳ ୨-୧ ଗୋଲ ମାଧ୍ୟମରେ ସୁମିତ ଏକାଦଶ ଜାଲିକୁ ହରାଇ ଚଳିତ ବର୍ଷର ଚାମ୍ପିଅନ ହୋଇଛି। ରମାକାନ୍ତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ଜଗନ୍ନାଥ ନାଏକ, ସମ୍ମାନିତ ଅତିଥି ଭାବେ ଆକାଶବାଣୀ କେନ୍ଦୁଝରର ବରିଷ୍ଠ ଘୋଷକ ସୁପାଇ ମୁର୍ମୁ, ଉପସ୍ଥାପିକା ସ୍ମୃତି ବାନାର୍ଜୀ, ସ୍ଥାନୀୟ ଜିଲ୍ଲାପରିଷଦ ସଦସ୍ୟା ରମଣୀ ନାୟକ, ସମାଜସେବୀ ଯୋଗେନ୍ଦ୍ର ମହାନ୍ତ, ହବି ଦାଶ, ବରିଷ୍ଠ ବିଜେଡି କର୍ମୀ ଭାଗିରଥି ଦାଶ, ଜାଲି ସରପଞ୍ଚ ତୁଳସୀ ବଲ୍ଲଭ ସିଂହ ସମିତିସଭ୍ୟ ଭୁବନେଶ୍ୱର ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। ଏହି ଖେଳକୁ ଝାଡ଼ଖଣ୍ଡ ଅଞ୍ଚଳର ଟୁନୁ ସିଂହ, ଉତ୍ତରପ୍ରଦେଶ ଅଞ୍ଚଳର ରାକେଶ, କେନ୍ଦୁଝର ଅଞ୍ଚଳର ଡିକେ ଓ ପୃଥ୍ୱୀରାଜ ରେଫରି ଭାବେ ପରିଚାଳିତ କରିଥିଲେ। ଖେଳର ଧାରାବିବରଣୀ ଭାଷ୍ୟକାର ଭାଗିରଥି ପାତ୍ର, ନରୋତ୍ତମ ତନ୍ତୀ, ବରୁଣ ବେହେରା ପ୍ରଦାନ କରିଥିଲେ। ଗ୍ରାମର ୟୁଥ ଏଣ୍ଡ ପ୍ରୋଗ୍ରେସ ଏବଂ ସ୍ପୋର୍ଟ୍ସ ସେଣ୍ଟର ଜାଲିର ସଭାପତି ଅଲେଖ ଚନ୍ଦ୍ର ପାତ୍ର, ଲକ୍ଷ୍ମୀଧର, ମନୋଜ, ଋଷିନାଥ, ପ୍ରିୟବ୍ରତ, ହେମାନନ୍ଦ, ଯୋଗେନ୍ଦ୍ର, କୃପାସିନ୍ଧୁ, ପ୍ରକାଶ, ବିକ୍ରୁ, ଦିଲ୍ଲୀପ ପ୍ରମୁଖ ଖେଳ ପରିଚାଳନା କରିବାରେ ସହଯୋଗ କରିଥିଲେ।

## ଗ୍ରୁପ ଋଣ ନେଇ ଦଲାଲ ଫେରାର୍
## ଥାନାରେ ଫେରାଦ ହେଲେ ମହିଳା

**ଆନନ୍ଦପୁର, ୪।୧୨(ସମିସ):** ଗାଁ ଗାଁରେ ମହିଳାମାନଙ୍କୁ ପ୍ରଲୋଭିତ କରି ଗ୍ରୁପ୍ ଋଣ ଦେଉଥିବା କେତେକ ଅର୍ଥ ଲଗାଣକାରୀ ସଂସ୍ଥା ପରୋକ୍ଷରେ ଏହି ଅର୍ଥକୁ ହଡ଼ପ କରି ନେଇଥିବା ଘଟଣାରେ ମହିଳାମାନଙ୍କୁ ଶୋଷଣ କରାଯାଉଥିବା ଗୁରୁତର ଅଭିଯୋଗ ହୋଇଛି। ଏପରି ଏକ ଘଟଣା ଆନନ୍ଦପୁର ବ୍ଲକ କୋଲିମାଟି ପଞ୍ଚାୟତର ଯାତ୍ରାକୁସୁମ ଗାଁରେ ହୋଇଥିବା ଘସିପୁରା ଥାନାରେ ଅଭିଯୋଗ ହୋଇଛି। ଉକ୍ତ ଗ୍ରାମର କେନ୍ଦୁଡିହା ସାହିରେ ନିଜ ଶଶୁର ଘରେ ରହୁଥିବା ଦୀନବନ୍ଧୁ ମହାନ୍ତ ପ୍ରାୟ ୩୦ ଜଣ ମହିଳାଙ୍କ ନାମରେ ହୋଇଥିବା ଋଣ ଟଙ୍କାକୁ ନେଇ ଗତ ୧ ତାରିଖ ଦିନ ଫେରାର ହୋଇଯାଇଛି। ଯାତ୍ରାକୁସୁମ ଓ କେନ୍ଦୁଡିହା ସାହିର ୩୦ରୁ ଊର୍ଦ୍ଧ୍ୱ ମହିଳାଙ୍କ ଆଧାରକାର୍ଡ, ଫଟୋ, ବ୍ୟାଙ୍କ ଜମା ବହି ସଂଗ୍ରହ କରିଥିଲେ। ପରେ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାରୁ ଋଣ ମଞ୍ଜୁର କରାଇ ଏହି ଦଲାଲ ମହିଳାମାନଙ୍କ ଠାରୁ ବ୍ୟାଙ୍କ ଫର୍ମରେ ଦସ୍ତଖତ ନେଇଥିଲେ। ଋଣର ପ୍ରଥମ କିସ୍ତି ଟଙ୍କା ବ୍ୟାଙ୍କରୁ ଉଠାଇବା ପରେ ପ୍ରାୟ ୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ନେଇ ଫେରାର ହୋଇଯାଇଛି। ଏହି ଘଟଣା ଜଣାପଡ଼ିବା ପରେ ଦଲାଲଙ୍କ ସାଥିରେ ଘର ଘର ବୁଲୁଥିବା ଧକୋଠା ଅଞ୍ଚଳର ପ୍ରତାପ ନାମକ ଯୁବକଙ୍କୁ ମହିଳାମାନେ ଖୋଜୁଥିବା ଏବଂ ଏନେଇ ଘସିପୁରା ଥାନାରେ ଅଭିଯୋଗ କରିଥିବା ଆଲୋଚନାରୁ ଜଣାପଡ଼ିଛି।

## ଦରଦୀବନ୍ଧୁ ଫାଉଣ୍ଡେସନକୁ ସମ୍ବର୍ଦ୍ଧନା

**ହାଟଡିହି, ୪।୧୨(ସମିସ):** କେନ୍ଦୁଝର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ମା' ମଙ୍ଗଳା ଚାରିଟେବୁଲ ଟ୍ରଷ୍ଟର ତୃତୀୟ ବାର୍ଷିକ ଉତ୍ସବରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଦରଦୀବନ୍ଧୁ ଫାଉଣ୍ଡେସନକୁ ସମ୍ମାନିତ କରାଯାଇଛି। ଦରଦୀବନ୍ଧୁ ଫାଉଣ୍ଡେସନ ସର୍ବଦା ଗରିବ, ଅସହାୟ ଓ ନିଷ୍ପେସିତଙ୍କ ସୁଖଦୁଃଖରେ ଛିଡ଼ାହୋଇ ସାହାଯ୍ୟ ସହାୟତା ଯୋଗାଇଆସୁଛି। ତେଣୁ ସଂଗଠନର ଏପରି ମହାନ କାର୍ଯ୍ୟକୁ ଦେଖି ସମ୍ମାନ ଜଣାଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମା'ମଙ୍ଗଳା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଦରଦୀ ବନ୍ଧୁ ଫାଉଣ୍ଡେସନର ପ୍ରତିଷ୍ଠାତା ଗୀତିରଞ୍ଜନ ବେହେରାଙ୍କ ସମେତ ନିଗମ ରାଉଳ, ବିରଞ୍ଚିନାରାୟଣ ନାୟକ, ମନୋରଞ୍ଜନ ନାୟକ ଏବଂ ଅନ୍ୟ ସଦସ୍ୟଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଛି।

## ନୂଆ ଭୋଟର ପଞ୍ଜୀକରଣ ପ୍ରଶିକ୍ଷଣ




ଆନନ୍ଦପୁର, ୪।୧୨(ସମିସ)

ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ନୂଆ ଭୋଟର ପଞ୍ଜୀକରଣ ଆନନ୍ଦପୁର ଓ ଘସିପୁରା ନିର୍ବାଚନ ମଣ୍ଡଳିରେ ଜୋରଦାର ହୋଇଛି। ଆନନ୍ଦପୁର ବିଜୁ ଛାତ୍ର ଜନତା ଦଳ ସଭାପତି ଶୁଭ୍ରଜିତ ରାମଙ୍କ ଛାତ୍ର ନେତୃମଣ୍ଡଳୀ ବିଭିନ୍ନ ମହାବିଦ୍ୟାଳୟ ପରିଦର୍ଶନ କରି ଏହାର ତଦାରଖ କରୁଥିବାରୁ ଏହା ନିରନ୍ତର ପ୍ରକ୍ରିୟାରେ ଚାଲିଥିବା ଜଣାଯାଇଛି। ଆନନ୍ଦପୁର ପ୍ରଶାସନ ପକ୍ଷରୁ ପଞ୍ଜୀକରଣ କାର୍ଯ୍ୟକ୍ରମରେ ସରକାରୀ କର୍ମଚାରୀ, ଶିକ୍ଷକମାନଙ୍କୁ ନିୟୋଜିତ କରାଯାଇ ଭୋଟର ତାଲିକାରେ ଯୋଗ-ବିୟୋଗ-ସଂଶୋଧନ କାର୍ଯ୍ୟଚାଲିଛି। ସେହିପରି ମହାବିଦ୍ୟାଳୟରେ ନୂଆ ଭୋଟରମାନଙ୍କୁ ଚିହ୍ନଟ କରାଯାଇ ପଞ୍ଜୀକରଣ ଆରମ୍ଭ ହୋଇଛି। ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ପଞ୍ଜୀକରଣ ଅବଧି ଥିବାରୁ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଆନନ୍ଦପୁର ମହାବିଦ୍ୟାଳୟ, କନକ ମଞ୍ଜରୀ କୁଶଳେଶ୍ୱର ଆଞ୍ଚଳିକ, ପତିତପାବନ, ଜଗନ୍ନାଥ, ଶାଳବଣୀ, କଣ୍ଟିପାଳ, ହାଟଡିହି, ଷଡ଼ଙ୍ଗ ଓ ବିଶ୍ୱତାରିଣୀ ମହାବିଦ୍ୟାଳୟରେ ପଞ୍ଜୀକରଣ ପ୍ରକ୍ରିୟାର ଅନୁଧ୍ୟାନ କରୁଥିବା ଜଣାଯାଇଛି। ଏ ସମ୍ପର୍କରେ ଶିବିରରେ ଛାତ୍ରନେତା ସତ୍ୟବ୍ରତ ସାହୁ, ସୁବ୍ରତ କୁମାର ସେଠୀ, ସୌମ୍ୟରଞ୍ଜନ ବେହେରା, ସତ୍ୟବ୍ରତ ରାଉତ ଓ ଗୀତାଞ୍ଜଳି ସା ପ୍ରମୁଖ ଭୋଟଦାନ ସମ୍ପର୍କିତ ସମସ୍ତ ସୂଚନା ଓ ମତଦାନ କରିବାର ଅଧିକାର ଉପରେ ସଚେତନତା ସୃଷ୍ଟି କରୁଛନ୍ତି।



# ‘ଛାତ୍ରଛାତ୍ରୀଙ୍କୁ କାନ୍ତଚେତନାରେ ଅନୁପ୍ରାଣିତ କର’

ତିହିଡ଼ି, ୪।୧୨(ସମିସ)



ତିହିଡ଼ି ଥାନା ଅନ୍ତର୍ଗତ କୋହ୍ଲ ପଞ୍ଚାୟତରେ ସ୍ଥିତ ନାରାୟଣ ସ୍ମୃତି ସେବା ଓ ସାହିତ୍ୟ ଗବେଷଣା ପରିଷଦର କବିତା ପାଠ ଓ ଆଲୋଚନା ସଭା ସଭାପତି ବିଭୂତିଭୂଷଣ ସେନାପତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇ ଯାଇଛି। କବିଙ୍କ ସାରସ୍ୱତ ସାଧନା ମଧ୍ୟରେ ‘କଣାମାମୁଁ’, ‘ବୁଢ଼ା ଶଙ୍ଖାରୀ’ ଓ ରାଜ୍ୟ ସଙ୍ଗୀତର ମାନ୍ୟତା ପାଇଥିବା ‘ବନ୍ଦେ ଉତ୍କଳ ଜନନୀ’ର ସାମାଜିକ ସଚେତନତା, ବାତ୍ସଲ୍ୟ ପ୍ରେମ ଓ ଜାତୀୟ ଚେତନା ସମ୍ପର୍କରେ ଛାତ୍ରଛାତ୍ରୀ ମାନେ ଅନୁପ୍ରାଣିତ ହେବା ଉଚିତ ବୋଲି ବରେଣ୍ୟ ଆଲୋଚକ ମାନେ ବକ୍ତବ୍ୟ ରଖିଥିଲେ। କବି ମାନସ ପଣ୍ଡା ଓ ଭାସ୍କର ଦାଶଙ୍କ ସଂଯୋଜନାରେ ପଚାଶରୁ ଊର୍ଦ୍ଧ୍ୱ କବିତା ପାଠ କରାଯାଇଥିଲା। ଋତୁରାଜ ଅକ୍ଷୟଙ୍କୁ ପରିଷଦ ତରଫରୁ ମାନପତ୍ର ସହିତ ଉପଢୌକନ ପ୍ରଦାନ କରାଯାଇଥିଲା। ସଂସଦର ମୁଖପତ୍ର ଆମ ସାହିତ୍ୟର ମାର୍ଗଦର୍ଶକ ଫକୀରମୋହନ ଓ ଶିକ୍ଷାବିତ୍ ବିଭୂତିଭୂଷଣ ସେନାପତିଙ୍କ ରଚିତ ବଳିଦାନ ପୁସ୍ତକ ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ବେତଡ଼ା ସ୍ଥିତ ସଂସ୍କୃତ ମହାବିଦ୍ୟାଳୟରେ ଅନୁଷ୍ଠିତ କାନ୍ତକବିଙ୍କ ବୁଦ୍ଧିମାପକ ପରୀକ୍ଷାରେ ଶ୍ରେଷ୍ଠ ପ୍ରଥମ ବର୍ଷ ଉପଶାସ୍ତ୍ରୀ, ଦ୍ୱିତୀୟ ବର୍ଷ ଶାସ୍ତ୍ରୀ ଓ ତୃତୀୟ ବର୍ଷ ଶାସ୍ତ୍ରୀ ଗାୟତ୍ରୀ ପଣ୍ଡା, ମମତା ବିଶ୍ୱାଳ ଓ ପ୍ରିୟଙ୍କା ସାହୁଙ୍କୁ ପୁରସ୍କୃତ କରା ଯାଇଥିଲା। ଆଲୋଚକ ଭାବେ ତ୍ୟାଗଭୂମି ସଭାପତି ଅଜୟ ନାୟକ, ସମାଜସେବୀ ବସନ୍ତ ନାୟକ, ଶିକ୍ଷାବିତ୍ ନିତ୍ୟାନନ୍ଦ ମଲ୍ଲିକ, ସାହିତ୍ୟ ଏକାଡେମୀ ସଦସ୍ୟ ଭରତଚନ୍ଦ୍ର ଦାଶ ଓ ସମ୍ପାଦିକା ସଂଯୁକ୍ତା ଭାରତୀ ଯୋଗଦାନ କରିଥିଲେ। କବି ସଂଗ୍ରାମ କେଶରୀ ସେନାପତି, ଚିନ୍ମୟୀ ସାହୁ, ପତିତପାବନ ପାଣି, ଶାନ୍ତିଲତା ଗିରି, ମୁକୁନ୍ଦଦେବ ନାୟକ, ସୁବାସ ମହାନ୍ତି, ଦେବେନ୍ଦ୍ର ମହାଳିକ, ଜୟକୃଷ୍ଣ ନାୟକ, ଦ୍ୱାରିକାନାଥ ଦାଶ, ଆଶୁତୋଷ କରଣ, ବିନୋଦ ନାୟକ, ପ୍ରଫୁଲ୍ଲ ବାରିକ, ସୁରେନ୍ଦ୍ର କୁମାର ବିଶ୍ୱାଳ, ମହେନ୍ଦ୍ର ପଲାଇ, ରାଜେଶ ସେଠୀ, ଅମୂଲ୍ୟ ସେନାପତି, ପୀତାମ୍ବର ସେଠୀ, ବସନ୍ତ ଦାସ, କଳ୍ପତରୁ ସେଠୀ, ଗୟାଧର ସେଠୀ, ସୁଧାରଞ୍ଜନ ମହାନ୍ତି, ଅରୂପାନନ୍ଦ ନାୟକ, ଅଭୟ ଦାସ, ରୁବିନା ଦାସ, ବିଜୟ ବେହେରା, ଜୟନ୍ତ କୁମାର ମହାନ୍ତି, ମଥୁରାମୋହନ ବେହେରା, ଜୟକୃଷ୍ଣ ନାୟକ ପ୍ରଭୃତି ପଚାଶରୁ ଊର୍ଦ୍ଧ୍ୱ କବି କବିତା ପାଠ କରିଥିଲେ। କବି ଦେବେନ୍ଦ୍ର ମଳିକ ଅତିଥି ପରିଚୟ ଦେବା ବେଳେ କବି ଆଶୁତୋଷ କରଣ ଧନ୍ୟବାଦ ଦେଇଥିଲେ।

## ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ବୈଠକ

**ଭଦ୍ରକ, ୪।୧୨(ସମିସ):** ବିଗତ ୨୩ବର୍ଷ ଧରି ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ପ୍ରତିଷ୍ଠା ସ୍ମାରକୀ ଓ ନେତ ଉଡ଼ାଣ ସମାରୋହ ବିଭିନ୍ନ ଜିଲ୍ଲା ଓ ଶ୍ରୀଜଗନ୍ନାଥ ମନ୍ଦିରରେ ପାଳିତ ହୋଇଆସୁଛି। ଏହି ପରମ୍ପରା ଅନୁସାରେ ଚଳିତବର୍ଷ ଜାନୁଆରୀ ପହିଲାରେ ଏହି ସ୍ମାରକୀ ସମାରୋହର ପ୍ରସ୍ତୁତି ନିମନ୍ତେ ଏକ ବୈଠକ ଭଦ୍ରକସ୍ଥ ଶ୍ରୀବାଲଗୋପାଳ ମନ୍ଦିର ପରିସରରେ ଅପରାହ୍ନ ୩ ଘଟିକା ସମୟରେ ସମିତିର ମୁଖ୍ୟ ପରିଚାଳକ ପଣ୍ଡିତ ଭାଗୀରଥି ନନ୍ଦ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସର୍ବ ସମ୍ମତିକ୍ରମେ ଭଦ୍ରକ ବ୍ଲକସ୍ଥ ବରହମପୁର ଗ୍ରାମ ପଞ୍ଚାୟତର କୁଣ୍ଡିବାଗ ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ପୂର୍ବ ପ୍ରଥା ଅନୁଯାୟୀ ପାଳନ କରାଯିବାକୁ ସ୍ଥିର କରାଗଲା। ଡିସେମ୍ବର ୩୧ ତାରିଖରେ ‘ସେବକ ମିଳନ ମଞ୍ଚ’ ଓ ଜାନୁଆରୀ ପହିଲାରେ ଦ୍ୱାରପାଳପୂଜା, ସୂର୍ଯ୍ୟପୂଜା ଶ୍ରୀଜଗନ୍ନାଥଙ୍କ ଷୋଡ଼ଷ ଉପଚାର ପୂଜା ସହ ବିଶ୍ୱଶାନ୍ତି ମହାଯଜ୍ଞ ସମେତ ନେତ ଉଡ଼ାଣ ଉତ୍ସବ ଅନୁଷ୍ଠିତ ହେବ ଓ ମଧ୍ୟାହ୍ନ ୧୨ଘଟିକାରେ ସାଧାରଣ ସଭା, ଦିବ୍ୟଚେତନା ଅଭିଯାନ, ଭକ୍ତି ଚେତନା ଯଜ୍ଞ ଅପରାହ୍ନରେ ପ୍ରବଚନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା। ଏହି ବୈଠକରେ ଆବାହକ ବାବୁଲାଲ ଦାସ, ସନେଇ ଶିଅଳ, ବରିଷ୍ଠ ଓ ବୟସ୍କ ଉପଦେଷ୍ଟା ଶରତ ଚନ୍ଦ୍ର ମହାନ୍ତି, ବଳରାମ ମହାନ୍ତି, ପ୍ରଶାନ୍ତ କୁମାର ଦେ, ସୁଦର୍ଶନ ପଣ୍ଡା, କାହ୍ନୁଚରଣ ଦାସ, ବରିଷ୍ଠ ଉପଦେଷ୍ଟା ସନ୍ତୋଷ ଦାଶ, କାଶୀନାଥ ପଣ୍ଡା, ସମିତିର ଲକ୍ଷ୍ମୀଧର ଖଟୁଆ ପ୍ରମୁଖ ସଦସ୍ୟଗଣ ଯୋଗଦାନ କରି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବୈଠକ ପ୍ରାରମ୍ଭରେ ସମିତିର ମୁଖ୍ୟ ଆବାହକ ସେବକ ଶରତ କୁମାର ସାହୁ ଶ୍ରୀଜଗନ୍ନାଥଙ୍କୁ ସ୍ମରଣ ପୂର୍ବକ ପ୍ରଚାର ସମିତି ପକ୍ଷରୁ ଅନୁଷ୍ଠିତ ହୋଇଯାଇଥିବା କାଳୀପୂଜା ଅବସରରେ ମହାସଂସ୍କୃତି ଜାଗରଣ ଯାତ୍ରାର ଆୟବ୍ୟୟ ପାଠ କରିଥିଲେ। ଏହା ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା।

## ସାଳନ୍ଦୀ ଡିଗ୍ରୀ ମହାବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ

**ଭଦ୍ରକ, ୪।୧୨(ସମିସ):** ଭଦ୍ରକ ଉତ୍ତରବାହିନୀ ସ୍ଥିତ ସାଳନ୍ଦୀ ଡିଗ୍ରୀ ମହାବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ ଆନୁକୂଲ୍ୟରେ ସାମାଜିକ ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷା ରାଜଶ୍ରୀ ନାୟକ ଏହାକୁ ଉଦ୍‌ଘାଟନ କରିଥିବା ବେଳେ ଯୁକ୍ତଦୁଇ ଅଧ୍ୟକ୍ଷ ସଚ୍ଚିଦାନନ୍ଦ ପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଯୁକ୍ତଦୁଇ ପ୍ରାକ୍ତନ ସେବା ଯୋଜନା ଅଧିକାରୀ ଶୁଭକାନ୍ତ କୁଅଁର ସାମାଜିକ ସଚେତନତାରେ ଯୁବଶକ୍ତିର ବିକାଶ କିପରି ସହାୟକ ହୁଏ ତାହା ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଏହି ଉତ୍ସବରେ ଡିଗ୍ରୀ କଲେଜର ନୋଡାଲ ଅଫିସର ଅଚ୍ୟୁତାନନ୍ଦ ନାୟକ ଓ ଅଧ୍ୟାପକ ଶତ୍ରୁଘ୍ନ ପତି ଯୋଗଦେଇଥିଲେ। ଡିଗ୍ରୀ କଲେଜର ସାମାଜିକ ବିଭାଗ ସଂଯୋଜକ ତଥା ପୋଗ୍ରାମ ଅଫିସର ସଇମୁର ରହେମାନ ଖାନ୍ ଏହି ଉତ୍ସବକୁ ପରିଚାଳନା କରିବା ସହିତ କଲେଜ ର ସାମାଜିକ କାର୍ଯ୍ୟକ୍ରମ ଗୁଡିକର ବିବରଣୀ ଉପସ୍ଥାପନ କରିଥିଲେ ଓ ଛାତ୍ରଛାତ୍ରୀଙ୍କ ସହଯୋଗ କାମନା କରିଥିଲେ।

## ଗଣତାନ୍ତ୍ରିକ ମହିଳା ସମିତିର ଦାବିପତ୍ର ପ୍ରଦାନ

**ଭଦ୍ରକ, ୪।୧୨(ସମିସ):** ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ତରଫରୁ ଖାଦ୍ୟ ସୁରକ୍ଷା ଓ ମାଇକ୍ରୋଫାଇନ୍ସ ସଂସ୍ଥା ଉପରେ ନିୟନ୍ତ୍ରଣକୁ ଆଧାର କରି ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ସମସ୍ତଙ୍କୁ ଖାଦ୍ୟ ସୁରକ୍ଷା ଆଇନ୍‌ରେ ଅନ୍ତର୍ଭୁକ୍ତ କରାଯିବା ସହିତ, ମାଇକ୍ରୋଫାଇନାନ୍ସ କମ୍ପାନୀ ମାନଙ୍କ ଉପରେ ବ୍ୟାଙ୍କ୍ ଗୁଡିକର ନିୟନ୍ତ୍ରଣ ନ ରହୁଥିବାରୁ, ଆବଶ୍ୟକ ସୁଧହାର ଠାରୁ ଅନେକ ସୁଧ ନେବା, ମହିଳାମାନଙ୍କୁ ଅଶାଳୀନ ବ୍ୟବହାର କରିବା ଆଦି ଅଭିଯୋଗ ହେଉଛି। ତେଣୁ ଜିଲ୍ଲାସ୍ତରରେ ଏହି ସଂକ୍ରାନ୍ତୀୟ ଅଭିଯୋଗ ପ୍ରକୋଷ୍ଠ ଖୋଲାଯିବା ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି। ବନ୍ତ ଛକରୁ ଏକ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଆଲୋଚନା କରାଯାଇଥିଲା। ତୁରନ୍ତ ଅଭିଯୋଗ ପ୍ରକୋଷ୍ଠ ଖୋଲିବା ଓ ବ୍ୟାଙ୍କଙ୍କୁ ତାଗିଦ୍ କରିବାର, ଏସ୍‌ଏଚଜି ସୁଧ ଟଙ୍କା ଫେରସ୍ତ ଲାଗି ପ୍ରତିଶ୍ରୁତି ଦେଇଛନ୍ତି। ଉକ୍ତ ଆଲୋଚନାରେ ସର୍ବଭାରତୀୟ ନେତ୍ରୀ ତାପସୀ ପ୍ରହରାଜ, ରାଜ୍ୟ ସମ୍ପାଦିକା ସୁରଜିତା ନାୟକ, ଜିଲ୍ଲା ସଭାନେତ୍ରୀ ପ୍ରଭାତି ଜେନା, ସମ୍ପାଦିକା ମମତା ଜେନା, ସୁମତୀ ନାୟକ, ସଞ୍ଜିତା ମହାପାତ୍ର, ସୀତାରାଣୀ ଦାସ, ସଂଯୁକ୍ତା ଯାଦବ, ଶାନ୍ତିଲତା ଦାଶ, ମିନୁ ମହାପାତ୍ର, ଶାନ୍ତିଲତା ନାୟକ, ରୋଜାଲିନ୍ ସାମ୍ୟବାଦୀ, ବାସନ୍ତି ସୁଆର, ସବିତା ନାୟକ ପ୍ରମୁଖ ଯୋଗଦେଇଥିଲେ।

## ସନାତନ ଧର୍ମ ପ୍ରଚାରକଙ୍କ ସ୍ମୃତିଚାରଣ ସଭା

**ଅସୁରାଳି, ୪।୧୨(ସମିସ):** ଜଗନ୍ନାଥ ସଂସ୍କୃତିର ପ୍ରଚାରକ, ସମାଜସେବୀ ଧାମନଗର ବ୍ଲକ ଗଡିଆଳି ପଞ୍ଚାୟତ ଉଚ୍ଚପଦା ଗାଁର ପାଣ୍ଡବ ଦାସଙ୍କ ଏକାଦଶ କ୍ରିୟା ଓ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଯାଇଛି। ଏହି ସ୍ମୃତିଚାରଣ ସଭାରେ ସଭାପତି ଭାବେ ବ୍ଲକ ଯାଦବ ମହାସଭାର ସମ୍ପାଦକ ମାଧବ ଚନ୍ଦ୍ର ଖଟୁଆ ଯୋଗଦେଇଥିଲେ। ଏଥିରେ ଧାମନଗର ବ୍ଲକ ଯାଦବ ମହାସଭାର କାର୍ଯ୍ୟକାରୀ ସଭାପତି ଅନିଲ ବାରିକ, ଶିକ୍ଷାବିତ ପଣ୍ଡିତ ସୁବାସ ଚନ୍ଦ୍ର ନାୟକ, ଯୁବ ଯାଦବ ଭଦ୍ରକ ଜିଲ୍ଲା ସମ୍ପାଦକ ସାମ୍ବାଦିକ ସନ୍ତୋଷ ଦାସ, ସମାଜସେବୀ ସହଦେବ ସାହୁ, ଅବସରପ୍ରାପ୍ତ ଶିକ୍ଷକ ଦୁର୍ଯ୍ୟୋଧନ ସାହୁ, ଶିକ୍ଷାବିତ ଉଦୟଙ୍କର ଦାସ, ସମାଜସେବୀ କାଳନ୍ଦି ମଲ୍ଲିକ, ସାନନ୍ଦ ବେହେରା, ରାଜେନ୍ଦ୍ର ବେହେରା, ଯୁବନେତା ରାଜୀବ ଦାସ, ସ୍ଥାନୀୟ ସରପଞ୍ଚ ସରୋଜ ସ୍ୱାଇଁ, ନିତ୍ୟାନନ୍ଦ ଲେଙ୍କା, ସ୍ୱାସ୍ଥ୍ୟକର୍ମୀ ଦାଶରଥୀ ଦାସ, ତାରାକାନ୍ତ ମିଶ୍ର ଓ ନାରାୟଣ ନାୟକ ସଭା ଶେଷରେ ଅସୁରାଳି ଜୋନ ସଭାପତି ରବୀନ୍ଦ୍ର ଦାସ କୃତଜ୍ଞତା ଜଣାଇଥିଲେ।

## ‘ସିପିଆର୍ ଦିଅନ୍ତୁ, ମୂଲ୍ୟବାନ ଜୀବନ ବଞ୍ଚାନ୍ତୁ’




**ଭଦ୍ରକ, ୪।୧୨(ସମିସ):** ‘ସିପିଆର୍ ଦିଅନ୍ତୁ, ମୂଲ୍ୟବାନ ଜୀବନ ବଞ୍ଚାନ୍ତୁ’ ଏହି ପରି ଆହ୍ୱାନ ଦେଇଛନ୍ତି ସମାଜସେବାରେ ବ୍ରତୀ ଅଗ୍ରଣୀ ସେବା ସଂସ୍ଥା ଭଦ୍ରକ ରୋଟାରୀ କ୍ଲବ ମିଡ୍ ଟାଉନର ରୋଟାରିଆନମାନେ। ରୋଟାରୀ କ୍ଲବ ମିଡ୍ ଟାଉନ ଭଦ୍ରକ ଏବଂ ଆମେରିକାନ ଓଡିଆ ସୋସାଇଟିର ଆନୁକୂଲ୍ୟରେ ହୃଦ୍‌ରୋଗ ସମୟରେ ଜରୁରିକାଳୀନ ସେବା(ସିପିଆର) ସମ୍ବନ୍ଧୀତ ଏକ ପ୍ରଶିକ୍ଷଣ ଶିବିର ଗୁଜରାଟି ଭବନରେ ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ସମିତା ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଶିବିରକୁ ସମ୍ପାଦକ ପ୍ରୀତି ଅଗ୍ରୱାଲ ଶୁଭାରମ୍ଭ କରିଥିଲେ। ପ୍ରାରମ୍ଭରେ ରୋଟାରିଆନ୍ ଗୌରବ ଅଗ୍ରୱାଲ ବିଶେଷଜ୍ଞ ପ୍ରଶିକ୍ଷକଙ୍କୁ ସ୍ୱାଗତ କରିଥିଲେ। ରୋଟାରିଆନ୍ ଶିଶିର ମିଶ୍ର ସୋସାଇଟି ଅଫ୍ ଆମେରିକାନ ଓ ରୋଟାରୀ କ୍ଲବ ମିଡ୍ ଟାଉନ, ଭଦ୍ରକ ସହରରେ କୋଭିଡ୍ ମହାମାରୀ ସମୟରୁ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚିତ କରିଥିଲେ। ରୋଟାରିଆନ୍ ଅତିସ ବେହେରା ଶିବିର ଉଦ୍ଦେଶ୍ୟ ଓ କାର୍ଯ୍ୟକ୍ରମ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ପ୍ରଶିକ୍ଷକ ଆମେରିକା ଓଡ଼ିଆ ସୋସାଇଟିର ଡାକ୍ତର ସୁଚିସ୍ମିତା ସ୍ୱାଇଁ ବିସ୍ତୃତ ଭାବେ ସିପିଆରର ଆବଶ୍ୟକତା ସମ୍ବନ୍ଧରେ ଆଲୋକପାତ କରି ଉପସ୍ଥିତ ଏନସିସି ଛାତ୍ରଛାତ୍ରୀଙ୍କୁ, ଗୁଜରାଟି ସମାଜ, ମାରୱାଡି ସମାଜ ଓ ବ୍ରହ୍ମକୁମାରୀ ସମାଜ ରଉପସ୍ଥିତ ସଭ୍ୟସଭ୍ୟାମାନଙ୍କୁ ପ୍ରଶିକ୍ଷିତ କରାଇଥିଲେ। ସିପିଆରର ସରଳ ଓ ସହଜ ପ୍ରକ୍ରିୟା ଦ୍ୱାରା କିପରି ଅନେକ ମୂଲ୍ୟବାନ ଜୀବନ ବଞ୍ଚାଇ ହେବ ବୁଝାଇଥିଲେ। ହୃଦରୋଧ (କାଡ୍ରିକ୍ ଏରେଷ୍ଟ) ହୃଦ୍‌ଘାତ (ହାର୍ଟ ଆଟାକ୍)ଠାରୁ ଭିନ୍ନ। ହଠାତ୍ ହୃଦପିଣ୍ଡର ସ୍ପନ୍ଦନ ବନ୍ଦ ହୋଇଯାଏ। ଏହି ସମୟରେ ସିପିଆର୍ କରି ସେ ବ୍ୟକ୍ତିର ସ୍ପନ୍ଦନକୁ ଫେରାଇ ଅଣାଯାଇପାରିବ। ରୋଟାରିଆନ୍ ସନାତନ ଜେନା, ଅଶୋକ ଲାଖାନି, ଜିତେନ୍ଦ୍ର ଅଗ୍ରୱାଲ, ଅନିଲ କୁମାର ଦେ, ବେଦପ୍ରକାଶ ଗୁପ୍ତା, ସମରେନ୍ଦ୍ର ନାଥ ମିଶ୍ର ପ୍ରମୁଖ ଶିବିର ପରଚାଳିତ କରିଥିଲେ। ରୋଟାରିଆନ୍ ପ୍ରୀତିରଞ୍ଜନ ଜେନାଙ୍କର ସିପିଆର୍ ସମ୍ବନ୍ଧିତ ମହତ୍ତ୍ୱପୂର୍ଣ୍ଣ ସୂଚନା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ମଦିନା ମଇଦାନରେ ଚକ୍ଷୁ ଚିକିତ୍ସା ଶିବିର



**ଭଦ୍ରକ, ୪।୧୨(ସମିସ):** ଭଦ୍ରକ ପୁରୁଣା ବଜାର ଅନ୍ତର୍ଗତ ମଦିନା ମଇଦାନ ଠାରେ ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ସାଂସଦ ଓ ବିଧାୟକ ସ୍ୱର୍ଗତ ଗୋକୁଳା ନନ୍ଦ ମହାନ୍ତିଙ୍କର ୪୯ତମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ, ଗୋକୁଳା ନନ୍ଦ ମହାନ୍ତି ଜିଲ୍ଲା ସ୍ମୃତି କମିଟି ଓ ଭଦ୍ରକ ମୁସଲିମ ଜମାତର ମିଳିତ ଆନୁକୂଲ୍ୟରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଏକ ବିଶେଷଜ୍ଞ ଡାକ୍ତରୀ ଦଳଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ୩ଶହରୁ ଊର୍ଦ୍ଧ୍ୱ ରୋଗୀମାନଙ୍କର ବିଭିନ୍ନ ପ୍ରକାରର ଚକ୍ଷୁ ପରୀକ୍ଷା କରାଯିବା ସହ ମାଗଣା ରେ ଔଷଧ ପ୍ରଦାନ କରାଯାଇଥିଲା। ସର୍ବପ୍ରଥମେ ଜିଲ୍ଲା ସ୍ମୃତି କମିଟି ସମ୍ପାଦକ ଆଇନଜୀବୀ ବିଷ୍ଣୁମୋହନ ମହାପାତ୍ର ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। ସ୍ମୃତି କମିଟି ସଭାପତି ବରିଷ୍ଠ ସମାଜସେବୀ ଲଲାଟେନ୍ଦୁ ମହାନ୍ତି ସ୍ୱାଗତ ଭାଷଣ ଦେବା ସହିତ ସଭା ପରିଚାଳନା କରିଥିଲେ। ଉକ୍ତ ଶିବିରଟିକୁ ଭଦ୍ରକର ଅତିରିକ୍ତ ଏସ୍‌ପି ବିଜୟ ରଞ୍ଜନ କେରକେଟା ଓ ଭଦ୍ରକ ମୁସଲିମ ଜମାତ ସଭାପତି ହାଜି ମହମ୍ମଦ ଅବଦୁଲ ବାରି, ସମାଜସେବୀ ହାଜି ମହମ୍ମଦ ଫାରୁକ, ସମାଜସେବୀ ହାଜି ମହମ୍ମଦ ଅବଦୁଲ ମୁକିତ ଖାଁ ପ୍ରମୁଖ ଉଦଘାଟନ କରିଥିଲେ। ଅତିଥିମାନେ ସ୍ୱର୍ଗତ ଗୋକୁଳା ନନ୍ଦ ମହାନ୍ତିଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ ଓ ଶିବିର ଆୟୋଜନ କରିଥିବା ତାଙ୍କ ନାତି ଜ୍ୟୋତିପ୍ରକାଶ ମହାନ୍ତିଙ୍କୁ ପ୍ରଶଂସା କରିଥିଲେ। ଏହି ସଭାରେ ସୁଧାକର ରାଉତ, ହାଜି ଅବଦୁଲ କାସିମ ଖାଁ, ମୁସଲିମ ଜମାତର ସମ୍ପାଦକ ସେକ ଏନାମ, ସମାଜସେବୀ ହରି ନନ୍ଦି, ପୂର୍ବତନ କାଉନସିଲର ଅସରଫ୍ ଅଲ୍ଲି ଖାନ, ସେକ ହିବବୁରରେହେମାନ ଖାନ, ହୃଦାନନ୍ଦ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

## ‘ନୂଆ-ଓ’ ଯୋଜନା କାର୍ଯ୍ୟକ୍ରମରେ ଯୋଗ ପ୍ରଶିକ୍ଷଣ

**ଭଦ୍ରକ, ୪।୧୨(ସମିସ):** ଓଡ଼ିଶା ସରକାରଙ୍କ ପକ୍ଷରୁ ‘ନୂଆ-ଓ’ ଯୋଜନା କାର୍ଯ୍ୟକ୍ରମ ଗତ ୪ ଦିନ ଧରି ଚାଲିଆସିଥିବା ବେଳେ ଆଜି ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୫ମ ଦିନରେ ପହଞ୍ଚିଛି। ଏହି ଦିବସରେ ଏକ ବିଶାଳ ‘ଯୋଗ’ ଶିବିର ମହାବିଦ୍ୟାଳୟର ପେଣ୍ଡେଲ ନିକଟରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଯୋଗ ଶିକ୍ଷକ ଭରତ କୁମାର ବାରିକ ନିଜର ଦୁଇଜଣ ସହାୟକଙ୍କ ସହାୟତାରେ ପରିଚାଳନା କରିଥିଲେ। ଯୋଗଦ୍ୱାରା ମନୁଷ୍ୟ କିଭଳି ସୁସ୍ଥ ସବଳ ହୋଇପାରିବା ସହ ସମାଜକୁ କିଭଳି ସଂସ୍କାର ଆଣି ସମସ୍ତଙ୍କ ମଧ୍ୟରେ ଏକତାର ମହାମନ୍ତ୍ର ବୁଣିପାରିବ, ତାହା ଏହି ଶିବିରର ମୂଳ ଲକ୍ଷ୍ୟ ଥିଲା। ବିଭିନ୍ନ ଯୋଗାସନ ଦ୍ୱାରା ଛାତ୍ରଛାତ୍ରୀ ଓ ସ୍ଥାନୀୟ ଅଧିବାସୀଙ୍କୁ ଯୋଗଶିକ୍ଷକମାନେ ଅବଗତ କରାଇଥିଲେ। ମହାବିଦ୍ୟାଳୟର ଏତାଦୃଶ କାର୍ଯ୍ୟ ବୁଦ୍ଧିଜୀବୀ ମହଲରେ ବେଶ୍ ପ୍ରଶଂସିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦୁର୍ଗାଶଙ୍କର ଦାସ, ନୋଡାଲ ଅଫିସର ଡ. ଲକ୍ଷ୍ମୀକାନ୍ତ ନାୟକ ଓ ଡ. ଅଜିତ୍ କୁମାର ଦାସ, ସାମାଜିକ କାର୍ଯ୍ୟକଳାପର ସଂଯୋଜକ ଡ. ପଦ୍ମନାଭ ପତ୍ରୀ ଓ ଡ. ସ୍ୱପ୍ନା ସୋନାଲିକା ଜେନା, ଅଧାପକ ଡ. ସୁଦର୍ଶନ ଦାସ, ଅଧାପକ ଡ. ନାରାୟଣ ବେହେରା, ଅଧାପକ ଡ. ସତ୍ୟନାରାୟଣ ବାରିକ ଏବଂ ଅଧାପକ ଡ. ସଞ୍ଜୟ ଶତପଥୀ ପ୍ରତ୍ୟକ୍ଷ ଭାବେ ପରିଚାଳନା କରିଥିଲେ।

## ବାଇକ୍ ଚୋରି ଅଭିଯୋଗ

**ଅସୁରାଳି, ୪।୧୨(ସମିସ):** ଧାମନଗର ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଗୋବିନ୍ଦପୁର ବଜାରରେ ଏକ ଜନସେବା କେନ୍ଦ୍ର ଆଗରୁ ରାତି ୨ଟାରେ ପରିଚାଳକ କୋରୁଆ ଗାଁର ବରୁଣ ନାୟକଙ୍କ ବାଇକ୍ ଚୋରି ହୋଇଛି। ସବୁଦିନ ଭଳି ଦୋକାନ ବନ୍ଦ କରି ସେ ଦୋକାନ ଭିତରେ ଶୋଇଥିବା ବେଳେ ଗତକାଲି ରାତିରେ ଏକ ଅଜଣା ବ୍ୟକ୍ତି ତାଙ୍କ ଗାଡ଼ି (ନଂ ଓଡି୨୨ଇ ୭୫୦୮)ଟିକୁ ଷ୍ଟାର୍ଟ କରି ଅସୁରାଳି ଆଡ଼କୁ ଚାଲିଯାଇଥିଲେ। ଶବ୍ଦଶୁଣି ବରୁଣ ପିଛା କରିବାକୁ ଚେଷ୍ଟା କରିଥିଲେ। ମାତ୍ର ବିଫଳ ହୋଇଥିଲେ। ଏହି ଚୋରି ନେଇ ପୁଲିସ ପାଟ୍ରୋଲିଂ କଡାକଡି କରିବାକୁ ଦାବି ହୋଇଛି।

## ସମାଜସେବୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



**ମଞ୍ଜୁରୀରୋଡ, ୪।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ନଗୁଆଁ ଗ୍ରାମପଞ୍ଚାୟତ ଡଗରପଡ଼ା ଠାରେ ସମାଜସେବୀ ଶଶିକାନ୍ତ ନାୟକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ମହିଳା ସଂଗଠିକା ମାନସୀ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି ଇଂପ୍ରୟାସକାନ୍ତି ସାମଲ ଯୋଗଦେଇ ସ୍ୱର୍ଗତ ନାୟକଙ୍କ ସମାଜ ପ୍ରତି ରହିଥିବା ସମର୍ପିତ ସେବା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ସମାଜସେବୀ ରାଜେନ୍ଦ୍ର ଖଣ୍ଡାଇ, ହେମନ୍ତ ଜେନା, ଅଭୟ ବେହେରା, ବିଜୟ ମଲ୍ଲିକ, ସହକାରୀ ଯନ୍ତ୍ରୀ ହୃଦାନନ୍ଦ ଜେନା, ଶି ନାରାୟଣ ପାଣି, ନିଳାମ୍ବର ସାହୁ, ଜୟନ୍ତ ମହାନ୍ତି ପ୍ରମୁଖ ଯୋଗଦେଇ ଦିବଂଗତ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ନିରୂପମା ନାୟକଙ୍କ ସଂଯୋଜନାରେ ଅତିଥି ମାନଙ୍କ ଦ୍ୱାରା ସ୍ୱର୍ଗତ ନାୟକଙ୍କ ଏକ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଥିଲା। ସାମାଜିକ କର୍ମୀ ଚିନ୍ମୟ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।।

## ଦମୟନ୍ତୀ ରାଉତଙ୍କ ପୁସ୍ତକ ‘ଭାବଭକ୍ତି’ ଲୋକାର୍ପିତ



**ଭଦ୍ରକ, ୪।୧୨(ସମିସ):** ଭଦ୍ରକ ସହରର ଆମ ମାତୃଭାଷା ପରିଷଦ ଓ ଚନ୍ଦ୍ରଶେଖର ରାଉତ ଟ୍ରଷ୍ଟ ଆନୁକୂଲ୍ୟରେ, ସଂସ୍କୃତି ଭବନରେ ଦମୟନ୍ତୀ ରାଉତଙ୍କ ଆଧ୍ୟାତ୍ମିକ ପୁସ୍ତକ ‘ଭାବଭକ୍ତିର’ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ସଦସ୍ୟ ଇଂ. ଅଭୟ ସୂତାରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ବିଶିଷ୍ଟ ଅତିଥି ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ମୁଖ୍ୟବକ୍ତା ପଣ୍ଡିତ ଦୈତାରୀ ମହାପାତ୍ର, ସମ୍ମାନୀତ ଅତିଥି ଅଧାପକ ନୀହାର ରଞ୍ଜନ କର, ଅତିଥି ସ୍ୱରାଜ ବାର୍ତ୍ତା ସମ୍ପାଦକ ତଥା ସାମ୍ବାଦିକ ରବିନାରାୟଣ ଖିଲାର, ସରସ୍ୱତୀ ଶିଶୁମନ୍ଦିର ପ୍ରଧାନ ଆଚାର୍ଯ୍ୟ ଭାଗବତ ମହାଳିକ, ଶିଶୁ ସାହିତ୍ୟିକ ଶଶିକାନ୍ତ ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ। କବି ହୃଦୟର ଉଚ୍ଛ୍ୱାସ ନୀରବତାର ସ୍ୱରଲିପି, ଜୀବନର ଦୁଃଖ ସୁଖ ମଧ୍ୟରେ ସାହିତ୍ୟର ଲେଖନୀ କବି ବା ଲେଖକ ହୃଦୟର ବିପ୍ଳବର କୋହ, ପ୍ରେମପ୍ରୀତି ଭରା ଆଶ୍ୱାସନା ଯାଦୁକରୀ ଶବ୍ଦରେ ପ୍ରକାଶ କରିଥାଏ। ଉକ୍ତ ପୁସ୍ତକରେ କବି ମଧ୍ୟ ତାହାହିଁ ପରିପ୍ରକାଶ କରି ପିତା, ମାତା, ଗୁରୁ ଓ ପ୍ରଭୁଙ୍କ ପ୍ରତି ଶରଣାଗ୍ରତ ହୋଇଛନ୍ତି। ଉକ୍ତ ଉତ୍ସବରେ ମଞ୍ଚ ଆହ୍ୱାନ କରିଥିଲେ କବୟିତ୍ରୀ ମମତାରାଣୀ ଦାଶ, ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ ଡାକ୍ତର ଅନିଲ କୁମାର ଦାଶ, ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ଶିକ୍ଷୟିତ୍ରୀ ଜାନକୀ ପାଢ଼ୀ ଓ ଦୀପ୍ତିମୟୀ ସାହୁ, ମଞ୍ଚ ପରିଚାଳନା କରିଥିଲେ ଯଶୋବନ୍ତ ରାଉତ, ଦ୍ୱୀତିକୃଷ୍ଣ ରାଉତ, ଜିଜ୍ଞାସା ରାଉତ, ସ୍ୱୟଂପ୍ରଭା ଦାସ, ବିଶ୍ୱଜିତ୍ ଦାସ। ଶଶିକଳା ମିଶ୍ର ଭଜନ ପରିବେଷଣ କରିଥିଲେ, ଶେଷରେ ରତିକାନ୍ତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଧାମରା ପୋର୍ଟର କାର୍ଗୋ ପରିଚାଳନାରେ ସର୍ବକାଳୀନ ରେକର୍ଡ

**ଭଦ୍ରକ, ୪।୧୨(ସମିସ):** କାର୍ଗୋ ପରିଚାଳନାରେ ଆଦାନୀ ଧାମରା ପୋର୍ଟ ପ୍ରତି ମାସରେ ରେକର୍ଡ କରିଚାଲିଛି। ଆଦାନି ପୋର୍ଟସ୍ ଆଣ୍ଡ ସ୍ପେଶାଲ ଇକୋନୋମିକ୍ ଜୋନ୍ ଅଧୀନରେ ଥିବା ଧାମରା ପୋର୍ଟ ନଭେମ୍ବର ମାସରେ ମୋଟ ୪ ମିଲିଅନ୍ ମେଟ୍ରିକ ଟନ୍ କାର୍ଗୋ ପରିଚାଳନା କରିଛି। ଯାହାକି ଏକମାସ ମଧ୍ୟରେ ସର୍ବୋଚ୍ଚ ଅଟେ। ସେହିପରି ଚଳିତ ବର୍ଷ ମେ’ ମାସ ୩୦ ତାରିଖରେ ଧାମରା ପୋର୍ଟ ୩.୮୪ ଏମ୍‌ଏମ୍‌ଟି କାର୍ଗୋ ପରିଚାଳନା କରିଥିଲା। ସବାଧିକ ସଂଖ୍ୟକ ଏଥିସହ ଆମଦାନୀ ଓ ରପ୍ତାନୀ କ୍ଷେତ୍ରରେ ଧାମରା ପୋର୍ଟ ପୂର୍ବ ଭାରତର ଏକ ବିକଶିତ ବନ୍ଦର ଭାବରେ ନିଜକୁ ପ୍ରତିପାଦିତ କରିପାରିଛି ଏବଂ ଆଗାମୀ ଭବିଷ୍ୟତରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନିଜକୁ ପ୍ରତିଷ୍ଠିତ କରିବା ନେଇ ପ୍ରଚେଷ୍ଟା ଜାରି ରଖିଛି। ଅକ୍ଟୋବର ମାସରେ ମୋଟ ୫୦ଟି ଜାହାଜ ପରିଚାଳନା କରିଥିଲା ବେଳେ ନଭେମ୍ବର ମାସରେ ୫୭ଟି ଜାହାଜ ଡ୍ରାଏ କାର୍ଗୋ ପରିଚାଳନା କରିଛି। ଧାମରା ପୋର୍ଟର ଏହି ସଫଳତାକୁ ନେଇ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବେନ୍ଦ୍ର ଠକ୍କର ସମସ୍ତ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। କର୍ମଚାରୀଙ୍କ ଅକ୍ଳାନ୍ତ ପରିଶ୍ରମ ଓ କର୍ତ୍ତବ୍ୟନିଷ୍ଠା ହିଁ ପୋର୍ଟକୁ ସଫଳତା ପରେ ସଫଳତା ଦେଇଚାଲିଛି। ଆଗାମୀ ଦିନରେ ଧାମରା ପୋର୍ଟ ନୂତନ ରେକର୍ଡର ଅଧିକାରୀ ହେବ ବୋଲି ସେ କହିଛନ୍ତି। ଆଦାନି ପୋର୍ଟସ୍ ଆଣ୍ଡ ସ୍ପେଶାଲ ଇକୋନୋମିକ୍ ଜୋନ୍ (ଏପିଏସ୍‌ଇଜେଡ୍) ହେଉଛି ଭାରତର ସର୍ବବୃହତ୍ ବନ୍ଦର ଓ ଲଜିଷ୍ଟିକ୍ କମ୍ପାନୀ ଯାହା ଦେଶର ଏକ ଚତୁର୍ଥାଂଶ କାର୍ଗୋ ପରିଚାଳନା କରିଥାଏ। ଦେଶର ଗୁଜରାଟ, ମହାରାଷ୍ଟ୍ର, ଗୋଆ, କେରଳ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ ଓ ଓଡ଼ିଶା ଆଦି ୭ଟି ରାଜ୍ୟର ୧୩ଟି ଘରୋଇ ବନ୍ଦର ଏପିଏସ୍‌ଇଜେଡ୍ ଦ୍ୱାରା ପରିଚାଳିତ। ଅତ୍ୟାଧୁନିକ ଭିତିଭୂମି, ସ୍ୱୟଂଚାଳିତ ଉଚ୍ଚକ୍ଷମତା ସମ୍ପନ୍ନ ମେସିନ୍‌ର ବ୍ୟବହାର ଏପିଏସ୍‌ଇଜେଡ୍‌ର ବନ୍ଦରଗୁଡ଼ିକୁ କେବଳ ଯେ ଉତ୍କୃଷ୍ଟ କରିଛି ତାହା ନୁହେଁ ବରଂ ଭାରତୀୟ ଉପକୂଳରେ ବୃହତ୍ ଜାହାଜଗୁଡ଼ିକ ପରିଚାଳନା କରିବାରେ ସକ୍ଷମ। ଏଥିସହ ଏପିଏସ୍‌ଇଜେଡ୍ ସର୍ବଦା ନିଜର କର୍ମଚାରୀଙ୍କ ସୁରକ୍ଷା ପ୍ରତି ପ୍ରତିଶ୍ରୁତିବଦ୍ଧ।




## ଜିଲ୍ଲା ସଦର ମହକୁମାରେ ମିଳିତ ଜନଶୁଣାଣି ଶିବିର

ଭଦ୍ରକ, ୪।୧୨(ସମିସ)

ମାସର ପ୍ରଥମ ସୋମବାରରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି ଶିବିର ଜିଲ୍ଲା କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଏସ୍‌ପି ବରୁଣ ଗୁଣ୍ଟୁପାଲି ଏହି ଶିବିରରେ ଯୋଗଦେଇ ସମୁଦାୟ ୧୧୮ ଜଣଙ୍କ ଠାରୁ ଅଭିଯୋଗ ଶୁଣିଥିଲେ। ସେଥି ମଧ୍ୟରେ ୯୪ଟି ବ୍ୟକ୍ତିଗତ ଓ ୨୪ଟି ସାମୂହିକ ସମସ୍ୟା ଭିତ୍ତିକ ଅଭିଯୋଗ ଥିଲା। ସିଏମ୍‌ଆର୍‌ଏଫ୍ ସମ୍ବନ୍ଧୀୟ ଥିବା ଚିକିତ୍ସା ପାଇଁ ୪ଜଣ ଆବେଦନକାରୀଙ୍କୁ ସମୁଦାୟ ୫୫ ହଜାର ଓ ରେଡକ୍ରସ ପାଣ୍ଠିରୁ ୪ ଜଣଙ୍କୁ ୨୯ ହଜାର ଟଙ୍କାର ଆର୍ଥିକ ସହାୟତା ମଞ୍ଜୁର କରାଯାଇଛି। ଗୁରୁତର ବ୍ୟାଧିର ଚିକିତ୍ସା ପାଇଁ ସିଏମ୍‌ଆର୍‌ଏଫ୍‌ରୁ କାଦବରାଙ୍ଗର ରୀନାରାଣୀ ପଣ୍ଡାଙ୍କୁ ୨୫ ହଜାର ଟଙ୍କା, ଧାମନଗରର ପୀତାମ୍ବର ଜେନାଙ୍କୁ ୧୦ ହଜାର, ହାସନପୁରର ରକ୍ମଣୀ ମିଶ୍ରଙ୍କୁ ୧୦ ହଜାର, ଶେରପୁର, ଭଦ୍ରକର ରାମଚନ୍ଦ୍ର ନାୟକଙ୍କୁ ୧୦ହଜାର ଏବଂ ରେଡ଼କ୍ରସ, ପାଣ୍ଠିରୁ ଚିକିତ୍ସା ପାଇଁ ମିର୍ଜାପୁରର ସେକ୍ ଆକବରଙ୍କୁ ୪ହଜାର ଅର୍ଜୁନପୁରର କବିତା ପାଢ଼ୀଙ୍କୁ ୧୦ ହଜାର, ପିରିପୁରର ହେମଲତା ସାହୁଙ୍କୁ ୧୦ ହଜାର ଏବଂ ଧାମନଗରର ସୁକେଶ ନାୟକଙ୍କୁ ୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର, ଉପଜିଲ୍ଲାପାଳ ମନୋଜ ପାତ୍ର ପ୍ରମୁଖ ଏହି ଶିବିରରେ ଯୋଗଦେଇ ଅଭିଯୋଗ ଶୁଣାଣି କାର୍ଯ୍ୟରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ। ବିଭାଗୀୟ ଅଧିକାରୀମାନେ ମଧ୍ୟ ଏହି ଶିବିରରେ ଉପସ୍ଥିତ ରହି ଅଭିଯୋଗ ସମାଧାନ ନେଇ ଆବଶ୍ୟକ ତଥ୍ୟ ଉପସ୍ଥାପନ କରିଥିଲେ। ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଏବଂ ତନ୍ମୟ କମାର ଜେନା ଅଭିଯୋଗ ଉପସ୍ଥାପନାରେ ସହଯୋଗ କରିଥିଲେ। ଅଭିନେତ୍ରୀ ମହାନ୍ତି ଏବଂ ଲିସାରାଣୀ ରାଉତ ଅଭିଯୋଗ ପଞ୍ଜିକରଣରେ ସହଯୋଗ କରିଥିଲେ। ଧାନ କିଣା, ରେସନକାର୍ଡ, ଦିବ୍ୟାଙ୍ଗ ଓ ବାର୍ଦ୍ଧକ୍ୟ ଭତା, ଜମିଜମା ଆଦି ସମସ୍ୟା ସହ ପୋଲିସ୍, ଶିକ୍ଷା, ସମାଜ ମଙ୍ଗଳ, ସ୍ୱାସ୍ଥ୍ୟ ଆଦି ବିଭାଗୀୟ ସମସ୍ୟା ସମ୍ବନ୍ଧୀୟ ଅଭିଯୋଗ ମାନ ଆଗତ ହୋଇଥିଲା।



● ଆଜି ପ୍ରଥମାଷ୍ଟମୀ

# ସମୟଚକ୍ରରେ ହଜିଯାଉଛି ଏଣ୍ଡୁରି ପିଠା

**ଆଗରପଡ଼ା, ୪।୧୨(ସମିସ):** ଓଡ଼ିଆ ସଂସ୍କୃତି ଓ ପରମ୍ପରାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ପ୍ରଥମାଷ୍ଟମୀ। ପରିବାରର ଜ୍ୟେଷ୍ଠ ସନ୍ତାନଙ୍କ ପାଇଁ ପାଳନ କରାଯାଇଥିବା ଏହି ପର୍ବର ଅନ୍ୟତମ ଆକର୍ଷଣ ହେଲା ଏଣ୍ଡୁରି ପିଠା। ଏହାର ସ୍ୱତନ୍ତ୍ରତା ହେଉଛି ଏଥିରେ ହଳଦୀପତ୍ର ବ୍ୟବହାର କରାଯାଇଥାଏ। କିନ୍ତୁ ଆଜିର ଏହି ଆଧୁନିକ ଦୁନିଆଁରେ ହଜିଯାଉଛି ବହୁ ପରମ୍ପରା। ସେଥି ମଧ୍ୟରେ ହଳଦୀପତ୍ରରେ ପ୍ରସ୍ତୁତ ଏଣ୍ଡୁରୀପିଠା ଆଉ ଦେଖିବାକୁ ମିଳୁନାହିଁ। ମାର୍ଗଶିର ମାସରେ ପ୍ରଥମାଷ୍ଟମୀ ପଡୁଥିବାରୁ ହଳଦୀପତ୍ରରେ ପ୍ରସ୍ତୁତ ଏହି ପିଠା ସ୍ୱାସ୍ଥ୍ୟ ପ୍ରତି ଉପାଦେୟ ହୋଇଥାଏ। ଏହି ଦିନ ଗାଁଗଣ୍ଡାରେ ଘରେ ଘରେ ହଳଦୀପତ୍ର ଉପରେ ଉଆପଖିଆ ଚାଉଳ, ବିରିରେ ପ୍ରସ୍ତୁତ ପିଠୋଉକୁ ନଡ଼ିଆପୁର, ଛେନାପୁର, ଖସାପୁର ଦିଆଯାଇ ଗୋଟିଏ ହାଣ୍ଡିର ମୁହଁରେ କନା ବାନ୍ଧି ତାକୁ ଚୁଲି ଉପରେ ରଖାଯାଇ ଯେଉଁ ପିଠା ପ୍ରସ୍ତୁତ କରାଯାଇଥାଏ ତାକୁ ଏଣ୍ଡୁରୀ ପିଠା କୁହାଯାଇଥାଏ। ତାକୁ ଅଥାର କୁହାଯାଇଥାଏ। ହଳଦୀ ପତ୍ର ଦ୍ୱାରା ସିଝା ଯାଇ ଏହି ପିଠା ପ୍ରସ୍ତୁତ ହୋଇଥିବାରୁ ଏହା ସ୍ୱାସ୍ଥ୍ୟ ପ୍ରତି ହିତକାରକ ହୋଇଥାଏ। କିନ୍ତୁ ସମୟ ଚକ୍ରରେ ଆଧୁନିକ ମଣିଷ ହଜାଇ ଦେଉଛି ଏଣ୍ଡୁରୀ ପିଠାକୁ, ଆପଣେଇ ଚାଲିଛି ଓଭାନ୍ ଓ ଇଡ଼ଲି ଛାଞ୍ଚରେ ପ୍ରସ୍ତୁତ ଇଡ଼ଲି ପିଠା ଓ ବିରି ପିଠାକୁ। ଫଳରେ ହଜିଯାଉଛି ଓଡ଼ିଆ ସଂସ୍କୃତି ଓ ପରମ୍ପରା।



ସମ୍ଭାବ୍ୟ ବର୍ଷାକୁ ନେଇ ଚାଷୀ ମୁଣ୍ଡରେ ଚଡ଼କ

# ଖୋଲା ଆକାଶ ତଳେ ପଡ଼ିଛି ପାଚିଲା ଧାନ

ଆଗରପଡ଼ା, ୪।୧୨(ସମିସ)

ବାତ୍ୟା ପ୍ରଭାବରେ ସୋମବାର ସକାଳୁ ପାଗ କୋହଲା ରହିବା ସହ ସନ୍ଧ୍ୟାରେ ଝିପିଝିପି ବର୍ଷା ହେବା ଫଳରେ ଚାଷୀ ମୁଣ୍ଡରେ ଚଡ଼କ ପଡ଼ିଛି। ବର୍ଷକର ପରିଶ୍ରମ ସବୁ ବର୍ଷା ଯୋଗୁଁ ଧୋଇ ହୋଇଯିବାର ଆଶଙ୍କା ସୃଷ୍ଟି ହୋଇଛି। ଏହି ଅଞ୍ଚଳରେ ପ୍ରାୟ ୮୦ ପ୍ରତିଶତ ଲୋକ କେବଳ ଧାନଚାଷ କରି ପରିବାର ପ୍ରତିପୋଷଣ କରିଥାନ୍ତି। ଏହି ଚାଷକୁ ଛାଡ଼ିଦେଲେ ଆୟ କରିବାର ଅନ୍ୟ କିଛି ପନ୍ଥା ନାହିଁ। ବହୁ ଲୋକ ବ୍ୟାଙ୍କ୍ ଋଣ କିମ୍ବା ଗାଉଁଲି ଧାର କରଜ କରି ଚାଷ କାର୍ଯ୍ୟ ଆରମ୍ଭ କରିଥାନ୍ତି। ଏଥର ମଧ୍ୟ ଠିକ୍ ସେପରି ଉପାୟରେ ଧାନ ଚାଷ କରିଥିଲେ। ଅନେକ ଭାଗ ଚାଚାଷୀ ମଧ୍ୟ ରହିଛନ୍ତି। କିଛି ସ୍ଥାନରେ ଧାନ କଟାଯାଇ ବିଲରେ ପଡ଼ିଛି। ବର୍ଷା ଯୋଗୁଁ ସେଠାରେ ତାହା ଗଜା ହୋଇ ନଷ୍ଟ ହୋଇଯିବାର ଆଶଙ୍କା ସୃଷ୍ଟି ହୋଇଛି। ଆଉ କିଛି ଲୋକ ପାଗକୁ ଦେଖି ତରବରିଆ ଭାବେ ଖଳାରେ ଆଣି ଧାନକୁ ରଖିଥିଲେ ସୁଦ୍ଧା ଏଠାରେ ମଧ୍ୟ ସମ ପରିସ୍ଥିତି ସୃଷ୍ଟି ହୋଇଛି। ଖୋଲା ଆକାଶ ତଳେ ଧାନ ଗୁଡ଼ିକ ପଡ଼ି ରହିଥିବା ବେଳେ ଏହି ବର୍ଷା ଚାଷୀଙ୍କ ଚିନ୍ତାକୁ ଦ୍ୱିଗୁଣ କରିଦେଇଛି। ପୂର୍ବ ବର୍ଷ ପରି ପ୍ରକୃତି ପୁଣି ଦାଉ ସାଜିବନି ତ ଏହି ଚିନ୍ତାରେ ଚାଷୀର ନିଦ ହଜିଯାଇଥିବା ପରିଲକ୍ଷିତ ହୋଇଛି।



## ସୁରେନ୍ଦ୍ରଙ୍କୁ ସ୍ୱର୍ଣ୍ଣ ପଦକ




**ମଞ୍ଜୁରୀରୋଡ, ୪।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ରହଣିଆ ଗ୍ରାମର ସୁରେନ୍ଦ୍ର ଦାସଙ୍କୁ ପୁରୁଷ ସୁନ୍ଦର ସ୍ୱାସ୍ଥ୍ୟ ପ୍ରଦର୍ଶନରେ ସ୍ୱର୍ଣ୍ଣ ପଦକ ମିଳିଛି। ସୁରେନ୍ଦ୍ର ଦୀର୍ଘ ୩ବର୍ଷ ହେବ ବଡ଼ିବିଲ୍ଡିଂ ଓ ପୁରୁଷ ସୁନ୍ଦର ସ୍ୱାସ୍ଥ୍ୟ ପ୍ରଦର୍ଶନ ପ୍ରତିଯୋଗିତାରେ ନିରନ୍ତର ଭାଗ ନେଉଥିବା ବେଳେ ଏଯାବତ ସେ ୮ଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସମ୍ପ୍ରତି ପୁରୀ ଠାରେ ମିଷ୍ଟର ୟୁନକ୍ୟୁସି ପକ୍ଷରୁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ୨୩ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଓଡ଼ିଶା ସମେତ ଆସାମ, ଛତିଶଗଡ଼, ଦିଲ୍ଲୀ, ମହାରାଷ୍ଟ୍ର ପ୍ରମୁଖ ରାଜ୍ୟର ପ୍ରତିଯୋଗୀ ମାନେ ସୁନ୍ଦର ସ୍ୱାସ୍ଥ୍ୟ ପ୍ରଦର୍ଶନ କରିଥିଲେ। ତନ୍ମଧ୍ୟରୁ ସମସ୍ତଙ୍କୁ ପଛରେ ପକାଇ ସୁରେନ୍ଦ୍ର ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସ୍ୱର୍ଣ୍ଣର୍ ପଦକ ହାସଲ କରିଛନ୍ତି। ଏନେଇ ବିଭିନ୍ନ ମହଲରୁ ତାଙ୍କୁ ବିପୁଳ ସ୍ୱାଗତ ଜଣାଯାଇଛି।

● ପ୍ରତିଶ୍ରୁତିରେ ବନ୍ଧା ଆଗରପଡ଼ା-ବରପଦା ସ୍ଥାୟୀ ରାସ୍ତା ନିର୍ମାଣ

# ୮ ବର୍ଷ ପରେ ବି ମରାମତିରେ ସୀମିତ ରାସ୍ତା

**ଆଗରପଡ଼ା, ୪।୧୨(ସମିସ):** ଭଦ୍ରକ ଜିଲ୍ଲା ପୂର୍ତ୍ତ ବିଭାଗ ଅଧୀନସ୍ଥ ଆଗରପଡ଼ା-ବରପଦା ରାସ୍ତାଟି ଜିଲ୍ଲାର ଅନ୍ୟତମ ପ୍ରମୁଖ ବ୍ୟସ୍ତ ବହୁଳ ରାସ୍ତା। ଏହି ରାସ୍ତାରେ ପ୍ରତିଦିନ ଶତାଧିକ ଯାତ୍ରୀବାହୀ ଯାନବାହନ ସମେତ ଅନ୍ୟାନ୍ୟ ଗାଡ଼ିମଟର ଚଳାଚଳ କରିଥାଏ। ତେଣୁ ଉକ୍ତ ରାସ୍ତାର ଗୁରୁତ୍ୱକୁ ନେଇ ବିଭାଗ ତରଫରୁ ଗତ ୨୦୧୫ ମସିହାରେ ୧୯ କୋଟି ଟଙ୍କା ମଞ୍ଜୁର ଅର୍ଥରେ ରାସ୍ତା ନିର୍ମିତ ହୋଇଥିଲା। କିନ୍ତୁ ନିର୍ମାଣ ସମୟରେ ଏହାର ସ୍ଥାୟୀତ୍ୱ ପ୍ରତି ବିଭାଗ ତରଫରୁ କୌଣସି ପଦକ୍ଷେପ ନିଆଯାଇନଥିବାରୁ ଉକ୍ତ ରାସ୍ତା ନିର୍ମାଣ ଏକ ପ୍ରହସନରେ ପରିଣତ ହେବା ସହ ୮ ବର୍ଷ ପରେ ବି କେବଳ ମରାମତିରେ ସୀମିତ ରହିଛି ଉକ୍ତ ରାସ୍ତା।

ଆଗରପଡ଼ା-ବରପଦା ରାସ୍ତାର ସ୍ଥାୟୀ ମରାମତି ପାଇଁ କାର୍ଯ୍ୟାନୁଷ୍ଠାନ ନେବାକୁ ବର୍ଷ ୨୦୨୧ ଜୁନ ମାସରେ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରବର୍ତ୍ତୀ ସମୟରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ମାଟିର ଆଦ୍ରତା ଯୋଗୁଁ ନିର୍ମିତ ରାସ୍ତା ପ୍ରତିବର୍ଷ ଫାଟୁଛି, ଏହି ସମସ୍ୟାର ଏକ ସ୍ଥାୟୀ ସମାଧାନ ପାଇଁ ପ୍ରସ୍ତୁତି ସରିଛି ବୋଲି କହିଥିଲେ। କିନ୍ତୁ ରାସ୍ତା ଅବସ୍ଥା ଶୋଚନୀୟ ହେବାରୁ ବିଭିନ୍ନ ଗଣମାଧ୍ୟମରେ ଏଥିନେଇ ବାରମ୍ବାର ଖବର ପ୍ରକାଶିତ ହେବା ପରେ ଗତ ବର୍ଷ ୨୦୨୨ ମାର୍ଚ୍ଚ ମାସରେ ଉକ୍ତ ରାସ୍ତାର ମରାମତି କାର୍ଯ୍ୟ ବିଭାଗ ପକ୍ଷରୁ କରାଯାଇଥିଲା। କିନ୍ତୁ ମରାମତିକୁ ବର୍ଷେ ନ ପୂରୁଣୁ ଉକ୍ତ ରାସ୍ତା ସମ୍ପୂର୍ଣ୍ଣ ଦବି ଯିବା ସହ ବହୁ ଜାଗା ଫାଟି ମରଣଯନ୍ତା ପାଲଟିଯାଇଥିଲା। ଅପରପକ୍ଷରେ କାଦବରାଙ୍ଗ ବଜାର ଠାରୁ କାଦବରାଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ପାଖାପାଖି ୪୫୦ମିଟର କଂକ୍ରିଟ ନିର୍ମିତ ରାସ୍ତା ମଧ୍ୟ ମଝିରୁ ଦୁଇଫାଳ ହୋଇଯାଇଥିଲା। ଯଦ୍ୱାରା ସାଇକଲ କିମ୍ବା ମୋଟରସାଇକଲ ଆରୋହୀ ରାସ୍ତାରେ ଯିବାକୁ ନିରାପଦ ମଣୁ ନଥିଲେ। ଟିକେ ଅସାବଧାନତାରେ ଗାଡ଼ିଚକା ଫାଟିଥିବା ରାସ୍ତାରେ ପସି ଦୁର୍ଘଟଣା ଘଟିବ ଏଥିରେ ସନ୍ଦେହ ନଥିଲା। ପରେ ରାସ୍ତା ସ୍ଥାୟୀ ମରାମତି ନେଇ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ଏହି ରାସ୍ତାକୁ ୭ ମିଟର ଓସାର କରିବା ସହ ନୂଆ ରାସ୍ତା ନିର୍ମାଣ ପାଇଁ ୪୪ କୋଟି ଟଙ୍କାର ଯୋଜନା ଅଟକଳ ମଞ୍ଜୁର ପାଇଁ ଦିଆଯାଇଛି। ଏହି ଅଟକଳ ମଧ୍ୟରେ ଛୋଟ ପୋଲ ଓ ଜମି ଅଧିଗ୍ରହଣ କରାଯିବ। ଅଟକଳ ମଞ୍ଜୁର ହେବାପରେ ଟେଣ୍ଡର କରାଯାଇ କାର୍ଯ୍ୟ ଆରମ୍ଭ ହେବାର ସୂଚନା ମଧ୍ୟ ସେ ଦେଇଥିଲେ। କିନ୍ତୁ ଅଧିକାରୀଙ୍କ ପ୍ରତିଶ୍ରୁତିରେ ଆଗରପଡ଼ା-ବରପଦା ରାସ୍ତା ବନ୍ଧା ପଡ଼ିଥିବା ବେଳେ ବାରମ୍ବାର ଅଭିଯୋଗ ଓ ଧାରଣା ଦେବାର ଚେତାବନୀ ଦେବା ପରେ ବିଭାଗ ପକ୍ଷରୁ ସ୍ଥାୟୀ ରାସ୍ତା ନିର୍ମାଣ ହେବା ପରିବର୍ତ୍ତେ ଏହାର ମରାମତି କରାଯାଇଥିଲା। ବର୍ତ୍ତମାନ କାଦବରାଙ୍ଗ ବଜାର ଠାରୁ କାଦବରାଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ପାଖାପାଖି ୪୫୦ମିଟରର କଂକ୍ରିଟ ନିର୍ମିତ ବିପଦ ସଙ୍କୁଳ ଅବସ୍ଥାରେ ଥିବା ରାସ୍ତାର ମରାମତି କରାଯାଇଛି। ତେଣୁ ସ୍ଥାୟୀ ରାସ୍ତା ନିର୍ମାଣକୁ କାଗଜକଲମରେ ସୀମିତ ନରଖି ଏହାର ନିର୍ମାଣ ପ୍ରକ୍ରିୟା ଯଥାଶୀଘ୍ର ଆରମ୍ଭ କରିବାକୁ ସାଧାରଣରେ ଦାବି ହୋଇଛି।



## ବେତାଳୀ ଗାଁରୁ-ଆରଡ଼ି ଯାଏଁ ଲମ୍ବିଛି ଜୁଆ ଆଡ୍ଡା

**ଅସୁରାଳି, ୪।୧୨(ସମିସ):** ଧାମନଗର ବ୍ଲକ ରେ ବେତାଳୀ ଗାଁ ଅଞ୍ଚଳରେ ଦିନକୁ ଦିନ ଜୁଆ, ଚୋରା ମଦ କାରବାର ସହିତ ପ୍ରତିଦିନ ଛୋଟ ବଡ଼ ଚୋରି ବୃଦ୍ଧି ପାଇବାରେ ଲାଗିଛି। ଯେ କୌଣସି ଉତ୍ସବ ଅନୁଷ୍ଠାନରେ ଜୁଆ ଖେଳ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଗୁଡିକ ଅପେରା ଶୋ କରିବା ଆଳ ରେ ରାତିରେ ବେଧଡକ ଭାବେ ଜୁଆ ଖେଳ କରି ସାଧାରଣ ଲୋକଙ୍କୁ ପ୍ରକାଶ୍ୟରେ ଲୁଟାଯାଉଛି। ବିଶେଷ କରି ଧୂଷରୀ ଥାନା ଅଧୀନ ବେତାଳୀ ଗାଁ ଠାରୁ ଆରମ୍ଭ କରି ଆରଡ଼ି ପର୍ଯ୍ୟନ୍ତ ଅଞ୍ଚଳରେ ଖୁଲମ ଖୋଲା ଭାବରେ ଏହି ଜୁଆ ଖେଳ ବେଆଇନ ଭାବେ ଚାଲୁଥିବା ବେଳେ ପୋଲିସ ସବୁ ଜାଣି ଶୁଣି ଆଖି ବୁଜି ଦେବା ଅଞ୍ଚଳବାସୀଙ୍କୁ ଆଶ୍ଚର୍ଯ୍ୟ କରିଛି। ଲକ୍ଷ ଲକ୍ଷ ଟଙ୍କା ଚାନ୍ଦା ଆଦାୟ କରି ଅନୁଷ୍ଠାନ କରାଯାଉଛି। କିନ୍ତୁ ଯାତ୍ରା ପାର୍ଟିକୁ ଆଣି ସେମାନଙ୍କୁ ତାଙ୍କର ପ୍ରାପ୍ୟ ଦେବା ପାଇଁ ଜୁଆ ଖେଳାଳି ମାନଙ୍କ ଠାରୁ ମୋଟା ଅଙ୍କର ଅର୍ଥ ନେଇ ସେମାନଙ୍କୁ ଜୁଆ ଖେଳ କରିବାକୁ ପରୋକ୍ଷରେ ଅନୁଷ୍ଠାନ ଗୁଡ଼ିକ ସହଯୋଗ କରୁଛନ୍ତି। ଯାତ୍ର ଦେଖିବାକୁ ଆସିଥିବା ଲୋକେ ଅର୍ଥ ଲୋଭରେ ଏହି ସର୍ବନାଶି ଖେଳ ଖେଳି ସବୁ ହରାଇ ଘରକୁ ଫେରୁଛି। ପୁଲିସ ସବୁ ଜାଣି ନାମକୁ ମାତ୍ର ଥରେ ଅଧେ କ୍ଷେତ୍ର ଭ୍ରମଣ କରି ବସିଯାଏ। ଏହି ଜୁଆକୁ ନେଇ ବିଭିନ୍ନ ସମୟରେ ଗୋଷ୍ଠୀ ବିବାଦ, ଅଶାନ୍ତ ପରିସ୍ଥିତି, ପାରିବାରିକ ଅଶାନ୍ତି ଆଦି କ୍ରମଶଃ ବୃଦ୍ଧି ପାଇବା ଦେଖାଯାଉଛି। ଏଦିଗରେ ଜିଲ୍ଲା ପୋଲିସ ମୁଖ୍ୟ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଇନ୍ଦ୍ରଗୋବିନ୍ଦ ହାଇସ୍କୁଲରେ ଚକ୍ଷୁ ପରୀକ୍ଷଣ ଶିବିର

**ଧାମନଗର, ୪।୧୨(ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ ଚୁଡାକୁଟି ପଞ୍ଚାୟତ ସ୍ଥିତ ଇନ୍ଦ୍ରଗୋବିନ୍ଦ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଠାରେ ଛାତ୍ରଛାତ୍ରୀଙ୍କୁ ନେଇ ଏକ ବ୍ଲକସ୍ତରୀୟ ଚକ୍ଷୁ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଚକ୍ଷୁ ପରୀକ୍ଷଣ ଶିବିରେ ଇନ୍ଦ୍ରଗୋବିନ୍ଦ କ୍ଲଷ୍ଟର, କୋରୁଆ କ୍ଲଷ୍ଟର, ତପନେଶ୍ୱର କ୍ଲଷ୍ଟର ୩୮ ବିଦ୍ୟାଳୟରୁ ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି ସ୍ୱନକ୍ଷତ୍ର ମାଧ୍ୟମରେ ନିଜର ଆଖି ପରୀକ୍ଷଣ କରାଇଥିଲେ। ବିଦ୍ୟାଳୟରେ କେହି ଦୃଷ୍ଟିବାଧିତ ପିଲା ପାଠ ପଢ଼ାରୁ ବଞ୍ଚିତ ନରହିବା ଉଦ୍ଦେଶ୍ୟରେ ଏହି କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା। ଭଦ୍ରକ ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ଡାକ୍ତର ସୁପ୍ରିୟା ସାହୁ, ବସନ୍ତ ବେହେରା, ନରେନ୍ଦ୍ର ରାଉତ ପ୍ରମୁଖଙ୍କ ସହ ଜଣେ ଚକ୍ଷୁ ସହାୟକ ଏହି ଆଖି ପରୀକ୍ଷଣ କରାଇଥିଲେ। ସ୍ୱେଚ୍ଛାସେବୀ ଗଙ୍ଗାଧର ଧଳଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବ୍ଲକ ସମ୍ବଳ ଶିକ୍ଷକ ହରମୋହନ ପତି, ପ୍ରଦୀପ୍ତ ରାଉତ, ବିପ୍ରଚରଣ ଦଳାଇ, ନିରୁପମା ବେହେରାଙ୍କ ସମେତ ସ୍କୁଲର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀଓ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ। ଶେଷରେ କମ ଦୃଷ୍ଟି ଶକ୍ତି ଥିବା ପିଲାଙ୍କୁ ମାଗଣାରେ ଚଷମା ପ୍ରଦାନ କରାଯିବ ବୋଲି ବିଭାଗ ତରଫରୁ ସୂଚନା ଦିଆଯାଇଛି।

# ଚାରୁ ଓ କାରୁକଳାର ଅନନ୍ୟ ବିନ୍ଧାଣୀ ପ୍ରମୋଦ

**ଅସୁରାଳି, ୪।୧୨(ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ ବମକୁରା ପଞ୍ଚାୟତର ପ୍ରମୋଦ ସୂତାର(୫୨) ଜଣେ ବିରଳ ପ୍ରତିଭାର ଅଧିକାରୀ। ସେ ସୃଜନଶୀଳ କାଠ କାରିଗର ତଥା ଧାମନଗର ଏବଂ ଭଦ୍ରକ ଜିଲ୍ଲାରେ ତାଙ୍କର ଅନେକ ସୁଖ୍ୟାତି ରହିଛି। ଖାଲି ଧାମନଗର, ଭଦ୍ରକ ନୁହେଁ ରାଜ୍ୟର ବିଭିନ୍ନ ସ୍ଥାନ ଓ ରାଜ୍ୟ ବାହାରେ ତାଙ୍କର କଳାକୃତି ପ୍ରଶଂସନୀୟ ହୋଇଛି। କାଠରେ ନିହାଣ ମୁନରେ ନିଖୁଣ ଭାବରେ ମହାପ୍ରଭୁ ଜଗନ୍ନାଥଙ୍କ ଠାରୁ ଆରମ୍ଭ କରି ମା' ଲକ୍ଷ୍ମୀ, ଗଣେଶ ପ୍ରଭୃତି ମୂର୍ତ୍ତି ଗଢି ଆଜି ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛନ୍ତି। ତାଙ୍କ ଚାରୁକଳାରେ ବିଭିନ୍ନ ଡିଜାଇନର ବକ୍ସ ପଲଙ୍କ, ବନ୍ଧ, କବାଟ ସୁନ୍ଦର ସୁନ୍ଦର ତିଆରି କରି ଆଜି ସୁନାମ ଅର୍ଜନ କରିଛନ୍ତି। ଗତ ୨୫ ବର୍ଷ ଧରି ଅପ୍ରତିଦ୍ୱନ୍ଦି ଭାବେ ଏହି କାର୍ଯ୍ୟ କରି ଆସୁଛନ୍ତି। ତାଙ୍କର ହାତ ତିଆରି ବିଭିନ୍ନ ମୂର୍ତ୍ତି ଦେଶରେ ବଡ଼ ବଡ଼ ସହର ଠାରୁ ଆରମ୍ଭ କରି ତଥା ଦିଲ୍ଲୀ, ମୁମ୍ବାଇ, କଲିକତା, ଚେନ୍ନାଇ, ବାଙ୍ଗାଲୋର ଆଦି ସହର କୁ ରପ୍ତାନି ହୁଏ। ରାଜ୍ୟର ଭୁବନେଶ୍ୱର, ପୁରୀ, କଟକ, ରାଉରକେଲା ଆଦି ସ୍ଥାନରେ ତାଙ୍କ କଳାର ନିପୁଣତା ବିଛେଇ ହୋଇଛି। ବିଭିନ୍ନ ସହରରୁ ତାଙ୍କର କାଠ ମୂର୍ତ୍ତି ଅର୍ଡର ଆସିଥାଏ। ସରକାରଙ୍କ ପକ୍ଷରୁ ଯଦି କୌଣସି ପ୍ରୋତ୍ସାହନ ମିଳନ୍ତା ସେ ଆଗାମୀ ଦିନରେ ଓଡ଼ିଶାରେ ସଫଳ କାରିଗର ଭାବରେ ସୁନାମ ଅର୍ଜନ କରି ପାରନ୍ତେ। ତାଙ୍କର ଏହି କଳା କାରିଗରୀ ତାଙ୍କର ଭାଇ ବିଷ୍ଣୁ ସୂତାରଙ୍କ ପାଖରୁ ଶିଖିଥିଲେ ଏବଂ ସେହି ଶିକ୍ଷା ତାଙ୍କୁ ଆଜି ଜନମାନସ ରେ ପରିଚିତ କରି ପାରିଛି।



## ଓଡ଼ିଆରେ ପ୍ରଶ୍ନପତ୍ର; ଉତ୍ତର ଦେଇପାରିଲେନି ପରୀକ୍ଷାର୍ଥୀ

**ଭଦ୍ରକ, ୪।୧୨(ସମିସ) :** ରବିବାର ସାରା ରାଜ୍ୟରେ ୮ମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏନ୍‌ଏମ୍‌ଏମ୍‌ଏସ୍ (ନ୍ୟାସନାଲ ମିନ୍ସ କମ୍ ମେରିଟ୍ ସ୍କଲାରସିପ) ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ତେବେ ଏହି ପରୀକ୍ଷାରେ ଓଡିଆରେ ପ୍ରଶ୍ନପତ୍ର ଆସିଥିବାରୁ ସିବିଏସଇ ଅଧୀନରେ ପଢୁଥିବା ଛାତ୍ରଛାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏପରି ଅଭିଯୋଗ ବିଭିନ୍ନ ଜିଲ୍ଲାରୁ ଆସିଥିବା ବେଳେ ସେଥିମଧ୍ୟରେ ଭଦ୍ରକ ଜିଲ୍ଲାର ବହୁ ପରୀକ୍ଷାର୍ଥୀଙ୍କ ଠାରୁ ଜାଣିବାକୁ ମିଳିଛି। ବନ୍ତ ବ୍ଲକ ପଳାସଗଡ଼ିଆସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରୁ ୩୫ ଜଣ ଛାତ୍ରଛାତ୍ରୀ ଏହି ପରୀକ୍ଷା ଦେଇଥିଲେ। ସେମାନେ ଇଂରାଜୀ ମାଧ୍ୟମରେ ପାଠ ପଢୁଥିବା ବେଳେ ଓଡିଆ ପାଠ୍ୟକ୍ରମ ସେମାନଙ୍କୁ ଜଣାନାହିଁ। ଏପରିସ୍ଥଳେ ଓଡ଼ିଆରେ ପ୍ରଶ୍ନପତ୍ର ଆସିଥିବାରୁ ସେମାନେ କୌଣସି ଉତ୍ତର କରି ପାରିନଥିଲେ। ପ୍ରତିବର୍ଷ ବିଭିନ୍ନ ଭାଷାରେ ପ୍ରଶ୍ନପତ୍ର ପ୍ରସ୍ତୁତ କରାଯାଉଥିବା ବେଳେ ଚଳିତ ବର୍ଷ କେବଳ ଓଡିଆରେ ପ୍ରଶ୍ନପତ୍ର ତିଆରି କରାଯାଇ ସିବିଏସଇ ପରୀକ୍ଷାର୍ଥୀଙ୍କ ପାଇଁ ସମସ୍ୟା ସୃଷ୍ଟି କରାଯାଇଛି ବୋଲି ଅଭିଯୋଗ ହୋଇଛି। ତେବେ ରାଜ୍ୟ ସରକାର ଉକ୍ତ ଘଟଣାକୁ ଗୁରୁତ୍ୱ ଦେଇ ଆଉ ଥରେ ପରୀକ୍ଷା କରିବା ପାଇଁ ଅଭିଭାବକ ମାନେ ଦାବି କରିଛନ୍ତି।



## ଉତ୍ତରାଖଣ୍ଡ ଟନେଲରୁ ଉଦ୍ଧାର ତପନଙ୍କୁ ବିପୁଳ ସ୍ୱାଗତ

**ବାସୁଦେବପୁର, ୪।୧୨(ସମିସ):** ବାସୁଦେବପୁର ସ୍ଥିତ ସାନକୃଷ୍ଣପୁର ପଞ୍ଚାୟତ ୪୦ ଚେନ ଗ୍ରାମର ଶ୍ରମିକ ତପନ ମଣ୍ଡଳ ଉତ୍ତରାଖଣ୍ଡ ଟନେଲରୁ ଉଦ୍ଧାର ହେବା ପରେ ଘରକୁ ଫେରିଛନ୍ତି। ଆଜି ଅପରାହ୍ନରେ ଘରେ ପହଞ୍ଚିବା ପରେ ଗ୍ରାମବାସୀଙ୍କ ପକ୍ଷରୁ ବ୍ୟାପକ ସ୍ୱାଗତ କରାଯାଇଥିଲା। ମା' ଗୌରୀ ଓ ବାପା ମଣ୍ଟୁ ମଣ୍ଡଳ ତପନକୁ କୁଣ୍ଢାଇ ବାଉନି କାନ୍ଦୁଥିବା ଦୃଶ୍ୟ ସଭିଁଙ୍କୁ କନ୍ଦାଇଥିଲା। ବ୍ଲକର ସାନକୃଷ୍ଣପୁର ପଞ୍ଚାୟତର ଚାଳିଶଚେନ ଗ୍ରାମର ମଣ୍ଟୁ ମଣ୍ଡଳଙ୍କ ୧୯ ବର୍ଷୀୟା ପୁଅ ତପନ ନିଜର ବଡଭାଇ ସପନଙ୍କ ନିକଟକୁ ଗତ ଜୁନ ମାସରେ ବୁଲିବାକୁ ଯାଇଥିଲେ। ସେଠାରେ ସୁଯୋଗ ମିଳିବାରୁ ଗତ ଜୁଲାଇ ମାସରେ ଟନେଲ ଖୋଲା ପାଇଁ ନିୟୋଜିତ ନବଯୁଗ ଇଞ୍ଜିନିୟରିଂ କମ୍ପାନୀର ବୁମର ମେସିନ (ଡ୍ରିଲ୍ ମେସିନ)ରେ ହେଲ୍‌ପର ଭାବେ ଯୋଗ ଦେଇଥିଲେ। ସେଠାରେ ଯୋଗ ଦେବା ପରେ ମାସିକ ୧୬/୧୭ ହଜାର ଟଙ୍କାରେ ଚୁକ୍ତି ହୋଇଥିବା ସୂଚନା ମିଳିଛି। ଉକ୍ତ ଟନେଲରେ ଶ୍ରମିକ ଭାବେ କାର୍ଯ୍ୟରତ ଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଏହି ଦୁର୍ଘଟଣା ଖବର ପରିବାର ନିକଟରେ ପହଞ୍ଚିବା ପରେ ଦୁଃଖର ବାତାବରଣ ଦେଖା ଦେଇଥବଲା। ଆଶା ଅଶଙ୍କାରେ ବାପା ମଣ୍ଟୁ ଓ ମା' ଗୌରୀ ରହିଥିଲେ।

ଭାରତ ସିକ୍ୟୁରିଟି ସର୍ଭିସ ସଂସ୍ଥାର ଜାଲିଆତି

# ମିଥ୍ୟା ବିଲ୍ ପ୍ରଦାନ କରି ଟଙ୍କା ହଡ଼ପ ଅଭିଯୋଗ

ଧାମନଗର, ୪।୧୨(ସମିସ)

ଧାମନଗର ଏନ୍‌ଏସିରେ ସଫେଇ କାର୍ଯ୍ୟ ଦାୟିତ୍ୱରେ ଥିବା ଭାରତ ସିକ୍ୟୁରିଟି ସର୍ଭିସ ସଂସ୍ଥାର ଦୀର୍ଘ ଦିନ ହେବ ମିଆଦି ସରିଯାଇଥିବା ବେଳେ ମିଥ୍ୟା ବିଲ୍ ପ୍ରସ୍ତୁତ କରି ସରକାରୀ ଅର୍ଥ ଲକ୍ଷ ଲକ୍ଷ ଟଙ୍କା ଲୁଟ କରୁଥିବା ଆରଟିଆଇ ମାଧ୍ୟମରେ ସୂଚନା ମିଳିବା ପରେ କାଉନସିଲରମାନେ ଲିଖିତ ଅଭିଯୋଗ କରିଛନ୍ତି। ସଫେଇ ଦାୟିତ୍ୱରେ ଥିବା ସଂସ୍ଥା ୫୪ ଜଣ ଝାଡୁଦାରଙ୍କ ବିଲ ଆଗତ କରି କାର୍ଯ୍ୟାଳୟ ଠାରୁ ଦରମା ପାଇଥିବା ବେଳେ ପ୍ରକୃତରେ ସେହି ସଂଖ୍ୟା ଠାରୁ ବହୁତ କମ୍ ବ୍ୟକ୍ତି ଝାଡୁ ମାରୁନଥିବା ଅନ୍ୟ କେତେକ ବ୍ୟକ୍ତିଙ୍କ ନାମରେ ମିଥ୍ୟା ବିଲ ନେଉଛନ୍ତି। ଯାହା ସମ୍ପୂର୍ଣ୍ଣ ବେଆଇନ ଓ ସରକାରୀ ଅର୍ଥ ହଡ଼ପ କରାଯାଇଛି ବୋଲି ଅଭିଯୋଗ କରିଛନ୍ତି। ଉକ୍ତ ସଂସ୍ଥା ଦ୍ୱାରା ସମସ୍ତ ୱାର୍ଡରୁ ଯେତେ ଗାଡ଼ି ମଇଳା ଓ ଆବର୍ଜନା ଉଠାଣ କରାଯାଇଛି। ମିଥ୍ୟାରେ ତାହାଠାରୁ ବହୁ ଅଧିକ ଗାଡି ମଇଳା ଉଠାଣ କରାଯାଇଥିବା ବିଲ କରି ଭଡ଼ା ନେଉଥିବା ଅଭିଯୋଗ ହୋଇଛି। ସୋମବାର ପୂର୍ବାହ୍ନରେ କାଉନସିଲର ଉତ୍ତମ ମହାନ୍ତିଙ୍କ ନେତୃତ୍ୱରେ ସ୍ୱାଧୀନ ସମ୍ବିତ ଦାସ, ଅନସ୍ୱୟା ମଲ୍ଲିକ, ଜାନକୀଲତା ସେଠୀ, ରହିମା ଖାତୁନ, ଉମେତୁଲ ଅନ୍, ସୁବାଷିନୀ କର ଏପରି ଅଭିଯୋଗ କରିଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ସେକ କୁରବାନ (ଟିଙ୍କଲ), ମୀର ମୁରତୁଜା, ଏମଡି ଖଲିଲୁଲା, ବିଜୟ ବେହେରା ପ୍ରମୁଖ ଉପସ୍ଥିତ ରହି ଡୁଡା ପିଡି ମାନସରଞ୍ଜନ ରାୟ ଓ ଏନଏସି ଅଧିକାରୀ ସନ୍ତୋଷ ନାୟକଙ୍କୁ ଏନ୍‌ଏସି କାର୍ଯ୍ୟାଳୟ ସଭାଗୃହରେ ଭେଟି ଏପରି କାର୍ଯ୍ୟ କରୁଥିବା ଠକ ସଂସ୍ଥାର ବାକିଥିବା ବିଲ ବନ୍ଦ କରିବାକୁ ଦାବି କରିଥିଲେ। ଉକ୍ତ ସଂସ୍ଥା ସହ ହୋଇଥିବା ଚୁକ୍ତିନାମାର ଅବଧି ସମ୍ପୂର୍ଣ୍ଣ ହୋଇ ସାରିଥିବାରୁ ନୂତନ ସଫେଇ ସଂସ୍ଥା ନିଯୁକ୍ତି ପାଇଁ ଆବଶ୍ୟକୀୟ ଆଇନଗତ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି। ଅନ୍ୟପକ୍ଷରେ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଧିକାରୀ ପ୍ରତିଶ୍ରୁତି ଦେଇଛନ୍ତି।



# 'ଯୁବ ଓଡ଼ିଶା ନବୀନ ଓଡ଼ିଶା' ଉଦ୍‌ଯାପିତ

**ବାସୁଦେବପୁର, ୪।୧୨(ସମିସ):** ବାସୁଦେବପୁର ଅଟଳ ବିହାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସ୍ନାତକ ବିଭାଗରେ ଯୁବ ଓଡ଼ିଶା ନବୀନ ଓଡ଼ିଶା ଯୋଜନାର ସାମାଜିକ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ବିଷ୍ଣୁମୋହନ ସ୍ୱାଇଁଙ୍କ ପୌରାହିତ୍ୟରେ ମୁଖ୍ୟଅତିଥି ସ୍ଥାନୀୟ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ପୌରାଧକ୍ଷା ନିବେଦିତା ବେହେରା, ପରିଚାଳନା ସମିତି ସଭାପତି ବନମାଳୀ କୁଅଁର, ପ୍ରାଧ୍ୟାପକ ବସନ୍ତ ବଳ, ମାଧ୍ୟମିକ ବିଦ୍ୟାଳୟର ନୋଡାଲ ଅଫିସର ଅଧ୍ୟାପକ ବିଜୟ ଅଗସ୍ତୀ, ସାମାଜିକ କାର୍ଯ୍ୟକ୍ରମର ପ୍ରମୁଖ ସୁଜାତା ମହାପାତ୍ର, ସ୍ନାତୋକତ୍ତର ନୋଡାଲ ଅଫସର ଡ.ରାଜେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ଚନ୍ଦନ ସେଠୀ, ଗିରୀଶ ଚନ୍ଦ୍ର ପୁଥାଲ, କୀର୍ତ୍ତିରଞ୍ଜନ ପଟ୍ଟନାୟକ, ଅଧ୍ୟାପିକା ହିମାନୀ ସେଠୀ, ସ୍ୱର୍ଣ୍ଣଲତା ନାୟକ, ପୁଷ୍ପାଞ୍ଜଳି ନାୟକ, ସୋଫିଆ ଶୁଭଦର୍ଶନୀ, ଚନ୍ଦନା ସାହୁ, ସସ୍ମିତା ଓଝା, ଶୁଭସନ୍ଧ୍ୟା ସାହୁ ପ୍ରମୁଖ ପରିଚାଳନା କରିଥିଲେ। ସଭା ଶେଷରେ ସରକାରଙ୍କ ମାଣ୍ଡିଆ ମିଶନକୁ ନେଇ ପିଲାମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା।

ସେହିପରି ତୃପ୍ତି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ଓଡ଼ିଶା ନବୀନ ଓଡ଼ିଶାରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ସଭାଗୃହ ପରିସରରେ ଆୟୋଜିତ ସଭାରେ ଅଧକ୍ଷା ସ୍ନିଗ୍ଧା ମହାନ୍ତିଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ବିଧାୟକ ବିଷ୍ଣୁବ୍ରତ ରାଉତରାୟ, କାର୍ଯ୍ୟକ୍ରମର ନୋଡାଲ ଅଫିସର ଶୈଳବାଳା ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷା କର୍ମଚାରୀ ରଶ୍ମୀରଂଜନ ପାଣିଗ୍ରାହୀ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ଆରତୀ ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ସୁଚେତା ଚାନ୍ଦ, ସାଇସ୍ମୀତା ଜେନା, ଅଳକା ପ୍ରୀୟଦର୍ଶନୀ ପାଢ଼ୀ, ଅଧ୍ୟାପକ ଦେବେନ୍ଦ୍ର ବେହେରା, ରାଜ ସ୍ୱରୂପ ମଲ୍ଲିକ ସୁଶାସନ୍ତ କୁମାର ବାରିକ, ଗୋପାଳ ମହାକୁଡ ପ୍ରମୁଖଙ୍କ ପରିଚାଳନା କରିଥିଲେ।



ଭୁଲ୍ କୃଷି ଦ୍ୱାରା ଆମେ ଉର୍ବର ଚାଷଜମିକୁ ମରୁଭୂମି କରିଚାଲିଛୁ। ଜୈବିକ କୃଷିକୁ ଫେରି ମାଟି ମା'କୁ ନ' ବଞ୍ଚାଇଲେ ଆମର ଭବିଷ୍ୟତ ଅନ୍ଧାର।
-ସଦ୍‌ଗୁରୁ ଜାଗି ବାସୁଦେବ

ସକାଳ
THE SAKALA

# ଜୈବିକ କୃଷିର ବିପୁଳ ବିସ୍ତାର ଜରୁରୀ!

ଏକଦା ସ୍ୱର୍ଣ୍ଣପ୍ରସୂ ଓ ସୁନାର ଚଢ଼େଇ ରୂପେ ଅଭିହିତ ଭାରତ ବ୍ରିଟିଶ୍ ଉପନିବେଶରୁ ସ୍ୱାଧୀନ ହେବା ବେଳକୁ ମରୁଡ଼ି, ଦୁର୍ଭିକ୍ଷ ଓ ପ୍ରାକୃତିକ ବିପ୍ୱତର ଭୂଗୋଳ ଭାବେ ପ୍ରସିଦ୍ଧି ଲାଭ କରିଥିଲା। ଦେଶ ସ୍ୱାଧୀନ ହେବା ବେଳକୁ ଦେଶର ଅଧାରୁ ଅଧିକ ଲୋକମାନଙ୍କୁ ପୂରା ପେଟ ଖାଇବାକୁ ମିଳୁ ନଥିଲା। କିନ୍ତୁ ସବୁଜ ବିପ୍ଳବର ସଫଳତା ସହିତ ବିଂଶ ଶତାବ୍ଦୀ ଶେଷ ହେବା ବେଳକୁ ଭାରତ କୃଷି କ୍ଷେତ୍ରରେ ଊଣା ଅଧିକେ ସ୍ୱାବଲମ୍ବୀ ହୋଇସାରିଥିଲା। ଅଧିକ ଉତ୍ପାଦନକ୍ଷମ ବିହନ, ବିଭିନ୍ନ କିସମର ଘାସମରା ଔଷଧ ଓ କୀଟନାଶକର ପ୍ରୟୋଗ, ରାସାୟନିକ ସାରର ବହୁଳ ବ୍ୟବହାର ଓ ଜଳସେଚନର ସୁବିଧା ଫଳରେ ଦେଶରେ କୃଷି ଉତ୍ପାଦନରେ ଉଲ୍ଲେଖନୀୟ ବୃଦ୍ଧି ହୋଇ ସମ୍ପ୍ରତି ଭାରତ ବିଶ୍ୱ ଖାଦ୍ୟାନ୍ନ ବଜାରକୁ ଧାନ ଓ ଅନ୍ୟାନ୍ୟ ଖାଦ୍ୟ ଦ୍ରବ୍ୟର ରପ୍ତାନିକାରୀ ଦେଶ ଭାବେ ଉଭା ହୋଇଛି। ଦେଶ ମଧ୍ୟରେ ଖାଦ୍ୟାନ୍ନ ଉପଲବ୍ଧି ଓ ଆଇନ ଦ୍ୱାରା ସର୍ବନିମ୍ନ ସହାୟକମୂଲ୍ୟ ନିର୍ଦ୍ଧାରଣ ଯୋଗୁଁ ବିଶାଳ ଖାଦ୍ୟ ଭଣ୍ଡାରଣ ସମ୍ଭବ ହୋଇ ସମଗ୍ର ଦେଶରେ ଖାଦ୍ୟାଭାବ ପରିସ୍ଥିତିର ବିଲୟ ଘଟାଇଛି। ତେବେ ବିଡ଼ମ୍ବନା ଏହି ଯେ ଦେଶରେ କୃଷି ଉତ୍ପାଦକତା କେବେଠାରୁ ଚରମ ସ୍ତରରେ ପହଞ୍ଚି ସାରିଛି ଏବଂ ଏଥିରେ ଅବନତି ପ୍ରକ୍ରିୟା ଆରମ୍ଭ ହୋଇଛି।

ଆଧୁନିକ କୃଷି କିନ୍ତୁ ଏବେ ଆଉ ସମ୍ପୂର୍ଣ୍ଣ ଆଶୀର୍ବାଦ ରୂପେ ଗଣାଯାଇପାରୁନାହିଁ। ରାସାୟନିକ ସାର ଓ କୀଟନାଶକ ଆଦିର ଆଖିବୁଜା ବ୍ୟବହାର ଫଳରେ ଚାଷଜମିରେ ମାଟିର ଗୁଣାତ୍ମକ ମାନ ବହୁତ ହ୍ରାସ ପାଇଛି। ଦେଶର ଅନେକ ଭାଗରେ ବ୍ୟାପକ ଜଳସେଚନ ଫଳରେ ଚାଷଜମିର ଉପରସ୍ତରରେ ଲବଣ ଅଂଶ ବୃଦ୍ଧି ପାଇଛି ଓ ଜଳ ନିଷ୍କାସନ ନ ହେବା ଯୋଗୁଁ ଆର୍ଦ୍ରତାର ସ୍ତର ବୃଦ୍ଧି ପାଇଛି। ପଞ୍ଜାବ ଓ ହରିଆଣାର ଅନେକ ସ୍ଥାନରେ ଉର୍ବର ଅଞ୍ଚଳମାନ ଆଉ ଚାଷ ଉପଯୋଗୀ ମଧ୍ୟ ହୋଇପାରୁନାହିଁ। ଆଉ ଗୋଟିଏ ପରିଣାମ ହେଲା କୃଷି କ୍ଷେତ୍ରରେ ଆର୍ଥିକ ଓ ରାସାୟନିକ ବିଷଚକ୍ରର ଗଭୀର ପ୍ରଭାବ ଲକ୍ଷ୍ୟ କରାଯାଉଛି। ଏଣେ ପ୍ରତିବର୍ଷ ଉତ୍ପାଦନ ବଢ଼ାଇବା ପାଇଁ ଅଧିକରୁ ଅଧିକ ସାର ଓ କୀଟନାଶକ ପ୍ରୟୋଗ ଆବଶ୍ୟକ ପଡୁଛି। ଏହି ରାସାୟନିକ ଦ୍ରବ୍ୟର ଅବଶିଷ୍ଟାଂଶ ଖାଦ୍ୟାନ୍ନ ଓ ଫଳ, ପନିପରିବା ଉତ୍ପାଦନ ସହିତ ଜନସାଧାରଣଙ୍କ ଶରୀରରେ ପ୍ରବେଶ କରୁଛି। ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ରାଜସ୍ଥାନ ଓ ପଞ୍ଜାବ ଆଦି ରାଜ୍ୟରେ କୃଷି କ୍ଷେତ୍ରରେ ବ୍ୟବହାର ହେଉଥିବା ରାସାୟନିକ ପଦାର୍ଥ ଚାଷୀମାନଙ୍କ ସ୍ୱାସ୍ଥ୍ୟରେ କୁପ୍ରଭାବ ପକାଉଛି ଏବଂ ଅନେକାଂଶରେ ଚାଷୀ ସ୍ୱାସ୍ଥ୍ୟହାନିର ଏକ ବଡ଼ କାରଣ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ଖାଦ୍ୟାନ୍ନ, ପନିପରିବା ଓ ଫଳ ଆଦିର ଭଣ୍ଡାରଣ ତଥା ବଜାର ବ୍ୟବସ୍ଥାରେ ଯୋଗାଣ ଶୃଙ୍ଖଳାରେ ସମ୍ପୃକ୍ତ ହୋଇଥିବାରୁ ଏଥିରେ ମଧ୍ୟ ବିଭିନ୍ନ କୀଟନାଶକ ପଦାର୍ଥ ପ୍ରୟୋଗ କରାଯାଉଛି ଏବଂ ତାହା ଖାଉଟିଙ୍କ ସ୍ୱାସ୍ଥ୍ୟ ହାନିର କାରଣ ହେଉଛି। ପୂର୍ବେ ଗାଁଗହଳିରେ ଧାନ ବିଲରେ ରହୁଥିବା ପାଣିରେ କେତେଜାତିର ମାଛ ଜନ୍ମ ନେଉଥିଲେ ଏବଂ ଚାଷୀ ପରିବାରମାନଙ୍କର ଦୈନନ୍ଦିନ ଖାଦ୍ୟର ବ୍ୟବହାରରେ ଆସୁଥିଲା। ଏବେ ତାହା ଦେଖିବାକୁ ସ୍ୱପ୍ନ। କାରଣ ଧାନ କ୍ଷେତରେ ରାସାୟନିକ ସାର ଓ କୀଟନାଶକର ଅତିମାତ୍ରାରେ ପ୍ରୟୋଗ। ୨୦୨୨ ଆର୍ଥିକ ବର୍ଷରେ ଦେଶରେ ପାଖାପାଖି ୩୦୦ ହଜାର ଟନ୍ କୀଟନାଶକ ଓ ୨୦୨୩ ଜୁନ୍ ସୁଦ୍ଧା ୧୧ ନିୟୁତ ଟନ୍ ସାର ଉତ୍ପାଦନ ହୋଇଥିଲା। ଏହାବାଦ୍ ଚାହିଦା ପୂରଣ ପାଇଁ ଭାରତ ବିପୁଳ ପରିମାଣର ସାର ଆମଦାନୀ କରୁଛି। ଏଥିରୁ ଭାରତରେ ସାର ଓ କୀଟନାଶର ପ୍ରୟୋଗର ବିପୁଳତା ସମ୍ପର୍କରେ ଧାରଣା କରାଯାଇପାରେ। ଏତଦ୍‌ବ୍ୟତୀତ ନକଲି ସାର ଓ କୀଟନାଶକ ଯାହାକି ଅତୀବ ମାରାତ୍ମକ, ତାହାର ବ୍ୟବହାର ମଧ୍ୟ ରୋକାଯାଇପାରୁନାହିଁ।

ଏହି ପୃଷ୍ଠଭୂମିରେ ସମ୍ପ୍ରତି ଭାରତୀୟ କୃଷି ସମ୍ମୁଖରେ ଏକ ବଡ଼ ଆହ୍ୱାନ ଆସି ଠିଆ ହୋଇଛି। ଗୋଟିଏ ପଟେ ବର୍ଦ୍ଧିତ ଜନସଂଖ୍ୟାର ଚାପ, ଦେଶର ମୋଟ ଆର୍ଥିକ ଘରୋଇ ଉତ୍ପାଦନରେ କୃଷିର ଯୋଗଦାନରେ ହ୍ରାସ, କୃଷିଜାତ ଦ୍ରବ୍ୟରେ ବିଭିନ୍ନ କାରଣରୁ ରାସାୟନିକ ବିଷର ସ୍ତର ବୃଦ୍ଧି ତଥା ଦେଶର ବ୍ୟାପକ ଅଞ୍ଚଳରେ ମୃତ୍ତିକାର ଉର୍ବରତାରେ ଲଗାତାର ହ୍ରାସ। ଭାରତ ସରକାର ଓ ଓଡ଼ିଶା ସମେତ ଅନେକ ରାଜ୍ୟ ସରକାର ଏଥିପାଇଁ କୃଷି ବୈଜ୍ଞାନିକଙ୍କ ସହାୟତାରେ ଉନ୍ନତ ଓ ଆଧୁନିକ ଜୈବିକ କୃଷିର ବହୁଳ ପ୍ରଚଳନ କରିବାର ରଣନୀତି ଆରମ୍ଭ କରିସାରିଛନ୍ତି। ଏ କ୍ଷେତ୍ରରେ ସମଗ୍ର ସିକ୍କିମ୍ ରାଜ୍ୟ ଭାରତରେ ସମ୍ପୂର୍ଣ୍ଣ ଜୈବିକ କୃଷି ରାଜ୍ୟ ଭାବେ ଘୋଷିତ ହୋଇସାରିଛି। ଆମ ରାଜ୍ୟରେ ମଧ୍ୟ ଜୈବିକ କୃଷି ନୀତି ୨୦୧୮ ମସିହାରୁ ଘୋଷିତ ହୋଇ ୨୦୨୦ରେ ଏହାକୁ ଆହୁରି ସଂଶୋଧିତ ଓ ସମ୍ପ୍ରସାରିତ କରାଯାଇଛି। 'ସମୃଦ୍ଧି' ନାମରେ କାର୍ଯ୍ୟକାରୀ ହେଉଥିବା ରାଜ୍ୟ କୃଷି ନୀତିରେ ୨୦୨୫ ସୁଦ୍ଧା ଜୈବିକ କୃଷିକୁ ୨ ଲକ୍ଷ ହେକ୍ଟରକୁ ସମ୍ପ୍ରସାରଣ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହାଛଡ଼ା ରାଜ୍ୟ ସରକାରଙ୍କ ଦ୍ୱାରା ଆର୍ଥିକ ପ୍ରୋତ୍ସାହନ, ଉନ୍ନତ ବିହନ ଯୋଗାଣ, ଜୈବିକ ସାର ପ୍ରକରଣ ପାଇଁ ବିଭିନ୍ନ ମାର୍ଗଦର୍ଶିକା ଓ ସାହାଯ୍ୟ ତଥା ଜୈବିକ କୃଷି ଉତ୍ପାଦନ ନିମନ୍ତେ ବ୍ୟାଙ୍କ ଋଣ ଓ ପ୍ରମାଣପତ୍ରର ବ୍ୟବସ୍ଥା ଜୈବିକ କୃଷିକୁ ବହୁମାତ୍ରାରେ ପ୍ରୋତ୍ସାହିତ କରୁଛି। ତେବେ ଜୈବିକ କୃଷି ଉତ୍ପାଦନ ଏକ ଖର୍ଚ୍ଚବହୁଳ ପ୍ରକ୍ରିୟା ହୋଇଥିବାରୁ ଏହି ଦ୍ରବ୍ୟଗୁଡ଼ିକର ବଜାର ମୂଲ୍ୟ ଅପେକ୍ଷାକୃତ ଅଧିକ ରହୁଛି ଓ ଆର୍ଥିକ ସ୍ୱଚ୍ଛଳ ପରିବାର ହିଁ ଏହାର ଉପଯୋଗ କରିପାରୁଛନ୍ତି। ଆମ ରାଜ୍ୟରେ ଅନେକ ବେସରକାରୀ ସଂସ୍ଥା ଜୈବିକ କୃଷିକୁ ଆପଣାଇ ନେଲେଣି ଏବଂ ସହରୀ ବଜାର ବ୍ୟବସ୍ଥାରେ ଏହା ଅଧିକ ମାତ୍ରାରେ ଉପଲବ୍ଧ ହେଲାଣି। ତେବେ ମୋଟ ଚାହିଦାର ମାତ୍ର ନଗଣ୍ୟ ଅଂଶରେ ଏହାର ପ୍ରଚଳନ ଆଖିଦୃଶିଆ ଫଳ ଦେଇପାରିବ ନାହିଁ। ଏହାକୁ ବିସ୍ତୃତ କରିବାକୁ ହେଲେ ଅଧିକ ସରକାରୀ ପ୍ରୋତ୍ସାହନ, ଶୀତଳ ଭଣ୍ଡାର ବ୍ୟବସ୍ଥା, ଉନ୍ନତ ବିହନ ଯୋଗାଣ ଓ ଆଧୁନିକ ଗବେଷଣାଲବ୍ଧ ପ୍ରକ୍ରିୟାର ସମନ୍ୱିତ ଉପଯୋଗ ଜୈବିକ କୃଷିକୁ ଅଧିକ ଲୋକପ୍ରିୟ କରାଇପାରିବ। ଏହାଛଡ଼ା ଓଡ଼ିଶାର ପାରମ୍ପରିକ ବିହନକୁ ବିଭିନ୍ନ ସ୍ଥାନରୁ ସଂଗ୍ରହ କରି ତା'ର ସଂରକ୍ଷଣ ଓ ଅଧିକ ପ୍ରଚଳନକୁ ରାଜ୍ୟ ସରକାର ଅଧିକରୁ ଅଧିକ ସହାୟତା କରିବା ଆବଶ୍ୟକ। ଏହା ନ ହେଲେ ଜୈବିକ କୃଷି ଓ ଆମର ଅନନ୍ୟ ସ୍ଥାନୀୟ ଖାଦ୍ୟାନ୍ନର କିସମର ବହୁଳ ଉପକାର ଆମ ରାଜ୍ୟର ଜନସାଧାରଣଙ୍କୁ ମିଳିପାରିବ ନାହିଁ। ଏ କ୍ଷେତ୍ରରେ ପଦ୍ମଶ୍ରୀ ରାଧାମୋହନ ଓ ପଦ୍ମଶ୍ରୀ ସାବରମତିଙ୍କ ସଫଳ ପ୍ରୟୋଗ ଦେଶବିଦେଶରେ ଜ୍ୱଳନ୍ତ ଉଦାହରଣ ସୃଷ୍ଟି କରିଛି। ସେମାନଙ୍କ ଦ୍ୱାରା ପରିଚାଳିତ ଏକଶହ ଏକରର ଏକ ଜୈବିକ କୃଷି ଫାର୍ମ 'ସମ୍ଭବ' ନୟାଗଡ଼ ଜିଲ୍ଲାର ଓଡ଼ଗାଁ ନିକଟରେ ସଫଳତାର ସହ ଏ କ୍ଷେତ୍ରରେ କାର୍ଯ୍ୟରତ ଅଛି। ଆମ ରାଜ୍ୟରେ ଜୈବିକ କୃଷିର ସମ୍ପ୍ରସାରଣ ପାଇଁ ଏଭଳି ଅନେକ ସଫଳ ଅନୁଷ୍ଠାନର ଆବଶ୍ୟକତା ରହିଛି ଏବଂ ଏହା ସାମ୍ପ୍ରତିକ ସମୟର ଏକ ଜରୁରୀ ଚାହିଦା।

# 'ବିଶ୍ୱସନୀୟ ଅସତ୍ୟ'ର ଆତଙ୍କ



ଦୁର୍ଗାପ୍ରସାଦ ଆଚାର୍ଯ୍ୟ
ଜଗତସିଂହପୁର, ମୋ: ୯୮୫୩୩୫୫୧୦୭

ଅନ୍ଧାର ବା ଛାଇ ଆଲୁଅରେ ଆମେ ଯେପରି ରଜ୍ଜୁଟିଏ ଦେଖି ତା'କୁ ସତ ସାପଟିଏ ବୋଲି ମନେ କରୁ, ଏ ଦୃଶ୍ୟମାନ ଜଗତର ଅସ୍ତିତ୍ୱକୁ ଆମେ ସେହିରି ସତ୍ ଅସ୍ତିତ୍ୱ ଭାବରେ ବିଶ୍ୱାସ କରି ଭ୍ରମିତ ହୋଇଥାଉ - ଏଇ ବିଚାରଟି ଆମ ଆଗରେ ବାଢ଼ି ଦେଇଥିଲେ ଅଦ୍ୱୈତ ଦର୍ଶନର ଶ୍ରେଷ୍ଠ ପ୍ରବକ୍ତା ଆଦି ଶଙ୍କରାଚାର୍ଯ୍ୟ। ସେ କହିଥିଲେ -'ଏ ଦୁନିଆଟା ଜମା ବାସ୍ତବ ନୁହେଁ, ମାୟା ମାତ୍ର।' ତେବେ, ଏଇ ପ୍ରାଚ୍ୟ ମନୀଷୀ ଦିବଂଗତ ହେବାର ପ୍ରାୟ ବାରଶହ ବର୍ଷ ପରେ ଆଜିର ଏଇ ଏକବିଂଶ ଶତାବ୍ଦୀରେ ଏ ଦୁନିଆଟା ସତକୁ ସତ ଏକ ମାୟାଦୁନିଆ ବୋଲି ଆମକୁ ଜଣାଇ ଦିଆଗଲାଣି।

'ମାୟାବାଦ' ତତ୍ତ୍ୱଟି ସ୍ଥାନରେ ଏବେ ଆଉ ଯେଉଁ ତତ୍ତ୍ୱଟିକୁ ଆମେ ପ୍ରତିଷ୍ଠା ଦେଇଛେ, ସେଇଟି ହେଉଛି 'ପୋଷ୍ଟ-ଟ୍ରୁଥ୍' ବା 'ଉତ୍ତର-ସତ୍ୟ'ର ତତ୍ତ୍ୱ। ୨୦୧୬ ମସିହାରେ ଆକ୍ସଫୋର୍ଡ ଡିକ୍ସନାରୀ ଯେତେବେଳେ ଏଇ 'ପୋଷ୍ଟ-ଟ୍ରୁଥ୍' ଶବ୍ଦଟିକୁ ସେହି ବର୍ଷର ସର୍ବମାନ୍ୟ ଓ ସର୍ବପ୍ରସାରିତ ଶବ୍ଦ ଭାବରେ ଗ୍ରହଣ କଲା, ତା'ର ଅର୍ଥ ଏଇପରି କରିଥିଲା - 'ଶସ୍ତା ଆବେଗ ଉଜ୍ଜୀବିତ କରି ସର୍ବସାଧାରଣଙ୍କ ମନରେ ଗୋଟିଏ ଧାରଣାକୁ ପ୍ରତିଷ୍ଠା ଦେବା ପାଇଁ ତାହା ମିଛକୁ ସତ୍ୟର ପୋଷାକ ପରିଚ୍ଛଦରେ ସଜ୍ଜିତ କରିଦେବା, ଅର୍ଥାତ୍ ନିରପେକ୍ଷ, ବସ୍ତୁକୈନ୍ଦ୍ରିକ ବିଚାରଟିକୁ ପୂରାପୂରି ଜଳାଞ୍ଜଳି ଦେଇଦେବା।' ଏବେର ଏଇ 'ଉତ୍ତର-ସତ୍ୟ'ର ଯୁଗ ଏହିପରି ଏ ଦୁନିଆକୁ ଅସତ୍ୟର ଦୁନିଆ କରି ଦେଇ ସାରିଲାଣି। ଆମେ ଏବେ ଯାହା ବାରମ୍ବାର ଶୁଣୁଛେ, ଯାହା ଦେଖୁଛେ, ଯାହା ଆମକୁ କୁହାଯାଉଛି, ସେଗୁଡ଼ିକରୁ କେଉଁଟା ସତ, କେଉଁଟା ନିରୋଳା ମିଛ, ତାହା ଜାଣିବାର ଉପାୟ ନାହିଁ।

ଗୋଟିଏ ଖାଦହୀନ ମିଛକୁ ତିନି ତିନି ଥର ବିଶୁଦ୍ଧ ସତ୍ୟ ବୋଲି କହିବାର କଳା ଯାଦୁମନ୍ତ୍ରଟିଏ ଏଇ କେତୋଟି ବର୍ଷ ତଳେ ହିଟ୍‌ଲରଙ୍କ ପାଖଲୋକ ଯୋସେଫ୍ ଗୋଏବଲ୍‌ସ ଆମକୁ ଶିଖାଇ ଦେଇଥିଲେ। ଏବେ ଗୋଏବଲସଙ୍କ ସ୍ଥାନଟି ନେଇ ଯାଇଛି ଆମ ବିଜ୍ଞାନୀମାନଙ୍କ ତୀକ୍ଷ୍ଣ ପ୍ରତିଭାରୁ ସୃଷ୍ଟି ହୋଇଥିବା କୃତ୍ରିମ ବୁଦ୍ଧିମତ୍ତା ଓ ତା'ରି ସ୍ନିଗ୍ଧ ସୌଜନ୍ୟରୁ ଆମ ସାମାଜିକ ଗଣମାଧ୍ୟମଠାରୁ ଆରମ୍ଭ କରି ସବୁପ୍ରକାର ଅନ୍ୟ ବୈଦ୍ୟୁତିକ ଗଣମାଧ୍ୟମ, ଏପରିକି ଛାପା ଗଣମାଧ୍ୟମ ପରସି ଦେଇ ଚାଲିଛନ୍ତି ନାନା ମସଲାଯୁକ୍ତ ମିଛର ଖେଚେଡ଼ି। ବିଚରା ସାଧୁ ସ୍ୱଭାବର ମଣିଷମାନେ, ମହାକୋପୀ ଜଟାଛିଣ୍ଡା ଋଷିମାନେ ତେଣୁ ଗାନ୍ଧୀ ମହାତ୍ମାଙ୍କର ସେଇ ତିନି ମାଙ୍କଡ଼ଙ୍କ ପରି ଆଖି, କାନ, ପାଟି ବନ୍ଦ କରି ଦେବାଟା ନିରୁପଦ୍ରବ ଜୀବନ ଜିଇଁବାର ଏକମାତ୍ର ଶ୍ରେୟ ମାର୍ଗ ବୋଲି ଭାବିବାକୁ ବାଧ୍ୟ ହେଲେଣି। ପୁଣି ବେଡ଼ି ଉପରେ କୋରଡ଼ା ମାଡ଼ ଭଳି 'ପୋଷ୍ଟ-ଟ୍ରୁଥ୍' ସହିତ ବଳ ମିଶାଇ ଦେଲାଣି 'ଡିପ୍‌ଫେକ୍'ର ମହାଆତଙ୍କ। 'ପୋଷ୍ଟ-ଟ୍ରୁଥ୍' ବା 'ଉତ୍ତର-ସତ୍ୟ' ସିନା ବହୁଳ ଭାବରେ ଶବ୍ଦାଶ୍ରୟୀ ଥିଲା, ଏ 'ଡିପ୍‌ଫେକ୍' ବା 'ଘନଘୋର-ଅସତ୍ୟ' ଆଉ ଖାଲି ଶବ୍ଦର ଯାଦୁ ଖେଳ ନୁହେଁ। ଏ ହେଉଛି ରୂପ ପରିବର୍ତ୍ତନ, ସ୍ୱର ପରିବର୍ତ୍ତନ, ବ୍ୟକ୍ତିତ୍ୱ ପରିବର୍ତ୍ତନର ଖେଳ। ଏଥିରେ ତମେ 'ତମେ' ନ ହୋଇ 'ଅନ୍ୟ ଜଣେ' ହୋଇଯିବ। ସେଇ 'ଅନ୍ୟ ଜଣ'ଙ୍କର ରଙ୍ଗଢଙ୍ଗ ତମର ହେଇଯିବ। 'ଶ୍ୟାମ' କେତେବେଳେ 'ଶ୍ୟାମା' ହେଇଯିବ ତ କେତେବେଳେ 'ରାମ', 'ଦାମ' କି 'ଫାମ' ବି ହୋଇଯିବ। ତମ ଏକୋଇରବଳା ବିଶିକେସନ, ଯା'ର କେତେ କେତେ ଝଲମଲ୍, ଚୁଲ୍‌ବୁଲ ଫଟୋ ତମେ କେତେ କେତେ ଡିଜିଟାଲ ଫୋରମ୍‌ରେ ପୋଷ୍ଟ କରି ଦେଇଥିଲ, ମାତ୍ରାତିରିକ୍ତ ବାତ୍ସଲ୍ୟ, ମାତ୍ରାତିରିକ୍ତ ଆତ୍ମପ୍ରଚାରର ନିର୍ବୋଧ ମୋହରେ, ସେଇ ବିଶିକେସନ ଜଣକୁ 'ଡିପ୍ ଫେକ୍'ର ଚତୁର ବିନ୍ୟାସକାରୀମାନେ କି କି ମାରାତ୍ମକ ଚମକପ୍ରଦ ରୂପ ଦେବେ କିଏ କହି ପାରିବ?

ନିକଟରେ ଇଣ୍ଟରନେଟ୍‌ରେ ଗୋଟିଏ ଭିଡିଓ ଛାଡ଼ିଥିଲେ 'କମନ୍‌ସେନ୍‌ସ ମିଡିଆ ଗବେଷଣା' ସଂସ୍ଥାର ମୁଖ୍ୟ ଆମଣ୍ଡା ଲେନ୍‌ହାର୍ଟ। ସେଥିରେ 'ଏଲା' ନାମକ ଗୋଟିଏ ନଅ ବର୍ଷର କାଳ୍ପନିକ ଝିଅ ତା'ର କାଳ୍ପନିକ ପିତାମାତାଙ୍କୁ କହୁଥିଲା- 'ତମେମାନେ ମୋ ଜନ୍ମ ଦିନରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିବା ମୋର ଫଟୋକୁ 'ଡିପ୍‌ଫେକ୍' ତସ୍କରମାନେ ନେଇଯାଇ ମୋର ରୂପ, କଣ୍ଠସ୍ୱରକୁ ଅବିକଳ ନକଲ କରି ଦେବେ ଓ ମୋତେ ଅପହରଣ କରି ନେଇଛନ୍ତି ବୋଲି ଦେଖାଇ ତମ ପାଖରୁ ଦଶ ନିୟୁତ ଡଲାର ଦାବି କରିବେ। ହେ ମୋର ପ୍ରିୟ ପିତାମାତା! ସତର୍କ ହୋଇଯାଅ। ଠିକ୍ ସେମିତି ଜେନିଫର ଡିଷ୍ଟେଫାନୋ ନାମକ ଜଣେ ମହିଳା ଜଣେଇଛନ୍ତି କିପରି ତାଙ୍କ ପନ୍ଦର ବର୍ଷର ଝିଅ ତାକୁ ଅପହରଣ କରି ନିଆଯାଇଛି ବୋଲି କାନ୍ଦି କାନ୍ଦି ଫୋନରେ ସେ କହୁଥିବାର ଶୁଣି ତାହା ସତ ବୋଲି ଭାବି ନେଇଥିଲେ।

ପାଠକେ! ଏ 'ଡିପ୍‌ଫେକ୍', ଯାହାକୁ ଆମେ ଆମ ଭାଷାରେ 'ବିଶ୍ୱସନୀୟ ଅସତ୍ୟ' ବୋଲି ବି କହି ପାରିବା, ଅଚିରେ ଏକ କୋକୁଆ ଆତଙ୍କରେ ପରିଣତ ହେଇଯିବାର ସକଳ ସମ୍ଭାବନା ଜଳଜଳ ହୋଇ ଦିଶିଗଲାଣି। ଆଉ ହୁଏତ ରକ୍ଷା ନାହିଁ। ଏରକାର ବନରେ ନିଶାଗ୍ରସ୍ତ ଯାଦବ କୁଳର ମହାବିନାଶ ହେଇଯିବା ପରି ଆମର ଏ ମାନବ ଜାତି ଏଇ 'ଡିପ୍‌ଫେକ'ର କୋକୁଆ ସନ୍ତ୍ରାସରେ ବୁଦ୍ଧିବିଚାର ଭ୍ରଷ୍ଟ ହୋଇ ମହାବିନାଶ ଆଡ଼କୁ ମାଡ଼ି ଚାଲିବା ଆଉ ବେଶୀ ବିଳମ୍ବ ନୁହେଁ ବୋଧେ।

ଚାର୍ଲସ ଡିକେନ୍‌ସ ଉପନ୍ୟାସ 'ଏ ଟେଲ୍ ଅଫ୍ ଟୁ ସିଟିଜ୍'କୁ ଯେପରି କେତୋଟି ବେଶ୍ ମର୍ମଛୁଆଁ ଅଥଚ ବିରୋଧାଭାସପୂର୍ଣ୍ଣ ବାକ୍ୟରୁ ଆରମ୍ଭ କରିଥିଲେ, ଆମେ ବି ସେଇପରି ଆମର ବର୍ତ୍ତମାନର ଏଇ କୃତ୍ରିମ-ବୁଦ୍ଧିମତ୍ତା ଉପଦ୍ରୁତ କାଳଖଣ୍ଡକୁ ସୂଚିତ କରିବା ପାଇଁ ଲେଖିବା- 'ଏବେ ଆମେମାନେ ମାନବିକ ବୁଦ୍ଧିର ଚମକପ୍ରଦ ଅଥଚ ଭୟାନକ ବିସ୍ଫୋରଣର ଯୁଗରେ ପହଞ୍ଚି ସାରିଛେ। ତେଣୁ ସାବଧାନ, ଅତି ସାବଧାନ।' ଆମ ପୁରାଣରେ ତ ସବୁ 'ଅତି' ଗୁଡ଼ାକ ଅତି ଅହିତ, ଅତି ଗର୍ହିତ ବୋଲି କୁହାଯାଇ ସାରିଛି। ଅତି ଦାନ ଯେପରି ବିନାଶକ, ଅତି ଭୋଗ ମଧ୍ୟ ସେହିପରି ବିନାଶକ। ତେଣୁ ବୁଦ୍ଧିର ଅତି ପ୍ରାବଲ୍ୟ ନିଶ୍ଚୟ ବିନାଶକ ହିଁ ହେବ। ଏ 'ଡିପ୍‌ଫେକ୍'ର ଆତଙ୍କରାଜ ସେଇ ବିନାଶ ପର୍ବର ଅୟମାରମ୍ଭ ମାତ୍ର।

ଆଜିର ଏଇ 'ଡିପ୍‌ଫେକ୍'ର କେତେଗୁଡ଼ିଏ ଆଦି ସଂସ୍କରଣ ଆମ ପୁରାଣ ଶାସ୍ତ୍ରରେ ଆମେ ପଢ଼ିଛେ ମଧ୍ୟ। ସେଥିରୁ ଅତି ଜଣା ତିନୋଟିକୁ ଆମେ ରାମାୟଣରୁ ହିଁ ପାଇଥାଉ। ମାରୀଚ ସୁବର୍ଣ୍ଣ ମୃଗ ରୂପ ଧାରଣ କରି ଉଭୟ ରାମ ଓ ସୀତାଙ୍କୁ ଭ୍ରମିତ କରିଥିଲା, ଋଷି ରୂପ ଧରି ସ୍ୱୟଂ ରାବଣ ଜନକ ନନ୍ଦିନୀଙ୍କୁ ଭ୍ରମିତ କରିଥିଲା ଓ ଅଶୋକ ବାଟିକାରେ ବନ୍ଦୀ ଥିବା ଜନକନନ୍ଦିନୀଙ୍କୁ ରାମଚନ୍ଦ୍ରଙ୍କର ସ୍କନ୍ଧଚ୍ୟୁତ ମସ୍ତକର ମାୟା ରୂପ ଦେଖାଇ ସେଇ ରାବଣ ସତୀସୀତାଙ୍କୁ ଶୋକାଭିଭୂତ କରିଥିଲା। ଯେତେବେଳେ ଏଇ ଛଳ କାରନାମାଗୁଡ଼ିକୁ, ଯାହାକୁ ଆମେ ଆଜିର ଭାଷାରେ 'ଡିପ୍‌ଫେକ୍' ବି କହି ପାରିବା, ପରଂବ୍ରହ୍ମ ଶ୍ରୀରାମଚନ୍ଦ୍ର ଓ ଦେବୀ ସୀତା ସତ ବୋଲି ଭାବିନେଇ ସାମୟିକ ଭାବରେ ହେଉ ପଛେ ଭ୍ରମିତ ହୋଇ ଯାଇଥିଲେ, ସେପରି ସ୍ଥଳେ ଆମ ଭଳି ସାଧାରଣ ମଣିଷମାନେ ଏଇପ୍ରକାର ଡିପ୍‌ଫେକ୍ ବା ଅସତ୍ୟର ଉପଦ୍ରବରୁ ଯେ ରକ୍ଷା ପାଇଯିବେ ଏହା ଭାବିବା ମୂର୍ଖତା ନୁହେଁ କି? ତେଣୁ ଆଉ ସାମାନ୍ୟ ବିଳମ୍ବ କଲେ ସବୁକିଛି ଆମ ଅକ୍ତିଆର ବାହାରକୁ ଚାଲିଯିବ। ଆମ ସରକାରଙ୍କୁ ଆମ ବିଚାରବନ୍ତମାନଙ୍କୁ ଓ ସର୍ବୋପରି ଆମ କରିତ୍‌କର୍ମା ବିଜ୍ଞାନୀମାନଙ୍କୁ ଏଇ 'ଡିପ୍‌ଫେକ୍' ବିପଦର ମୁକାବିଲା କରିବା ପାଇଁ ଯେଉଁ ଯେଉଁ ଉପାୟ ଅଛି, ସେ ସବୁର ଉପଯୋଗ କରିବାକୁ ହେବ। ଖୁବ୍ ବଡ଼ ବଡ଼ ଲକ୍ଷ୍ମଣରେଖା ଟାଣିବାକୁ ହେବ ସୁପର କମ୍ପ୍ୟୁଟର, ଓପେନ୍ ଏଆଇ, ଚାଟଜିପିଟିଗୁଡ଼ିକର ଚାରିପାଖରେ। ତେବେ ସବୁଠାରୁ ଦୀର୍ଘ ଓ ଗହିରିଆ ଲକ୍ଷ୍ମଣରେଖାମାନ ଟାଣିବାକୁ ହେବ ଖୋଦ୍ ଆମମାନଙ୍କ ଚାରି ପାଖରେ। ଆମ ବୁଦ୍ଧି, ଆମ କଳାକୌଶଳର ଉତ୍ତରୋତ୍ତର, ବିକାଶ, ବିବର୍ତ୍ତନ ହେଉ, କିନ୍ତୁ ତାହା ହେଉ ଆମ ନିଜର ଓ ମାନବ ଜାତିର କଲ୍ୟାଣ ପାଇଁ। ଆମ ବିଜ୍ଞାନ, ଆମ ପ୍ରଯୁକ୍ତି ବିଦ୍ୟା କ୍ରମ ପ୍ରଗତି ହୋଇ ଚାଲୁ। କିନ୍ତୁ ତାହା ହେଉ ଜୀବନ ଓ ଜଗତର ମଙ୍ଗଳ ବିଧାନ ପାଇଁ। ପ୍ରଖ୍ୟାତ ଲେଖକ ନିତ୍‌ସେ ଯେଉଁ 'ଉବେରମେନ୍‌ସ' ବା 'ସୁପରମ୍ୟାନ'ର କଳ୍ପନା କରିଥିଲେ, ସେ କେବେହେଲେ ଜଣେ ଏକ କୃତ୍ରିମ-ବୁଦ୍ଧିମତ୍ତା ଯୁକ୍ତ ଚିପ୍‌ସ ଆପଣା ମସ୍ତିଷ୍କ ନିଉରନ୍ ସହ ଖଞ୍ଜି ଦେଇ ସୁପର ବା ଡୁପର୍ ମଣିଷଟିଏ ହେଉ ଚାହିଁ ନଥିବେ। ଶ୍ରୀଅରବିନ୍ଦ ମାନବର ଚେତନାରେ ଯେଉଁ ଅତିମାନସ ଶକ୍ତି ଅବତରଣର କଳ୍ପନା କରିଥିଲେ, ତାହା କୃତ୍ରିମ-ବୁଦ୍ଧିମତ୍ତାର ବାଡ଼ବନ୍ଧଲଂଘା ଅମାପ ଶକ୍ତିର ଉତ୍ସ ହେଉ - ଏହା ଚାହିଁ ନଥିବେ।

ପାଠକେ! ଏ 'ଡିପ୍‌ଫେକ୍' ଆମ ସଭିଙ୍କୁ 'ଫେକ୍' ଯେପରି ନ କରେ ସେଥିପାଇଁ ବେଳ ହୁଁ ସାବଧାନ ହେବା ଜରୁରୀ। ନଚେତ ଟି.ଏସ. ଇଲିୟଟ୍ କହିଥିବା ପରି 'ଦି ୱାରଲଡ୍ ଉଇଲ୍ ନଟ୍ ଏଣ୍ଡ ଉଇଥ୍ ଏ ବ୍ୟାଂଗ୍, ବଟ୍ ଉଇଥ୍ ଏ ହୁଇମ୍ପରର'। ଯା'ର ମର୍ମାନୁବାଦ ହେଉଛି - 'ଏ ପୃଥିବୀ ଗୋଟେ ଭୂମିଥରା, କର୍ଣ୍ଣଫଟା ଆବାଜ କରି ଶେଷ ହେବ ନାହିଁ। ଏହା ଶେଷ ହେଇଯିବ ଗୋଟେ ଅସ୍ପଷ୍ଟ ଆର୍ତ୍ତନାଦରେ।'

# ମନୋରଞ୍ଜନର ପୀଡ଼ା!



ପ୍ରଦୀପ୍ତ ଆଚାର୍ଯ୍ୟ
କଟକ, ମୋ: ୬୩୭୧୫୯୩୨୨୦

ଅନେକ ସମୟରେ ଚିନ୍ତାଶୀଳ ବ୍ୟକ୍ତି ପ୍ରଶ୍ନ କରନ୍ତି ଏବେ ଯେଉଁ ନୃତ୍ୟ, ସଙ୍ଗୀତ, ବାଦ୍ୟ ଆଧିପତ୍ୟ ବିସ୍ତାର କରିଛି ସେ ସବୁର ଆବଶ୍ୟକତା କ'ଣ ଏବଂ ଏହା କେବେଠାରୁ ସୃଷ୍ଟି ହୋଇଛି? ଏହି ପ୍ରଶ୍ନର କୌଣସି ନିର୍ଦ୍ଦିଷ୍ଟ ଉତ୍ତର ବୋଧହୁଏ ନାହିଁ। ଏହା କେବେଠାରୁ ସୃଷ୍ଟି ହୋଇଛି, ତାହା ତ ସଠିକ ଭାବରେ କହି ହେବନି, ତଥାପି ବହୁ ପ୍ରାଚୀନ କାଳରୁ ଏହାର ସୃଷ୍ଟି। ଏହାର ପ୍ରଧାନ ଏବଂ ପ୍ରଥମ ଉଦ୍ଦେଶ୍ୟ ହେଉଛି ମନୋରଞ୍ଜନ। ଆଦିମାନବ ସ୍ଥାୟୀ ବସତି ସ୍ଥାପନ କରି, ଗୋଷ୍ଠୀ ଜୀବନ ଯାପନ ଆରମ୍ଭ କରିବା ପରେ ଅବସର ସମୟରେ ମନୋରଞ୍ଜନ ନିମନ୍ତେ ଏସବୁର ଆବଶ୍ୟକତା ଉପଲବ୍ଧି କରି କାଳକ୍ରମେ ବିଭିନ୍ନ ବାଦ୍ୟଯନ୍ତ୍ର, ନୃତ୍ୟ ଓ ସଙ୍ଗୀତର ଉଦ୍ଭାବନ କରିଛି। ଜୀବନର ଆନନ୍ଦ ମୁହୂର୍ତ୍ତ ଯଥା ଫସଲ ଅମଳ, ବିବାହ, ଦେବଦେବୀ ପୂଜା ଏବଂ ଅନ୍ୟାନ୍ୟ ବିଶେଷ ସମୟରେ ନୃତ୍ୟ, ସଙ୍ଗୀତ, ବାଦ୍ୟ ମାଧ୍ୟମରେ ଆନନ୍ଦ ଆହରଣ କରିଛି। କର୍ମ ଏବଂ ଜଞ୍ଜାଳମୟ ଜୀବନରୁ ସାମୟିକ ଆନନ୍ଦ ପ୍ରାପ୍ତି ନିମନ୍ତେ, ଏସବୁର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଏହାପରେ ପୁଣି ପ୍ରଶ୍ନ ଉଠେ ଯଦି ନୃତ୍ୟ, ସଙ୍ଗୀତ, ବାଦ୍ୟ ହେଉଛି ମନୋରଞ୍ଜନର ମାଧ୍ୟମ ତେବେ ଗତ ଅକ୍ଟୋବର ମାସ୨୬ ତାରିଖରେ ସମ୍ବାଦପତ୍ରମାନଙ୍କରେ ପ୍ରକାଶିତ ସମ୍ବାଦ 'ଡିଜେରୁ ହୃଦଘାତ' କ'ଣ ମିଛ? ଏମିତି ସମ୍ବାଦ ତ ଅନେକ ଥର ବିଭିନ୍ନ ସମ୍ବାଦପତ୍ରରେ ବାହାରୁଛି। ବୋଧହୁଏ କର୍ତ୍ତୃପକ୍ଷ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରିବାର ଆବଶ୍ୟକତା ମନେ କରୁନାହାନ୍ତି। ହୁଏତ ସେମାନେ ଏତେ ବଡ଼ ଘଟଣାକୁ ହାଲ୍‌କା ଭାବରେ ଦେଖୁଛନ୍ତି ବୋଲି ଚିନ୍ତାଶୀଳ ବ୍ୟକ୍ତିଙ୍କ ମନକୁ ଆସିପାରେ। କିନ୍ତୁ ଯେତେବେଳେ ପୁଲିସ ପ୍ରଶାସନ ଏହାକୁ ହାଲୁକା ଭାବରେ ନେଉଛି, ଚିନ୍ତାଶୀଳ ବ୍ୟକ୍ତି ବା ବୁଦ୍ଧିଜୀବୀମାନେ କି ଛାର ଲୋକ! କେହି ବି ଯଦି ଏହାକୁ ଗୁରୁତ୍ୱ ସହକାରେ ଗ୍ରହଣ କରେ, ତେବେ ବି କ'ଣ କରି ପାରିବ?

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜଣେ ପୂର୍ବତନ ଅଧିକାରୀଙ୍କ ପିତା ଭସାଣିର ଡିଜେ ଶବ୍ଦରେ ହୃଦଘାତର ଶିକାର ହୋଇଛନ୍ତି। ଭୁବନେଶ୍ୱର ଡିସିପି ଘଟଣାକୁ ଗୁରୁତ୍ୱ ସହକାରେ ଗ୍ରହଣ ନ କରି ହସି ଦେଇଥିବା ବେଳେ ଡିଜେକୁ ସମ୍ପୂର୍ଣ୍ଣ ବନ୍ଦ କରି ହେବ ନାହିଁ ବୋଲି ପୁଲିସ କମିଶନର ମତ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ସାଧାରଣ ଲୋକଟିଏ ଏ ବାବଦରେ କ'ଣ କରିପାରିବ? ଶବ୍ଦ ପ୍ରଦୂଷଣକୁ ରୋକିବା ନିମନ୍ତେ କୌଣସି ଶବ୍ଦ ଉତ୍ପନ୍ନକାରୀ ଯନ୍ତ୍ର ୬୫ ଡେସିବିଲରୁ ଅଧିକ ଶବ୍ଦରେ ବଜା ଯାଇ ପାରିବ ନାହିଁ କିମ୍ବା ରାତି ଦଶଟା ପରେ ବଜା ଯାଇ ପାରିବ ନାହିଁ ବୋଲି ନିୟମ ଅଛି। କିନ୍ତୁ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ କାହିଁକି? ଅଭିଯୋଗ ପାଇବା ପରେ ଡିସିପି ମହୋଦୟ ହସିଦେଲେ। କିନ୍ତୁ ପ୍ରକୃତରେ ସେ ହସ ବେଖାତିର ହସ ନୁହେଁ, ସେ ହସ ଅସହାୟତାର ହସ। ସେ ହସର ନିରବ ସଂଳାପ ହେଉଛି, 'ମୁଁ ବା କ'ଣ କରିପାରିବି?' କାରଣ ଅନେକ ସ୍ଥାନରେ କାର୍ଯ୍ୟାନୁଷ୍ଠାନ ସମୟରେ ପୁଲିସକୁ ଆକ୍ରୋଶର ଶିକାର ମଧ୍ୟ ହେବାକୁ ପଡ଼ିଛି।

ଯେଉଁମାନେ ଡିଜେ ବ୍ୟବହାର କରିବାକୁ ଆଗ୍ରହୀ ସେମାନେ ଏହାକୁ ବ୍ୟବହାର କରିବା ଦ୍ୱାରା ସାଧାରଣ ଜନତାଙ୍କ ଅସୁବିଧା, ଯନ୍ତ୍ରଣାଦାୟକ ମାନସିକତା ବୁଝିବା ସ୍ତରରୁ ଊର୍ଦ୍ଧ୍ୱରେ। କେହି ସେମାନଙ୍କୁ ବୁଝାଇବାକୁ ଚେଷ୍ଟା କଲେ ବା ପ୍ରତିରୋଧ କଲେ କେବଳ ହାସ୍ୟାସ୍ପଦ ହେବା ଅଥବା ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବା ହିଁ ସାର। ନୃତ୍ୟ, ଗୀତ, ବାଦ୍ୟର ପ୍ରକୃତ ଲକ୍ଷ୍ୟ ମନୋରଞ୍ଜନ ଆଜି ସୁଦୁରପ୍ରସାରୀ। ପୂର୍ବର ସେ ମନୋରଞ୍ଜନ ପ୍ରଦାୟକ ଶାସ୍ତ୍ରୀୟ ଓ ଲୋକନୃତ୍ୟ ଆଜି ବିଲୁପ୍ତ ପ୍ରାୟ। ତା' ସ୍ଥାନକୁ ମାଡ଼ି ବସିଛି ଆଧୁନିକ ଡିସ୍କୋ ଡ୍ୟାନସ୍, ଉଗ୍ର ଉଦଣ୍ଡ ନୃତ୍ୟ। ସଙ୍ଗୀତ କ୍ଷେତ୍ରରେ ଓଡ଼ିଶୀ, ଛାନ୍ଦ, ଚମ୍ପୂ, ହିନ୍ଦୁସ୍ଥାନୀ ଇତ୍ୟାଦି ପୂର୍ବର ସେ ମନୋରଞ୍ଜନ ପ୍ରଦାୟକ ଶାସ୍ତ୍ରୀୟ ନୃତ୍ୟ, ଲୋକନୃତ୍ୟ ଆଜି ବିଲୁପ୍ତ ପ୍ରାୟ। ତା' ସ୍ଥାନକୁ ଅଧିକାର କରି ନେଇଛି ଡିସ୍କୋ ଡ୍ୟାନସ୍, ଉଗ୍ର ଆଧୁନିକ ବାତମରା ନାଚ। ଶାସ୍ତ୍ରୀୟ ସଙ୍ଗୀତର ଆଦର ପ୍ରାୟ କମି ଯାଇଛି। ପୁରାତନ ସଙ୍ଗୀତର ସୁମଧୁର ସ୍ୱର ଓ ମାଧୁର୍ଯ୍ୟ ଆଧୁନିକ ସଙ୍ଗୀତରେ ପ୍ରାୟ ମିଳୁନାହିଁ। ପୂର୍ବର ବିବାହ ଇତ୍ୟାଦି ମାଙ୍ଗଳିକ କାର୍ଯ୍ୟରେ ବାଜୁଥିବା ତେଲିଙ୍ଗି ବାଦ୍ୟର ମାଧୁର୍ଯ୍ୟ କ'ଣ ଡିଜେରେ ଅଛି? ବୈଜ୍ଞାନିକମାନେ ପ୍ରମାଣ କରିଛନ୍ତି, ଶ୍ରୁତିମଧୁର ଓ ମନକୁ ଆନନ୍ଦ ପ୍ରଦାନ କରୁଥିବା ସଙ୍ଗୀତ ଶ୍ରବଣ କରିବା ଦ୍ୱାରା ମନୁଷ୍ୟର ଉଚ୍ଚ ରକ୍ତଚାପ ହ୍ରାସ, ମାନସିକ ଉତ୍ତେଜନାକୁ ପ୍ରଶମିତ କରିବା ତଥା ଅନ୍ୟାନ୍ୟ ରୋଗ ଉପଶମ ହେବା ସମ୍ଭବ ହୋଇପାରୁଛି। ବୃକ୍ଷର ବୃଦ୍ଧି ତଥା ଅଧିକ ଫୁଲଫଳ ଉତ୍ପାଦନ, ଗୃହପାଳିତ ପଶୁମାନେ ଅଧିକ କ୍ଷୀର ପ୍ରଦାନରେ ମଧ୍ୟ, ଶ୍ରୁତିମଧୁର ସଙ୍ଗୀତର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ରହିଛି। ପରିବର୍ତ୍ତନଶୀଳ ସମାଜରେ ନୃତ୍ୟ, ସଙ୍ଗୀତ ଏବଂ ବାଦ୍ୟରେ ମଧ୍ୟ ବ୍ୟାପକ ପରିବର୍ତ୍ତନ ସଂଘଟିତ ହୋଇ ଯାଇଛି। ଅଧୁନା ପ୍ରଚଳିତ ନୃତ୍ୟ, ସଙ୍ଗୀତ, ବାଦ୍ୟ, ଉଚ୍ଚ ରକ୍ତଚାପ ଓ ମାନସିକ ଉତ୍ତେଜନାକୁ ପ୍ରଶମିତ କରିବା ଦୂରର କଥା, ବରଂ ତାହା ବହୁଗୁଣରେ ବୃଦ୍ଧି କରାଇ ଦେଉଛି, ଏହା ନିଃସନ୍ଦେହ। କିନ୍ତୁ ତାହା ବନ୍ଦ କରାଯାଇ ପାରୁନାହିଁ କିମ୍ବା ତାହା ଉପରେ କୌଣସି ଅଙ୍କୁଶ ଲଗା ଯାଇ ପାରୁନାହିଁ।

ଆଧୁନିକ ଯୁବ ଗୋଷ୍ଠୀର ରୁଚି ପରିବର୍ତ୍ତନ ଏହାର ମୁଖ୍ୟ କାରଣ। ଉଗ୍ର ନୃତ୍ୟ, ସଙ୍ଗୀତ ଓ ବାଦ୍ୟ, ଉଗ୍ର ସ୍ୱଭାବର ପ୍ରତିଫଳନ ମାତ୍ର। ସମସ୍ତେ ମର୍ମେ ମର୍ମେ ଅନୁଭବ କରୁଛନ୍ତି, ଆଜିକାଲିର ପୂଜାରେ ଆଧ୍ୟାତ୍ମିକତା ଅପେକ୍ଷା, ଉଚ୍ଛୃଙ୍ଖଳତା କେତେମାତ୍ରାରେ ବୃଦ୍ଧି ପାଇଛି! ଭସାଣି ଆୟୋଜନ ର ଆଗ୍ରହ କ'ଣ ପୂଜା ପଦ୍ଧତିରେ ପରିଲକ୍ଷିତ ହେଉଛି? ଜୋର ଜବରଦସ୍ତ ଚାନ୍ଦା ଆଦାୟ ପ୍ରକ୍ରିୟା, ସାଧାରଣ ଲୋକଙ୍କ ଭକ୍ତି ଭାବନାକୁ ହ୍ରାସ କରୁନାହିଁ କି? ଭସାଣି ସମୟର ପ୍ରଚଣ୍ଡ ଉଚ୍ଚସ୍ୱରର ଡିଜେ ଶବ୍ଦ ସାଙ୍ଗକୁ ନିଶା ସେବନର ପ୍ରାବଲ୍ୟ ଏବଂ ଅଣାୟତ୍ତ ଉଦଣ୍ଡ ନୃତ୍ୟର ସମାହାର କି ପ୍ରକାର ପରିସ୍ଥିତି ସୃଷ୍ଟି କରୁଥିବ, ତାହା ପ୍ରତ୍ୟକ୍ଷଦର୍ଶୀଙ୍କ ଦ୍ୱାରା ହିଁ ବର୍ଣ୍ଣନା ସମ୍ଭବ। ଏହା କ'ଣ ମନୋରଞ୍ଜନ?

ବର୍ତ୍ତମାନର ମନୋରଞ୍ଜନ, ପୀଡ଼ାଦାୟକ ଓ ପ୍ରାଣଘାତକ, ଏହା ସର୍ବଜନବିଦିତ। ଏହିପରି ଭୟାନକ ପରିସ୍ଥିତିରୁ ମୁକ୍ତି ପାଇବାର ମାର୍ଗ ଦୁଇଗୋଟି। ପ୍ରଥମଟି ହେଲା - ଯୁବ ଗୋଷ୍ଠୀର ମାନସିକତା ପରିବର୍ତ୍ତନର ପ୍ରଚେଷ୍ଟା। ସେମାନେ ଅନୁଭବ କରିବା ଦରକାର, ଏହାଦ୍ୱାରା ସେମାନଙ୍କ ପ୍ରିୟଜନ, ଜ୍ଞାତି କୁଟୁମ୍ବ ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦ୍ୱିତୀୟଟି ହେଲା କଠୋର ଆଇନ ଦ୍ୱାରା ଏହାର ନିଷିଦ୍ଧକରଣ। ସାଧାରଣ ଜନତାର ପ୍ରତିବାଦର ସ୍ୱର ତୀବ୍ର ହେଲେ ସରକାର ଏ ଦିଗରେ ନିଶ୍ଚିତ ସକାରାତ୍ମକ ପଦକ୍ଷେପ ଗ୍ରହଣ କରିବେ ବୋଲି ଦୃଢ଼ ଆଶା।





ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342
ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

### ୩ ପଞ୍ଚାୟତ ଚାଷ ଜମିକୁ ମାଡ଼ିପାରୁନି ପାଣି

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**କେନ୍ଦୁଝର, ୪।୧୨(ସମିସ)**



କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକର ୩ ପଞ୍ଚାୟତର ଚାଷ ଜମିକୁ ପାଣି ମାଡ଼ିପାରୁନି। ଫଳରେ ଚାଷୀମାନେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ଏ ନେଇ ଚାଷୀମାନେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିବା ସହିତ ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି। ପ୍ରସ୍ତାବିତ ବଡ଼ କାଣିଝର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେଲେ ଏହି ପଞ୍ଚାୟତଗୁଡ଼ିକର ଜଳ ସମସ୍ୟା ଦୂର ହୋଇପାରନ୍ତା। ତେଣୁ ଏହାକୁ ନେଇ ସୋମବାର ତେଲ୍ତାପସି, ହୁଣ୍ଡା, ଜୁଙ୍ଗା ପ୍ରଭୃତି ପଞ୍ଚାୟତର ଶତାଧିକ ଜନସାଧାରଣ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ତେଲକୋଇ ନିର୍ବାଚନ ମଣ୍ଡଳର ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ତେଲ୍ତାପସି ଗ୍ରାମ ପଞ୍ଚାୟତର ଖୁଣ୍ଟାବନ୍ଧ, ଗୋପିନାଥପୁର, ମିଶ୍ରମାଳ, ହାତାନୋଟା, ଦଧିବାମନପୁର, ଧନୁର୍ଜୟପୁର, ବଡ଼କମଣ୍ଡରା ଏବଂ ସାନ କମଣ୍ଡରା, ହୁଣ୍ଡା ଗ୍ରାମ ପଞ୍ଚାୟତର ବ୍ରାହ୍ମଣପଙ୍ଗା, ଘୁମୁରାପସି, ଡୁମୁରିଆଡିହା, ଜୁଙ୍ଗା ପଞ୍ଚାୟତର କାଳିମାଟି ପ୍ରଭୃତି ୧୭ଟି ଗ୍ରାମର ୯୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭରଶୀଳ। ଜଳସେଚନ ବ୍ୟବସ୍ଥା ନଥିବାରୁ ବର୍ଷାଜଳ ଉପରେ ନିର୍ଭର କରିଆନ୍ତି। ଉପରୋକ୍ତ ଗ୍ରାମ ଗୁଡ଼ିକ ନିକଟରେ ଖେଡ଼ିହାଡ଼ିହା ନାଳ ପ୍ରବାହିତ ହେଉଛି। ଏହି ଖରସ୍ରୋତା ନାଳରେ ଏକ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କରାଗଲେ ଉପରୋକ୍ତ ୩ ପଞ୍ଚାୟତର ୬୦୦ ହେକ୍ଟରରୁ ଅଧିକ ଚାଷ ଜମିକୁ ଜଳସେଚନ ହୋଇପାରିବ। ଏଠାରେ ଏକ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ବହୁ ପୂର୍ବରୁ ପ୍ରସ୍ତାବ ଦିଆଯିବା ସହିତ ଅନେକ ପଦକ୍ଷେପ ନିଆଯାଇଛି। କିନ୍ତୁ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ହୋଇପାରିନାହିଁ। ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା ହେଉନଥିବାରୁ ୩ ପଞ୍ଚାୟତର ଚାଷୀମାନେ ହଇରାଣ ହେଉଛନ୍ତି। ବର୍ଷା କମ୍ ହେଲେ ଚାଷ କ୍ଷତି ହେଉଛି ଏବଂ ଚାଷୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚାଷ କ୍ଷତିଗ୍ରସ୍ତ ହେଲେ ପ୍ରଶାସନ କ୍ଷତିପୂରଣ ଦେଉଛି। କିନ୍ତୁ ଆମକୁ କ୍ଷତିପୂରଣ କିମ୍ବା ବୀମାରାଶି ଦରକାର ନାହିଁ। ଆମର ଚାଷଜମିକୁ ଜଳସେଚନ ବ୍ୟବସ୍ଥା ନହେଲେ ଆଗାମୀ ସାଧାରଣ ନିର୍ବାଚନ ବର୍ଜନ କରିବୁ ବୋଲି ବିକ୍ଷୋଭ ଅବସରରେ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ବିକ୍ଷୋଭରେ ତ୍ରିଲୋଚନ ନାଏକ, ପ୍ରଦୀପ ନାଏକ, ଚନ୍ଦନ ନାଏକ, ହିମାଂଶୁ ଶେଖର ନାଏକ, ରାଜୁ ନାଏକ, ରିପୁନ ନାଏକ, ବାବୁଲି ନାଏକ, ମିନତୀ ଭୂୟାଁ, ଧାଡ଼ୁଏଶ୍ୱର ମହାନ୍ତ, ମାନସୀ ପାତ୍ର, ନିଳମଣି ନାଏକ, ମିନତୀ ମୁଣ୍ଡା ପ୍ରମୁଖ ନେତୃତ୍ୱ ନେଇଥିବା ବେଳେ ଶତାଧିକ ପୁରୁଷ ଓ ମହିଳା ସାମିଲ ହୋଇଥିଲେ।

## କୋଡ଼ପଡ଼ାରେ ଯୁବଛାତ୍ର ବନ୍ଧୁମିଳନ



**ଆନନ୍ଦପୁର, ୪।୧୨(ସମିସ):** ଗୟଲମୁଣ୍ଡା ମଣ୍ଡଳ କୋଡପଡ଼ା ଠାରେ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ରାଧାକୃଷ୍ଣ ଟ୍ରଷ୍ଟ ଅଧକ୍ଷ ତନ୍ମୟ ସାହୁଙ୍କ ସଂଯୋଜନାରେ ଆୟୋଜିତ ବନ୍ଧୁ ମିଳନରେ ସମାଜସେବୀ ଶରତ ସେଠୀ ମୁଖ୍ୟ ଅତିଥି, ଆଦର୍ଶ ସେବା ସଂଘ ସଭାପତି ଯଜ୍ଞ ପ୍ରସାଦ, ମଧୁସୂଦନ ରାଉତ, ଶକ୍ତିକେନ୍ଦ୍ର ପ୍ରମୁଖ ସନ୍ତୋଷ ପଣ୍ଡା, ରମାକାନ୍ତ ଶଙ୍ଖୁଆ, କମଳା ସାହୁ, ଦେବ ପ୍ରସାଦ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଗଙ୍ଗାଧର ଆପଟ, ବବୁଲ ସାହୁ, ରୁଦ୍ର ନାରାୟଣ ଜେନା, ବିଜୟ ମହାନ୍ତ, ସରୋଜ ପାତ୍ର, ପ୍ରଦୀପ ରଣା, ବିକାଶ ରଣା, ସୁଶିଲ ରଣା, ସୌମ୍ୟରଞ୍ଜନ ଦାସ କାର୍ଯ୍ୟ ପରିଚାଳନା କରିଥିଲେ। ଶେଷରେ ସନ୍ତୋଷ ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ। ଏଥିରେ ପଞ୍ଚାୟତର ୧୧ଟି ୱାର୍ଡରୁ ଶତାଧିକ ଯୁବକ ସାମିଲ ହୋଇଥିଲେ।

## ବ୍ଲକ୍‌ସ୍ତରୀୟ ମେଧା ବୃତ୍ତି ପରୀକ୍ଷା ଫଳ ପ୍ରକାଶିତ

**ପାଟଣା, ୪।୧୨(ସମିସ):** ପାଟଣା ବ୍ଲକସ୍ତରୀୟ ତୃତୀୟ ଶ୍ରେଣୀ ମେଧା ବୃତ୍ତି ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ପାଟଣା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ର ଆୟୁଷ ଦାଶ, ଦ୍ୱିତୀୟ ସ୍ଥାନରେ ପାଟଣା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଆଶିଷ କୁମାର ମହାନ୍ତ, ତୃତୀୟ ସ୍ଥାନରେ ଦୁରୁମୁଙ୍ଗା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀ ସ୍ୱାତୀ ସ୍ମିତା ମହାନ୍ତ, ଚତୁର୍ଥରେ ପାଟଣା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ତନୁ ସୁମନ ମହାନ୍ତ, ପଞ୍ଚମ ସ୍ଥାନରେ ଟାଙ୍ଗରପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଦିବ୍ୟାଂଶି ବାରିକ, ଷଷ୍ଠ ସ୍ଥାନରେ ଅଙ୍ଗିକଳା ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ଶୋଭାନୀ ଶୁଭଦର୍ଶିନୀ ମହାନ୍ତ, ସପ୍ତମ ସ୍ଥାନରେ ବରୁଡିପଶି ଉଚ୍ଚ ବିଦ୍ୟାଳୟର ଛାତ୍ର ବିଶ୍ୱ ବନ୍ଧନ ମହାନ୍ତ ପ୍ରମୁଖ କୃତକାର୍ଯ୍ୟ ହେଉଥିବା ବ୍ଲକ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାତ ସୂଚନା ଦେଇଛନ୍ତି।

## ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥାପନା କରିବେ ସ୍ଥାନୀୟ ପ୍ରତିଭା

**କେନ୍ଦୁଝର, ୪।୧୨(ସମିସ)**

ଚଳିତ ଡିସେମ୍ବର ୧୮ରୁ ୨୨ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ସଦର ମହକୁମାସ୍ଥ କାଳୀପଡ଼ିଆଠାରେ ଆୟୋଜିତ ହେବାକୁ ଥିବା ଗୋନାସିକା-କେନ୍ଦୁଝର ମହୋତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥାପନ ପାଇଁ ଜିଲ୍ଲାର ଉପଯୁକ୍ତ ଉପସ୍ଥାପକ/ ଉପସ୍ଥାପିକାମାନଙ୍କୁ ସୁଯୋଗ ଦେବା ପାଇଁ ନିଷ୍ପତି ନିଆଯାଇଛି। ସାଂସ୍କୃତିକ କମିଟିର ନିଷ୍ପତିକ୍ରମେ ଆସନ୍ତା ୧୦ ତାରିଖ ରବିବାର ପୂର୍ବାହ୍ନ ୧୧ଟାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍‌ଠାରେ ଉପଯୁକ୍ତ ଉପସ୍ଥାପକ/ଉପସ୍ଥାପିକା ଚୟନ କରାଯିବ। ଏଣୁ ଆଗ୍ରହୀ ଉପସ୍ଥାପକ/ ଉପସ୍ଥାପିକାମାନେ ୧୦ ତାରିଖ ରବିବାର ପୂର୍ବାହ୍ନ ୧୧ ଘଟିକାରେ ଦରବାର ହଲ୍‌ଠାରେ ଉପସ୍ଥିତ ରହି ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ମହୋତ୍ସବର ସାଂସ୍କୃତିକ କମିଟି ତରଫରୁ ସୂଚନା ଦିଆଯାଇଛି।

## କେନ୍ଦୁଝରରେ ଯୁଗ୍ମ ଅଭିଯୋଗ ଶୁଣାଣି



**କେନ୍ଦୁଝର, ୪।୧୨(ସମିସ):** ସୋମବାର ଜିଲ୍ଲାପାଳ ଆଶିଷ ଠାକରେ ଓ ଏସ୍‌ପି ନୀତିନ କୁଶଲକରଙ୍କ ଅଧକ୍ଷତାରେ କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥ ଦରବାର ହଲ୍‌ଠାରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୋଟ୍ ୧୭୩ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୫୨ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ସମୁଦାୟ ଅଭିଯୋଗ ମଧ୍ୟରୁ ୨୬ଟି ଅଭିଯୋଗ ଗୋଷ୍ଠୀ ସମସ୍ୟା/ଗ୍ରାମ୍ୟ ସମସ୍ୟାମୂଳକ ହୋଇଥିବା ବେଳେ ୧୪୭ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଉପରେ ପର୍ଯ୍ୟବେକ୍ଷିତ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଡିଏଫ୍‌ଓ କେନ୍ଦୁଝର ଧନରାଜ ଏଚ୍‌ଡି, ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ପିଏ ଆଇଟିଡିଏ କେନ୍ଦୁଝର ତପନ କୁମାର ନାଏକ, କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କିଶୋର କୁମାର ପୃଷ୍ଟି, ଡେପୁଟି କଲେକ୍ଟର (ଆପତକାଳୀନ) ସୁରଞ୍ଜିକା ବେହେରା, ଡେପୁଟି କଲେକ୍ଟର କିରଣ କୁମାର ନାଏକ, କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଡା. ମଧୁସ୍ମିତା ସାମନ୍ତରାୟ, କେନ୍ଦୁଝର ସଦର ବିଡିଓ ତିଲୋତ୍ତମା ପୃଷ୍ଟି ଏବଂ କେନ୍ଦୁଝର ତହସିଲଦାର ଇଷାନୀ ପଣ୍ଡାଙ୍କ ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା ପାଇଁ ୧୮ଟି ଦରଖାସ୍ତ ଗ୍ରହଣ କରାଯାଇଥିଲା। ସୂଚନାଯୋଗ୍ୟ ଯେ ୭ଜଣ ହିତାଧିକାରୀଙ୍କୁ ମୋଟରାଇଜ୍ ହୁଇଲ ଚେୟାର ଏବଂ ଜଣେ ହିତାଧିକାରୀଙ୍କୁ ୱାକର ପ୍ରଦାନ କରାଯାଇଥିଲା।

### ଲୁଚିଯାଉଛି ମହିଳା ସରପଞ୍ଚ ଓ ଗ୍ରାମରକ୍ଷୀଙ୍କ ହତ୍ୟା ଘଟଣା

## ମାସ ବିତିଲା; ପୁଲିସ ଜଣକୁ ଗିରଫ କରି ଚୁପ୍

**ହାଟଡିହି, ୪।୧୨(ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ କେ.ବାଲିପାଳ ପଞ୍ଚାୟତର ପୂର୍ବତନ ମହିଳା ସରପଞ୍ଚ ରମ୍ଭାମଣୀ ପାତ୍ର ଓ ବଉଳା ଫାଣ୍ଡିର ଗ୍ରାମରକ୍ଷୀ ନିରଞ୍ଜନ ପାତ୍ରଙ୍କୁ ନୃଶଂସ ହତ୍ୟାକାଣ୍ଡର ୩ ମାସ ବିତିଲା। ପୁଲିସ ଜଣକୁ ଗିରଫ କରି ଚୁପ ହୋଇ ବସିଛି। ହତ୍ୟା ଘଟଣାର ୧୦ଦିନ ପରେ ସେହି ଗ୍ରାମର ଜୁରା ହୋଙ୍କୁ ଗିରଫ କରି ସନ୍ଧ୍ୟାରେ ଡାକ୍ତରୀ ମଇନା ଓ କୋର୍ଟରେ ହାଜର କରାଇ ଜେଲକୁ ପଠାଇଥିଲା। ଯାହାକୁ ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ଏଭଳି ହତ୍ୟାକାଣ୍ଡର ଅଭିଯୁକ୍ତଙ୍କୁ ଧରିଥିଲେ ମଧ୍ୟ ପୁଲିସ ପ୍ରେସ୍ ମିଟ୍ କରିନଥିଲା। ଏହି ହତ୍ୟାକାଣ୍ଡରେ ଏକରୁ ଅଧିକ ଅଭିଯୁକ୍ତ ଥିବା ଜଣାପଡ଼ିଥିଲେ ମଧ୍ୟ ଅନ୍ୟ ଅଭିଯୁକ୍ତଙ୍କୁ ଧରିବାରେ ପୁଲିସ ଫେଲ ମାରିଛି। ଏହି ଘଟଣାରେ ଅତ୍ୟାଧିକ ବିଳମ୍ବ ଘଟିଲେ ଲୋକଙ୍କ ମନରୁ ହତ୍ୟାକାଣ୍ଡ ସମ୍ପର୍କରେ ଭୁଲିଗଲେ ଏହି କେସ୍ ଥମିଯିବ ବୋଲି ପୁଲସ ତାର ଗୋଟି ଚାଳନା ଚଲାଇଛି। ଯେଉଁଠି ପୂର୍ବତନ ମହିଳା ସରପଞ୍ଚ ଓ ଗ୍ରାମରକ୍ଷୀଙ୍କ ହତ୍ୟାକାଣ୍ଡର ପୁଲିସ ଟେର୍ ପାଉନଥିବା ବେଳେ ଜଣକୁ ଗିରଫ କରି ଦେଇ ପୁଲିସ ବାହାବାହ ନେଉଛି। ଯଦି ଏଭଳି ପୁଲିସ ଏଭଳି ଅଭିଯୁକ୍ତଙ୍କୁ ଧରି ନ ପାରେ ଆଗାମୀ ଦିନରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ସହିତ ଲୁଟ ତରାଜ ଓ ହତ୍ୟା ବୃଦ୍ଧିପାଇବା ନେଇ ଆଶଙ୍କା ପାଇଛି।

## ପାଟଣାରେ ନୌସେନା ଦିବସ ପାଳିତ




**ପାଟଣା, ୪।୧୨(ସମିସ):** ପାଟଣା କଲ୍ୟାଣ ମଣ୍ଡପରେ ଭେଟରାନ ୱେଲଫେୟାର ଆସୋସିଏସନ ପକ୍ଷରୁ ଜାତୀୟ ନୌସେନା ଦିବସ ପାଳନ କରାଯାଇଛି। ପ୍ରଥମେ ସହିଦ ବୀରମାନଙ୍କ ଉଦ୍ଦେଶ୍ୟରେ ତାଙ୍କର ଆମର ଆତ୍ମାର ସଦ୍‌ଗତି ନିମନ୍ତେ ଦୀପ ପ୍ରଜ୍ୱଳନ କରାଯାଇ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା। ଭାରତୀୟ ନୌସେନା ବାହିନୀଙ୍କ ବୀର ଗାଥା ଏବଂ ସେମାନଙ୍କର ଅବଦାନ ସମ୍ପର୍କରେ ଉପସ୍ଥିତ ଥିବା ପୂର୍ବ ସେନା କର୍ମଚାରୀମାନେ ସମସ୍ତଙ୍କର ଧ୍ୟାନ ଆକର୍ଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କ୍ୟାପଟେନ ଉପେନ୍ଦ୍ର ମହାନ୍ତ, ଜେଡବ୍ଲୁଓ ଭଗବାନ ମହାନ୍ତ, ସୁବେଦାର ନାରାୟଣ ବାରିକ, ଏସ୍‌ଏମ୍ ଲାଲମୋହନ ମୁଣ୍ଡା, ସୁବେଦାର ଭରତ ଚନ୍ଦ୍ର ମହାନ୍ତ, ଡବ୍ଲୁଓ ନିତ୍ୟାନନ୍ଦ ମହାନ୍ତ, ସୁବେଦାର ବାଳକୃଷ୍ଣ ମହାନ୍ତ, ହାବିଲଦାର ବୈକୁଣ୍ଠ ମହାନ୍ତ, ଏଚ୍‌ଏସ୍‌ଏମ ଚତୁର୍ଭୁଜ ମହାନ୍ତ, ଏନ୍‌କେ ସଞ୍ଜୟ କୁମାର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ଓଲଟିପଡ଼ିଲା ଅଟୋ; ୨ ଗୁରୁତର



**ଦୁରୁମୁଙ୍ଗା, ୪।୧୨(ସମିସ):** କେନ୍ଦୁଝର ଜିଲ୍ଲା ଦେଇ ୪୯ ନମ୍ବର ଜାତୀୟ ରାଜପଥ ଚେମେଣା ନିକଟରେ ସୋମବାର ଭୋରରୁ ଏକ ଅଟୋ ଭାରସାମ୍ୟ ହରାଇ ରାଜପଥ କଡ଼ରେ ଓଲଟି ପଡ଼ିଛି। ଏଥିରେ ଅଟୋରେ ଥିବା ୫ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ୨ ଜଣ ଗୁରୁତର ହୋଇଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଗୁରୁତର ଓ ଆହତଙ୍କ ପରିଚୟ ମିଳି ନଥିବା ବେଳେ ଦୁରୁମୁଙ୍ଗା ପୁଲିସ ଦୁର୍ଘଟଣାଗ୍ରସ୍ତ ଅଟୋକୁ ଜବତ କରି ଘଟଣାର ତଦନ୍ତ କରୁଛି।

## ଧାନ ବିଲକୁ ପଶିଗଲା ଟ୍ରକ୍



**ଦୁରୁମୁଙ୍ଗା, ୪।୧୨(ସମିସ):** କେନ୍ଦୁଝର ଜିଲ୍ଲା ଦୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥର ଡାବରଚୁଆ ନିକଟରେ ଏକ ଟ୍ରକ୍ ଭାରସାମ୍ୟ ହରାଇ ରାଜପଥ କଡ଼ରେ ଥିବା ଧାନ ବିଲ ଭିତରକୁ ପଶିଯାଇଛି। ଗାଡିର ଡ୍ରାଇଭର ଓ ହେଲପର ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ଏକ ସ୍କୁଟି ଆରୋହୀଙ୍କୁ ବଞ୍ଚାଇବାକୁ ଯାଇ ଟ୍ରକ୍‌ଟି ଦୁର୍ଘଟଣା ଗ୍ରସ୍ତ ହୋଇଛି। ଦୁରୁମୁଙ୍ଗା ପୁଲିସ ଦୁର୍ଘଟଣା ଗ୍ରସ୍ତ ଗାଡିକୁ ଜବତ କରି ଘଟଣାର ତଦନ୍ତ କରୁଛି।

## ମାଙ୍ଗାନିଜ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ



**ଯୋଡ଼ା, ୪।୧୨(ସମିସ):** କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ କରଣସାହି ଠାରେ ଚୋରା ମାଙ୍ଗାନିଜ ବୋଝେଇ ପିକ୍‌ଅପ୍ ଭ୍ୟାନକୁ ପୁଲିସ ଜବତ କରିଥିବା ଖବର ହସ୍ତଗତ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ରବିବାର ରାତି ପ୍ରାୟ ୯ଟା ସମୟରେ ଏକ ପିକଅପ୍ ଭ୍ୟାନ୍ (ନଂ ଜେଏଚ ୦୫ଇ ୭୬୮୨)ରେ କରଣସାହି ବିମଲ୍ ଦୀପ କ୍ରସର ରାସ୍ତା ଦେଇ ଝାଡ଼ଖଣ୍ଡ ଅଭିମୁଖେ ଚୋରାଚାଲାଣ ହେଉଥିବା ବେଳେ କରଣସାହି ଠାରେ ଭ୍ୟାନର ଚକ ଫାଟି ଯାଇଥିଲା। ପୁଲିସ ଉକ୍ତ ରାସ୍ତାରେ ପାଟ୍ରୋଲିଂ କରୁଥିବା ବେଳେ ଚକ ମରାମତି କରୁଥିବା ଗାଡ଼ିକୁ ଦେଖି ସନ୍ଦେହ କରି ସେଠାରେ ପହଞ୍ଚିଥିଲା। ପୁଲିସକୁ ଦେଖି ଲୁଟେରାମାନେ ସେଠାରୁ ଫେରାର ହୋଇ ଯାଇଥିଲେ। ଉକ୍ତ ଭ୍ୟାନରେ ଚୋରା ଉନ୍ନତମାନର ମାଙ୍ଗାନିଜ ବୋଝେଇ ହୋଇଥିବା ପୁଲିସ ଜାଣିବାକୁ ପାଇ ଜବତ କରିଥିଲା। ଯାହାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଜଣାପଡ଼ିଛି।

## ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ

**ବାଲିବନ୍ଧ, ୪।୧୨(ସମିସ):** ସମଗ୍ର ଶିକ୍ଷା କେନ୍ଦୁଝର ପକ୍ଷରୁ ଝୁମ୍ପୁରା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପରିସରରେ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମ ବିଆର୍‌ସି ମଙ୍ଗୁଳୁଚରଣ ମହାନ୍ତଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ଏହି ଅବସରରେ ସ୍ଥାନୀୟ ବିଡିଓ ହୃଦାନନ୍ଦ ଅଡା ମୁଖ୍ୟଅତିଥି ଭାବେ ଯୋଗ ଦେଇ ବିଶ୍ୱ ଭିନ୍ନକ୍ଷମ ଦିବସ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ସ୍ଥାନୀୟ ତହସିଲଦାର ରୋହିତ ବାଗ, ଗୋଷ୍ଠୀଶିକ୍ଷାଧିକାରୀ ଦୁଃଶାସନ ସିଂ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ନବକିଶୋର ସାମଲ, ଜୟନ୍ତୀ ମଲ୍ଲିକ, ପୂର୍ବତନ ଅତିରିକ୍ତ ଗୋଷ୍ଠୀଶିକ୍ଷାଧିକାରୀ ବିଜୟାନନ୍ଦ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ସଚେତନତା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକର ୫୦ ଜଣ ଛାତ୍ରଛାତ୍ରୀ, ଅଭିଭାବକ ତଥା ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହିଥିଲେ। ଏହି ଅବସରରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ନୃତ୍ୟର ତାଳେ ତାଳେ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଝୁମିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ସଫଳ କରିବା ପାଇଁ ବିଆର୍‌ସି ପୁଷ୍ପଲତା ପଣ୍ଡା, ସିଆର୍‌ସିସି ଗଣ, ଗୋଷ୍ଠୀଶିକ୍ଷାଧିକାରୀ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଅଗ୍ନିବିପନ୍ନ ପରିବାରଙ୍କୁ ସହାୟତା

**ହାଟଡିହି, ୪।୧୨(ସମିସ):** ହାଟଡିହି ବ୍ଲକ ବଞ୍ଚୋ ଗ୍ରାମରେ ଗତକାଲି ବିଦ୍ୟୁତ ସଟ୍‌ସର୍କିଟ୍ ଘଟି ମହେନ୍ଦ୍ର ଦାସ, କପିଳ ଦାସ ଓ ନନ୍ଦ ଦାସ; ୩ ପରିବାରର ଘର ଜଳିଯାଇ ଧାନ, ଚାଉଳ ଓ ଲକ୍ଷାଧିକ ଟଙ୍କାର ସମ୍ପତି ନଷ୍ଟହୋଇଯାଇଥିଲା। ଆଜି ଆନନ୍ଦପୁର ବିଧାୟକ ଭାଗୀରଥୀ ସେଠୀ, ହାଟଡିହି ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, ବ୍ଲକ ଅଧକ୍ଷା ସାବିତ୍ରୀ ସେଠୀ ଅଗ୍ନି ବିପନ୍ନ ପରିବାରଙ୍କ ପାଖରେ ପହଞ୍ଚି ସହାୟତା ଯୋଗାଇବା ସହିତ କିଭଳି ଦୈନନ୍ଦିନ ରନ୍ଧା ଖାଦ୍ୟ ପାଇପାରିବେ ସେନେଇ ଆଲୋଚନା କରିଥିଲେ।

## ଧର୍ମପରାୟଣା ମହିଳାଙ୍କ ପରଲୋକ



**ହାଟଡିହି, ୪।୧୨(ସମିସ):** ହାଟଡିହି ବ୍ଲକ ହାଟଡିହି ପଞ୍ଚାୟତ ଜଳକଳଙ୍ଗ ଗ୍ରାମର ଅନନ୍ତ ଚନ୍ଦ୍ର ନାୟକଙ୍କ ଧର୍ମପତ୍ନୀ ଉମାମଣୀ ନାୟକ (୭୮)ଙ୍କ ପରଲୋକ ହୋଇଯାଇଛି। ସେ ଜଣେ ଧର୍ମପରାୟଣା, ମିଷ୍ଟଭାଷୀ ଓ ସ୍ନେହୀ ମହିଳା ଭାବେ ନିଜର ପରିଚୟ ସୃଷ୍ଟି କରିଥିଲେ। ସେ କିଛିଦିନ ହେଲା ଅସୁସ୍ଥ ଥିବାବେଳେ ରବିବାରରେ ତାଙ୍କର ପରଲୋକ ହୋଇଛି। ତାଙ୍କ ପୁତ୍ର କାହ୍ନୁଚରଣ ନାୟକ, ଅପର୍ତୀ ନାୟକ, ସନ୍ତୋଷ ନାୟକ, ବୋହୂ ଓ ପରିବାର ସଦସ୍ୟ ଉପସ୍ଥିତ ରହିଥିଲେ।

## ବଉଳା କଲେଜରେ ସାଂସ୍କୃତିକ ପ୍ରତିଯୋଗିତା

**ଛେନାପଦି, ୪।୧୨(ସମିସ):** ଗୀତ, ନୃତ୍ୟ ଓ ବାଦ୍ୟର ତାଳେ ତାଳେ ହାଟଡ଼ିହି ବ୍ଲକ ଅନ୍ତର୍ଗତ ସୋସୋ ସ୍ଥିତ ବଉଳା କଲେଜ୍‌ର ପରିସର ଆନନ୍ଦମୁଖର ହୋଇ ଉଠିଥିଲା। ଛାତ୍ରଛାତ୍ରୀମାନେ ଭଜନ, ଜଣାଣ, ଦେଶାତ୍ମବୋଧକ ସଙ୍ଗୀତ ଗାନ କରିବା ସହ ନୃତ୍ୟକଳା ପ୍ରଦର୍ଶନ କରିଥିଲେ। ବିଶେଷ କରି ଆଦିବାସୀ ଲୋକନୃତ୍ୟ ଉପସ୍ଥିତଙ୍କୁ ବିଭୋର କରିଥିଲା। ଉକ୍ତ ସାଂସ୍କୃତିକ ପ୍ରତିଯୋଗିତା ଆସରକୁ ଉଦ୍‌ବୋଧନ ଦେଇ ମହାବିଦ୍ୟାଳୟର ଅଧକ୍ଷ ତଥା ପ୍ରାଧ୍ୟାପକ ଶିବଚରଣ ଖାମୁରାଇ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ-ଅଧ୍ୟାପିକା ଓ କର୍ମଚାରୀ ବୃନ୍ଦଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇ କହିଲେ କି କଳା, ସଂସ୍କୃତି, ଭାଷା, ସାହିତ୍ୟ ଓ ମହାନ୍ ଐତିହ୍ୟ ପରମ୍ପରାର ମାଟି ଏ ପୁଣ୍ୟ ଉତ୍କଳଭୂମି। ଏଠି ପକ୍ଷୀର କୁଞ୍ଜନରେ, ଝରଝର ଝରଣାର କୁଳୁକୁଳୁ ନାଦରେ ବର୍ଷାର ରିମଝିମ୍ ଶବ୍ଦରେ ବସନ୍ତର ମୃଦୁ ମଳୟରେ, ସବୁଜ ବନାନୀରେ ସଙ୍ଗୀତର ମୂର୍ଚ୍ଛନା ଶୁଭେ। ଜୀବନ ହିଁ ଗୀତମୟ। ବ୍ୟଥା ଓ ବେଦନାଭରା ସଙ୍ଗୀତ ହିଁ ସବୁଠୁଁ ସୁନ୍ଦର ସଙ୍ଗୀତ। ଏହି ସାରସ୍ୱତ କାର୍ଯ୍ୟକ୍ରମରେ ନୋଡାଲ ଅଫିସର ଅଧ୍ୟାପକ ଫକୀର ଚରଣ ଶଙ୍ଖୁଆ, ଅଧ୍ୟାପକ ଜିତେନ୍ଦ୍ର କୁମାର ମହାନ୍ତି ପରିଚାଳନା କରିଥିବା ବେଳେ ଅଧ୍ୟାପକ ସଚ୍ଚିନ୍ଦ୍ର କୁମାର ରାଉତରାୟ, ଉଦୟ କୁମାର ନନ୍ଦ, ଅନିରୁଦ୍ଧ ରାଉତ ବିଚାରକମଣ୍ଡଳୀ ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ଲୋପାମୁଦ୍ରା ସା, ହେମନ୍ତ କୁମାର ନାଥ, ଦୁର୍ଯ୍ୟୋଧନ ବାରିକ, ଅନାମ ପଣ୍ଡିତ, ଗୌରାଙ୍ଗ ବେହେରା, ଦୟାନିଧି ଦାସ ପ୍ରମୁଖ ସହଯୋଗ କରିଥିଲେ।




### ରାସ୍ତା କଡ଼ରେ ହାଟ ଓ ବେଆଇନ ପାର୍କିଂ

# ବଢୁଛି ଦୁର୍ଘଟଣା; ଏନ୍‌ଏଚ୍‌ଏଆଇର ନିଘା ନାହିଁ

**ଆନନ୍ଦପୁର, ୪।୧୨(ସମିସ)**

ଅଧାଗଡ଼ା ହୋଇ ରହିଛି ୨୦ନଂ ଜାତୀୟ ରାଜପଥ। ରାସ୍ତାକଡରେ ବେଆଇନ ଭାବେ ଟ୍ରକ୍ ପାର୍କିଂ କରାଯାଉଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ବାଲିଯୋଡି ଦୁର୍ଘଟଣା ପରେ କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ତନାଘନା ଆରମ୍ଭ ହୋଇଛି। ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ, ପୁଲିସ ଓ ବିଭିନ୍ନ ବିଭାଗର କର୍ତ୍ତୃପକ୍ଷ ଏବଂ ପରିବହନ ବିଭାଗ ମିଳିତ ଭାବେ ରାସ୍ତାଘାଟ ଅନୁଧ୍ୟାନ କରୁଥିଲେ ମଧ୍ୟ ଦୁର୍ଘଟଣାର ଅସଲ କାରଣକୁ ଧରି ପାରୁନଥିବା ଚିନ୍ତାର କାରଣ ହୋଇଛି। ଜର୍ଦ୍ଦା ଛକଠାରୁ ତମାମ ଜାତୀୟ ରାଜପଥ ପାର୍ଶ୍ୱରେ ବେଆଇନ ପାର୍କିଂ ଦୁର୍ଘଟଣାର ମୁଖ୍ୟ କାରଣ ହୋଇଥିବାରୁ ଏଦିଗରେ ପ୍ରଶାସନ କଡ଼ା ପଦକ୍ଷେପ ଗ୍ରହଣ କରୁନଥିବାରୁ ୨୦ ନଂ ଜାତୀୟ ରାଜପଥରେ ପ୍ରତିଦିନ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହୋଇଛି। ସେହିପରି ରାସ୍ତା ପାର୍ଶ୍ୱରେ ସାପ୍ତାହିକ ହାଟ, ହାଣ୍ଡିଆ ହାଟ, ଗାଡ଼ି ଗ୍ୟାରେଜ ଯୋଗୁ ଦୀର୍ଘ ସମୟ ଧରି ଗାଡ଼ି ଗୁଡିକ ପାର୍କିଂ କରୁଥିବା ଏବଂ ବ୍ରେକ ଡାଉନ ଗାଡ଼ି ଦିନ ଦିନ ଧରି ରାସ୍ତା ଉପରେ ପଡ଼ିରହୁଥିବାରୁ ଦୁର୍ଘଟଣାର ଏହା ମୁଖ୍ୟ କାରଣ ବୋଲି ଜଣାଯାଇଛି। ୨୦ ନମ୍ବର ଜାତୀୟ ରାଜପଥର ଘସିପୁରା ଥାନା ଶାଳପଡ଼ା, ଖପରାଖା, ଗୋହିରା ବ୍ୟାରେଜ ଛକକୁ ବ୍ଲାକସ୍ପଟ ଅଞ୍ଚଳ ଭାବେ ଚିହ୍ନଟ କରି ଏହି ସ୍ଥାନ ମାନଙ୍କରେ ଦୁର୍ଘଟଣାକୁ ରୋକିବା ପାଇଁ ଆଶୁ ପଦକ୍ଷେପ ନେବାକୁ ବିଭିନ୍ନ ବିଭାଗ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଦାବି ହୋଇଛି। ଶାଳପଡ଼ା ଛକ କେନ୍ଦୁଝର ଜିଲା ସହ ପଡୋଶୀ ଯାଜପୁର, ମୟୂରଭଞ୍ଜ, ଭଦ୍ରକ ଜିଲ୍ଲାକୁ ସଂଯୋଗ କରୁଛି। ଏହି ରାସ୍ତା ଦେଇ ଦୈନିକ ଶହ ଶହ ଗାଡି ଚଳାଚଳ କରୁଛି। ଶାଳପଡ଼ା ଓଭର ବ୍ରିଜ ଉପରେ ଏକ କିମି ରାସ୍ତା ଅସମ୍ପୂର୍ଣ୍ଣ ରହିଛି। ଗୋଟିଏ ପାର୍ଶ୍ୱ ରାସ୍ତାରେ ଗାଡି ମୋଟର ଚଳାଚଳ କରୁଥିବାରୁ ଗୁରୁତର ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଛି। ୫ ବର୍ଷ ହେଲା ରାସ୍ତା ଅସମ୍ପୂର୍ଣ୍ଣ ରହିଥିଲେ ମଧ୍ୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ କୌଣସି ତତ୍ପରତା ପ୍ରକାଶ କରୁନାହିଁ। ଶାଳପଡ଼ା ଆଇଟିଆଇ ଛକରେ ଏକ ଅଣ୍ଡରପାସ୍ ନିର୍ମାଣ କରିବାକୁ ଜନସାଧାରଣ ଦାବି କରିଆସୁଛନ୍ତି। ପ୍ରଶାସନ କିମ୍ବା ଏନଏଚଆଇ ଏନେଇ ଥରେ ହେଲେ ବି ଲୋକଙ୍କ ସହ ଆଲୋଚନା କରିନାହାନ୍ତି। ୫ ବର୍ଷ ମଧ୍ୟରେ ଅଧାଗଡା ରାସ୍ତାରେ ଦୁର୍ଘଟଣାର ଶିକାର ହୋଇ ୧୫ରୁ ଅଧିକ ଲୋକଙ୍କ ଜୀବନ ଯାଇଥିବା ବେଳେ ଅନେକ ଗୁରୁତର ହୋଇଛନ୍ତି। ବିଶେଷ କରି ଲୁହାପଥର ବୋଝେଇ ଟ୍ରକ ଗୁଡିକ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ଏଣୁ ଦୁର୍ଘଟଣା ପ୍ରବଣ ଅଞ୍ଚଳ ଭାବେ ଚିହ୍ନିତ ହୋଇଥିବା ଘଟଗାଁଠାରୁ ଶାଳପଡ଼ା ପର୍ଯ୍ୟନ୍ତ ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ଟ୍ରାଫିକ ସତର୍କ ସୂଚନା ଓ ଏରୋ ମାର୍କ ହମ୍ପସ ନିର୍ମାଣ କରିବା ପାଇଁ ବିଭିନ୍ନ ମହଲରେ ଦାବି ହୋଇଛି।

# ଜରାଜୀର୍ଣ୍ଣ ଅବସ୍ଥାରେ ମନ୍ଦିର ସମ୍ମୁଖ ଶୌଚାଳୟ

- ମା' ଭୂଦାରଚଣ୍ଡୀ ମନ୍ଦିର ସମ୍ମୁଖରେ କୁଢ଼କୁଢ଼ ଆବର୍ଜନାର
- ଦୁର୍ଗନ୍ଧ ଯୋଗୁ ମୁହଁ ଫେରାଇଲେଣି ଭକ୍ତ ଓ ପର୍ଯ୍ୟଟକ



**ନୀଳଗିରି, ୪।୧୨(ସମିସ):** ଉତ୍ତର ଓଡ଼ିଶାର ପ୍ରତ୍ୟେକ୍ଷ ଦେବୀ ନୀଳଗିରି ସଜନାଗଡ଼ ସ୍ଥିତ ମା' ଭୂଦାରଚଣ୍ଡୀ ଓଡ଼ିଶା ପର୍ଯ୍ୟଟନର ପ୍ରମୁଖ ଶକ୍ତିପୀଠ। ଦୈନନ୍ଦିନ ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ମା'ଙ୍କ ଦର୍ଶନ କରି କୃପା ଲାଭ କରିଥାନ୍ତି। ଏହି ଶକ୍ତିପୀଠ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଅଧୀନରେ ଥିବା ସତ୍ତ୍ୱେ ଏହାର ପାରିପାର୍ଶ୍ୱିକ ଅବସ୍ଥିତିକୁ ନେଇ ଶ୍ରଦ୍ଧାଳୁମାନେ ମୁହଁ ଫେରାଇବାକୁ ଲାଗିଲେଣି। ସୂଚନା ଅନୁଯାୟୀ ଗତ କିଛିଦିନ ପୂର୍ବରୁ ବାଲେଶ୍ୱର ଜିଲ୍ଲାପାଳ ମନ୍ଦିର ପରିଦର୍ଶନରେ ଆସି ମନ୍ଦିର ସମ୍ମୁଖସ୍ଥ ରାସ୍ତାର ପ୍ରଶସ୍ତିକରଣ ଓ ଦୋକାନ ଗୃହ କରି ଜବରଦଖଲ ହଟାଇବାକୁ ତତ୍କାଳୀନ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ତହସିଲଦାରଙ୍କ ବଦଳି ପରେ ଉନ୍ନୟନ କାର୍ଯ୍ୟ ଠପ୍ ରହିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ମନ୍ଦିର ସମ୍ମୁଖରେ ଗତ ୧୩ ବର୍ଷ ତଳେ ପଞ୍ଚାୟତ ଦ୍ୱାରା ଅର୍ଦ୍ଧନିର୍ମିତ ପାଇଖାନା ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଏହା କେଉଁଦିନ ଗଳିପଡ଼ିବ ଏବଂ ଏହା ଦ୍ୱାରା ଧନଜୀବନ ହାନି ହେବା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ଏହାଠୁ ବଳି ଉକ୍ତ ପାଇଖାନା ନିକଟରେ ଥିବା କୁଣ୍ଡରେ ଦୀର୍ଘଦିନ ଧରି ଜମାହୋଇ ପଡ଼ିଥିବା ଆବର୍ଜନା ଦ୍ୱାରା ଦୁର୍ଗନ୍ଧ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଧର୍ମୀୟ ଭାବନାକୁ ମର୍ମାହତ କରିଛି। ଫଳରେ ଭକ୍ତମାନେ ମା'ଙ୍କ ଦର୍ଶନ କରିବାକୁ କୁଣ୍ଠାବୋଧ କରୁଛନ୍ତି। ଏନେଇ ସ୍ଥାନୀୟ ପ୍ରଶାସନ, ଜନପ୍ରତିନିଧି, ସଚେତନ ନାଗରିକ ତତ୍ପରତା ଦେଖାଇବା ଉଚିତ୍ ବୋଲି ଜନସାଧାରଣ ଅଭିଯୋଗ କରିଛନ୍ତି। ନ ହେଲେ ଏଭଳି ଶକ୍ତିପୀଠର ଗାରିମା ଧୀରେ ଧୀରେ ଲୋପ ପାଇଯିବ।

# ବିପଦକୁ ଆମନ୍ତ୍ରଣ କରୁଛି ମୁକୁଳା ଟ୍ରାନ୍ସଫର୍ମର



**ଶ୍ରଦ୍ଧାପୁର, ୪।୧୨(ସମିସ):** ଭୋଗରାଇ ବ୍ଲକ କାନ୍ଠିଥଉଁରୀ ପଞ୍ଚାୟତ ବିଚିତ୍ରପୁର ଲକ୍ଷ୍ମୀପୂଜା ପଡ଼ିଆ ଠାରେ ଟ୍ରାନ୍ସଫର୍ମର ନେଇ ଏବେ ବିପଦ ଆଶଙ୍କା ଥିଲେ ମଧ ବିଦ୍ୟୁତ ବିଭାଗର ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହି ଟ୍ରାନଫର୍ମର ଉପରେ ୧୫୦ରୁ ଅଧିକ ଉପଭୋକ୍ତା ନିର୍ଭର କରୁଥିଲା ବେଳେ ଏହା ପାଖଦେଇ ମୁଖ୍ୟ ରାସ୍ତାରେ ପ୍ରତ୍ୟେକ ଦିନ ଶହ ଶହ ଟ୍ରକ, ଟ୍ରାକ୍ଟର, ଅଟୋ, ମଟରସାଇକେଲ ଯିବା ଆସିବା କରୁଥିବା ବେଳେ ବିଦ୍ୟାଳୟ, ବାତ୍ୟା ଆଶ୍ରୟସ୍ଥଳୀ, ଡାକ୍ତରଖାନା, ଅଙ୍ଗନବାଡି କେନ୍ଦ୍ରକୁ କୁନି କୁନି ପିଲାମାନେ ଯିବା ଆସିବା କରନ୍ତି। ଟ୍ରାନ୍ସଫର୍ମର ବସିଥିବା ପଡ଼ିଆରେ ପ୍ରତ୍ୟେକ ବର୍ଷ ସାର୍ବଜନୀନ ଲକ୍ଷ୍ମୀପୂଜା ସହିତ ୧୫ ଦିନ ବ୍ୟାପି ବିଭିନ୍ନ ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଦେଖିବା ପାଇଁ ହଜାର ହଜାର ଲୋକ ଓଡ଼ିଶା ଓ ପଶ୍ଚିମବଙ୍ଗ ସୀମାନ୍ତ ଅଞ୍ଚଳରୁ ଆସନ୍ତି। ସେହି ଜାଗାରେ ରହିଥିବା ଟ୍ରାନ୍ସଫର୍ମର କେବଳ ମଣିଷଙ୍କ ପାଇଁ ବିପଦ ସୃଷ୍ଟି କରୁଛି ତାହା ନୁହେଁ ଗୃହପାଳିତ ପଶୁଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ତେବେ ଏହି ଟ୍ରାନ୍ସଫର୍ମରକୁ ସ୍ଥାନାନ୍ତରିତ କରିବାର ଆବଶ୍ୟକତା ଏବେ ରହିଥିଲେ ସୁଦ୍ଧା ବିଭାଗୀୟ କର୍ମଚାରୀ ଏଥିପ୍ରତି ଦୃଷ୍ଟି ପଡୁ ନ ଥିବାକୁ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଉଛି। ଏଠାରେ କୌଣସି ବଡ଼ ଧରଣର ଅଘଟଣ ଘଟିବା ପୂର୍ବରୁ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରି ଟ୍ରାନ୍ସଫର୍ମର ସ୍ଥାନାନ୍ତରିତ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

# ବିଦ୍ୟାଳୟରେ ବିଜ୍ଞାନମେଳା ଆୟୋଜିତ



**ଚନ୍ଦନେଶ୍ୱର, ୪।୧୨(ସମିସ):** ଭୋଗରାଇ ବ୍ଲକ ଶଙ୍ଖାରୀ ପଞ୍ଚାୟତ ଅନ୍ତର୍ଗତ ମଧୁସୂଦନ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୁନିଅର ଓ ସିନିୟର ବିଭାଗ ମିଶି ମୋଟ ୬୦ଟି ପ୍ରକଳ୍ପରେ ପିଲାମାନେ ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମର ଉଦଘାଟନୀ ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁନିଲ କୁମାର ଦତ୍ତ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବରେ ଦକ୍ଷିଣ ଭୋଗରାଇ ଓଷ୍ଟା ଶିକ୍ଷକ ସଂଘର ସମ୍ପାଦକ ନିରଞ୍ଜନ ଘଡାଇ, ମୁଖ୍ୟବକ୍ତା ଭାବେ ଶଙ୍ଖାରୀ ସିଆରସିସି ସଞ୍ଜୟ ବେହେରା ଯୋଗଦାନ କରି ବିଭିନ୍ନ ବିଜ୍ଞାନ ପ୍ରକଳ୍ପ ପ୍ରସ୍ତୁତି କରିଥିବା ପିଲାଙ୍କୁ ପ୍ରଶଂସା କରିଥିଲେ। ବିଚାରକ ଭାବରେ ଫୁଲବଣୀ ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ମହେଶ୍ୱର ଗିରି ଓ ଭଗବାନ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ କଟିସାହିର ପୂର୍ବତନ ପ୍ରଧାନଶିକ୍ଷକ ଦୀପକ ଜେନା ଉପସ୍ଥିତ ଥିଲେ। ସିନିୟର ବିଭାଗରେ ଚିନ୍ମୟ ଦତ୍ତ ଓ ଜୁନିଅରରେ ହରିଚନ୍ଦନ ଦେ, ପ୍ରଥମ ସ୍ଥାନ ଅଧିକାର କରି ବ୍ଲକସ୍ତରୀୟ ବିଜ୍ଞାନମେଳାକୁ ମନୋନୀତ ହୋଇଛନ୍ତି। ପରିଚାଳନା କମିଟିର ସଭାପତି ଦେବାଶିଷ ମହାନ୍ତି, ମେମ୍ବର ତଥା ଶିକ୍ଷକ ଧ୍ରୁବ ଚରଣ ପ୍ରଧାନ, ଶିକ୍ଷକ ହରେକୃଷ୍ଣ ଜେନା, ଦିବାକର ଦିଣ୍ଡା, ରାମକୃଷ୍ଣ ପାତ୍ର, ବିରଞ୍ଚି ନାୟକ, କାଳିକୁମାର ଜେନା, ପ୍ରଦୀପ କଟୁଆଳ, ଦେବେନ୍ଦ୍ର ମଲ୍ଲିକ, ପଦ୍ମାବତୀ ଜେନା, ତରୁଣ ଜେନା ଓ ଗୀତାଞ୍ଜଳି ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।

# ବିଦ୍ୟାଳୟ ପକ୍ଷରୁ 'ଜିରୋ ଫାର୍ଟିଲିଟି ସପ୍ତାହ'



**ଭୋଗରାଇ, ୪।୧୨(ସମିସ):** ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ କ୍ରମେ ଓଡ଼ିଶା ପୁଲିସ ସମେତ ବିଭିନ୍ନ ସରକାରୀ ବିଭାଗ ଡ଼ିସେମ୍ବର ୧ରୁ ୭ ତାରିଖ ପର୍ଯ୍ୟନ୍ତ 'ଶୂନ୍ୟ ସହନଶୀଳତା ସପ୍ତାହ' ପାଳନ କରୁଛି। ସୋମବାର ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀ କମଳଲୋଚନ ବିଶ୍ୱାଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱବଧାନରେ ହେରମ୍ବ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ 'ଜିରୋ ଫାର୍ଟିଲିଟି ସପ୍ତାହ' ପାଳନ ଅବସରରେ ଏକ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉଚ୍ଚ ବିଦ୍ୟାଳୟ ସମ୍ମୁଖ ଥାନା ଛକ-ଭୂଷଣ୍ଡେଶ୍ୱର ଭାୟା ଭୋଗରାଇ ହାଟ ମୁଖ୍ୟ ରାସ୍ତାରେ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ସମେତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀ କମଳଲୋଚନ ବିଶ୍ୱାଳଙ୍କ ନେତୃତ୍ୱରେ ପ୍ରଧାନଶିକ୍ଷକ ଦିଲ୍ଲୀପ ଧଳ, ସିଆରସିସି ବଂଶୀଧର ମାଝୀ, ସହକାରୀ ଶିକ୍ଷକ ସୁଶାନ୍ତ ଗିରି, ଚୈତନ୍ୟ ପ୍ରଧାନ, ଭୂପତି ପାତ୍ର, ପ୍ରାଣକୃଷ୍ଣ ସାମଲ, ବିଶ୍ୱନାଥ ବାସ୍କେ, ଶକ୍ତିପଦ କର, ସହକାରୀ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ଚାନ୍ଦ, ରଶ୍ମିରଞ୍ଜିତା ମାଝୀ, ଅନୀତା ମୁର୍ମୁ, ସରୋଜିନୀ ସ୍ୱାଇଁ, ପ୍ରତିମା ପାତ୍ର, ଶିବାନୀ ଜେନାଙ୍କ ସହିତ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ସଡକ ସୁରକ୍ଷା ସମ୍ପର୍କରେ ବିଭିନ୍ନ ସ୍ଲୋଗାନ ଦେବା ସହିତ ରାସ୍ତାରେ ଯାଉଥିବା ବିନା ହେଲମେଟ ବାଇକର ଏବଂ ସିଟ ବେଲ୍ଟ ବ୍ୟବହାର କରି ନ ଥିବା ଚାରି ଚକିଆ ଯାନର ଚାଳକଙ୍କୁ ଅଟକାଇ ଗୋଲାପ ଫୁଲ ଓ ଚକୋଲେଟ ଦେବା ସହିତ ସଡ଼କ ସୁରକ୍ଷା ନିୟମ ପାଳନ ସମ୍ପର୍କରେ ସଚେତନ କରାଇଥିଲେ।

# ନୟନଯୋରିକୁ ଖସିଲା ଟ୍ରକ୍ ଓ ବାଇକ୍



**ବସ୍ତା, ୪।୧୨(ସମିସ):** ବସ୍ତା ଥାନା ୬୦ନଂ ଜାତୀୟ ରାଜପଥ କୁଣ୍ଡପୁର ଢାବା ନିକଟରେ ଟ୍ରକ ପଛପଟେ ଟ୍ରକ ଧକ୍କା ଦେଇ ବାଇକ ସହ ନୟନଯୋରିକୁ ଖସିଲା ଟ୍ରକ ଜଣେ ଗୁରୁତର ଆହାତ। ସୂଚନାରୁ ପ୍ରକାଶ ରବିବାର ବିଳମ୍ବିତ ରାତିରେ କେରଳରୁ କଲିକତା ଅଭିମୁଖେ ଗ୍ରୀନ ପଣସ ବୋଝେଇ ହୋଇ ଯାଉଥିଲା ବେଳେ ବସ୍ତା ବାଇପାସ ନିକଟରେ ଆଗପଛ ହୋଇ ଯାଉଥିବା ଦୁଇ ଟ୍ରକ ମଧ୍ୟରେ ଆଗ ଟ୍ରକକୁ ପଛପଟେ ଗ୍ରୀନ ପଣସ ବୋଝେଇ ହୋଇଥିବା ଟ୍ରକଟି ଧକ୍କା ଦେଇଥିଲା। ଯାହାଫଳରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବା ଏକ ବାଇକକୁ ନେଇ ୧୫ ଫୁଟ୍ ତଳେ ନୟନଯୋରିକୁ ମୁହଁ ମାଡି ପଡ଼ିଯାଇଥିଲେ। ଦୁର୍ଘଟଣାରେ ଟ୍ରକରେ ଥିବା ଦୁଇ ଜଣଙ୍କ ମଧ୍ୟରୁ ଚାଳକ ଜଣକ ଗୁରୁତର ଆହତ ହୋଇଥିଲେ। ଗୁରୁତର ଆହତ ଜଣକ ହେଲେ ତାମିଲନାଡୁ ଅଞ୍ଚଳ ରାଜା ମହମ୍ମଦ। ଖବର ପାଇ ବସ୍ତା ପୁଲିସ ଓ ବସ୍ତା ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଚାପିହୋଇ ରହିଥିବା ଡ୍ରାଇଭରକୁ ଉଦ୍ଧାର କରି ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ପଠାଇଛନ୍ତି।

# ଭଲିବଲ ଟୁର୍ଣ୍ଣାମେଣ୍ଟ, ମୟୂରଭଞ୍ଜ ଚାମ୍ପିଅନ



**ଖଇରା, ୪।୧୨(ସମିସ):** ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ଗରସଙ୍ଗ ଖେଳ ପଡ଼ିଆରେ ରବିବାର ଦିନ ପର୍ଶୁରାମ ପାଣିଗ୍ରାହୀ ମେମୋରିଆଲ ଦିବାରାତ୍ର ଆନ୍ତଃଜିଲା ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ମୋଟ ୬ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ମୟୂରଭଞ୍ଜର ପାଇକସାହି ଟିମ ଭୁବନେଶ୍ୱରର ଲିଙ୍ଗରାଜ ଟିମକୁ ୨-୦ ସେଟରେ ପରାସ୍ତ କରିଛି। ବାବା ଜମ୍ବେଶ୍ୱର ଭଲି କ୍ଲବ ଆନୁକୂଲ୍ୟରେ ଆୟୋଜିତ ଟୁର୍ଣ୍ଣାମେଣ୍ଟକୁ ସରପଞ୍ଚ ରାଜେନ୍ଦ୍ର ଦାସ ଓ ସମିତିସଭ୍ୟା ମାଧୁଇ ହେମ୍ବ୍ରମ ଉଦଘାଟନ କରିଥିଲେ। ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗଦେଇ ଖେଳାଳିଙ୍କ ସହ କରମର୍ଦ୍ଦନ କରି ଉତ୍ସାହିତ କରିଥିଲେ। ମନୋରଞ୍ଜନ ପଣ୍ଡା ଓ ଭୋଳାନାଥ ଧଳ ରେଫେରୀ ଭାବେ ଯୋଗଦେଇ ଖେଳ ପରିଚାଳନା କରିଥିଲେ। ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ର, ପଞ୍ଚାୟତର ଯୁବ ସଭାପତି ପବିତ୍ର ମୋହନ ସାହୁ, ଶିକ୍ଷାବିତ କୃଷ୍ଣଚନ୍ଦ୍ର ଜେନା ଅତିଥିଭାବେ ଯୋଗଦେଇ ଚାମ୍ପିଅନ ଓ ରନର୍ସଅପ ଦଳକୁ ପୁରସ୍କୃତ କରିଥିଲେ।

# ମହାବିଦ୍ୟାଳୟରେ ଯୋଗ ଶିବିର

**ଜଳେଶ୍ୱର ସହର/ବ୍ଲକ, ୪।୧୨(ସମିସ):** ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ଆଜି ଦିନ ୧୧ ଘଟିକା ସମୟରେ ଜଳେଶ୍ୱର ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ଏକ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଯୋଗ ପ୍ରଶିକ୍ଷଣ ଶିବିରରେ ହେଲଦୀ ଲାଇଫ ଯୋଗ ମହାବିଦ୍ୟାଳୟ ବାଲେଶ୍ୱରର ନିର୍ଦ୍ଦେଶକ ଚିତ୍ତରଞ୍ଜନ ସାହୁ ଯୋଗଦେଇ ଯୋଗ ମାଧ୍ୟମରେ ପ୍ରାକୃତିକ ଚିକିତ୍ସା କେମିତି ହୋଇପାରିବ ସେ ସମ୍ପର୍କରେ ସବିଶେଷ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ମହାବିଦ୍ୟାଳୟ ଅଧକ୍ଷ ସରୋଜ ମହାନ୍ତି, ସଂଯୋଜକ ଶ୍ରବଣ ନାଥ, ଅଧାପକ ଜ୍ଞାନରଞ୍ଜନ ଜେନା, ନିଶ୍ଚଳ ଘଡେଇ, ଉଷାରାଣୀ ଦାସ ପ୍ରମୁଖ ଉପସ୍ଥିତ ରହି ଏହି ଶିବିରକୁ ପରିଚାଳନା କରିଥିଲେ। ଏହି ଶିବିରରେ ପ୍ରାୟ ୨ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ପ୍ରଶିକ୍ଷଣ ଗ୍ରହଣ କରିଥିଲେ।

# ବିଜେପି ପକ୍ଷରୁ ବିଜୟ ଉତ୍ସବ

**ଜଳେଶ୍ୱର ସହର/ବ୍ଲକ, ୪।୧୨(ସମିସ):** ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଛତିଶଗଡ଼ ରାଜ୍ୟରେ ବିଜେପିର ବିପୁଳ ଓ ଐତିହାସିକ ବିଜୟ ଅବସରରେ ସାରାଦେଶ ଉତ୍ସବମୁଖର ହୋଇଛି। ଜଳେଶ୍ୱର ବିଜେପି ପକ୍ଷରୁ ଜଳେଶ୍ୱର ବ୍ଲକ ବଜାରସ୍ଥିତ ପାର୍ଟି ଅଫିସରେ ଏହି ବିଜୟ ଉତ୍ସବ ପାଳନ ହୋଇଛି। ବିଜେପି ନଗର ସଭାପତି ତଥା ସାଂସଦଙ୍କ ପୌର ପ୍ରତିନିଧି ଫାଲଗୁନୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ପ୍ରବୀର ପ୍ରଧାନ, ଶାନ୍ତନୁ ପଟ୍ଟନାୟକ, ସମୀର ପାତ୍ର, ଚନ୍ଦନ ଦାସ, ରଞ୍ଜନ ମାହାନ୍ତି, ତପନ ବିଶ୍ୱାଳ, ମୁକ୍ତାରାଣୀ ପାଳ, ସୁମତି ରଣାଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଓ ଶୁଭେଚ୍ଛୁ ଉପସ୍ଥିତ ହୋଇ ମିଷ୍ଟାନ୍ନ ବଣ୍ଟନ କରିଥିଲେ।

# ଆମେ ଗଢ଼ିବୁ ନୂଆ ଓଡ଼ିଶା କାର୍ଯ୍ୟକ୍ରମ



**ଚୌକି, ୪।୧୨(ସମିସ):** ଭୋଗରାଇ ବ୍ଲକ ଅନ୍ତର୍ଗତ ଦେହୁର୍ଦ୍ଦା ପଞ୍ଚାୟତ ଅଧୀନସ୍ତ ବଲ୍ଲାରପୁର ଗ୍ରାମରେ ଥିବା ଶ୍ରୀକାନ୍ତ ମୋକ୍ଷଦା ହାଇସ୍କୁଲରେ ଆମେ ଗଢ଼ିବୁ ନୂଆ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୂଚନାଯୋଗ୍ୟ ୩୦ ଅକ୍ଟୋବର ଗୁରୁବାର ଦିନ ଶ୍ରୀକାନ୍ତ ମୋକ୍ଷଦା ହାଇସ୍କୁଲର ପ୍ରଧାନଶିକ୍ଷକ ଦିଲୀପ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଆହ୍ୱାନ କରାଯାଇଥିଲା। ବୈଠକ ଶେଷ ହେବା ପରେ ଛାତ୍ରଛାତ୍ରୀଙ୍କ ପାଇଁ ଏକ ନୂତନ ବାଇସାଇକଲ୍ ଷ୍ଟାଣ୍ଡ ଉଦଘାଟନ କରାଯାଇଥିଲା। ଶିକ୍ଷକ ପ୍ରଦୀପ ଦାସ, ସାଧନା ଜେନା, ଜୟନ୍ତ ପଣ୍ଡା, ପ୍ରକାଶ ଦାସ, ଜୁଏଲ ଶବର, ମାଳତୀ ହେମ୍ବ୍ରମ, ପୂର୍ଣ୍ଣିମା ଗିରି, ମଧୁସ୍ମିତା ସାହୁ, ଗୋବିନ୍ଦ ସିଂ, ଅରୁଣ ସେନାପତି, ସଞ୍ଜୁଲତା ସାହୁ, ପ୍ରଦୀପ ରଥ, ଅନନ୍ତ ବେଜ, ୱାର୍ଡ ସଭ୍ୟ ଆଶିଷ ଦାସ ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଅଞ୍ଜନ ଦାସ, ଦିଲୀପ ଦାସ, ସୁବ୍ରତ ଦାସ ଆଦି ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

# ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ନୀଳଗିରି, ୪।୧୧(ସମିସ):** ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଅନ୍ତର୍ଗତ ସନ୍ତରାଗଡ଼ିଆ ବାବା ପଞ୍ଚଲିଙ୍ଗେଶ୍ୱର ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟ ଠାରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ଅଧକ୍ଷ ପ୍ରଶାନ୍ତ ବେହେରା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବରେ ବରିଷ୍ଠ ଆଇନଜୀବୀ ଅମେରନ୍ଦ୍ର ପଟ୍ଟନାୟକ ଆନୁଷ୍ଠାନିକ ଭାବେ ଶୁଭ ଉଦଘାଟନ କରିବା ସହ ଉପସ୍ଥିତ ସମସ୍ତ ଅଧାପକ, ଅଧାପିକା ଛାତ୍ରଛାତ୍ରୀ ଓ ଅତିଥିଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଗୌରହରି ଜେନା, ଅବସରପ୍ରାପ୍ତ ଅଧାପକ ବିଷ୍ଣୁମୋହନ ପରିଡ଼ା ଏବଂ ସ୍ଥାନୀୟ ସରପଞ୍ଚ ରାଜେନ୍ଦ୍ର ରାଉତ ସମ୍ମାନିତ ଅତିଥିଭାବରେ ଯୋଗଦାନ କରିଥିଲେ। ଅଧାପକ ଗଙ୍ଗାଧର ପରିଡ଼ା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଡ. ଅକ୍ଷୟ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଅଧାପିକା ଜ୍ୟୋର୍ତିମୟୀ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିଶିର ସାହୁ, ବାସନ୍ତୀ ନନ୍ଦ, ଡ.ଗଦାଧର ବେହେରା, ତ୍ରିଲୋଚନ ବାରିକ, ପ୍ରଦୀପ୍ତ ପରିଡ଼ା, ଅଭିମନ୍ୟୁ ମହନ୍ତ, ମନୋରଞ୍ଜନ ଦାଶ ମହାପାତ୍ର, ପ୍ରଶାନ୍ତ ସେନାପତି, ରବୀନ୍ଦ୍ର ରଣା, ରମେଶ ମିଶ୍ର, ରମାକାନ୍ତ ଜେନା, ଗଙ୍ଗାଧର ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଆନ୍ତର୍ଜାତିକ ଆର୍ଟ ଏକ୍ସିବେସନ ଉଦ୍‌ଘାଟିତ

# ଯୋଗଦେଲେ ଜଳେଶ୍ୱରର ଦୁଇ ଚିତ୍ରଶିଳ୍ପୀ



**ଜଳେଶ୍ୱର, ୪।୧୨(ସମିସ):** ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଆର୍ଟ ଫାଉଣ୍ଡେସନ, ପୋଖରା କ୍ରିଏଟିଭ ଆର୍ଟ ସୋସାଇଟି ଓ ନ୍ୟୁର ଆର୍ଟ ନେପାଳ ମିଳିତ ଆନୁକୂଲ୍ୟରେ ଏହି ଶିବିର ଆଜି ନେପାଳର ପାଟନ ମ୍ୟୁଜିୟମ କାଠମାଣ୍ଡୁ ଠାରେ ପ୍ରଦର୍ଶିତ ହୋଇଯାଇଛି। ଏହି ଚିତ୍ରକଳା ଶିବିରରେ ଭାରତ, ନେପାଳ, ଭିଏତନାମା, ଥାଇଲାଣ୍ଡ ଓ ମଙ୍ଗୋଲିଆର ପ୍ରାୟ ୪୦ଜଣ ବିଶିଷ୍ଟ ଆନ୍ତର୍ଜାତିୟ ଚିତ୍ରଶିଳ୍ପୀମାନେ ଅଂଶଗ୍ରହଣ କରିଛନ୍ତି। ଏହି ଚିତ୍ରକଳା ପ୍ରଦର୍ଶନୀ ଡିସେମ୍ବର ୩ ତାରିଖ ଠାରୁ ଆରମ୍ଭ ହୋଇ ୫ ଡିସେମ୍ବର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଆନ୍ତର୍ଜାତୀୟ କର୍ମଶାଳାରେ ଆମ ଓଡ଼ିଶା ରାଜ୍ୟ ବାଲେଶ୍ୱର ଜିଲ୍ଲା ଜଳେଶ୍ୱରରୁ ସୌମ୍ୟ ରଞ୍ଜନ ପାତ୍ର, ମୁକ୍ତିପଦ ନନ୍ଦୀ, କେନ୍ଦ୍ରାପଡ଼ାରୁ ପ୍ରସନ୍ନ ସ୍ୱାଇଁ, ରାଉରକେଲାରୁ ପ୍ରଣୟ ଜେନା, ଗଞ୍ଜାମରୁ ଗୀତା ସାହୁ ଏହି ଶିବିରରେ ସେମାନଙ୍କର କଳା ନୈପୁଣ୍ୟ ପ୍ରଦର୍ଶନ କରିବା ସହିତ ଚିତ୍ର କଳା ମାଧ୍ୟମରେ ରୋଗ ଚିକିତ୍ସା ଓ ନିରାକରଣ ସମ୍ପର୍କରେ ଚିତ୍ର ମାଧ୍ୟମରେ ପ୍ରଦର୍ଶିତ କରିଛନ୍ତି। ଏହି କର୍ମଶାଳାକୁ ନେପାଳର ଲଳିତ କଳା ପ୍ରଜ୍ଞା ପ୍ରତିଷ୍ଠାନ ଚାନ୍ସେଲର ନାରଦ ମୁନି ହର୍ଚମଛାଲି ଓ ଗ୍ୟାଙ୍ଗଟକର ବରିଷ୍ଠ ଚିତ୍ରଶିଳ୍ପୀ କିରଣ ରୋଷାଇଲି ପ୍ରଦର୍ଶନୀକୁ ଉଦଘାଟନ କରିଥିବା ବେଳେ ପ୍ରଫେସର ଡ.ନିର୍ମଳ ଲମିଛାନେ ଓ ବିଶିଷ୍ଟ ଚିତ୍ରଶିଳ୍ପୀ ହରେରାମ ଜୋଜୁଙ୍କ ପୌରୋହିତ୍ୟରେ ନ୍ୟୁରୋ ଆର୍ଟ ସମ୍ପର୍କରେ ବିବରଣୀ ଦେବା ସହିତ ଚିତ୍ର କଳା ମାଧ୍ୟମରେ ସ୍ନାୟୁ ରୋଗର ଚିକିତ୍ସା କିପରି ଚିତ୍ର ମାଧ୍ୟମରେ ସମ୍ଭବ ହେଉଛି ତା ଉପରେ ଏକ କର୍ମଶାଳ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳା ତଥା ଏକ୍ସିବିସନକୁ ନେପାଳର ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ଚନ୍ଦ୍ର ଶ୍ୟାମ ଦଙ୍ଗଲ ଓ ଦୀପେନ୍ଦ୍ର ମାନ ବିନୋପାଲି ସଭାପତି ରାଷ୍ଟ୍ରୀୟ ଲଳିତ କଳା ଏକାଡେମୀ ନେପାଳ ପୌରହିତରେ ଅନୁଷ୍ଠିତ ହୋଇଯାଇଛି। ଏହି ଚିତ୍ର କଳା ଗୁଡିକ ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ପ୍ରଦର୍ଶିତ ହେବ। ଏହି କର୍ମଶାଳାରେ ନେପାଳ ଓ ଭାରତର କଳା ସଂସ୍କୃତି ଚିତ୍ର କଳା ଗୁଡ଼ିକ ପର୍ଯ୍ୟବେଶିତ ହୋଇଛି।

# ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର



**ଜଳେଶ୍ୱର ସହର/ବ୍ଲକ, ୪।୧୨(ସମିସ):** ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ଜଳେଶ୍ୱର ଶାଖା ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ଅନୁସାରେ ରାଜ୍ୟରେ ବର୍ଷ ବର୍ଷ ଧରି ମହିଳାମାନେ ମାଇକ୍ରୋ ଫାଇନାନ୍ସ କମ୍ପାନୀ ସହ ଜଡ଼ିତ ଥିବାବେଳେ ବହୁ ସମସ୍ୟା ଦେଇ ଗତି କରୁଛନ୍ତି। ମହିଳାମାନଙ୍କର ସମସ୍ୟା ବିଷୟରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ଓ କେନ୍ଦ୍ର ସରକାର ଅବଗତ ରହିଥିବା ବେଳେ ଏମଏଫଆଇର ଅରାଜକତା ବୃଦ୍ଧି ପାଇଥିବା ଅନୁମାନ କରାଯାଉଛି। ଫଳରେ ଲାଭଜନକ ମାଇକ୍ରୋଫାଇନାନ୍ସ ଋଣଦାତାଙ୍କ ଅଧିକ ଅଭିବୃଦ୍ଧି ଏହି କ୍ଷେତ୍ରରେ ଶତକଡା ୮୫ ଭାଗ ଅଧିକ ଋଣ ନେଇଥିବା ମହିଳାଙ୍କୁ ଋଣ ଜାଲରେ ପକାଇ ସେମାନଙ୍କର ସଞ୍ଚୟକୁ ବିପଦରେ ପକାଉଛନ୍ତି। ସମସ୍ୟାର ସମାଧାନ ପାଇଁ ସମିତି ପକ୍ଷରୁ ସାତ ଦଫା ସମ୍ବଳିତ ଏକ ଦାବିପତ୍ର ଜଳେଶ୍ୱର ବିଡିଓଙ୍କ ଜରିଆରେ ଆରବିଆଇ ଗଭର୍ଣ୍ଣରଙ୍କ ସହିତ ରାଜ୍ୟପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ସ୍ନେହଲତା ପଣ୍ଡା, ମହୁଆ ବସୁ, ମମତା ରାଜ, ଜିଜ୍ଞାସା ଦାସ, ଖୁସି ଦାସ ପ୍ରମୁଖ ମହିଳାମାନେ ଉପସ୍ଥିତ ଥିଲେ।

ନୂଆଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବି

# ସ୍କୁଲ ଫାଟକରେ ତାଲା ପକାଇଲେ ଛାତ୍ରଛାତ୍ରୀ

ବୈଶିଙ୍ଗା, ୪।୧୨(ସମିସ): ବୈଶିଙ୍ଗା ବ୍ଲକ ଅଧୀନ ପୁରୁଣିଆ ପଞ୍ଚାୟତ ନୂଆଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବକୁ ନେଇ ସୋମବାର ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି। ବିଦ୍ୟାଳୟର ଛାତ୍ରଛାତ୍ରୀ ଫାଟକରେ ତାଲା ପକାଇ ଧାରଣାରେ ବସିଛନ୍ତି। ଛାତ୍ରଛାତ୍ରୀଙ୍କ ସହିତ ଅଭିଭାବକ, ଗ୍ରାମବାସୀ ଏବଂ ସ୍ଥାନୀୟ ସରପଞ୍ଚ ସୁନ୍ଦର ମୋହନ ସିଂ ମଧ୍ୟ ସାମିଲ ହୋଇଥିଲେ। ସୂଚନା ମୁତାବକ, ନୂଆଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ୧୩୫ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। କିଛିମାସ ପୂର୍ବରୁ ପ୍ରଧାନ ଶିକ୍ଷକ ଶୁଭେନ୍ଦୁ ତ୍ରିପାଠୀ ପଦୋନ୍ନତି ପାଇ ଅନ୍ୟତ୍ର ବଦଳି ହୋଇଥିବାବେଳେ ସହକାରୀ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ମନ୍ତ୍ରୀଙ୍କୁ ମଧ୍ୟ ଡେପୁଟେସନରେ ଅନ୍ୟ ସ୍କୁଲରେ ଅବସ୍ଥାପିତ କରାଯାଇଥିଲା। ତେବେ କିଛି ମାସର ବ୍ୟବଧାନରେ ଦୁଇଜଣ ଶିକ୍ଷକ ସ୍ଥାନାନ୍ତର ହେବା ଘଟଣାକୁ ନେଇ ଅଭିଭାବକ ଏବଂ ସ୍କୁଲ ପରିଚାଳନା କମିଟି ତଥା ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ବର୍ତ୍ତମାନ ସ୍କୁଲରେ ୪ଜଣ ଶିକ୍ଷୟିତ୍ରୀ ରହିଛନ୍ତି; ହେଲେ ପାଠପଢ଼ାରେ ବ୍ୟାଘାତ ଦେଖାଦେଉଛି। ତେଣୁ ଆଉ ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦାବିକରି ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଏକ ଦାବିପତ୍ର ଦିଆଯିବା ସହିତ ଆନ୍ଦୋଳନ ପାଇଁ ମଧ୍ୟ ଚେତାବନୀ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଆଲୋଚନା ଏବଂ ବିଭାଗର ପ୍ରତିଶ୍ରୁତି ପରେ ଗ୍ରାମବାସୀ, ଅଭିଭାବକ ଏବଂ ପରିଚାଳନା କମିଟି ସ୍କୁଲରେ ତାଲା ପକାଇବା ଆନ୍ଦୋଳନ ନିଷ୍ପତ୍ତିରୁ ଓହରି ଯାଇଥିଲେ; ମାତ୍ର ଆଲୋଚନାକୁ ତିନିମାସ ବିତିଯାଇଥିଲେ ସୁଦ୍ଧା ଏଯାଏ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇ ନ ଥିବାରୁ ସୋମବାର ସକାଳେ ଗ୍ରାମବାସୀ, ଅଭିଭାବକ ଏବଂ ପରିଚାଳନା କମିଟିର କାର୍ଯ୍ୟକର୍ତ୍ତା ଓ ସଦସ୍ୟ ସଦସ୍ୟା ଗଣ ସ୍କୁଲ ଫାଟକରେ ତାଲା ପକାଇ ଆନ୍ଦୋଳନରେ ବସିଛନ୍ତି। ଏବିଇଓ ରମାକାନ୍ତ ମହାନ୍ତ, ସିଆରସିସି ଶୈଳେନ୍ଦ୍ର ପଣ୍ଡାଙ୍କୁ ଆଲୋଚନା ପାଇଁ ପଠାଯାଇଥିବା ନେଇ ବ୍ଲକ ଶିକ୍ଷା ଅଧିକାରୀ ବିପ୍ଳବ କର ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ଜଣେ ଶିକ୍ଷକଙ୍କୁ ତୁରନ୍ତ ନିଯୁକ୍ତି ଜିଦରେ ଅଡି ବସିଛନ୍ତି ଆନ୍ଦୋଳନକାରୀ। ଏହି ଆନ୍ଦୋଳନକୁ ସମର୍ଥନ ଜଣାଇ ପୁରୁଣିଆ ସରପଞ୍ଚ ସୁନ୍ଦର ମୋହନ ସିଂ ମଧ୍ୟ ସାମିଲ ହୋଇଛନ୍ତି। ତେବେ ସ୍କୁଲ ଫାଟକରେ ତାଲା ପଡ଼ିଥିବାରୁ ପାଠପଢ଼ା ଏବଂ ମଧ୍ୟାହ୍ନ ଭୋଜନ ବନ୍ଦ ହୋଇଯାଇଛି।




## ସରସ୍ୱତୀ ଶିଶୁମନ୍ଦିରରେ ମାତୃ କର୍ମଶାଳା

ବେତନଟୀ, ୪।୧୨(ସମିସ): ବେତନଟୀ ଉପକଣ୍ଠ ଦେବବିହାର ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପ୍ରାଙ୍ଗଣରେ ଏକ ମାତୃକର୍ମଶାଳା ରବିବାର ଆୟୋଜିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଲକ୍ଷ୍ମୀଧର ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ମାତୃ କର୍ମଶାଳାରେ ମୁଖ୍ୟଅତିଥି ଭାବେ କବୟିତ୍ରୀ ମିନତୀ ସିଂହ, ମୁଖ୍ୟବକ୍ତା ଭାବେ ସଙ୍କୁଳ ଶିଶୁବାଟିକା ପ୍ରମୁଖ ବାବାଜୀଚରଣ ବାରିକ ପ୍ରମୁଖ ଅତିଥିଅଧିକାରୀଗଣ ଯୋଗଦେଇଥିଲେ। ଶିଶୁମାନଙ୍କର ମାନସିକ, ଶାରୀରିକ, ତଥା ବୌ।ଦ୍ଧିକ ବିକାଶ ସାଙ୍ଗକୁ ସେମାନଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭାର ବିକାଶ ଏବଂ ସୃଜନଶକ୍ତିର ପରିପ୍ରକାଶ କ୍ଷେତ୍ରରେ ଗୁରୁଜୀ/ଗୁରୁମା ଏବଂ ମା'ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ସନ୍ଦର୍ଭରେ ବହୁ ଉପାଦେୟ ଆଲୋଚନା କରିଥିଲେ। ଏହି ଅବସରରେ ୧୨ ପ୍ରକାର ଶୈକ୍ଷିକ ବ୍ୟବସ୍ଥା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। କର୍ମଶାଳାରେ ୪୦ରୁ ୫୦ଜଣ ମାତୃମଣ୍ଡଳୀ ଯୋଗଦେଇ ଝୋଟି ପ୍ରତିଯୋଗିତା ସାଙ୍ଗକୁ ଅମୃତକଳସ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସ୍କୁଲର ସଭାପତି ସତୀଶ କୁମାର ସାହୁ, ସମ୍ପାଦକ ସମାଜସେବୀ ପ୍ରକାଶ ବେହେରା ଏବଂ ସହ-ସମ୍ପାଦକ ରତିକାନ୍ତ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରଞ୍ଜିତା କର ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକସ୍ତରୀୟ ଆନ୍ତର୍ଜାତିକ ଦିବ୍ୟାଙ୍ଗ ଦିବସ

ବେତନଟୀ, ୪।୧୨(ସମିସ): ବେତନଟୀ ବ୍ଲକ ଅନ୍ତର୍ନିବେଶୀ ଶିକ୍ଷା ସାଧନକେନ୍ଦ୍ର ପକ୍ଷରୁ ସଠିଲୋସ୍କୁଲ ପରିସରରେ ଆନ୍ତର୍ଜ।ତିକ ଦିବ୍ୟାଙ୍ଗ ଦିବସ ରବିବାର ପାଳିତ ହୋଇଯାଇଛି। ବେତନଟୀ ବ୍ଲକ ଗୋଷ୍ଠୀ ସମ୍ବଳ ଶିକ୍ଷକ ବିଜୟ କୁମାର ପରିଡ଼ା ଏବଂ ଭରତଚନ୍ଦ୍ର କାଣ୍ଡିଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମକୁ ଜିଲ୍ଲାପରିଷଦ ବିଶ୍ୱନାଥ ହେମ୍ବ୍ରମ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବ୍ୟାନର, ପ୍ଲାକାର୍ଡ ଏବଂ ସ୍ଲୋଗାନ ଦ୍ୱାରା ଆନ୍ତର୍ଜ।ତିକ ଦିବ୍ୟାଙ୍ଗ ଦିବସ ସନ୍ଦର୍ଭରେ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଦିବ୍ୟାଙ୍ଗ ପିଲାଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ରବୀନ୍ଦ୍ର ମହାନ୍ତଙ୍କ ମଞ୍ଚ ପରିଚାଳନା କରିଥିଲେ। ଉଦଯାପନୀ ତଥା ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମଞ୍ଚାସୀନ ବ୍ଲକ ଶିକ୍ଷାଅଧିକାରୀ ବିପ୍ଳବ କର, ଅତିରିକ୍ତ ବ୍ଲକ ଶିକ୍ଷାଅଧିକାରୀ ରମାକାନ୍ତ ମହାନ୍ତ, ଏବିଇଓ ଗୋପାଳଚନ୍ଦ୍ର ସେନାପତି ପ୍ରମୁଖ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ସୁଭଦ୍ରାମଣୀ ଜେନା, ସାରଥୀ ମହାନ୍ତ, ମୃତ୍ୟୁଞ୍ଜୟ ସାହୁ, ସମସ୍ତ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ (ସିଆରସିସି)ଙ୍କ ସମେତ ଶିକ୍ଷକ ଜୟଚନ୍ଦ୍ର ଦାସ, ସନ୍ତୋଷ ବେହେରା, ବୈରାଗୀ ମହାନ୍ତ, ଟିକାୟତ ମହାନ୍ତ, କମଳାକାନ୍ତ ସିଂ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

**ଶୁକ୍ଳି :** ରବିବାର ଶୁକ୍ଳି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପରିସରରେ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଶିବାନନ୍ଦ ଧଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁଶ୍ରୀ କବିତା ମଞ୍ଜରୀ ନାୟକ, ମୁଖ୍ୟ



ବକ୍ତା ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନୟନତାରା ମହାନ୍ତ, ବିଶିଷ୍ଟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ଦଶରଥ ନାଏକ ପ୍ରମୁଖ ଯୋଗଦେଇ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ତଥା ଗୋଷ୍ଠୀ ସମ୍ବଳ ଶିକ୍ଷକ ବ୍ରଜମୋହନ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯକ୍ରମ ସଞ୍ଚାଳନ ହୋଇ ଦିବ୍ୟାଙ୍ଗ ପିଲାମାନଙ୍କ ମଧ୍ୟରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ସମସ୍ତ ପିଲାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

**ଶୁଳିଆପଦା :** ଶୁଳିଆପଦା ବ୍ଲକ ଦେଉଳି ପଞ୍ଚାୟତରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଛି। ଗ୍ରାମରୁ ୧୩୦ ଜଣ ଦିବ୍ୟାଙ୍ଗ ଏହି କାର୍ଯ୍ୟକ୍ରମରେ ଯୋଗ




ଦେଇଥିଲେ। ଦିବ୍ୟାଙ୍ଗମାନେ ଏକ ରାଲିରେ ବାହାରି ସଭାସ୍ଥଳରେ ପହଞ୍ଚିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଦେଉଳି ସରପଞ୍ଚ ସନାଲୀ ସୋରେନ୍, ମୁଖ୍ୟବକ୍ତା ସମାଜସେବୀ ଅଜମ୍ବର ପୁଷ୍ଟି, ସମ୍ମାନିତ ଅତିଥି ଭାବେ ସାଧନାର କ୍ଷେତ୍ର ସଂଯୋଜିକା ରାଜଶ୍ରୀ ପାଲ, ସାଧନାର କର୍ମୀ ଆରତୀ ବେରା, ଦେଉଳି ୟୁଜିଏମଇ ସ୍କୁଲ ଶିକ୍ଷକ ବିଜୟ କୁମାର ଗିରି, ଦେଉଳି ହାଇସ୍କୁଲ ଶିକ୍ଷୟିତ୍ରୀ ସୁଚିତ୍ରା ବେହେରା, ପ୍ରଗତି ଜନକଲ୍ୟାଣ ବ୍ଲକ ସ୍ତରୀୟ ଭିନ୍ନକ୍ଷମ ସଙ୍ଗଠନ ସଭାପତି ଜ୍ଞାନେନ୍ଦ୍ର ଧୁଙ୍ଗିଆ, ପଞ୍ଚାୟତ ସ୍ତରୀୟ ଭିନ୍ନକ୍ଷମ ସଂଗଠନ ସଭାପତି ମାଧବ ଚନ୍ଦ୍ର ଧିର ପ୍ରମୁଖ ମଞ୍ଚାସୀନ ଥିଲେ। ଧନା କ୍ଷେତ୍ର କର୍ମୀ ପାଣ୍ଡବ ମାହାଲି, ଲମ୍ବୋଦର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା।

**ବଡ଼ସାହି:** ବଡ଼ସାହି ସରକାରୀ ଉପ୍ରା ବିଦ୍ୟାଳୟ ପ୍ରାଙ୍ଗଣରେ ଆନ୍ତର୍ଜାତିକ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଯାଇଛି। ଗୋଷ୍ଠୀ ସମ୍ବଳ ଶିକ୍ଷୟିତ୍ରୀ ବାସନ୍ତୀଲତା ନାୟକ, ସମ୍ବଳ ଶିକ୍ଷକ ନିଶାକର ପରିଡ଼ା, ଆଇଡି ସ୍ୱେଚ୍ଛାସେବୀ ତପନ ଉପାଧ୍ୟାୟ, ସର୍ବେଶ୍ୱର ପରିଡ଼ା, ଜଗନ୍ନାଥ ନାଏକ, ବଡ଼ସାହି ସରକାରୀ ଉପ୍ରା ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ



ହୋଇଥିଲା। ଉଦ୍‌ଯାପନୀ ସଭାରେ ବଡ଼ସାହି ଗୋଷ୍ଠୀ ଶିକ୍ଷାଧିକାରିଣୀ ମଧୁସ୍ମିତା ଗିରି ସଭାପତିତ୍ୱ କରିଥିବା ବେଳେ ଉପାଧ୍ୟକ୍ଷ କାଞ୍ଚନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିଲାଙ୍କୁ ପୁରସ୍କୃତ କରିଥିଲେ। ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ଶ୍ରୀଯୁକ୍ତ ପଦ୍ମଲୋଚନ ଦାସ, ସହାୟକ ଗୋଷ୍ଠୀ ଶିକ୍ଷାଧିକାରିଣୀ ବସନ୍ତ ମଞ୍ଜରୀ ପଟ୍ଟନାୟକ, ସହାୟକ ଗୋଷ୍ଠୀ ଶିକ୍ଷାଧିକାରୀ ରାଧିଆ ଚରଣ ମୁଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସମାଜର ମୁଖ୍ୟ ସ୍ରୋତରେ ଦିବ୍ୟାଙ୍ଗଙ୍କୁ ସାମିଲ କରିବାକୁ ଆହ୍ୱାନ ଦେଇଥିଲେ।

## କୁଡୁମୀ ସମାଜର ଗୋଷ୍ଠୀକେନ୍ଦ୍ର ନିର୍ମାଣ ଆରମ୍ଭ

ରାଇରଙ୍ଗପୁର, ୪।୧୨(ସମିସ): ଶନିବାର ରାଇରଙ୍ଗପୁର କଲେଜ ନିକଟରେ ଓଡ଼ିଶା କୁଡୁମୀ ସମାଜ ପାଇଁ ପ୍ରସ୍ତାବିତ 'ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା'ରେ ଏକ ଗୋଷ୍ଠୀ କେନ୍ଦ୍ର ନୂତନ ଗୃହ ପାଇଁ ନିର୍ମାଣ ଆରମ୍ଭ ହୋଇଛି। ଉକ୍ତ ଗୃହ ୩୮ ଡେସିମିଲ ଜମିରେ ମୋଟ ୩୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କରାଯାଉଛି। ଏଥିପାଇଁ କୁଡୁମୀ ସମାଜ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଗୃହ ନିର୍ମାଣ ଆରମ୍ଭ କାର୍ଯ୍ୟରେ ଓଡ଼ିଶା କୁଡୁମୀ ସମାଜ ରାଇରଙ୍ଗପୁର ସଭାପତି ନବୀନ କିଶୋର ମହାନ୍ତ, ସାଧାରଣ ସମ୍ପାଦକ ମନୋଜ କୁମାର ମହାନ୍ତ, ଉପସଭାପତି ଜ୍ୟୋତିପ୍ରକାଶ ମହାନ୍ତ, ଆଲୋକ ରଞ୍ଜନ ମହାନ୍ତ, ପ୍ରଭାତ ରଞ୍ଜନ ମହାନ୍ତ, ସହ ସମ୍ପାଦକ ମାନସ ରଞ୍ଜନ ମହାନ୍ତ, ରାଜକୁମାର ମହାନ୍ତ, କ୍ଷିତୀଶ କୁମାର ମହାନ୍ତ, କୋଷାଧକ୍ଷ ପ୍ରଭାସ କୁମାର ମହାନ୍ତ, ହେମେନ୍ଦ୍ର ମହାନ୍ତ, ବରିଷ୍ଠ କର୍ମକର୍ତ୍ତା ବିମଳ କୁମାର ମହାନ୍ତ, ବିଜୟ କୁମାର ମହାନ୍ତ, ଜନ୍ମେଜୟ ମହାନ୍ତ, ତପନ ମହାନ୍ତ, ଜହରଲାଲ ମହାନ୍ତ, ସନ୍ତୋଷ ମହାନ୍ତ, ଗୌରୀଶଙ୍କର ମହାନ୍ତ, ରବୀନ୍ଦ୍ର ମହାନ୍ତ, ମୋତିଲାଲ ମହାନ୍ତ, ଉମେଶ ମହାନ୍ତ, ବନମାଳୀ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ହୋ' ଛାତ୍ର ସଂଘର ବାର୍ଷିକ ସମ୍ମିଳନୀ

ରାଇରଙ୍ଗପୁର, ୪।୧୨(ସମିସ): ରାଇରଙ୍ଗପୁର ହୋ' ଛାତ୍ର ସଂଘର ବାର୍ଷିକ ସମ୍ମିଳନୀ ସୁଲେଇପାଟଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଏହି ସମ୍ମିଳନୀ ବାମନଘାଟି ଉପଖଣ୍ଡର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଥାଏ। ହୋ ସମାଜର ଯୁବ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମନ୍ୱୟ, ସହଯୋଗ ସ୍ଥାପନ ସହିତ ହୋ ସମାଜର ସଂସ୍କୃତି, ପରମ୍ପରା ସୁରକ୍ଷା ଏବଂ ନିଜସ୍ୱ ମାତୃଭାଷାର ବିକାଶ ପାଇଁ ହୋ ଛାତ୍ର ସଂଗଠନ ତରଫରୁ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ହୋ ଛାତ୍ର ସଂଗଠନର ରବୀନ୍ଦ୍ରନାଥ ସୋଏ, ଦୁର୍ଗାଚରଣ କଣ୍ଡାଂକେଲ, ସୁନୀଲ ସୁଣ୍ଡି, ବାଗୁନ ସିଂ ଜାରିକା, କ୍ଷୀରୋଦ ହେମ୍ବ୍ରମ, ହୀରାମଣି ହେମ୍ବ୍ରମ ସତୀରାଣୀ ପୁର୍ତ୍ତି, ଜସ୍ମିନ ସାମାଡ଼, ପ୍ରିୟା କୋଡ଼ା, ଉର୍ମିଳା କଣ୍ଡାଂକେଲ, ଗୀତାରାଣୀ ପିଙ୍ଗୁଆ, ପୂଜା ଗୋଡ଼ସୋରା ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମ ଆୟୋଜନରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଜଲେନ ବାର୍ଦା, ହୋ ସମାଜର ସଂଗଠକ ବାବୁଲୁ ପୂର୍ତ୍ତି, ରାମଚନ୍ଦ୍ର ସୋଏ, ଅଖିଳ ଭାରତ ହୋ ଭାଷା କ୍ରିୟାନୁଷ୍ଠାନ କମିଟିର ମନୋରଞ୍ଜନ ତିରିଆ ଏବଂ ଗଙ୍ଗାଧର ହେମ୍ବ୍ରମ, ଯୋଡ଼ା ଖଣି ମଣ୍ଡଳର ସହକାରୀ ଖଣି ଅଧିକାରୀ ଇଂଜିନିୟର ଡକ ହେସା ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ଅତିଥିମାନେ ହୋ ଭାଷାର ସରକାରୀ ମାନ୍ୟତା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସମସ୍ତେ ହୋ ଭାଷାର ନିଜସ୍ୱ ଲିପି ୱାରାଙ୍ଗିତିରେ ଲେଖାପଢ଼ା ଶିଖିବା ଦରକାର ବୋଲି ମତବ୍ୟକ୍ତ କରିଥିଲେ।

## ବ୍ଲକସ୍ତରୀୟ ଆଇଡିପିଡି କାର୍ଯ୍ୟକ୍ରମ

ବିଜାତଳା, ୪।୧୨(ସମିସ): ବିଜାତଳା ସରକାରୀ ଉପ୍ରା ସ୍କୁଲ ପରିସରରେ ବ୍ଲକ ସ୍ତରୀୟ ଦିନିକିଆ ଆନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ(ଆଇଡିପିଡି) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରାଣୀ ମୁର୍ମୁ, ମୁଖ୍ୟବକ୍ତା ଭାବେ ବିଇଓ ନେପାଳ ମୁଣ୍ଡା, ସମ୍ମାନିତ ଅତିଥି ଭାବେ ଏବିଇଓ ନିରୁପମା ମହାନ୍ତି, ରତ୍ନପ୍ରଭା ମହାନ୍ତ, ସ୍ଥାନୀୟ ସରପଞ୍ଚ ଦମୟନ୍ତୀ ଟୁଡୁ ପ୍ରମୁଖ ଯୋଗ ଦେଇଥିଲେ। ଦିବ୍ୟାଙ୍ଗ ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଯଥା ମ୍ୟୁଜିକ ଆଣ୍ଡ ଚେୟାର, ଜିଲାପି ରେସ, ଚିତ୍ରାଙ୍କନ, ନାଚ ଆଦି ଅନୁଷ୍ଠିତ ହୋଇଥିଲା। ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କାର ଦିଆଯାଇଥିଲା। କାର୍ଯ୍ୟକ୍ରମରେ ବହୁ ଦିବ୍ୟାଙ୍ଗ ଓ ସେମାନଙ୍କ ଅଭିଭାବକ ଉପସ୍ଥିତ ଥିଲେ। ଶିକ୍ଷକ ଶିବ ପ୍ରସାଦ ବେହେରା, ଅଜୟ ପଟ୍ଟନାୟକ, ସମ୍ବଳ ଶିକ୍ଷକ ଦୟାନିଧି ଧୋନୀ, ପ୍ରଶାନ୍ତ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବରିଷ୍ଠ ନାଗରିକ ସଂଘର ୫ମ ବାର୍ଷିକ ସମ୍ମିଳନୀ

ବେତନଟୀ, ୪।୧୨(ସମିସ): ବେତନଟୀ ବ୍ଲକ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଧର୍ମଶାଳା ପରିସରରେ ଏହାର ୫ମ ବାର୍ଷିକ ସମ୍ମିଳନୀ-୨୦୨୩ ରବିବାର ଆୟୋଜିତ ହୋଇଯାଇଛି। ସଂଘର ସଭାପତି ବରିଷ୍ଠ ଆଇନଜୀବୀ ହିମାଂଶୁ କୁମାର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ କଲେଜ ଅଧ୍ୟକ୍ଷ ଯୋଗେନ୍ଦ୍ର ପଣ୍ଡା ମଞ୍ଚାସୀନ ଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ଜୟନ୍ତ କୁମାର ପଟ୍ଟନାୟକଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟତମ ସମ୍ମାନିତ ଅତିଥି ଅବସରପ୍ରାପ୍ତର ଶିକ୍ଷକ ରାଧାମୋହନ ବେହେରା, ପ୍ରାକ୍ତନ କଲେଜ ଅଧ୍ୟକ୍ଷା ସଂଯୁକ୍ତା ଜୀ ପ୍ରମୁଖ ଉପସ୍ଥିତ ଥିଲେ। ସାଧାରଣ ସମ୍ପାଦକ ଜୟନ୍ତ କୁମାର ପଟ୍ଟନୟକ ସମ୍ପାଦକୀୟ ବିବରଣୀ ପାଠ କରିବାପରେ ସଂଘର ନିୟମାବଳୀରେ ସଂଶୋଧନ ପ୍ରସ୍ତାବ ଆଗତ କରାଯାଇ ପାରିତ କରାଯାଇଥିଲା। ମଞ୍ଚାସୀନ ଅତିଥିମାନେ ଆଦର୍ଶବାଦ ଉପରେ ଏକ ସୁସ୍ଥ ସମାଜ ଗଠନ ପାଇଁ ବରିଷ୍ଠନାଗରିକମାନେ ସର୍ବଦା ଆଲୋକବର୍ତ୍ତିକା ହୋଇ ଦିଗ୍‌ଦର୍ଶନ ଦେଇଥାନ୍ତି ବୋଲି ମତ ଦେଇଥିଲେ। ବରିଷ୍ଠ ନାଗରିକ ତଥା ସାଧାରଣ ଜନତାଙ୍କ ସାମୂହିକ କଲ୍ୟାଣ ନିମନ୍ତେ ବହୁ ଗଠନମୂଳକ ପଦକ୍ଷେପ ଗ୍ରହଣ କରାଯାଇ ଏହାକୁ ବାସ୍ତବ ରୂପରେଖ ଦେବାରେ ସଂଘ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଥିବା ବେଳେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ତଥା ଆନୁଷଙ୍ଗିକ ବିଧିବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟିଆକର୍ଷଣ କରାଯାଇ ଏହାକୁ ଫଳପ୍ରଦ କରାଯାଇଛି। ସେହିଭଳି ବେତନଟୀ ବଜାର ସମେତ ବ୍ଲକ ଅଧୀନ ଅଞ୍ଚଳବାସୀ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ପରବର୍ତ୍ତି ପଦକ୍ଷେପ ମଧ୍ୟ ଗ୍ରହଣ କରାଯିବା ନେଇ ସଂଘ ପକ୍ଷରୁ ନିଷ୍ପତ୍ତି ସ୍ଥିରୀକୃତ ହୋଇଛି। ଏହି ଅବସରରେ ଉପସ୍ଥିତ ସଦସ୍ୟ/ସଦସ୍ୟାଙ୍କ ଦ୍ୱାରା ଆଗତ ପ୍ରସ୍ତାବ ଗୁଡିକୁ ସମୀକ୍ଷା କରିବାପାଇଁ ଲିପିବଦ୍ଧ କରାଯାଇଥିଲା। କାର୍ଯ୍ୟକାରୀ ସମ୍ପାଦକ ରବୀନ୍ଦ୍ର କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।




## ରତିକାନ୍ତ ସ୍ମାରକୀ କ୍ରିକେଟ ଉଦ୍‌ଘାଟିତ; ଡିଆରକେ ବିଜୟୀ

ଉଦଳା, ୪।୧୨(ସମିସ): ଉଦଳା ହାଇସ୍କୁଲ ପଡ଼ିଆରେ ରବିବାର ରତିକାନ୍ତ ସ୍ମାରକୀ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ପ୍ରଥମ ଦିବସରେ ବାରିପଦା ଡିଆରକେ କ୍ଲବ ଓ ୟୁଏଣ୍ଡମି ବାଲେଶ୍ୱର ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଟସ ଜିଣି ୟୁ ଏଣ୍ଡ ମି ଦଳ ବଲିଂ ନିଷ୍ପତ୍ତି ନେଇଥିଲା। ବ୍ୟାଟିଂ କରି ଡି ଆର କେ ଦଳ ସମସ୍ତ ଉଇକେଟ ହରାଇ ୧୬୨ ରନ ସଂଗ୍ରହ କରିଥିଲା। ଜବାବରେ ୧୬୩ ରନ ଲକ୍ଷ୍ୟ ନେଇ ବ୍ୟାଟିଂ କରି ସମସ୍ତ ଉଇକେଟ ହରାଇ ୧୫୯ରନ କରିବାରେ ସକ୍ଷମ ହୋଇ ୩ ରନରେ ପରାଜିତ ହୋଇଥିଲା। ଡିଆରକେ ପକ୍ଷରୁ ସତ୍ୟନାରାୟଣ ଜୀଉ ୨୮ ରନ, ପ୍ରୀତିପଲ ସିଂ ୨୪ ରନ କରିଥିବା ବେଳେ ଏସ କେ ୩ଟି ଓ ନୌତମ ଭଞ୍ଜ ୨ଟି ଉଇକେଟ ଅକ୍ତିଆର କରିଥିଲେ। ସେହିପରି ୟୁଆଣ୍ଡମି ଦଳ ପକ୍ଷରୁ ରାଜୀବ ଲୋଚନ ୪୩ ଏବଂ ନୌତମ ଭଞ୍ଜ ୩୨ ରନ ସଂଗ୍ରହ କରିଥିବା ବେଳେ ଡିଆରକେ ଦଳ ୩୩ ରନ ଦେଇ ୩ ଉଇକେଟ ନେଇ ବିଜୟୀ ହୋଇଛି। ଆଜିର ମ୍ୟାଚକୁ ଲଲାଟକେଶରୀ ନନ୍ଦ ଓ ରଞ୍ଜନ ମହାନ୍ତି ପରିଚାଳନା କରିଥିଲେ। ଆଜିର ଉଦଘାଟନ ଦିବସରେ ଗବେଷକ ତଥା ଯୁବ ଇଞ୍ଜିନିୟର ନୟାଧର ପଡ଼ିଆଲ, ଜିଲ୍ଲା ବିଜୁ ଜନତା ଦଳର କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତି ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଦଳା ବିଧାୟକ ଭାସ୍କର ମଢେଇ ଓ ପୂର୍ବତନ ବିଧାୟକ ଶ୍ରୀନାଥ ସରେନ ଉପସ୍ଥିତ ଥିଲେ। ଉଦଳା କ୍ରିକେଟ ଆସୋସିଏସନ ସଭାପତି ପ୍ରଦୀପ ପରିଡ଼ା, ସମ୍ପାଦକ ରାଜୀବ ଭୋଳ, ଟୁର୍ଣ୍ଣାମେଣ୍ଟ ସମ୍ପାଦକ ଅମିତ ବେହେରା ଖେଳ ପରିଚାଳନା କରିଥିଲେ।



## ଟ୍ରାନ୍ସଫର୍ମର ଥାଇ ବି ମିଳୁନି ପିଇବା ପାଣି

ମହୁଲଡିହା, ୪।୧୨(ସମିସ): ମହୁଲଡିହା ଗ୍ରାମବାସୀ ଶନିବାରଠାରୁ ପାଇପ୍ ପାଣି ପାଇବାରୁ ବଞ୍ଚିତ ହୋଇଛନ୍ତି। ପଞ୍ଚାୟତ ପରିସରରେ ବୋରିଂ କରାଯାଇ ଏକ ସୁଉଚ୍ଚ ପାଣିଟାଙ୍କି ପ୍ରତିଷ୍ଠା କରାଯିବା ସହିତ ଟ୍ରାନ୍ସଫରର୍ମର ମଧ୍ୟ ବସାଯାଇଛି। କିନ୍ତୁ ଗ୍ରାମବାସୀ ପାଣିଟାଙ୍କିରୁ କେବେ ବି ପାଣି ପାଇପାରୁ ନାହାନ୍ତି। ଦୀର୍ଘଦିନ ହେଲାଣି ଟ୍ରାନ୍ସଫର୍ମରେ ବିଦ୍ୟୁତ୍ ସରବରାହ ଠିକ ରହୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁଁ ଗ୍ରାମବାସୀ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ବାରମ୍ବାର ବିଦ୍ୟୁତ୍ ସମସ୍ୟା ବାବଦରେ ସରପଞ୍ଚ, ପିଇଓ, ଜେଇ ଓ ବିଭାଗୀୟ ଜେଇଙ୍କୁ ଜଣାଇଥିଲେ ମଧ୍ୟ କୌଣସି ଫଳ ମିଳୁନାହିଁ। ତେଣୁ ମହୁଲଡିହା ବଜାର ଓ ସାହିବାସିନ୍ଦା ବର୍ତ୍ତମାନ ପିଇବା ପାଣି ପାଉନାହାନ୍ତି। ତେଣୁ ବିଭାଗୀୟ କର୍ତ୍ତୃପକ୍ଷ ଟ୍ରାନ୍ସଫର୍ମର ତୁରନ୍ତ ମରାମତି କରି ଟାଙ୍କିରୁ ପାଣି ଛାଡିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ଅନ୍ତର୍ଜାତୀୟ ମାନବାଧିକାର ସଂଗଠନ ପକ୍ଷରୁ ରାଜୁଙ୍କୁ ସମ୍ବର୍ଦ୍ଧନା

ରାଇରଙ୍ଗପୁର/ଝରାଡିହି, ୪।୧୨(ସମିସ): ବହଳଦା ବ୍ଲକ ଅନ୍ତର୍ଗତ ଝରାଡିହି ଗ୍ରାମପଞ୍ଚାୟତ ସ୍ଥିତ କୁଲଡିହା ଗ୍ରାମର ମୁଚିରାମ ନାଏକେଙ୍କ ପୁଅ ରାଜୁ ନାଏକ ଉତ୍ତରାଖଣ୍ଡ ସିଲକ୍ୟାରା ଟନେଲରୁ ଉଦ୍ଧାର ହୋଇ ସୁରକ୍ଷିତଭାବେ ଘରକୁ ଫେରିଛନ୍ତି। ଭୁବନେଶ୍ୱରରୁ ଏକ ସ୍ୱତନ୍ତ୍ର କାରରେ ସେ ଘରେ ପହଞ୍ଚିଛନ୍ତି। ତାଙ୍କୁ ସ୍ୱାଗତ କରିବାକୁ ଦଳୀୟ ନେତା, ସମାଜସେବୀ ଓ ସ୍ଥାନୀୟ ବ୍ୟକ୍ତି ବିଶେଷଙ୍କ ସୁଅ ଛୁଟିଥିଲା। ଟନେଲ ଭିତରେ ବିତିଥିବା ଦୀର୍ଘ ୧୭ ଦିନର ଅନୁଭୂତି ସମ୍ପର୍କରେ ସେ ବଖାଣିଥିଲେ। ରବିବାର ଅନ୍ତର୍ଜାତୀୟ ମାନବଧିକାର ରକ୍ଷକ ସଂଗଠନ (ଆଇଏଚଆରଡି)ର ବହଳଦା ବ୍ଲକ ବୋର୍ଡ ସଭାପତି ପୀତାମ୍ବର ମୁର୍ମୁ, ବିଶିଷ୍ଟ ସମାଜ ସେବୀ ପ୍ରଭାକର ଦାସ, ଭିତରାମଦା ଗ୍ରାମପଞ୍ଚାୟତ ବୋର୍ଡ ସଭାପତି ଦେବଦତ୍ତ ରାମସ୍ୱରୁପ ଟୁଡୁ, ଯଶିପୁର ଗ୍ରାମପଞ୍ଚାୟତ ବୋର୍ଡ ସଭାପତି କାହ୍ନୁ ଚରଣ ହେମ୍ବ୍ରମ, ଗିଦିଘାଟୀ ଗ୍ରାମପଞ୍ଚାୟତ ବୋର୍ଡ ସଭାପତି ମୋହନ ମାହାଲି, ମାନବଧିକାର ରକ୍ଷକ ଲେବୋ ସୋରେନ୍, ସାଓ୍ୱନା ହେମ୍ବ୍ରମ ଏବଂ ସାମ୍ବାଦିକ ବସନ୍ତ ସାଣ୍ଡିଲ ପ୍ରମୁଖ କୁଲଡିହାରେ ପହଞ୍ଚି ରାଜୁଙ୍କ ପରିବାର ବର୍ଗଙ୍କ ସହ ଆଲୋଚନା କରିବା ସହ ମିଠା ଖୁଆଇ ସମ୍ବର୍ଦ୍ଧିତ କରିଥିଲେ। ରାଜୁ ଲୁହାଶିଳା କଲେଜରୁ +୨ ଦ୍ୱିତୀୟ ବର୍ଷ ପାଠ ଛାଡି ରୋଜଗାର ଉଦ୍ଦେଶ୍ୟରେ ନିଜ କକାଙ୍କ ସହିତ ଉତ୍ତରାଖଣ୍ଡ ଟନେଲ ଖନନ କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଉଦ୍ଧାର କାର୍ଯ୍ୟରେ କରାଯାଇଥିବା ଉଦ୍ୟମ ଏବଂ ଶ୍ରମିକମାନଙ୍କ ସୁରକ୍ଷିତ ଘର ବାହୁଡା ବ୍ୟବସ୍ଥା ପାଇଁ ଅଶେଷ ଧନ୍ୟବାଦ ଅର୍ପଣ କରିଥିଲେ।



## କଲେଜ ଫିଲ୍ଡ କ୍ରିକେଟ ଲିଗ୍ ସିଜିନ୍-୧ ଉଦ୍‌ଯାପିତ; ରାଜନନ୍ଦିନୀ ଚାମ୍ପିଅନ

ବେତନଟୀ, ୪।୧୨(ସମିସ): ବେତନଟୀ କଲେଜ ଖେଳପଡ଼ିଆରେ ପ୍ରଥମକରି ଆରମ୍ଭ ହୋଇଥିବା ଲେଜଫଲ୍ଡ-କ୍ରିକେଟ ଲିଗ୍ ସିଜିନ-୧ ରବିବାର ଉଦଯାପିତ ହୋଇଯାଇଥିବା ବେଳେ ଚଳିତବର୍ଷ ରାଜନନ୍ଦିନୀ ଟିମ୍ ଚାମ୍ପିଅନ ହୋଇଛି। ନଭେମ୍ବର ୨୬ତାରିଖରେ ଉଦଘାଟିତ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ବେତନଟୀ ସମେତ ଆଖପାଖ ଅଞ୍ଚଳରୁ ମୋଟ ୫ଟି ଅଂଶଗ୍ରହଣ କରିଥିଲେ। ରବିବାର ଉହାର ଉଦଯାପନୀ ତଥା ଫାଇନାଲମ୍ୟାଚ ଥିବାବେଳେ ରନର୍ସଅପ୍ ଦିପ୍ତୀରେଖା ୱାରିୟର୍ସକୁ ପରାସ୍ତକରି ରାଜନନ୍ଦିନୀ ଟିମ ସିଜିନ୍-୧ର ଚାମ୍ପିଅନ ହୋଇଥିଲା। ଚାମ୍ପିଅନ ରାଜନନ୍ଦିନୀ ଟିମ୍ ନିର୍ଦ୍ଧାରିତ ଓଭରରେ ୪ ଉଇକେଟ ବିନିମୟରେ ୧୯୧ରନ୍ ସଂଗ୍ରହ କରିଥିଲା। ୧୯୧ରନ୍ ବିଜୟଲକ୍ଷ୍ୟ ନେଇ ମଇଦାନକୁ ଓହ୍ଲାଇଥିବା ଦିପ୍ତୀରେଖା ୱାରିୟର୍ସ ୮ଉଇକେଟ ବିନିମୟରେ ମାତ୍ର ୧୩୫ ରନ୍ ସଂଗ୍ରହକରି ପରାଜୟ ବରଣ କରିଥିଲା। ୫୬ରନ୍ରେ ବିଜୟଲାଭ କରିଥିବା ଚାମ୍ପିଅନ ଟିମ୍ର ସାଗର ଭୋଇ ମ୍ୟାନ ଅଫ ଦି ମ୍ୟାଚ, ରନର୍ସଅପ ଟିମ୍ର ମଣ୍ଟୁ ମହାକୁଡ ମ୍ୟାନ ଅଫ ଦି ସିରିଜ, ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ୧୪ଟି ଉଇକେଟ ହାସଲ କରିଥିବା ରନର୍ସଅପ ଟିମ୍ର ପ୍ରବୀଣ ଜେନା ବେଷ୍ଟ ବୋଲର୍, ସର୍ବ।ଧିକ ୨୬୭ ରନ୍ ସଂଗ୍ରହ କରିଥିବା ମଣ୍ଟୁ ମହାକୁଡ ବେଷ୍ଟ ବ୍ୟାଟ୍ସମ୍ୟାନ, ଚନ୍ଦନ ଗିରି ବେଷ୍ଟ ଫିଲ୍ଡର ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଥିଲା। ଉଦଯାପନୀ ତଥା ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ବିଧାୟକ ଗଣେଶ୍ୱର ପାତ୍ର, ବେତନଟୀ କଲେଜର ପ୍ରାକ୍ତନ ପ୍ରାଧ୍ୟାପକ ଅଲେଖ ବିଶ୍ୱାଳ, ବିଜେଡି ବ୍ଲକ ସଭାପତି ସନ୍ତକ କୁମାର ଲେଙ୍କା, ସଠିଲୋ ପଞ୍ଚାୟତର ସମିତିସଭ୍ୟ କିଶୋର କୁମାର ନାୟକ, ସମାଜସେବୀ ଉଜ୍ଜ୍ୱଳ କୁମାର ବେହେରା, ଦେବୀପ୍ରସାଦ ଅଗ୍ରୱାଲ ପ୍ରମୁଖ ଅତିଥିଗଣ ମଞ୍ଚାସୀନ ଥିଲେ। ତେବେ ପ୍ରଥମକରି ଆଖପାଖ ବିଭିନ୍ନ ଅଞ୍ଚଳରୁ ଖେଳାଳିଙ୍କୁ ଏକଜୁଟ କରି ଟୁର୍ଣ୍ଣ।ମେଣ୍ଟର ଆୟୋଜନ ପାଇଁ ଆୟୋଜକଙ୍କୁ ଅତିଥିଗଣ ପ୍ରଶଂସା କରିଥିଲେ। ଚାମ୍ପିଅନ, ରନର୍ସଅପ ଏବଂ କୃତୀ ଖେଳାଳୀଙ୍କୁ ପୁରସ୍କୃତ କରାଯାଇଥିଲା।



# ଓଡ଼ିଶା ମାଟିରେ ଗେଣ୍ଡୁ





**ଶୀତଦିନେ ବିଭିନ୍ନ ରଙ୍ଗବେରଙ୍ଗର ଫୁଲ ବଗିଚାର ଶୋଭାବର୍ଦ୍ଧନ କରିଥାଏ । ସେଥି ମଧ୍ୟରେ ଅଧିକ ସଂଖ୍ୟାର ଥାଏ ଗେଣ୍ଡୁ । ଆମ ରାଜ୍ୟର କିଛି ଲୋକ ବ୍ୟବସାୟିକ ଭିତ୍ତିରେ ଗେଣ୍ଡୁ ଫୁଲ ଚାଷ କରି ଆତ୍ମନିର୍ଭରଶୀଳ ହୋଇଛନ୍ତି । ଏହି ଫୁଲକୁ ଦେଶ ବାହାରକୁ ରପ୍ତାନି କରାଯାଉଥିବା ନଜିର ରହିଛି । ତେବେ ଶୀତଦିନେ ଏହି ଫୁଲର ଚାହିଦା ଖୁବ୍ ଅଧିକ ହୋଇଥିବାରୁ ଡିସେମ୍ବର ମଧ୍ୟରେ ଗେଣ୍ଡୁ ଚାଷ କରାଯାଏ ।**

ସାଧାରଣତଃ ଶୀତଦିନରେ ଲୋକେ ନିଜ ବ୍ୟବହାର ପାଇଁ ବାଡ଼ିବଗିଚାରେ ଗେଣ୍ଡୁଗଛ ଲଗାଇଥାନ୍ତି । ଏବେ କିନ୍ତୁ ବଜାରରେ ବୈଜ୍ଞାନିକ ପଦ୍ଧତିରେ ସବୁଦିନିଆ କିସମ ବିକ୍ରି ହେଉଛି । ଯାହାକୁ ବ୍ୟବହାର କରି ଚାଷୀଭାଇ ବର୍ଷସାରା ଗେଣ୍ଡୁ ଚାଷ କରିପାରିବେ । ଆମ ରାଜ୍ୟରେ ଗେଣ୍ଡୁ ଫୁଲର ଚାହିଦା ଯଥେଷ୍ଟ ଅଧିକ ଥିଲେ ମଧ୍ୟ ପଡ଼ୋଶୀ ରାଜ୍ୟ ଉପରେ ନିର୍ଭର କରିବାକୁ ପଡ଼ିଥାଏ । ତେଣୁ ଚାଷୀଭାଇମାନେ ଉନ୍ନତ ପ୍ରଣାଳୀରେ ବାସନ୍ତୀ, ଡବଲ ଅରେଞ୍ଜ, ଦୁର୍ଗା, କୋଲକାତା ଆଦି କିସମର ଗେଣ୍ଡୁ ଚାଷ କରିଲେ ଆର୍ଥିକ ଦୃଷ୍ଟିରୁ ଲାଭବାନ ହୋଇପାରିବେ । ନିଗିଡ଼ା, ଦୋରସା, ବାଲିଆ ଦୋରସା ଏବଂ ଅଧିକ ଜୈବ ଅଙ୍ଗାର ଥିବା ମାଟିରେ ଗେଣ୍ଡୁଫୁଲ ଚାଷ ଭଲହୁଏ । ପ୍ରତିକୂଳ ପରିବେଶରେ ମଧ୍ୟ ଗେଣ୍ଡୁ ଫୁଲ ଚାଷ କରାଯାଇପାରିବ । ଏଥିପାଇଁ ମାଟିକୁ ୨ ରୁ ୩ ଓଡ଼ ହଳକରି ଭଲ ଭାବରେ ଗୁଣ୍ଡ କରିବା ଆବଶ୍ୟକ । ଅନାବନା ଘାସ, ଚେର, ମୂଳ ଇତ୍ୟାଦି ସଫାକରି ସମତଳ କରିବାକୁ ଚାଷ କରିବା ଆବଶ୍ୟକ । ଶେଷ ଓଡ଼ ହଳ ସମୟରେ ହେକ୍ଟର ପ୍ରତି ୧୦ ରୁ ୨୦ ଟ୍ରାକ୍ଟର ଗୋବର ଖତ ମିଶାଇ ପାରିବେ । ଏହା ମାଟିକୁ ଫସ୍‌ଫସିଆ କରିବା ସହ ମାଟି ଜଳଧାରଣ ଶକ୍ତି ବୃଦ୍ଧି କରିଥାଏ । ଫୁଲ ଗଛର ପ୍ରତ୍ୟେକ ଶାଖା ଅଗରୁ ୨ ରୁ ୩ ଗୁଣ୍ଠ ଛାଡ଼ି ଡାଳମାନ କାଟି ବାଲିଆ ମାଟିରେ ଖତମିଶା ପଟାଳିରେ ଚାରା ଲଗାଇ ପାଣି ଦିଅନ୍ତୁ । ପ୍ରାୟ ଏକ ସପ୍ତାହ ମଧ୍ୟରେ ଚେର ବାହାରିବା ଆରମ୍ଭ କରିଥାଏ । ମଞ୍ଜିକୁ ପଟାଳିରେ ମଧ୍ୟ ବୁଣି ଚାରା ପ୍ରସ୍ତୁତ କରିପାରିବେ । ପାକଳ ଫୁଲର ମଞ୍ଜିକୁ ଚାରା ପାଇଁ ବ୍ୟବହାର କଲେ, ଫୁଲର ଆକାର ବଡ଼ ଓ ସୁନ୍ଦର ହୋଇଥାଏ ।

ଧାଡ଼ିକୁ ଧାଡ଼ି ଚାରା ରୋପଣ: ଜମିରେ ଚାରା ଧାଡ଼ିକୁ ଧାଡ଼ି ୪୦ ରୁ ୪୫ ସେମି ଏବଂ ଗଛକୁ ଗଛ ୩୦ ରୁ ୪୦ ସେମି ବ୍ୟବଧାନରେ ଲଗାଯାଏ । ଏଥିରେ ସପ୍ତାହକୁ ଥରେ କିମ୍ବା ଦୁଇଥର ହାଲୁକା ଜଳସେଚନ କରିପାରିବେ । ଚାରା ଲଗାଇବାର ଠିକ୍ ୧୫ ରୁ ୨୦ ଦିନ ମଧ୍ୟରେ ଚାରା ଗୁଡ଼ିକରେ କୋଡ଼ାଖୁସା ଏବଂ ଘାସବଛା ନିହାତି ଆବଶ୍ୟକ । ଉଇ କିମ୍ବା ଅନ୍ୟାନ୍ୟ ରୋଗପୋକ ଦମନ ପାଇଁ ବିଭିନ୍ନ ଜୈବିକ ସାର ବ୍ୟବହାର କରନ୍ତୁ । ଯଦି ଅଧିକ ଅମଳ ଓ ବ୍ୟବସାୟ ଭିତ୍ତିରେ ଚାଷ କରିବା ପାଇଁ ଇଚ୍ଛା ରଖୁଛନ୍ତି, ତେବେ ସଠିକ୍ ସାର ପ୍ରୟୋଗର ଅବଶ୍ୟକତା ଥିବାବେଳେ ହେକ୍ଟର ପ୍ରତି ୬୦ ରୁ ୩୦ କିଲୋ ଯବକ୍ଷାରଜାନ, ଫସ୍‌ଫରସ୍ ସହିତ ପଟାସ ପ୍ରୟୋଗ କରିପାରିବେ ।







ରାସାୟନିକ ସାର ସହିତ ଜୀବାଣୁ ସାର ପ୍ରୟୋଗ : ରାସାୟନିକ ସାର ସହିତ ଜୀବାଣୁ ସାର ମଧ୍ୟ ପ୍ରୟୋଗ କରିପାରିବେ । ଜୀବାଣୁ ସାରର ପ୍ରୟୋଗ ୨୫ ରୁ ୫୦ ଶତାଂଶ ରାସାୟନିକ ସାର ପରିମାଣ ହ୍ରାସ କରିବାରେ ସାହାଯ୍ୟ କରେ । ଆଜୋଟ ବ୍ୟାକ୍ଟେରମ୍ ଓ ଫସ୍‌ଫରସ୍ ପରି ଦ୍ରବୀଭୂତ ଅଣୁଜୀବକୁ ହେକ୍ଟର ପ୍ରତି ୨ କିଲୋ କଲଚର ଗୁଣ୍ଡ ଭାବେ ମାଟିରେ ପକାଯାଏ । ଏହି କଲଚର ଗୁଣ୍ଡକୁ ଏକ କ୍ୱିଣ୍ଟାଲ ପରିଷ୍କାର ଗୁଣ୍ଡଖତ ସହ ପାଣିରେ ମିଶାଇ ସିଞ୍ଚନ କରିବା ଆବଶ୍ୟକ । ୭ ଦିନ ପର୍ଯ୍ୟନ୍ତ ପାତ୍ରରେ ଘୋଡ଼ାଇ ରଖି ଧାଡ଼ିରେ ପ୍ରୟୋଗ କରିହେବ । ରୁଆର ୪୫ରୁ ୫୦ ଦିନ ଭିତରେ ଫୁଲ ଫୁଟିଥାଏ ।

# ସାଇକଲ ସରଞ୍ଜାମରେ କଳଲଙ୍ଗଳ



କୃଷିକାର୍ଯ୍ୟର ପ୍ରଥମ ମୌଳିକ କାର୍ଯ୍ୟ ହେଉଛି ଜମି ପ୍ରସ୍ତୁତିକରଣ । ବିହନର ସଠିକ ସ୍ଥାପନା ଏବଂ ଫସଲ ବୃଦ୍ଧିପାଇଁ ଏହା ଅନୁକୂଳ ବାତାବରଣ ସୃଷ୍ଟି କରିଥାଏ । ଏହି କାମ ମୁଖ୍ୟତଃ ଏକ ହଳ ସାହାଯ୍ୟରେ କରାଯାଏ । ଜମି ପ୍ରସ୍ତୁତିକରଣ କିମ୍ବା ହଳକରିବା ଦ୍ୱାରା ଗଛର ଅବଶେଷ ମାଟିରେ ମିଶିଯାଇ ଏହାକୁ ଉର୍ବର କରିଥାଏ । ଏହି ପ୍ରକ୍ରିୟା ଦ୍ୱାରା ପୂର୍ବବର୍ତ୍ତୀ ଫସଲରେ ଥିବା ରୋଗପୋକ, କୀଟାଣୁ ଏବଂ ରୋଗକାରୀ ଜୀବାଣୁ ନଷ୍ଟ ହୋଇଯିବା ସହ ଚିରସ୍ଥାୟୀ ତୃଣ ସବୁ ମଧ୍ୟ ନଷ୍ଟ ହୋଇଯାଇଥାଏ । ତେବେ ହଳ ହେବା ଦ୍ୱାରା ମାଟି ଭିତରକୁ ପ୍ରବେଶ କରିବାକୁ ସହଜ ହୋଇଥାଏ । ହଳ ଲଙ୍ଗଳ, ଟ୍ରାକ୍ଟର, ପାୱାର ଟିଲର ଆଦି ସାହାଯ୍ୟରେ ଯଦିଓ ହଳ କରାଯାଇଥାଏ, କିନ୍ତୁ ବିହାର, ସୌରବାଜାର ବୈଜନାଥପୁର ରହୁଥିବା ଚାଷୀ ଦିନେଶ ଯାଦବ ଦେଶୀ ଯୋଗାଡ଼ିଆ ବନ୍ଦୋବସ୍ତରେ ସାଇକଲ ସରଞ୍ଜାମରେ ହଳ ଉପକରଣ କରି ଚର୍ଚ୍ଚାରେ ରହିଛନ୍ତି । ମାତ୍ର ତିନିହଜାର ଟଙ୍କା ଖର୍ଚ୍ଚରେ ହୋଇଥିବା ଏହି ଯନ୍ତ୍ରପାତି ଦ୍ୱାରା ଟ୍ରାକ୍ଟରର ଆବଶ୍ୟକତା ପଡୁନାହିଁ । ପୂର୍ବରୁ ଦିନେଶ ନିଜ ଜମି ହଳ କରିବାକୁ ବାରମ୍ବାର ଟ୍ରାକ୍ଟର ମାଲିକ ପାଖକୁ ଯାଉଥିଲେ । କିନ୍ତୁ ତାଙ୍କର ଜମି ସ୍ୱଳ୍ପ ସ୍ଥାନରେ ହୋଇଥିବାରୁ ପ୍ରାୟତଃ ଜମିରେ ହଳ କରିବାକୁ ମଙ୍ଗୁନଥିଲେ । ତେଣୁ ସେ ଘରେ ଥିବା ହଳ ଫାଉଡ଼ାରେ ହଳ ଯନ୍ତ୍ରପାତି କରିବାର ଯୋଜନା ବନାଇଥିଲେ । ଏହାକୁ ସେ ସାଇକଲ ଜରିଆରେ ପ୍ରସ୍ତୁତ କରିଥିଲେ । ଏଥିପାଇଁ ସେ ସାଇକଲ ଚକ, ହ୍ୟାଣ୍ଡଲ ଆଦି ସରଞ୍ଜାମ ବଜାରରୁ କିଣିଥିଲେ । ଯାନ୍ତ୍ରିକଙ୍କ ସାହାଯ୍ୟ ନେଇ ଏହାକୁ ସେ ହଳ ଯନ୍ତ୍ରପାତିର ରୂପ ଦେଇଥିଲେ । ବର୍ତ୍ତମାନ ଏହି ଯନ୍ତ୍ରପାତି ଜମିରେ ଭଲ ହଳ କରିପାରୁଛି । ଏହାକୁ ଉପଯୋଗ କରି ଦୁଇଘଣ୍ଟା ମଧ୍ୟରେ ୪ରୁ ୫ ଗୁଣ୍ଠ ଜମି ପ୍ରସ୍ତୁତ କରାଯାଇପାରିବ । ଅନ୍ୟପକ୍ଷରେ ହଳ କରିବା ପାଇଁ ପରିଶ୍ରମ ଟିକେ ଅଧିକ ପଡ଼ିଥାଏ ।

# ଅଧିକ କ୍ଷୀର ଉତ୍ପାଦନ କରେ ଗାଓଲାଓ



କେତେକ ଚାଷୀ ନିଜ ଫସଲ ସହିତ ଗୋ-ପାଳନ ଏବଂ କୁକୁଡ଼ା, ଛେଳି ଏବଂ ମାଛ ଚାଷ ସହିତ ଅନ୍ୟାନ୍ୟ ଚାଷ କାର୍ଯ୍ୟ ମଧ୍ୟ କରୁଛନ୍ତି । ଏହାକୁ ଧ୍ୟାନ ଦେଲେ ଗାଓଲାଓ ପ୍ରଜାତି ଗାଈ ପାଳନରୁ ଚାଷୀ ବେଶ୍ ଉପକୃତ ହୋଇପାରିବେ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି । ଗାଓଲାଓ ଭାରତୀୟ ପ୍ରଜାତିର ଗାଈ, ଯାହାକି ମଧ୍ୟପ୍ରଦେଶ ଏବଂ ମହାରାଷ୍ଟ୍ରରେ ଅଧିକ ମାତ୍ରାରେ ପାଳନ କରାଯାଏ । ଗାଓଲାଓ ଗାଈକୁ ଆରଭି ଏବଂ ଗାଲଗାନି ଗାଈ ମଧ୍ୟ କୁହାଯାଏ । ଏହି ପ୍ରଜାତିର ଗାଈ ବେଶ୍ ସୁସ୍ଥ ଓ ସବଳ ହୋଇଥାନ୍ତି । ଧଳା ଏବଂ ଧୂସର ରଙ୍ଗ ଗାଈର ମୁଣ୍ଡ ଲମ୍ବା, କାନ ମଧ୍ୟମ ଆକାରର ଏବଂ ଶିଙ୍ଗ ଛୋଟ ହୋଇଥାଏ । ଏହି ଗାଈ ହାରାହାରି ୪୭୦ -୭୨୫ ଲିଟର ପର୍ଯ୍ୟନ୍ତ କ୍ଷୀର ଦେଇଥାଏ । କ୍ଷୀରରେ ୪.୩୨ ପ୍ରତିଶତ ଚର୍ବି ଥାଏ । ଏହି ଗାଈଟି ସର୍ବାଧିକ ତାପମାତ୍ରାରେ ବଞ୍ଚିପାରିଥାଏ । ଗାଓଲାଓ ଗାଈ ସହଜରେ ଅସୁସ୍ଥ ହୁଏ ନାହିଁ । ଗାଈର ଘିଅ ମଧ୍ୟ ସ୍ୱାସ୍ଥ୍ୟପକ୍ଷେ ଲାଭଦାୟକ । ଏହି ଗାଈର ହାରାହାରି ଉଚ୍ଚତା ୧୧୩. ୯ ୯ ସେମି । ଗାଓଲାଓ ପ୍ରଜାତିର ଗାଈ ଗୋଟିଏ ବାଛୁରୀରେ ସର୍ବାଧିକ ୭୨୫ ଲିଟର କ୍ଷୀର ଦେଇଥାଏ । ପ୍ରଥମ ବାଛୁରୀ ସମୟରେ ହାରାହାରି ବୟସ ୪ ରୁ ୪. ୫ ବର୍ଷ ଅନ୍ତର ରହିଥାଏ । ଏହି ପ୍ରଜାତିର ବାଛୁରୀ ବ୍ୟବଧାନ ୧ ରୁ ୧.୨୫ ବର୍ଷ । ଗାଓଲାଓ ଗାଈର ହାରାହାରି ମୂଲ୍ୟ ୨୦ ହଜାରରୁ ୪୦ ହଜାର ଟଙ୍କା ମଧ୍ୟରେ ହୋଇଥାଏ ।

## ରୋଜଗାର ଦେଇଛି ଆଳୁ ଓ ଅଦା ଚାଷ

ସଫଳ ଚାଷୀ

**ପିଲାଟି ଦିନରୁ ସେ ବାପାଙ୍କ ସହିତ ମିଶି ଚାଷ କାମ ଦେଖାଶୁଣା କରୁଥିଲେ । ପରବର୍ତ୍ତୀ ସମୟରେ ସେ ଆଦରି ନେଲେ ଚାଷ କାମକୁ । ଏବେ ନିଜ ଜମିରେ ବିଭିନ୍ନ ପ୍ରକାର ଚାଷ କରି ଅନ୍ୟ ଚାଷୀଙ୍କ ପାଇଁ ସଫଳତାର ମନ୍ତ୍ର ଦେଉଛନ୍ତି । ସେ ହେଉଛନ୍ତି କୋରାପୁଟ ଜିଲ୍ଲା, ସେମିଳିଗୁଡ଼ା ବ୍ଲକ୍ ଗୁଣ୍ଠାପୁଟ ଗ୍ରାମର ଖଗ ହନ୍ତାଳ (୫୮) । ସେ ଏବେ ଆଳୁ, ଅଦା ସହିତ ବିଭିନ୍ନ ପ୍ରକାର ପନିବରିବା ଚାଷ କରି ଲାଭାନ୍ୱିତ ହୋଇଛନ୍ତି ।**



ପାଞ୍ଚ ଏକର ଜମିରେ ଖଗ ବିଭିନ୍ନ ପ୍ରକାର ଚାଷ କରନ୍ତି । ବର୍ତ୍ତମାନ ୧୦ ଏକର ଲିଜ୍ ନେଇ ସେ ଆଳୁ ଚାଷ କରିବା ସହ ଉଚ୍ଚ ସ୍ଥାନରେ ଅଦା ଚାଷକୁ ମଧ୍ୟ ସେ ଗୁରୁତ୍ୱ ଦେଇଛନ୍ତି । ବିଭିନ୍ନ ପରିବା ଚାଷ ମଧ୍ୟରୁ ଅଧିକ ପରିମାଣରେ ସେ ଆଳୁ ଏବଂ ଅଦା ଚାଷ କରୁଛନ୍ତି । ଆଳୁ ଚାଷ ପାଇଁ ସେ ୧୦ ବର୍ଷ ପୂର୍ବରୁ ଉଦ୍ୟାନ ବିଭାଗରୁ ଯତି କିସମର ଆଳୁ ମଞ୍ଜି, ଚାରା ଆଣି ଲଗାଇଥିଲେ । ଏହି ଚାଷକୁ ଆଗକୁ ନେବା ପାଇଁ ସିଆଇପିର ସାହାଯ୍ୟ ନେଇଛନ୍ତି । ତେଣୁ ଉଭୟ ଉଦ୍ୟାନ ବିଭାଗ, ସେମିଳିଗୁଡ଼ା ଓ ସିଆଇପି ସାହାଯ୍ୟରେ ସହଜରେ ଆଳୁ ମଞ୍ଜି ପାଇପାରୁଛନ୍ତି । ମଞ୍ଜି କେଜି ପିଛା ୮ ଟଙ୍କା ହୋଇଥିବାବେଳେ ବସ୍ତାକୁ ୪୦୦ ଟଙ୍କା ଦେବାକୁ ହୁଏ । ତେଣୁ ବର୍ତ୍ତମାନ ଖଗ ୧୦୦ ବସ୍ତା ଆଳୁ ମଞ୍ଜିରେ ଚାଷ କରୁଛନ୍ତି । ଆଳୁ ଚାଷ ପାଇଁ ମୁଖ୍ୟତଃ ଖତମିଶା ମାଟି ଉପଯୁକ୍ତ । ସେ ଉଭୟ ବର୍ଷା ଓ ଶୀତଦିନରେ ଆଳୁଚାଷ କରନ୍ତି । ବର୍ଷାଦିନେ ଗଛରେ ପାଣି ଦେବାକୁ ପଡ଼େ ନାହିଁ, ଶୀତଦିନେ ଗଛରେ ସପ୍ତାହକୁ ଥରେ ପାଣି ଦେବାକୁ ପଡ଼େ । ଗୋଟିଏ ଥର ଲଗାଇବାପରେ ୧୫ରୁ ୨୦ଦିନ ମଧ୍ୟରେ କୋଡ଼ାଖୁସା କରି ହୁଡ଼ା ଦେବାକୁ ପଡ଼େ । ଏହାପରେ ରୋଗପୋକ ପରିଚାଳନା କରିବାକୁ ହୁଏ । ଉନ୍ନତ ପ୍ରଣାଳୀରେ ଆଳୁ ଚାଷ କରି ଖଗ ବସ୍ତାପିଛା ସାତ ବସ୍ତା ଆଳୁ ପାଉଛନ୍ତି । ଗାଁ ଗହଳିରୁ ବେପାରୀ ତାଙ୍କ ପାଖକୁ ଆସି ଆଳୁ କିଣିନେଇଯାଆନ୍ତି । ଅଦା କିଲୋ ପିଛା ୧୨୦ ଟଙ୍କାରେ ସେ ବିକ୍ରି କରୁଛନ୍ତି । ସେହିପରି ବନ୍ଧାକୋବି, ଫୁଲକୋବି, ବାଇଗଣ ଆଦି ଚାଷ କରୁଛନ୍ତି । ସେ କୁହନ୍ତି, ଆଳୁଚାଷ ପାଇଁ ଶୀତଳଭଣ୍ଡାରର ସୁବିଧା ନଥିବାରୁ ଅଧିକ ଦିନ ଆଳୁ ରଖାଯାଇପାରୁନି । ଏଥିପାଇଁ ସରକାର ଦୃଷ୍ଟି ଦେଲେ, ଆଗାମୀ ଦିନରେ ଆଳୁଚାଷୀମାନେ ଉପକୃତ ହେବେ ବୋଲି ଖଗ କୁହନ୍ତି ।





# ଉନ୍ନତ କିସମର ଲାଉ

ଲାଉରେ ପର୍ଯ୍ୟାପ୍ତ ପରିମାଣର ଭିଟାମିନ୍ ଏବଂ ପୋଷକ ତତ୍ତ୍ୱ ମିଳିଥାଏ । ଭିଟାମିନ୍ ଏ, କ୍ୟାଲସିୟମ୍, ଭିଟାମିନ୍ ସି, ଆଇରନ୍, ପୋଟାସିୟମ୍, ମ୍ୟାଗ୍ନେସିୟମ୍ ଏବଂ ଜିଙ୍କ୍‌ରେ ଭରପୂର ଲାଉ ବର୍ଷସାରା ଚାଷ ହୋଇପାରେ । ଆମ ରାଜ୍ୟ ଓଡ଼ିଶା ସମେତ ବିହାର, ଉତ୍ତରପ୍ରଦେଶ, ରାଜସ୍ଥାନ, କର୍ଣ୍ଣାଟକ, ପଶ୍ଚିମବଙ୍ଗ ଆଦି ରାଜ୍ୟରେ ଅଧିକ ପରିମାଣର ଲାଉ ଚାଷ କରାଯାଇଥାଏ । ଲାଉ କିଲୋ ପିଛା ୨୦ ରୁ ୩୦ ଟଙ୍କାରେ ବିକ୍ରି ହୋଇଥାଏ । ତେଣୁ ସର୍ବଦା ଲାଉର ଉନ୍ନତ କିସମ ବ୍ୟବହାର କରି ଚାଷ କରିବା ଜରୁରି । ଲାଉର ଉନ୍ନତ ଓ ସବୁଠୁ ଅଧିକ ଅମଳଯୋଗ୍ୟ କିସମ ହେଉଛି ପୁସା ନୂତନ, ପୁସା ସନ୍ତୁଷ୍ଟି, ପୁସା ସନ୍ଦେଶ, କାଶୀଗଙ୍ଗା, ସମ୍ରାଟ, ପୁସା ନବୀନ । ପୁସା ନୂତନକୁ ଭାରତୀୟ କୃଷି ଅନୁସନ୍ଧାନ ପ୍ରତିଷ୍ଠାନ ଦ୍ୱାରା ବିକଶିତ କରାଯାଇଛି । ଏହି କିସମ ଉଭୟ ଖରିଫ୍ ଏବଂ ରବି ଋତୁରେ ଚାଷ କରାଯାଇପାରେ, ଲାଉ ଶୀଘ୍ର ନଷ୍ଟ ହୁଏ ନାହିଁ । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହାର ଗୁଣବତ୍ତା ଉପରେ କୌଣସି ପ୍ରଭାବ ପଡ଼େ ନାହିଁ ।

ଲାଉର ଅନ୍ୟ ଏକ ଉନ୍ନତ କିସମ ହେଉଛି ପୁସା ନବୀନ । ଏହାର ଫଳଗୁଡ଼ିକ ୪୦ ସେ.ମି ପର୍ଯ୍ୟନ୍ତ ଲମ୍ବା । ବଜାରରେ ପୁସା ନବୀନ ମଞ୍ଜି ସହଜରେ ଉପଲବ୍ଧ । ଏହାର ୧୦୦ ଗ୍ରାମ ମଞ୍ଜି ମୂଲ୍ୟ ହେଉଛି ୪୧ ଟଙ୍କା । ପୁଷା ନବୀନ କିସମ ଉଭୟ ଥଣ୍ଡା ଏବଂ ଗରମ ପାଗକୁ ସହଜରେ ସହ୍ୟ କରିବାର କ୍ଷମତା ରଖିଥାଏ । ତେବେ ଅନ୍ୟ ଫସଲ ପରି ଲାଉ ଫସଲରେ ମଧ୍ୟ ସ୍କାବ, ଫଳ ମାଛି, ପାଉଡର ମୃଦୁ ଏବଂ ନାଲି ପୋକ ଭଳି ରୋଗରେ ଆକ୍ରାନ୍ତ ହୋଇଥାଏ । ବିଶେଷକରି ଏହାର ଚେରରେ କୀଟପତଙ୍ଗ ଆକ୍ରମଣ ହେବାର ବିପଦ ରହିଥାଏ । ଏଭଳି ପରିସ୍ଥିତିରେ ଚାଷୀ ଭାଇମାନେ ଔଷଧ ବ୍ୟବହାର କରି ଏହି କୀଟନାଶକରୁ ରକ୍ଷା କରିପାରିବେ ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ...



- କଟା ହୋଇଥିବା ଧାନକୁ ବେଙ୍ଗଳା କରିଦିଅନ୍ତୁ । କଟା ଧାନ ଅମଳ ସମ୍ଭବ ନହେଲେ ସୁରକ୍ଷିତ ସ୍ଥାନରେ ପାଲ କିମ୍ବା ପଲିଥିନ୍ ଘୋଡ଼ାଇ ରଖନ୍ତୁ ।
- ଅମଳ ଉପଯୋଗୀ ମାଣ୍ଡିଆ ଫସଲକୁ କାଟି ସୁରକ୍ଷିତ ରଖନ୍ତୁ ।
- ପନିପରିବା ତଥା ରବି ଫସଲରେ ଜଳନିଷ୍କାସନ କରିବା ପାଇଁ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ନିଅନ୍ତୁ ।
- ବାଇଗଣ, ବିଲାତି ବାଇଗଣ, ଫୁଲକୋବି, ବନ୍ଧାକୋବି, ବ୍ରୋକ୍‌ଲି ଓ କ୍ୟାପସିକମ୍ ଆଦି ଫସଲ ତଳି ଘେରାରେ ଧଳା ଜରି ବାଉଁଶ ଢେରା ଦେଇ ଘୋଡାଇ ବର୍ଷା ଦାଉରୁ ରକ୍ଷା କରନ୍ତୁ ।
- ପନିପରିବା ତଥା ରବି ଫସଲରେ ଜଳନିଷ୍କାସନ କରିବା ପାଇଁ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ନିଅନ୍ତୁ ।
- ବର୍ଷା ପରବର୍ତ୍ତୀ ସମୟରେ ରୋଗପୋକ ସର୍ବେକ୍ଷଣ କରି ଉପଯୁକ୍ତ ରୋଗପୋକ ନିରୋଧକ ଔଷଧ ବ୍ୟବହାର କରନ୍ତୁ ।

## 'ରାଇସ୍ ଲାଇବ୍ରେରୀ'



ଆସାମ, ଜୋରହଟର ମହାନ ଚନ୍ଦ୍ର ବୋରା (୪୧) ବିଲୁପ୍ତ ହୋଇଯାଉଥିବା ଧାନକିସମକୁ ସଂଗ୍ରହ କରିବାକୁ 'ଅନ୍ନପୂର୍ଣ୍ଣା ରାଇସ ଲାଇବ୍ରେରୀ' ଗଢ଼ିଛନ୍ତି । ଚାଷପ୍ରତି ଚାଷୀଙ୍କ ଆଗ୍ରହ ବଢ଼ାଇବାକୁ ସେ ସଂଗ୍ରହ କରିଥିବା ବିହନ ମାଗଣାରେ ପ୍ରଦାନ କରିଥାନ୍ତି । ଏହାସହ ଦେଶର ଯୁବପିଢ଼ି କିପରି ଚାଷ ପ୍ରତି ଆଗ୍ରହ ରଖିବେ ସେନେଇ ସେମିନାର ଆୟୋଜନ କରନ୍ତି । ଜୈବିକ ଧାନ ଚାଷକୁ ଗୁରୁତ୍ୱ ଦେବା ସହିତ ଚାଷ ସମ୍ବନ୍ଧୀୟ ଅନୁସନ୍ଧାନ କରି ସେ ପ୍ରାୟ ୫୦୦ କିସମ ବିହନ ସାଇତି ରଖିଛନ୍ତି । ଆସାମର ଅନେକ ଚାଷୀ 'ରାଇସ ଲାଇବ୍ରେରୀ' ଓ ଚାଷ ଜମିକୁ ପରିଦର୍ଶନ କରିବାକୁ ଆସିଥା'ନ୍ତି । ଏଠାରେ ଚାଷୀଙ୍କୁ ବିହନ ସଂଗ୍ରହ, ବ୍ୟବହାର ଓ ଉପଚାର ବିଷୟରେ ଶିକ୍ଷା ଦିଅନ୍ତି ମହାନ । ତାଙ୍କ 'ରାଇସ ଲାଇବ୍ରେରୀ'ରେ ଭାଓ ଧାନ, ଦୋଳ କୋଶୁ, ଔଷଧୀୟ ଗୁଣରେ ଭରପୂର ନବରା ରହିଛି । କେବଳ ସେତିକି ନୁହେଁ, ତାଙ୍କ ପାଖେ ଥିବା ଚାଉଳରେ ସୁଗନ୍ଧିତ, କଳା, ବନ୍ୟାସହଣୀ, ଔଷଧୀୟ ଗୁଣ ଭରିରହିଛି । ତନ୍ମଧ୍ୟରୁ ବାହୋ ଧାନକୁ ସେ ଅଧିକ ପ୍ରଶଂସା କରନ୍ତି । ତାଙ୍କ କହିବାନୁସାରେ ଏହି ଲାଇବ୍ରେରୀକୁ ଯେକୌଣସି ବ୍ୟକ୍ତି ବୁଲି ଦେଖିବା ସହ ଏଠାରୁ ଧାନ ବିହନ ନେଇପାରିବେ । ଲାଇବ୍ରେରୀରେ ପ୍ରତ୍ୟେକ କିସମର ରେକର୍ଡ ରହିଛି । କେଉଁ ଧାନର କେଉଁ ଗୁଣ, ଏହି ଚାଷ ପାଇଁ ସ୍ୱତନ୍ତ୍ର ପ୍ରଣାଳୀ ସେ ସବୁକିଛି ସମ୍ପର୍କରେ ତଥ୍ୟ ଉପଲବ୍ଧ ରହିଛି । । ଦୀର୍ଘ ୧୫ବର୍ଷ ହେବ ମୋହନ ନିଜ ଖର୍ଚ୍ଚରେ ଏହି ଲାଇବ୍ରେରୀର ପରିଚାଳନା କରୁଥିବାବେଳେ ବଞ୍ଚିଥିବା ଯାଏଁ ଏହି ଲାଇବ୍ରେରୀ ଚଳାଇବେ ବୋଲି ସେ କହିଛନ୍ତି ।

ସମ୍ପୂର୍ଣ୍ଣା

ସକାଳ THE SAKALA www.sakalaepaper.com

# ଡିଜିଟାଲ୍ ଜପମାଳା



ଏବର ସମୟ ହେଉଛି ଡିଜିଟାଲ୍ ଯୁଗର। ପାଠପଢ଼ାଠୁ ଆରମ୍ଭ କରି ଟଙ୍କା ନେଣଦେଣ ସବୁକିଛି ଡିଜିଟାଲ୍ ମାଧ୍ୟମରେ ଅତି ସହଜରେ ହେଉଛି। ଲୋକେ ଧ୍ୟାନ କରିବା ସମୟରେ ମାଳା ଜପ କରନ୍ତି। ମାଳାକୁ ହାତରେ ଧରି ଏହାକୁ ଗଡ଼ାଇ ଜପ କରିଥାନ୍ତି। ସେହିପରି ୧୦୮ ମାଳା ଜପିବା ସମୟରେ ଯେଭଳି ଭୁଲ୍ ହେବ ନାହିଁ, ଏହାକୁ ଲୋକେ ଗଣି ଗଣି ଜପ କରନ୍ତି। ଏହି ମାଳା ଜପରେ ଆସିଛି ଏବେ ଡିଜିଟାଲ୍ ଟ୍ୱିଷ୍ଟ। ଏଣିକି ମାଳା ଜପିବା ପାଇଁ ଆଉ ହାତରେ ମାଳାକୁ ଝୁଲାଇବାକୁ ପଡ଼ିବ ନାହିଁ। ତେବେ ଡିଜିଟାଲ୍ ମାଳା ଦେଖିବାକୁ ଗ୍ୟାଜେଟ୍ ସଦୃଶ। ଏହି ଗ୍ୟାଜେଟ୍‌ରେ ଲାଗିଥିବା ବଟମ୍‌କୁ ମାଳା ଭଳି ତଳ ଉପର କରିବାକୁ ହୋଇଥାଏ। ତା'ସହ ଏଥିରେ ଡିଜିଟାଲ୍ ଡିସ୍‌ପ୍ଲେ ଅଛି। ଜଣେ କେତେ ଥର ମାଳା ଜପ କରୁଛି, ତାହା ଏହି ଡିସ୍‌ପ୍ଲେ ଦର୍ଶାଇଥାଏ। ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ତା'ସହ ଏହାକୁ ନେଇ ଲୋକମାନେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ମଧ୍ୟ ଦେଇଛନ୍ତି।

# ସୁଟିଂସେଟ୍‌ରେ ଆହତ ଅଜୟ



ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଅଜୟ ଦେବଗନ୍ 'ସିଂଘମ୍ ଏଗେନ୍' ସିନେମା ସୁଟିଂରେ ଏବେ ବ୍ୟସ୍ତ ଅଛନ୍ତି। ଫିଲ୍ମ ସିଟିରେ ଏହି ଫିଲ୍ମର ସୁଟିଂ କରୁଥିବା ସମୟରେ ସେ ଆହତ ହୋଇଛନ୍ତି। ସେ ଏକ ଆକ୍ସନ ଦୃଶ୍ୟର ସୁଟିଂ କରୁଥିବା ସମୟରେ ତାଙ୍କ ଆଖିରେ ଆଘାତ ଲାଗିଛି। ଅଜୟ ଏକ କମ୍ବାଟ୍ ସିକ୍ୱେନ୍ସର ସୁଟିଂ କରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ଏହାପରେ ସେ ସୁଟିଂରୁ କିଛି ସମୟ ବ୍ରେକ୍ ନେଇଥିଲେ। ଏହି ସମୟରେ ଡାକ୍ତର ତାଙ୍କୁ ଚିକିତ୍ସା କରିଥିଲେ। ଅଜୟଙ୍କୁ ଭଲ ଲାଗିବା ପରେ ସେ ପୁଣି ଥରେ ସୁଟିଂକୁ ଫେରିଥିବା ଜଣାପଡ଼ିଛି। ରୋହିତ୍ ସେଟ୍ଟୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ବଲିଉଡ୍‌ର ଅନେକ ଆଗଧାଡ଼ିର କଳାକାରଙ୍କୁ ଦେଖିବାକୁ ମିଳିବ। ଅଜୟଙ୍କ ବ୍ୟତୀତ ଏହି ସିନେମାରେ କରିନା କପୁର, ଦୀପିକା ପାଦୁ୍ୟକୋନ୍, ଶିଳ୍ପା ସେଟ୍ଟୀ, ଟାଇଗର ଶ୍ରଫ୍, ସୋନୁ ସୁଦ୍, ପ୍ରକାଶ ରାଜ, ରଣବୀର ସିଂହ, ଜ୍ୟାକି ଶ୍ରଫ୍ ପ୍ରମୁଖ ନଜର ଆସିବେ।

# ଲାଭପ୍ରଦ ଏକ୍ସରସାଇଜ୍ ସ୍ନେକିଂ



ନିୟମିତ ବ୍ୟାୟାମ କରିବା ଦ୍ୱାରା ଶରୀର ସୁସ୍ଥ ତଥା ନୀରୋଗ ରହିଥାଏ। କିନ୍ତୁ ସମ୍ପ୍ରତି ଲୋକେ ଏତେ ବ୍ୟସ୍ତତା ଭିତରେ ରହୁଛନ୍ତି, ଯେଉଁଥିପାଇଁ କି ସେମାନଙ୍କୁ ବ୍ୟାୟାମ କରିବାକୁ ସମୟ ହେଉ ନାହିଁ। ତେବେ ସମୟ ଅଭାବରୁ ବ୍ୟାୟାମ ପାଇଁ ନିର୍ଦ୍ଦିଷ୍ଟ ସମୟ ବାହାର କରିପାରୁ ନ ଥିବା ବ୍ୟକ୍ତିଙ୍କ ପାଇଁ 'ଏକ୍ସରସାଇଜ୍ ସ୍ନେକିଂ' ବେଶ୍ ଲାଭପ୍ରଦ ହୋଇଥାଏ। ଏକ୍ସରସାଇଜ୍ ସ୍ନେକିଂକୁ 'ମିନି ୱାର୍କଆଉଟ୍' କୁହାଯାଏ। ଏହି ପ୍ରକ୍ରିୟାରେ ଦିନରେ କୌଣସି ନିର୍ଦ୍ଦିଷ୍ଟ ସମୟରେ ବ୍ୟାୟାମ ନ କରି ଯେକୌଣସି ସମୟରେ ୫ରୁ ୧୦ମିନିଟ୍ ବ୍ୟାୟାମ କରିହେବ। ଏହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଫଳପ୍ରଦ। ଅଳ୍ପ ସମୟ ପାଇଁ ଦିନରେ ବାରମ୍ବାର ପାଞ୍ଚଥର କିମ୍ବା ୧୦ ମିନିଟ୍ ଲାଗି ଏକ୍ସରସାଇଜ୍ ସ୍ନେକିଂ କରିପାରିବେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି 'ଏକ୍ସରସାଇଜ୍ ସ୍ନେକିଂ' ପାଇଁ କୌଣସି ବ୍ୟାୟାମ ଉପକରଣ ଆବଶ୍ୟକତା ହୁଏନାହିଁ। ଘରେ, ଅଫିସ୍ କିମ୍ବା ଅନ୍ୟ ସ୍ଥାନରେ ବ୍ୟାୟାମ କରିପାରିବେ। ଏହାଦ୍ୱାରା ଅଧିକ ପରିଶ୍ରମ କିମ୍ବା ଶରୀରରୁ ଝାଳ ବୁହାଇବାକୁ ପଡ଼ି ନ ଥାଏ। ଏନେଇ କରାଯାଇଥିବା ଏକ ଗବେଷଣାରୁ ଜଣାପଡ଼ିଛି ଯେ, 'ଏକ୍ସରସାଇଜ୍ ସ୍ନେକିଂ' ଦ୍ୱାରା ସ୍ୱାସ୍ଥ୍ୟ ବିଶେଷକରି ହୃଦୟ ସୁସ୍ଥ ରହିବା ସହ ବଦହଜମୀ ସମସ୍ୟା ରୁହେ ନାହିଁ। ଟାଇପ୍ ୨ ମଧୁମେହ ରୋଗୀଙ୍କ ପାଇଁ ଏହା ବେଶ୍ ଫଳପ୍ରଦ। ତେବେ ୧୦ ମିନିଟ୍‌ରେ ୩ଥର କରାଯାଇଥିବା ସ୍ନେକିଂ ୩୦ ମିନିଟ୍‌ର ଏକ ୱାର୍କଆଉଟ୍ ସଙ୍ଗେ ସମାନ। ଏହାକୁ ଦୃଷ୍ଟି ଦେଲେ ଏକ୍ସରସାଇଜ୍ ସ୍ନେକିଂ ଆରମ୍ଭ କରିବା ପୂର୍ବରୁ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପରାମର୍ଶ ନେବା ଆବଶ୍ୟକ। ତେବେ ଏକ୍ସରସାଇଜ୍ ସ୍ନେକିଂରେ ଶିଡ଼ିରେ ଉପରକୁ ଚଢ଼ିବା ବା ତଳକୁ ଓହ୍ଲାଇବା, ଜୋର ଜୋର ଚାଲିବା, କର୍ମସ୍ଥଳରେ ସମୟ ମିଳିଲେ ୫ ମିନିଟ୍ ଲେଖାଏଁ ଚାଲିବା ଆଦି ସାମିଲ କରିପାରିବେ। ତେବେ ଜଣେ ବ୍ୟକ୍ତି ନିଜର ଶାରୀରିକ ସକ୍ଷମ ଅନୁସାରେ ଏହାକୁ ଧୀରେ ଧୀରେ କରିବା ଦରକାର। ଟିଭି ଦେଖିବା ସମୟରେ ପ୍ରତି ୧୦ ମିନିଟ୍‌ରେ ଉଠି ଏକ ମିନିଟ୍ ଲାଗି ଚାଲିପାରିବେ। ଘରେ କିମ୍ବା କାର୍ଯ୍ୟକ୍ଷେତ୍ରରେ ଆଲାର୍ମ ଦେଇ ୫-୫ମିନିଟ୍ ଚଲାବୁଲା କରିବା ଦ୍ୱାରା ମାନସିକ ସମସ୍ୟା ସହିତ ଥକ୍କାପଣ ଦୂର ହୁଏ।

# ବିଶ୍ୱର ସବୁଠୁ ଥଣ୍ଡା ଗାଁ





ରୁଷିଆର ପୂର୍ବାଞ୍ଚଳରେ ଥିବା ୟାକୁଟିଆ ପୃଥିବୀର ସବୁଠାରୁ ଥଣ୍ଡା ଗାଁ ଭାବେ ପରିଚିତି ହାସଲ କରିଛି। ଏଠାକାର ତାପମାତ୍ରା ଶୀତଦିନେ ମାଇନସ୍ ୫୮ ଡିଗ୍ରୀ ସେଲ୍‌ସିୟସ୍ ହୋଇଥାଏ। ଏଠାରେ ସୂର୍ଯ୍ୟ ଶୀତଦିନରେ ମାତ୍ର ୩ ଘଣ୍ଟା ପାଇଁ ଦୃଶ୍ୟମାନ ହୋଇଥାନ୍ତି। ଆର୍କଟିକ୍ ସର୍କଲଠାରୁ ୩୫୦ କିଲୋମିଟର ଦୂର ଏହି ଅଞ୍ଚଳର ମାଟି ତଳେ ପ୍ରଚୁର ପରିମାଣର ସୁନା, ହୀରା, କୋଇଲା ଆଦି ରହିଛି। ଏଠାରେ ସ୍କୁଲ, ହସ୍ପିଟାଲ, ପୋଷ୍ଟ ଅଫିସ୍, ବ୍ୟାଙ୍କ ଆଦି ରହିଛି। ଏତେ ଥଣ୍ଡାରେ ମଧ୍ୟ ଏହି ଗାଁର ପିଲାମାନେ ସବୁଦିନ ସ୍କୁଲ ଯାଆନ୍ତି। ଏଠାକୁ ବୁଲିବା ପାଇଁ ପ୍ରତିବର୍ଷ ବହୁସଂଖ୍ୟାରେ ପର୍ଯ୍ୟଟକ ଆସିଥାନ୍ତି। ପ୍ରବଳ ଥଣ୍ଡା ଯୋଗୁ ଗାଡ଼ିର ଇଞ୍ଜିନ୍ ଅଏଲ୍ ମଧ୍ୟ ଜମାଟ ବାନ୍ଧି ଯାଇଥାଏ। ତେଣୁ ଏଠାରେ ପ୍ରତି ୨-୩ କିଲୋମିଟର ମଧ୍ୟରେ ହିଟିଂ ଗ୍ୟାରେଜ୍ ରହିଥାଏ। ୟାକୁଟିୟା ଗାଁ ପରିବେଶ ବେଶ୍ ସୁନ୍ଦର। ଗ୍ରାମବାସୀ ସକାଳୁ ପ୍ରଥମେ ଉଠି କାଠ ସଂଗ୍ରହ କରି ଏହାକୁ ଜଳାଇ ଘରେ ଉଷୁମ ବାତାବରଣ ସୃଷ୍ଟି କରନ୍ତି। ଥଣ୍ଡାରୁ ସୁରକ୍ଷା ପାଇଁ ଲୋକେ ସର୍ବଦା ଗରମ ପୋଷାକ ଓ ମୋଟା ଜୋତା ପିନ୍ଧିଥାନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଯେତେବେଳେ ତାପମାତ୍ରା ଶୂନ୍ ଡିଗ୍ରୀରୁ କମ୍ ହୋଇଯାଏ, ଘରକୁ ଗରମ କରିବା ବଦଳରେ ଏଠାରେ ପିଇବା ପାଣି ପାଇବା କାଠିକର ପାଠ ହୋଇଯାଏ। ଗାଁରେ ପାଇପ ଲାଇନ୍ ମଧ୍ୟ ନାହିଁ। ଖରାଦିନେ ଷ୍ଟ୍ରବେରୀ କିମ୍ବା ଦୁଗ୍ଧରୁ ତିଆରି ପୌଷ୍ଟିକ ଖାଦ୍ୟକୁ ଏଠାକାର ଲୋକେ ଶୀତଦିନ ପାଇଁ ସଞ୍ଚୟ କରି ରଖିଥାନ୍ତି। ମାଛ, ଷ୍ଟ୍ରବେରୀ ଏବଂ କ୍ରିମ୍‌କୁ ନିୟମିତ ଏଠାକାର ଲୋକେ ଖାଇଥାନ୍ତି। ଯଦି କୌଣସି ଦିନ ତାପମାତ୍ରା ମାଇନସ୍ ୫୫ଡିଗ୍ରୀ ସେଲ୍‌ସିୟସ୍ ତଳକୁ ଖସିଯାଏ, ସେଦିନ ପିଲାଙ୍କୁ ସ୍କୁଲ ଯିବାକୁ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ।

# ଲିଫ୍ଟ ବ୍ୟବହାର କଲେ ଜରିମାନା




ସାଧାରଣତଃ ଘର, ଅଫିସ୍, ବଡ଼ ଅଟ୍ଟାଳିକା ଓ ସପିଂମଲ୍‌ରେ ଲିଫ୍ଟ ସୁବିଧା ଉପଲବ୍ଧ। ଯାହାକୁ ସବୁ ଶ୍ରେଣୀର ଲୋକମାନେ ବ୍ୟବହାର କରନ୍ତି। ଲିଫ୍ଟ ବ୍ୟବହାରକୁ ନେଇ ଏକ ଅଭାବନୀୟ ନୋଟିସ୍ ଜାରି ହୋଇଥିବା ଏବେ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚାର ବିଷୟ ପାଲଟିଛି। ହାଇଦ୍ରାବାଦର ହାଉସିଂ ସୋସାଇଟି ଲିଫ୍ଟରେ ଯାତ୍ରା କରିବା ପାଇଁ ଏକ ନୋଟିସ୍ ଜାରି କରିଛି। ଏହି ନୋଟିସ୍ ଅନୁସାରେ, ପରିଚାରିକା, ଡେଲିଭରି ବୟ ଏବଂ ଶ୍ରମିକ ଶ୍ରେଣୀର ଲୋକଙ୍କୁ ସୋସାଇଟିର ମୁଖ୍ୟ ଲିଫ୍ଟ ବ୍ୟବହାର କରିବାକୁ ବାରଣ କରାଯାଇଛି। ଏହା ପରେ ବି ଯଦି ସେମାନେ ସେହି ଲିଫ୍ଟରେ ଯାତ୍ରା କରନ୍ତି, ତେବେ ତାଙ୍କୁ ୧୦୦୦ ଟଙ୍କା ଜରିମାନା ଦେବାକୁ ପଡ଼ିବ ବୋଲି ଉକ୍ତ ନୋଟିସ୍‌ରେ ପ୍ରକାଶ ପାଇଛି। ସୋସାଇଟିର ଏହି ଭେଦଭାବ ନିୟମ ବର୍ତ୍ତମାନ ସମୟରେ ସାମାଜିକ ଗଣମାଧ୍ୟରେ ଭାଇରାଲ୍ ହେବାରେ ଲାଗିଛି। ଏହି ନୋଟିସ୍‌କୁ ସାହିନା ଅତରୱାଲା ନାମକ ଜଣେ ୟୁଜର ଏକ୍ସ(ଟ୍ୱିଟର)ରେ ପ୍ରଥମେ ସେୟାର୍ କରିଥିଲେ। ସେ ଟ୍ୱିଟ୍ କରିଥିଲେ ଯେ, 'ଏଭଳି ଭେଦଭାବପୂର୍ଣ୍ଣ ବ୍ୟବହାରକୁ ବିରୋଧ କରିବା ଦରକାର। ଏହା ବେଆଇନ।'

# ବିମାନରେ ଜଣିଏ ଯାତ୍ରୀ



ଆଜିକାଲି ଲୋକେ ଶୀଘ୍ର କୌଣସି ସ୍ଥାନରେ ପହଞ୍ଚିବା ଉଦ୍ଦେଶ୍ୟରେ ବିମାନରେ ଯାତ୍ରା କରିଥାନ୍ତି। ଅବଶ୍ୟ ବିମାନରେ ଯାତ୍ରା କରିବା ପାଇଁ ଟିକେ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିଥାଏ। ନିକଟରେ ବିମାନରେ କେବଳ ଜଣେ ଯାତ୍ରୀ ଯାତ୍ରା କରି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛନ୍ତି। ଇଂଲଣ୍ଡର ଡର୍ବିରେ ରହୁଥିବା କାଇ ଫୋରସିଥ୍ ନାମକ ଜଣେ ବ୍ୟକ୍ତି ବ୍ରିଟିଶ ଏୟାରୱେଜ୍‌ରେ ଏକାକୀ ଯାତ୍ରା କରିଥିଲେ। ବିମାନରେ ତାଙ୍କ ସହ କେବଳ କ୍ରୁ ମେମ୍ବରଙ୍କୁ ଛାଡ଼ି ଅନ୍ୟ କେହି ବି ଯାତ୍ରୀ ନ ଥିଲେ। କାଇ ଏହି ବିମାନରେ ଛୁଟିକାଟି ଆମେରିକାରେ ଥିବା ତାଙ୍କ ଘରକୁ ଫେରୁଥିଲେ। ଯେହେତୁ ସେ ବିମାନରେ ଏକା ଥିଲେ, ତେଣୁ ଯେକୌଣସି ସିଟ୍‌ରେ ବସିବାକୁ ତାଙ୍କୁ ସମସ୍ୟା ନ ଥିଲା। କେବଳ ସେତିକି ନୁହେଁ, ବିମାନରେ କେହି ଲୋକ ନ ଥିବାରୁ ସେ ସିଟ୍‌ଗୁଡ଼ିକୁ ଯୋଡ଼ିଦେଇ ନିଜ ପାଇଁ ଏକ ବେଡ୍ ମଧ୍ୟ ପ୍ରସ୍ତୁତ କରିଥିଲେ। ଏହି ସମୟରେ ସେ ଏକାକୀ ଅନୁଭବ ନ କରିବା ପାଇଁ କ୍ରୁ ସଦସ୍ୟମାନେ ତାଙ୍କର ଉପଯୁକ୍ତ ଦେଖାଶୁଣା କରିଥିବା କଥା କାଇ କହିଛନ୍ତି। ଏହି ସମୟରେ ତାଙ୍କୁ ମନଇଚ୍ଛା ଖାଦ୍ୟ ଖାଇବା ଅଫର୍ ମଧ୍ୟ ଦିଆଯାଇଥିଲା। କାଇ ବିମାନ ଭିତରେ ଏକୁଟିଆ ଚଲାବୁଲା ମଧ୍ୟ କରିଥିଲେ। ଏସମ୍ପର୍କରେ କାଇ ସାମାଜିକ ଗଣମାଧ୍ୟମରେ ସେୟାର କରିବା ପରେ ଲୋକେ ଚକିତ ହୋଇଥିଲେ। କିନ୍ତୁ ଏନେଇ କାଇ କୁହନ୍ତି, ଭବିଷ୍ୟତରେ ଏତେ ଲମ୍ବା ଯାତ୍ରା ସେ ଏକାକୀ କରିବେନି। କାରଣ ଏହି ଯାତ୍ରା ତାଙ୍କ ପାଇଁ ସବୁଠୁ ବିରକ୍ତିକର ଯାତ୍ରା ଥିଲା।

## ଆଜିର ଇତିହାସ

- ୧୮୧୨: ରୁଷଠାରୁ ପରାଜିତ ହେବା ପରେ ନେପୋଲିଅନ୍ ବୋନାପାର୍ଟଙ୍କ ଫ୍ରାନ୍ସ ପ୍ରତ୍ୟାବର୍ତ୍ତନ।
- ୧୯୫୦: ସିକିମ୍ ଭାରତର ସଂରକ୍ଷିତ ରାଜ୍ୟ ହେଲା।
- ୧୯୭୧: ଭାରତ ବାଂଲାଦେଶକୁ ଦେଶ ଭାବେ ମାନ୍ୟତା ପ୍ରଦାନ କଲା।
- ୧୯୯୩: ମୁଲାୟମ୍ ସିଂହ ଯାଦବ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ହେଲେ।
- ୨୦୧୩: ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ନେଲସନ୍ ମଣ୍ଡେଲାଙ୍କ ପରଲୋକ।

# ଫ୍ରିଜ୍ ଉପରେ କ'ଣ ରଖିବେନି

**ଆଜିକାଲି ଫ୍ରିଜ୍ ଏକ ଅତ୍ୟାବଶ୍ୟକ ସାମଗ୍ରୀ ହୋଇଯାଇଛି। ଲୋକେ ଖାଦ୍ୟକୁ ସତେଜ ରଖିବା ପାଇଁ ଫ୍ରିଜ୍‌ରେ ଜିନିଷ ରଖିବା ସହ ଏହା ଉପରେ ମଧ୍ୟ ଅନେକ ଜିନିଷ ରଖୁଥିବାର ଦେଖାଯାଏ। ବାସ୍ତୁ ଅନୁସାରେ, ଏପରି କିଛି ଜିନିଷ ରହିଛି, ଯାହାକୁ ଫ୍ରିଜ୍ ଉପରେ ରଖିବା ଅନୁଚିତ। ଆସନ୍ତୁ ଜାଣିବା ସେହି ଜିନିଷଗୁଡ଼ିକ ସମ୍ପର୍କରେ...।**

- ଫ୍ରିଜ୍ ଉପରେ ଔଷଧ ରଖନ୍ତୁ ନାହିଁ। ଏହା ଦ୍ୱାରା ଔଷଧର ପ୍ରଭାବ କମ୍ ହୋଇଥାଏ।
- ଫ୍ରିଜ୍‌ରୁ ବାହାରୁଥିବା ଇଲେକ୍ଟ୍ରୋମାଗ୍ନେଟିକ୍ ରେଡିଏସନ୍ ନକାରାତ୍ମକ ଶକ୍ତି ଉତ୍ପନ୍ନ କରେ। ସେଥପାଇଁ ଏହା ଉପରେ ଖାଦ୍ୟଜିନିଷ ରଖିବା ଅନୁଚିତ।
- ଆକ୍ୱାରିୟମ୍‌କୁ ମଧ୍ୟ ଫ୍ରିଜ୍ ଉପରେ ରଖନ୍ତୁ ନାହିଁ। କାରଣ ଏହା ଦ୍ୱାରା ମାଛ ବେଶି ଦିନ ବଞ୍ଚି ନ ଥାନ୍ତି।
- ଫେଙ୍ଗସୁଇ ବାଉଁଶଗଛକୁ ମଧ୍ୟ ଫ୍ରିଜ୍ ଉପରେ ରଖିବା ଅନୁଚିତ।



## ଆଜିର ରାଶିଫଳ

**ମେଷ:** ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ। ଶୁଭ ଖବର ପ୍ରାପ୍ତ ହେବ। ନୂଆ ଯାନ କିଣିବା ଯୋଗ ଅଛି। ଅଫିସ୍‌ରେ ସହକର୍ମୀଙ୍କୁ ସାହାଯ୍ୟ କରିବେ। ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ।

**ବୃଷ:** ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବ୍ୟବସାୟକୁ ନେଇ ଚିନ୍ତାରେ ରହିବେ। ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ପ୍ରିୟଜନଙ୍କ କଥାକୁ ବିଶ୍ୱାସ କରିବେ ନାହିଁ।

**ମିଥୁନ:** ବ୍ୟବହାରରେ ସଂଯମତା ରକ୍ଷା କରିବେ। ନାଚ, ଗୀତରେ ପ୍ରଶଂସା ମିଳିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ।

**କର୍କଟ:** ପାରିବାରିକ ଜୀବନରେ ସୁଖ, ସମୃଦ୍ଧି ବୃଦ୍ଧି ପାଇବ। ବ୍ୟବସାୟରେ ଉନ୍ନତି ପାଇଁ ଆଧୁନିକ ଜ୍ଞାନ-କୌଶଳ ଉପଯୋଗ କରିବେ। ବାପାମାଆଙ୍କ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ।

**ସିଂହ:** ଯାତ୍ରା ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ।

**କନ୍ୟା:** ବ୍ୟବସାୟରେ ଲାଭ ହେବ। ଆୟଠୁ ଅଧିକ ବ୍ୟୟ କରିବେ। ବରିଷ୍ଠ ଅଧିକାରୀଙ୍କ ପରାମର୍ଶରେ କାମରେ ଆଗକୁ ବଢ଼ିବେ। ନୂଆ କାମ ଆରମ୍ଭ କରିବେ। ଛାତ୍ରଛାତ୍ରୀ କ୍ରୀଡ଼ା ପ୍ରତିଯୋଗିତାରେ ସାମିଲ ହେବେ।

**ତୁଳା:** ଗୁରୁତ୍ୱପୂର୍ଣ୍ଣ ଖବର ପ୍ରାପ୍ତ ହେବ। ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ। ପାରିବାରିକ ସମସ୍ୟା ସମାଧାନ ହେବ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ।

**ବିଛା:** ବୈବାହିକ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଭାଇଭଉଣୀଙ୍କଠାରୁ ଉପହାର ପାଇବେ। ଅଫିସ୍ କାମରେ ଦୂର ସ୍ଥାନକୁ ଯାତ୍ରା କରିବେ।

**ଧନୁ:** ଅଜଣା ଲୋକଙ୍କଠାରୁ ଦୂରେଇ ରହିବେ। ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ। ଭାବପ୍ରବଣ ହୋଇ ନିଷ୍ପତ୍ତି ନେବାରୁ ନିବୃତ୍ତ ରହିବେ। ଆଇନଜୀବୀଙ୍କୁ ସଫଳତା ମିଳିବ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ। ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ। ସନ୍ତାନ ସୁଖ ପ୍ରାପ୍ତ ହେବ। ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା ସୃଷ୍ଟି ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**କୁମ୍ଭ:** ଧାରକରଜରୁ ଦୂରେଇ ରହିବେ। ବ୍ୟବସାୟ ବୃଦ୍ଧିକୁ ନେଇ ସାବଧାନତା ଅବଲମ୍ବନ କରିବେ। ବିରୋଧୀଙ୍କୁ ସାମ୍ନା କରିବେ। ଚିନ୍ତାଗ୍ରସ୍ତ ରହିବେ। ଜୀବନସାଥୀଙ୍କୁ ମନ କଥା କହିବେ।

**ମୀନ:** ବିଦ୍ୟାର୍ଥୀ ପରୀକ୍ଷାରେ ସଫଳ ହେବେ। ବନ୍ଧୁଙ୍କ ସାହାଯ୍ୟ ମିଳିବ। କଳା କ୍ଷେତ୍ରରେ ସଫଳତା ଲାଭ ହେବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ହେବ।

# ଘୁଙ୍ଗୁଡ଼ି ମାରିଲେ ଆର୍ଥିକ ସହାୟତା



ଶୋଇବା ସମୟରେ ଅନେକ ଲୋକ ଘୁଙ୍ଗୁଡ଼ି ମାରିଥାନ୍ତି। ଯଦିଓ ଏହି ଅଭ୍ୟାସ ଯୋଗୁଁ ଅନେକ ଚିନ୍ତିତ ଥାଆନ୍ତି, କେହି କେହି ଲଜ୍ଜାବୋଧ ମନେ କରନ୍ତି। ବିଶ୍ୱର ଏମିତି ଏକ ଦେଶ ରହିଛି ଯେଉଁଠି ଘୁଙ୍ଗୁଡ଼ି ମାରୁଥିବା ବ୍ୟକ୍ତିଙ୍କୁ ପ୍ରତି ସପ୍ତାହରେ ଆର୍ଥିକ ସାହାଯ୍ୟ ମିଳୁଛି। ବ୍ରିଟେନ୍ ସରକାର ଯେଉଁମାନଙ୍କର ଘୁଙ୍ଗୁଡ଼ି ମାରିବା ଅଭ୍ୟାସ ରହିଛି, ସେମାନଙ୍କୁ ଆର୍ଥିକ ସାହାଯ୍ୟ ପ୍ରଦାନ କରୁଛନ୍ତି। ଏହି ଲାଭ କେବଳ ସ୍ଥାନୀୟ ବାସିନ୍ଦାଙ୍କୁ ମିଳିବ ତାହା ନୁହେଁ, ବରଂ ଦୁଇବର୍ଷ ଧରି ବ୍ରିଟେନରେ ରହୁଥିବା କିମ୍ବା ଆଗକୁ ରହିବାକୁ ଯୋଜନା କରିଥିବା ଲୋକେ ମଧ୍ୟ ପାଇପାରିବେ। ବ୍ରିଟେନ୍‌ର ଡିପାର୍ଟମେଣ୍ଟ ଫର୍ ୱାର୍କ ଆଣ୍ଡ ପେନସନ୍ (ଡିଡବ୍ଲୁପି) ବିଭାଗ ତରଫରୁ ପର୍ସନାଲ ଇଣ୍ଡିପେଣ୍ଡେନ୍ସ ପେମେଣ୍ଟ (ପିଆଇପି)ରେ ବ୍ରିଟିଶ ବାସିନ୍ଦାକୁ ପ୍ରତି ସପ୍ତାହକୁ ଭାରତୀୟ ମୁଦ୍ରା ହିସାବରେ ୧୬ ହଜାର ଟଙ୍କା ମିଳିବ। ଏହାଦ୍ୱାରା ଆର୍ଥିକ ସଙ୍କଟରେ ରହୁଥିବା ଲୋକ ବେଶ୍ ଉପକୃତ ହୋଇପାରିବେ। ସମାନ ଢଙ୍ଗରେ ସ୍ୱାସ୍ଥ୍ୟ ସମସ୍ୟା ରହିଥିବା ବ୍ୟକ୍ତି ଓ ଦିବ୍ୟାଙ୍ଗଙ୍କୁ ମଧ୍ୟ ଆର୍ଥିକ ସାହାଯ୍ୟ ମିଳିବ। ସାଧାରଣତଃ ଦୀର୍ଘ ତିନିମାସ ହେବ ଯେଉଁମାନେ ବଞ୍ଚିବାକୁ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ସେମାନେ ଏହି ଯୋଜନା ମୁତାବକ ଅଧିକ ଲାଭାନ୍ୱିତ ହୋଇପାରିବେ। କେବଳ ଘୁଙ୍ଗୁଡ଼ି ନୁହେଁ, ଏହି ଯୋଜନା ଅନୁଯାୟୀ ଅନ୍ୟ ରୋଗରେ ପୀଡ଼ିତ ଲୋକଙ୍କୁ ମଧ୍ୟ ଆର୍ଥିକ ସାହାଯ୍ୟ ମିଳିବ।

## ବିଶ୍ୱ ଫୁଟବଲର ନୂଆ ଅବିଷ୍କାର

# ପ୍ୟାରିସ୍ ବ୍ରୁନର



ଜୁରିଚ୍, ୪।୧୨(ଏଜେନ୍ସି): ନିକଟରେ ଇଣ୍ଡୋନେସିଆରେ ଅନୁଷ୍ଠିତ ହୋଇଯାଇଛି ୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ୍। ଏହି ମେଗା ଇଭେଣ୍ଟରେ ଜର୍ମାନୀ ଫାଇନାଲ ମୁକାବିଲାରେ ଫ୍ରାନ୍ସକୁ ପେନାଲ୍ଟି ସୁଟ୍ ଆଉଟ୍‌ରେ ହରାଇ ପ୍ରଥମଥର ପାଇଁ ଟାଇଟଲ ହାସଲ କରିଥିଲା। ଫିଫା ବିଶ୍ୱକପ୍‌ରେ ୪ଥର ଟାଇଟଲ ହାସଲ କରିଥିଲେ ମଧ୍ୟ ଜର୍ମାନୀ ପ୍ରଥମଥର ପାଇଁ କନିଷ୍ଠ ବର୍ଗର ବିଶ୍ୱକପ୍‌ରେ ଏହି ସଫଳତାର ସ୍ୱାଦ ଚାଖିଛି। ଜର୍ମାନୀକୁ ଚାମ୍ପିଅନ କରାଇବାରେ ୧୭ ବର୍ଷୀୟ ଅଗ୍ରଭାଗ ଖେଳାଳି ପ୍ୟାରିସ ଜୋସୁଆ ବ୍ରୁନର ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ସାରା ଟୁର୍ଣ୍ଣାମେଣ୍ଟରେ ତାଙ୍କର ପ୍ରଦର୍ଶନ ଉଚ୍ଚକୋଟୀର ରହିଥିଲା। ବୋରିସିଆ ଡର୍ଟମଣ୍ଡ ତରଫରୁ ଖେଳୁଥିବା ଏହି ଫୁଟବଲରଙ୍କ ଏବେ ସମସ୍ତଙ୍କ ନଜରକୁ ଆସିଛନ୍ତି ଓ ତାଙ୍କୁ ଏହି ବିଶ୍ୱକପ୍ ନୂଆ ଆବିଷ୍କାର ବୋଲି ବିବେଚନା କରାଯାଉଛି।

ଦମ୍‌ଦାର ପ୍ରଦର୍ଶନ କରି ସେ ବିଶ୍ୱକପ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହେବା ସହ ଗୋଲ୍ଡେନ ବଲ୍ ପୁରସ୍କାର ହାସଲ କରିଛନ୍ତି। ପ୍ୟାରିସ୍‌ଙ୍କୁ ଏହି ବିଶ୍ୱକପ୍‌ର ନୂଆ ଆବିଷ୍କାର ବୋଲି କୁହାଯାଉଛି। ବିଶ୍ୱକପ୍ ପୂର୍ବରୁ ସେ ଜର୍ମାନୀ ଓ ୟୁରୋପ୍‌ରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିସାରିଥିଲେ। ବୋରୁସିଆ ଡର୍ଟମଣ୍ଡ ତରଫରୁ ପ୍ରତିନିଧିତ୍ୱ କରି ସେ ୧୭ ବର୍ଷରୁ କମ୍ ଜର୍ମାନ ଲିଗ୍‌ରେ ୫ଟି ମ୍ୟାଚ୍ ଖେଳି ୧୬ଟି ଗୋଲ ସ୍କୋର କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମାତ୍ର ୧୬ ବର୍ଷ ବୟସରେ ସେ ୧୯ ବର୍ଷରୁ କମ୍ ଦଳ ତରଫରୁ ଖେଳିଥିଲେ। ୧୭ ବର୍ଷରୁ କମ୍ ବର୍ଗରେ ସେ ଜର୍ମାନୀ ତରଫରୁ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ବିଶ୍ୱକପ୍‌ରେ ପ୍ୟାରସ୍ ୫ଟି ଗୋଲ ସ୍କୋର କରିଥିଲେ ମଧ୍ୟ ସାରା ଟୁର୍ଣ୍ଣାମେଣ୍ଟରେ ନିର୍ଣ୍ଣାୟକ ପ୍ରଦର୍ଶନ କରିଥିଲେ। ୬ ଫୁଟ ୧ ଇଞ୍ଚ ଉଚ୍ଚତା ବିଶିଷ୍ଟ ପ୍ୟାରିସ ୨୦୦୬ ଫେବୃଆରୀ ୧୫ରେ ଜନ୍ମ ନେଇଥିଲେ। ଜର୍ମାନୀ ୧୬ ବର୍ଷରୁ କମ୍ ଦଳ ପାଇଁ ସେ ୬ଟି ମ୍ୟାଚ୍ ଖେଳି ଗୋଟିଏ ଓ ୧୭ ବର୍ଷରୁ କମ୍ ଦଳ ତରଫରୁ ପ୍ରତିନିଧିତ୍ୱ କରି ୨୫ଟି ମ୍ୟାଚ୍ ଖେଳି ୨୦ଟି ଗୋଲ ସ୍କୋର କରିଥିଲେ। ୨୦୨୩ ୧୭ ବର୍ଷରୁ କମ୍ ୟୁରୋପିଆନ ଚାମ୍ପିଅନସିପ୍‌ରେ ମଧ୍ୟ ସେ ଉଚ୍ଚକୋଟୀର ପ୍ରଦର୍ଶନ କରି ସର୍ବାଧିକ ଗୋଲ ସ୍କୋରର ବିବେଚିତ ହେବା ସହ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଆଗାମୀ ଦିନରେ ଲିଓନେଲ ମେସି, କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ଭଳି ସେ ଜଣ ଉଚ୍ଚକୋଟୀର ଫୁଟବଲର ଭାବେ ପରିଚୟ ହାସଲ କରିବେ ବୋଲି ଆଶା କରାଯାଉଛି।

## ପ୍ରଥମ ଦିନିକିଆ

■ ୱେଷ୍ଟଇଣ୍ଡିଜର ଦ୍ୱିତୀୟ ସର୍ବବୃହତ୍ ରନ୍ ଚେଜ୍

# ଇଂଲଣ୍ଡ ୪ ୱିକେଟରେ ପରାସ୍ତ

ଆଣ୍ଟିଗୁଆ, ୪।୧୨(ଏଜେନ୍ସି): ଇଂଲଣ୍ଡ ବିପକ୍ଷ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଘରୋଇ ୱେଷ୍ଟଇଣ୍ଡିଜ୍ ୪ ୱିକେଟରେ ବିଜୟୀ ହୋଇଛି। ନର୍ଥ ସାଉଣ୍ଡସ୍ଥିତ ସାର ଭିଭିଆନ ରିଚାର୍ଡ୍ସ ଷ୍ଟାଡିୟମରେ ରବିବାର ବିଳମ୍ବିତ ରାତିରେ ଅନୁଷ୍ଠିତ ଏହି ହାଇସ୍କୋରିଂ ମ୍ୟାଚ୍‌ରେ ଟସ୍ ଜିତି ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରି ୫୦ ଓଭରରେ ୩୨୫ ରନର ବୃହତ୍ ସ୍କୋର କରି ଅଲଆଉଟ ହୋଇଥିଲା। ଜବାବରେ ୱେଷ୍ଟଇଣ୍ଡିଜ୍ ଅଧିନାୟକ ସାଇ ହୋପ୍‌ଙ୍କ ୧୦୯ ରନର ଅପରାଜିତ ଶତକୀୟ ପାଳି ସହାୟତାରେ ୪୮.୫ ଓଭରରେ ୬ ୱିକେଟ ହରାଇ ବିଜୟ ଲକ୍ଷ ହାସଲ କରିନେଇଥିଲା। ହୋପ୍ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଏଥିସହ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଘରୋଇ ଦଳ ୧-୦ରେ ଅଗ୍ରଣୀ ହାସଲ କରିଛି। ୭ ବଲ ଓ ୬ ୱିକେଟ ବାକି ରଖି ୱେଷ୍ଟଇଣ୍ଡିଜ ନିଜ ଦିନିକିଆ ଇତିହାସରେ ଦ୍ୱିତୀୟ ସର୍ବବୃହତ୍ ରନ ଚେଜ୍ କରିଛି। ପୂର୍ବରୁ ୨୦୧୯ରେ ମାଲାହାଇଡ୍‌ରେ ଆୟର୍ଲାଣ୍ଡ ବିପକ୍ଷରେ ୫ ୱିକେଟ ହରାଇ ୩୩୧ ରନକରି ସର୍ବବୃହତ୍ ରନ୍ ପିଛା କରିଥିଲା। ବୁଧବାର ଏହି ଗ୍ରାଉଣ୍ଡରେ ଦ୍ୱିତୀୟ ଦିନିକିଆ ମ୍ୟାଚ୍ ଖେଳାଯିବ।

୩୨୬ ରନ ଟାର୍ଗେଟର ପିଛା କରି ୱେଷ୍ଟଇଣ୍ଡିଜ ଭଲ ଆରମ୍ଭ କରିଥିଲା। ଓପନର ଅଲିକ୍ ଅଥାନାଜ ୬୬, ବ୍ରାଣ୍ଡନ କିଙ୍ଗ୍ ୩୫, କିସି କାର୍ଟି ୧୬, ସିମରନ ହେଟମାୟାର ୨୨ ରନକରି ଆଉଟ ହୋଇଥିଲେ। ୨୦୦ ରନରେ ଦଳ ୪ ୱିକେଟ ହରାଇଥିଲା। କିନ୍ତୁ ହୋପ୍ ୮୩ ବଲର ସମ୍ମୁଖୀନ ହୋଇ ୪ ଚୌକା ଓ ୭ ଛକା ସହ ୧୦୯ ରନ କରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶେରଫାନ ରଦରଫର୍ଡ ୬ ରନକରି ଆଉଟ ହୋଇଥିଲେ ମଧ୍ୟ ରୋମାରିଓ ଶେଫର୍ଡ ୨୮ ବଲରୁ ୪ ଚୌକା ୩ ଛକା ସହ ୪୮ ରନ କରି ଦଳକୁ ବିଜୟ ଦ୍ୱାରରେ ପହଞ୍ଚାଇଥିଲେ। ଇଂଲଣ୍ଡ ତରଫରୁ ଗସ୍ ଅଟକିନସନ ଓ ରେହାନ ଅହମ୍ମଦ ୨ଟି ଲେଖାଏ, ବ୍ରିଣ୍ଡନ କାର୍ସ ଓ



ଲିଅମ ଲିଭିଂଷ୍ଟୋନ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ପାୱାର ପ୍ଲେରେ ୭୮ ରନ ସଂଗ୍ରହ କରି ଦମ୍‌ଦାର ଆରମ୍ଭ କରିଥିଲା। ତରଫରୁ ହାରି ବ୍ରୁକ୍ ସର୍ବାଧିକ ୭୧, ଜ୍ୟାକ କ୍ରଲି ୪୮, ଫିଲ ସଲ୍ଟ ୪୫, ସାମ କୁରାନ ୩୮ ରନକରି ଆଉଟ ହୋଇଥିବା ବେଳେ ବ୍ରିଣ୍ଡନ କାର୍ସ ୩୧ ରନକରି ଅପରାଜିତ ରହିଥିଲେ। ବୋଲିଂରେ ୱେଷ୍ଟଇଣ୍ଡିଜ ପକ୍ଷରୁ ରୋମାରିଓ ସେଫର୍ଡ, ଗୁଦାକେଶ ମୋତି ଓ ଓସେନ ଥୋମାନ ୨ଟି ଲେଖାଏ, ଅଲଜାରି ଜୋସେଫ ଓ ୟାନିକ କାରିଆ ଗୋଟିଏ ଲେଖାଏ ୱିକେଟ ହାସଲ କରିଥିଲେ।

# କିଟ୍‌କୁ ପ୍ରଥମ ସିଆଇଆଇ ସ୍ପୋର୍ଟ୍ସ ବିଜନେସ ପୁରସ୍କାର

ଭୁବନେଶ୍ୱର, ୪।୧୨(ସମିସ): କିଟ୍ ବିଶ୍ୱବିଦ୍ୟାଳୟକୁ ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ଦ୍ୱାରା ସମ୍ମାନଜନକ ପ୍ରଥମ ସ୍ପୋର୍ଟ୍ସ ବିଜନେସ ପୁରସ୍କାର-୨୦୨୩ ପ୍ରଦାନ କରାଯାଇଛି। ନୂଆଦିଲ୍ଲୀରେ ସୋମବାର ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ



ସିଆଇଇ ଜାତୀୟ କ୍ରୀଡ଼ା କମିଟି ଅଧ୍ୟକ୍ଷ ଚାଣକ୍ୟ ଚୌଧୁରୀ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରିଥିଲେ। ଦେଶରେ ସର୍ବୋତ୍ତମ କ୍ରୀଡ଼ା ଭିତ୍ତିଭୂମି ଯୋଗାଇଦେବା ବିଭାଗରେ କିଟ୍‌କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ଶ୍ରେଷ୍ଠ କ୍ରୀଡ଼ା ଫ୍ରାଞ୍ଚାଇଜ୍ ଭାବେ ରୟାଲ ଚାଲେଞ୍ଜର୍ସ ବାଙ୍ଗାଲୋର ଓ କ୍ରୀଡ଼ା ପ୍ରୋତ୍ସାହନରେ ଶ୍ରେଷ୍ଠ ରାଜ୍ୟ ଭାବେ ତାମିଲନାଡୁକୁ ପୁରସ୍କୃତ କରାଯାଇଛି। କ୍ରୀଡ଼ାକ୍ଷେତ୍ରରେ ଉଲ୍ଲେଖନୀୟ ନେତୃତ୍ୱ ନେବା ନିମନ୍ତେ ବିସିସିଆଇ ସମ୍ପାଦକ ତଥା ଏସିଆନ କ୍ରିକେଟ କାଉନ୍ସିଲ ଅଧ୍ୟକ୍ଷ ଜୟ ଶାହଙ୍କୁ ପୁରୁଷ ଓ ରିଲାଏନ୍ସ ଫାଉଣ୍ଡେସନର ନୀତା ଅମ୍ବାନୀଙ୍କୁ ମହିଳା ବିଭାଗରେ କ୍ରୀଡ଼ା ବିଜନେସ ଲିଡର ପୁରସ୍କାର ପ୍ରଦାନ କରାଯାଇଛି। ଅଚ୍ୟୁତ ସାମନ୍ତଙ୍କୁ ମଧ୍ୟ ଏହି ବିଭାଗରେ ସମ୍ମାନିତ କରାଯାଇଛି। କ୍ରୀଡ଼ା କ୍ଷେତ୍ରରେ ଅନେକ ମାଇଲଖୁଣ୍ଟ ସୃଷ୍ଟି କରିଥିବା କିଟ୍‌କୁ ପୂର୍ବରୁ ଭାରତ ସରକାରଙ୍କ ଦ୍ୱାରା ରାଷ୍ଟ୍ରୀୟ ଖେଳ ପ୍ରୋତ୍ସାହନ ପୁରସ୍କାର, ଫିକି ପୁରସ୍କାର ଓ ସ୍ପୋର୍ଟ୍ସଷ୍ଟାର ପୁରସ୍କାର ପ୍ରଦାନ କରାଯାଇଛି। କିଟ୍‌କୁ ମଧ୍ୟ ଓଡ଼ିଶା ସରକାରଙ୍କ ପକ୍ଷରୁ ବିଜୁ ପଟ୍ଟନାୟକ ଖେଳ ପ୍ରୋତ୍ସାହନ ପୁରସ୍କାର ଦିଆଯାଇଛି। ଦୀର୍ଘ ୨୦ ବର୍ଷଧରି କିଟ୍ କ୍ରୀଡ଼ାକ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଆସୁଛି।

# ସୁରଜ, ଦୀପ୍ତିମୟୀଙ୍କୁ ଏକକ ଟାଇଟଲ

## ଆନ୍ତଃମହାବିଦ୍ୟାଳୟ ଚେସ୍

ଜଟଣୀ, ୪।୧୨(ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟ ଅଧିନରେ ଥିବା ଆନ୍ତଃମହାବିଦ୍ୟାଳୟ ଚେସ୍ ପ୍ରତିଯୋଗିତା ସ୍ଥାନୀୟ ଜଟଣୀ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉଭୟ ବାଳକ ଓ ବାଳିକା ବିଭାଗରେ ଏକକ ଓ ଦଳଗତ ଖେଳ ଅନୁଷ୍ଠିତ ହୋଇଯାଇଛି। ଏକକ ପୁରୁଷ ବିଭାଗରେ ରାଜଧାନୀ ମହାବିଦ୍ୟାଳୟର ସୁରଜ ମହନ୍ତ ଓ ମହିଳା ବିଭାଗରେ ମହର୍ଷି ମହାବିଦ୍ୟାଳୟର ଦୀପ୍ତିମୟୀ ସାହୁ ଚାମ୍ପିଅନ ହୋଇଛନ୍ତି। ଦଳଗତ ପୁରୁଷ ବିଭାଗରେ ବିଜେବି-ଏ' ମହାବିଦ୍ୟାଳୟ ଓ ମହିଳା ବିଭାଗରେ ଅଭିନବ ବିନ୍ଦ୍ରା ସ୍ପୋର୍ଟ୍ସ ମେଡିସିନ ଆଣ୍ଡ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ (ଏବିଏସ୍ଏମ୍ଆରଆଇ) ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଏହି ପ୍ରତିଯୋଗିତାର ଏକକ ବିଭାଗରେ ପ୍ରଥମ ୫ଜଣ ଖେଳାଳି ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା ଲାଗି ଉତ୍କଳ ବିଶ୍ୱବିଦ୍ୟାଳୟକୁ ପକ୍ଷରୁ ପ୍ରତିନିଧିତ୍ୱ କରିବା ସକାଶେ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେମାନେ ହେଲେ ପୁରୁଷ ବିଭାଗରେ ଚାମ୍ପିଅନ ସୁରଜଙ୍କ ବ୍ୟତୀତ ଏସ୍‌ଭି ନିରତାରର ଅରୂପ ମହାରଣା, ଏନ୍ଏସଏମ୍ ସିଟି ମହାବିଦ୍ୟାଳୟର ଆଦିତ୍ୟ ଥାଟୋଇ, ବିବେଜି ମହାବିଦ୍ୟାଳୟ-ଏ'ର ଦଳର ଦେବୀ ପି. ନାୟକ ଓ ପିଜି ଆଥଲେଟିକ୍ କ୍ଲବ୍‌ର ଚଞ୍ଚଳ ରାୟ। ଏବିଏସ୍ଏମ୍ଆରଆଇର ଭବାନୀ ସାହୁ ଓ ଭୁବନେଶ୍ୱର ଆରଆଇଇର ବାବୁଲା ବେହେରାଙ୍କୁ ଷ୍ଟାଣ୍ଡବାଇ ରଖାଯାଇଛି।

ମହିଳା ବିଭାଗରେ ଚାମ୍ପିଅନ ଦୀପ୍ତିମୟୀଙ୍କ ବ୍ୟତୀତ ଏବିଏସ୍ଏମ୍ଆରଆଇର ଦିପ୍ୟୋତିମା ମଣ୍ଡଳ ଓ ରେଜିନା ଗୌତମ, ଭୁବନେଶ୍ୱର ଆର୍ଆଇଇ ପୁଲି ସାରିକା ଓ ରିଶିକା ରାୟ ପୂର୍ବାଞ୍ଚଳ



ଆନ୍ତଃବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା ଲାଗି ଉତ୍କଳ ବିଶ୍ୱବିଦ୍ୟାଳୟକୁ ପକ୍ଷରୁ ପ୍ରତିନିଧିତ୍ୱ କରିବା ସକାଶେ ଯୋଗ୍ୟତା ଅର୍ଜନ କରିଛନ୍ତି। ପିଏନ ମହାବିଦ୍ୟାଳୟର ସୋନାଲି ସିଂ ଓ ଏବିଏସ୍ଏମ୍ଆରଆଇର ସ୍ୱିଟି ଗୁପ୍ତା ଷ୍ଟାଣ୍ଡବାଇରେ ରହିଛନ୍ତି। ଖେଳ ଶେଷରେ ଜଟଣୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଡଃ ରାଜୀବ କୁମାର କର, କ୍ରୀଡ଼ା ଅଧିକାରୀ ବେଣୁଧର ଦାସ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆର୍ବିଟର ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ। ସୁରେଶଚନ୍ଦ୍ର ବଲିୟାରସିଂ ଓ ଅବିନାଶ ବଲିୟାରସିଂ ପରିଚାଳନାରେ ସହାୟତା କରିଥିଲେ।

● ଗତିକୃଷ୍ଣ ପଣ୍ଡା ସ୍ମାରକୀ ଫୁଟବଲ

# କିସ୍‌କୁ ହରାଇଲା କ୍ଲବ-୭୩

ଭୁବନେଶ୍ୱର, ୪।୧୨(ସମିସ): ୟୁନିଟ-୧ ସ୍ଥିତ ସ୍ଥାନୀୟ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଭୁବନେଶ୍ୱର ଆଥଲେଟିକ ଆସୋସିଏସନ (ବିଏଏ) ଆନୁକୂଲ୍ୟରେ ଚାଲିଥିବା ଗତିକୃଷ୍ଣ ପଣ୍ଡା ସ୍ମାରକୀ ଫୁଟବଲ ଲିଗ୍‌ରେ ସୋମବାର କ୍ଲବ -୭୩ ବିଜୟ ହାସଲ କରିଛି। ଏହି ଏ ଡିଭିଜନ ଫୁଟବଲ ଲିଗ୍‌ରେ -୭୩ ୨-୧ ଗୋଲରେ କିସ୍ ଦଳକୁ ପରାସ୍ତ କରିଛି। ମ୍ୟାଚ୍‌ର ୯ମ ମିନିଟ୍‌ରେ ବିଜୟୀ ଦଳ ତରଫରୁ ଚିଣ୍ଟୁ ସାମଲ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। କିନ୍ତୁ ୨୬ତମ ମିନିଟ୍‌ରେ କିସ୍‌ର ବିନୟ ମୁର୍ମୁ ଗୋଲ ସ୍କୋର କରି ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିଥିଲେ। ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ମ୍ୟାଚ୍ ୧-୧ ଗୋଲ ବରାବର ସ୍ଥିତିରେ ଥିଲା। ଦ୍ୱିତୀୟାର୍ଦ୍ଧରେ କ୍ଲବ ସେଭେଣ୍ଟି ଥ୍ରୀର ଅନିଲ ସାମଲ ୮୨ତମ ମିନିଟ୍‌ରେ ଗୋଲ ଦେଇ ଦଳକୁ ବିଜୟୀ କରାଇଥିଲେ। ଏଥିସହ କ୍ଲବ -୭୩ ତିନି ଅଙ୍କ ହାସଲ କରିଥିଲା। ବିଜୟୀ ଦଳର ଅବିନାଶ ସାମଲ ବିଏଏର ବରିଷ୍ଠ କାର୍ଯ୍ୟକାରୀ ସମିତି ସଦସ୍ୟ ନିକୁଞ୍ଜ ମହାନ୍ତିଙ୍କଠାରୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ଗ୍ରହଣ କରିଥିଲେ। ସୁଶାନ୍ତ ମିଶ୍ର ମ୍ୟାଚ୍ ପରିଚାଳନା କରିଥିଲେ। ଶେଖାୱତ ଖାଁ, ଏମ୍ଏସ୍ ବେଗ୍ ଓ ଚତୁର୍ଥ ରେଫରୀ ଭାବେ ସୁଜିତ କୁମାର ପାତ୍ର ଦାୟିତ୍ୱ ନିର୍ବାହ କରିଥିଲେ।

## ହାଡ଼ିବନ୍ଧୁ-ସତ୍ୟବାଦୀ ସ୍ମାରକୀ କ୍ରିକେଟ

# ୱାରିୟର, କମାଣ୍ଡୋ-୧୧ ବିଜୟୀ





ଭୁବନେଶ୍ୱର, ୪।୧୨(ସମିସ): ସ୍ପୋର୍ଟ୍ସ ଆସୋସିଏସନ କପିଳପ୍ରସାଦ ସୁନ୍ଦରପଦା ଆନୁକୂଲ୍ୟରେ ଚାଲିଥିବା ପଞ୍ଚଦଶ ହାଡିବନ୍ଧୁ ଓ ସତ୍ୟବାଦି ସ୍ମାରକି ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ସୋମବାର ଦ୍ୱିତୀୟ ଦିବସରେ ଦୁଇଟି ଲିଗ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଲିଗ୍‌ରେ ବୈଶାଖି ଜାଗୁଆର୍ସ ଓ ୱାରିୟର-୧୧ ପରସ୍ପରକୁ ଭେଟିଥିଲେ। ୱାରିୟର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୬ ଓଭରରେ ୬ ୱିକେଟ ହରାଇ ୧୬୫ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ସୌମ୍ୟ ପଟ୍ଟନାୟକ ସର୍ବାଧିକ ୫୮ ରନ ସଂଗ୍ରହ କରିଥିଲେ। ଜବାବରେ ବୈଶାଖି ପ୍ରଶାନ୍ତ ପ୍ରଧାନଙ୍କ ୪୬ ଓ ବିଶ୍ୱଜିତ ସାମନ୍ତଙ୍କ ୫୧ ରନର ଅର୍ଦ୍ଧଶତକୀୟ ପାଳି ସତ୍ତ୍ୱେ ୧୬୧ ରନରେ ସୀମିତ ରହି ପରାସ୍ତ ହୋଇଥିଲା।

ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ କମାଣ୍ଡୋ-୧୧ ଓ ବ୍ଲାକ କ୍ୟାମ୍ପ ଦଳ ପରସ୍ପରକୁ ଭେଟିଥିଲେ। ପ୍ରଥମେ ବ୍ୟାଟିଂ କରି ବ୍ଲାକ କ୍ୟାମ୍ପ ୧୦୨ ରନ କରି ଅଲଆଉଟ ହୋଇଥିଲା। କମାଣ୍ଡୋର ହର ବେଣ୍ଟକାର ସର୍ବାଧିକ ୪ ୱିକେଟ ଅକ୍ତିଆର କରିଥିଲେ। ଜବାବରେ କମାଣ୍ଡୋ ୧୩ ଓଭରରେ ୭ ୱିକେଟ ହରାଇ ୧୦୩ ରନକରି ବିଜୟୀ ହୋଇଥିଲା। ଦୁଇ ମ୍ୟାଚ୍‌ରେ ସୁବୋଧ ପଟ୍ଟନାୟକ ଓ ପ୍ରଶାନ୍ତ କୁମାର ପ୍ରଧାନ ଅତିଥି ଭାବେ ଯୋଗ ଦେଇ ସୌମ୍ୟ ଓ ହରଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କରା ପ୍ରଦାନ କରିଥିଲେ। ଅଶିଷ ପଟ୍ଟନାୟକ, ବିଶ୍ୱଜିତ ଦାସ, ଆକାଶ ଚନ୍ଦ୍ର ପ୍ରଧାନ ଓ ଚିତ୍ତରଞ୍ଜନ ମହାପାତ୍ର ମ୍ୟାଚ୍ ପରିଚାଳନା କରିଥିଲେ।

● ନଗେଶ ଟ୍ରଫି ଜାତୀୟ ଦୃଷ୍ଟିହୀନ କ୍ରିକେଟ

# ସୁଖରାମଙ୍କୁ ଓଡ଼ିଶାର ନେତୃତ୍ୱ

କଟକ, ୪।୧୨(ସମିସ): ଜାତୀୟ ଦୃଷ୍ଟିହୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ନଗେଶ ଟ୍ରଫି ନିମନ୍ତେ କାଭି ଓଡ଼ିଶା ପକ୍ଷରୁ ସୋମବାର ରାଜ୍ୟ ଦଳ ଘୋଷଣା କରାଯାଇଛି। ଘୋଷିତ ୧୪ଜଣିଆ ରାଜ୍ୟ ଦଳର ନେତୃତ୍ୱ ନେବେ ଅନ୍ତର୍ଜାତୀୟ ଖେଳାଳି ସୁଖରାମ ମାଝୀ। ଲିଙ୍ଗରାଜ ରାଉତରାଙ୍କୁ ଉପଅଧିନାୟକ ଦାୟିତ୍ୱ ଦିଆଯାଇଛି। ରାମଦାସ ମୁର୍ମୁ ନୂଆ ମୁହଁ ଭାବେ ଦଳରେ ସ୍ଥାନ ପାଇଛନ୍ତି। ଆସନ୍ତା ୧୮ ତାରିଖରୁ ଆରମ୍ଭ ହେବ ଟୁର୍ଣ୍ଣାମେଣ୍ଟ। ପ୍ରତିଯୋଗିତାରେ ମୋଟ ୨୮ ଟି ଦଳ ଭାଗ ନେଇଛନ୍ତି। ସମସ୍ତ ଦଳକୁ ୬ଟି ଗ୍ରୁପରେ ବିଭକ୍ତ କରାଯାଇଛି। ଓଡ଼ିଶା ଗ୍ରୁପ-ସିରେ ସ୍ଥାନ ପାଇଛି। ଗ୍ରୁପ-ସିର ସମସ୍ତ ଲିଗ ମ୍ୟାଚ୍ କେରଳରେ ଖେଳାଯିବ। ପ୍ରଥମ ମୁକାବିଲାରେ ଓଡ଼ିଶା ଝାଡଖଣ୍ଡକୁ ଭେଟିବ। ତେବେ ପ୍ରଥମଥର ନିମନ୍ତେ ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ ପକ୍ଷରୁ ଦୃଷ୍ଟିହୀନ କ୍ରିକେଟ ଦଳକୁ ସହଯୋଗର ହାତ ବଢ଼ାଯାଇଛି। ଏଥି ନିମନ୍ତେ କାଭି ଓଡ଼ିଶାର ସମ୍ପାଦକ ସନ୍ୟାସ କୁମାର ବେହେରା ରାଜ୍ୟ କ୍ରୀଡ଼ା ବିଭାଗକୁ କୃତଜ୍ଞତା ଜଣାଇଛନ୍ତି।

**ରାଜ୍ୟ ଦଳ:** ସୁଖରାମ ମାଝୀ(ଅଧିନାୟକ), ଲିଙ୍ଗରାଜ ରାଉତରା(ଉପଅଧିନାୟକ), ମହମ୍ମଦ ଜାଫର ଇକବାଲ, କାଳିଆ ପ୍ରଧାନ, ହିକିମ ମୁର୍ମୁ, ଅନୀଲ ମଲ୍ଲିକ, ଦେବରାଜ ବେହେରା, ଅଞ୍ଜନ ସିଂହ, ରାମଦାସ ମୁର୍ମୁ, ପଙ୍କଜ ଭୁଏ, ଲାଲପ୍ରସାଦ ସୋରେନ, ଅର୍ଜୁନ ବାତ୍ରା, ଧନପତି ଗୌଡ(ୱିକେଟ କିପର), ସୁକଦେବ ସୋରେନ। ଚନ୍ଦ୍ରଶେଖର ପଟ୍ଟନାୟକ-କୋଚ୍, ସୁରେଶ ବେହେରା-ମ୍ୟାନେଜର।

# ରାଜ୍ୟ ୨୩ବର୍ଷରୁ କମ୍ ମହିଳା ଦଳ ଘୋଷିତ



କଟକ, ୪।୧୨(ସମିସ): ଆସନ୍ତା ୧୦ ତାରିଖରୁ ୨୩ବର୍ଷରୁ କମ୍ ମହିଳା ଜାତୀୟ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଏଥି ନିମନ୍ତେ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ସୋମବାର ରାଜ୍ୟ ଦଳ ଘୋଷଣା କରାଯାଇଛି। ଓସିଏ ସମ୍ମିଳନୀ କକ୍ଷରେ ଏ ନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମହିଳା ଦଳ ଚୟନ କମିଟି ଅଧ୍ୟକ୍ଷା ରଶ୍ମିତା ମହାନ୍ତି ଓ ୨୩ବର୍ଷରୁ କମ୍ ମହିଳା ଦଳ କୋଚ୍ କାଦମ୍ବିନୀ ମହାକୁଡ ଉପସ୍ଥିତ ଥିଲେ। କୋଲକାତାର ବାରାସାତ୍ ଗ୍ରାଉଣ୍ଡରେ ଜମ୍ମୁ ଓ କଶ୍ମୀର ବିପକ୍ଷରେ ଓଡ଼ିଶା ପ୍ରଥମ ମ୍ୟାଚ୍ ଖେଳିବ। ଘୋଷିତ ଦଳରେ ଅଲିପ୍ସା ବିଶ୍ୱାଳ, ଭବାନୀ ଧଡା, ଭାଗ୍ୟଶ୍ରୀ ରାଉତ, ଜୋଏସ ନାୟକ, କୁସୁମ ତିରିଆ, ମଧୁସ୍ମିତା ବେହେରା, ମେଘନା ପାଢ଼ୀ, ପୂଜାରାଣୀ ଦାସ, ରାଣୀ କୁମାରୀ ପ୍ରସାଦ, ସାରଦା ମହାନନ୍ଦ, ଶୁଭ୍ରନିର୍ଝରିଣୀ ସ୍ୱାଇଁ, ସୂର୍ଯ୍ୟସ୍ନାତା ସ୍ୱାଇଁ, ସ୍ୱର୍ଣ୍ଣଲତା ନାୟକ, ତନ୍ମୟୀ ବେହେରା, ତନସ୍ୱି ରଞ୍ଜନା, ତରଣା ପ୍ରଧାନ ସ୍ଥାନ ପାଇଛନ୍ତି। କାଦମ୍ବିନୀ-କୋଚ୍, ଗଙ୍ଗୋତ୍ରୀ ବେହେରା-ମ୍ୟାନେଜର, ନେହା ନଫିସା ସବନମ-ଫିଜିଓ, ତିଳୋତ୍ତମା ସାହୁ-ଷ୍ଟ୍ରେନ୍ଥ ଆଣ୍ଡ କଣ୍ଡିସନିଂ କୋଚ୍, ଗାୟତ୍ରୀ ବେହେରା-ଭିଡିଓ ଆନାଲିଷ୍ଟ ଭାବେ ଦଳ ସହ କୋଲକାତା ଯାତ୍ରା କରିବେ।

■ ଆନ୍ତଃ ସ୍କୁଲ ଫୁଟବଲ ଚାମ୍ପିଅନସିପ୍ ଉଦ୍‌ଯାପିତ

# ୪ଟି ବୟସ ବର୍ଗରେ କିସ୍ ଚାମ୍ପିଅନ

କଟକ, ୪।୧୨(ସମିସ): ରିଲାଏନ୍ସ ଫାଉଣ୍ଡେସନ ଏବଂ ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ)ର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରରେ ଚାଲିଥିବା ଆନ୍ତଃ ସ୍କୁଲ ଫୁଟବଲ ଚାମ୍ପିଅନସିପ୍ ଉଦଯାପିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟର ୪ଟି ବୟସ ବର୍ଗରେ କିସ୍ ଚାମ୍ପିଅନ ହୋଇଛି। ୧୫ବର୍ଷରୁ କମ୍ ବାଳିକା ଏବଂ ୧୯ ବର୍ଷରୁ କମ୍ ବାଳିକା ବର୍ଗରେ କିସ୍ ଚାମ୍ପିଅନ ହୋଇଥିବା ବେଳେ ୟୁନିଟ-୨ କ୍ୟାପିଟାଲ ବାଳିକା ହାଇସ୍କୁଲ ରନର୍ସଅପ ହୋଇଥିଲା। ୧୫ବର୍ଷରୁ କମ୍ ବାଳକ ବର୍ଗରେ କିସ ଚାମ୍ପିଅନ, ଓଡିଏମ୍ ଗ୍ଲୋବାଲ ସ୍କୁଲ ରନର୍ସଅପ, ୧୭ବର୍ଷରୁ କମ୍ ବାଳକ ବର୍ଗରେ କିସ୍ ଚାମ୍ପିଅନ, ଫ୍ୟୁଚର ଭୁବନେଶ୍ୱର ସ୍କୁଲ ରନର୍ସଅପ, ୧୯ବର୍ଷରୁ କମ୍ ବାଳକ ବର୍ଗରେ ସାଇ ଇଣ୍ଟରନ୍ୟାସନାଲ ସ୍କୁଲ ଚାମ୍ପିଅନ ଏବଂ ଓଡିଏମ ଗ୍ଲୋବାଲ ସ୍କୁଲ ରନର୍ସଅପ ହୋଇଥିଲା। ଚାମ୍ପିଅନ ଓ ରନର୍ସଅପ ଦଳକୁ ଯଥାକ୍ରମେ ୫୦ହଜାର ଏବଂ ୨୫ହଜାର ଟଙ୍କା ଲେଖାଏ ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା।



୧୫ ବର୍ଷରୁ କମ୍ ବାଳିକା ଚାମ୍ପିଅନ କିସ୍ ସ୍କୁଲ





ଭାରତ ବିପକ୍ଷ ସିରିଜ ଲାଗି ଦକ୍ଷିଣ ଆଫ୍ରିକା ଦଳ

# ମାର୍କରାମ ସୀମିତ ଓଭର, ବଭୁମା ଟେଷ୍ଟ ଅଧିନାୟକ

ଜୋହାନ୍ସବର୍ଗ, ୪।୧୨(ଏଜେନ୍ସି): ଆଗାମୀ ଭାରତ ବିପକ୍ଷ ସିରିଜ ଲାଗି ୩ଟି ଫର୍ମାଟ ପାଇଁ ଦକ୍ଷିଣ ଆଫ୍ରିକା ସୋମବାର ତା'ର ଦଳ ଘୋଷଣା କରିଛି। ଡିସେମ୍ବର ୧୦ରୁ



ଭାରତର ଦକ୍ଷିଣ ଆଫ୍ରିକା ଗସ୍ତ ଆରମ୍ଭ ହେବ। ସୀମିତ ଓଭର ଅର୍ଥାତ ଦିନିକିଆ ଓ ଟି-୨୦ ଫର୍ମାଟ୍‌ରେ ଏଡେନ ମାର୍କରାମ ଦଳରେ ନେତୃତ୍ୱ ନେବେ। ସେହିପରି ତେମ୍ବା ବଭୁମା ଟେଷ୍ଟ ଦଳର ନେତୃତ୍ୱ ନେବେ। ଦିନିକିଆରେ ନେତୃତ୍ୱ ନେଉଥିବା ବଭୁମା ଓ ଦ୍ରୁତ ବୋଲର କାଗିସୋ ରାବାଡାଙ୍କୁ ଭାରତ ବିପକ୍ଷ ସୀମିତ ଓଭର ସିରିଜରେ ବିଶ୍ରାମ ଦିଆଯାଇଛି। ଫଳରେ ବଭୁମାଙ୍କ ଅନୁପସ୍ଥିତିରେ ଟି-୨୦ ଅଧିନାୟକ ମାର୍କରାମ ଦିନିକିଆରେ ମଧ୍ୟ ନେତୃତ୍ୱ ନେବେ। ଜେରାଲ୍ଡ କୁଟ୍‌ଜୀ, ମାର୍କୋ ଜନସନ ଓ ଲୁନଗି ଏନ୍‌ଗିଡି ପ୍ରଥମ ଦୁଇଟି ଟି-୨୦ ଖେଳିବେ। ଏହି ଗସ୍ତରେ ଭାରତ ଦକ୍ଷିଣ ଆଫ୍ରିକା ସହିତ ୩ଟି ଲେଖାଏ ଟି-୨୦ ଓ ଦିନିକିଆ ସମେତ ୨ଟି ଟେଷ୍ଟ ମ୍ୟାଚ୍ ଖେଳିବ। ଭାରତ ଆସନ୍ତା ୬ ତାରିଖରେ ଦକ୍ଷିଣ ଆଫ୍ରିକା ଗସ୍ତ କରିବ।

### ଟେଷ୍ଟ ପଦାର୍ପଣ କରିବେ ଷ୍ଟବ୍ସ

ବ୍ୟାଟର ଟ୍ରିଷ୍ଟାନ ଷ୍ଟବ୍ସ ପ୍ରଥମଥର ପାଇଁ ଟେଷ୍ଟ ଖେଳି ପଦାର୍ପଣ କରିବେ। ହେନରିଚ କ୍ଲାସେନଙ୍କୁ ଟେଷ୍ଟ ଦଳରେ ସ୍ଥାନ ମିଳିନାହିଁ। ପିଠିରେ ଆଘାତ ସମସ୍ୟା କାରଣରୁ ଦ୍ରୁତ ବୋଲର ଏନରିକ ନୋର୍ଜେ ସମ୍ପୂର୍ଣ୍ଣ ଭାବେ ଫିଟ୍ ହୋଇ ନଥିବାରୁ ଚୟନ ପାଇଁ ଉପଲବ୍ଧ ନ ଥିଲେ। ସ୍ପିନ ଅଲରାଉଣ୍ଡର କେଶବ ମହାରାଜ ୩ଟି ଦଳରେ ସ୍ଥାନ ବଜାୟ ରଖିଛନ୍ତି।

**ଟି-୨୦ ଦଳ:** ଏଡେନ ମାର୍କରାମ (ଅଧିନାୟକ), ଓଟନିଲ ବାର୍ଟମ୍ୟାନ, ରିଜା ହେଣ୍ଡ୍ରିକ୍ସ, ମାଥ୍ୟୁ ବ୍ରିଟଜକେ, ଟ୍ରିଷ୍ଟାନ ଷ୍ଟବ୍ସ (ୱିକେଟକିପର), ହେନେରିଚ କ୍ଲାସେନ (ୱିକେଟକିପର), ଡେଭିଡ ମିଲର, ଡୋନୋଭାନ ଫେରେଇରା, ନାନ୍ଦ୍ରେ ବର୍ଗର, ମାର୍କୋ ଜନସନ, ଗେରାଲ୍ଡ କୋଟଜି, ଆଣ୍ଡିଲ ଫେଲୁକ୍ୱାୟୋ, କେଶବ ମହାରାଜ,



ତାବରେଜ ସାମସି, ଲିଜାଦ ୱିଲିୟମ୍ସ ଓ ଲୁନଗି ଏନ୍‌ଗିଡି।

**ଦିନିକିଆ ଦଳ:** ଏଡେନ ମାର୍କରାମ (ଅଧିନାୟକ), ଟୋନି ଡି ଜୋର୍ଜି, ରିଜା ହେଣ୍ଡ୍ରିକ୍ସ, ରାସି ଭାନ ଡେର ଡୁସେନ, କାଏଲ ଭେରେଇନ (ୱିକେଟକିପର), ହେନେରିଚ୍ କ୍ଲସେନ (ୱିକେଟକିପର), ଡେଭିଡ୍ ମିଲର, ନାନ୍ଦ୍ରେ ବର୍ଗର, ୱିଆନ ମୁଲ୍ଡର, ମିହ୍ଲାଲି ଏମ୍‌ପୋଙ୍ଗୱାନା, ଆଣ୍ଡିଲ ଫେଲୁକ୍ୱାୟୋ, କେଶବ ମହାରାଜ, ତାବରେଜ ସାମସି, ଲିଜାଡ ୱିଲିୟମ୍ସ ଓ ଓଟନିଲ ବାର୍ଟମ୍ୟାନ।

**ଟେଷ୍ଟ ଦଳ:** ତେମ୍ବା ବଭୁମା (ଅଧିନାୟକ), ଡିନ ଏଲଗାର, ଏଡେନ ମାର୍କରାମ, ଟୋନି ଡେ ଜୋରି, କିଗାନ ପିଟରସନ, କାଏଲ ଭେରେଇନ, ଟ୍ରିଷ୍ଟାନ ଷ୍ଟବ୍ସ, ଡେଭିଡ୍ ବେଡିଂହାମ, ୱିଆନ ମୁଲ୍ଡର, ମାର୍କୋ ଜାନସେନ, ନାନ୍ଦ୍ରେ ବର୍ଗର, ଗେରାଲ୍ଡ କୋଟଜି, କାଗିସୋ ରାବାଡା, ଲୁନ୍‌ଗି ଏନ୍‌ଗିଡି ଓ କେଶବ ମହାରାଜ।

### ଭାରତ-ଦ.ଆଫ୍ରିକା ଖେଳସୂଚୀ

**ଟି-୨୦ ସିରିଜ୍:** ୧୦।୧୨-ପ୍ରଥମ ଟି-୨୦, ଡର୍ବାନ, ୧୨।୧୦-ଦ୍ୱିତୀୟ ଟି-୨୦, ସେଣ୍ଟ ଜର୍ଜ୍‌ସ ପାର୍କ, ୧୪।୧୨-ତୃତୀୟ ଟି-୨୦, ଜୋହାନ୍ସବର୍ଗ।

**ଦିନିକିଆ ସିରିଜ୍:** ୧୭।୧୨- ପ୍ରଥମ ଦିନିକିଆ, ଜୋହାନ୍ସବର୍ଗ, ୧୯।୧୨-ଦ୍ୱିତୀୟ ଦିନିକିଆ, ସେଣ୍ଟ ଜର୍ଜ୍‌ସ ପାର୍କ, ୨୧।୧୨-ତୃତୀୟ ଦିନିକିଆ, ବୋଲାଣ୍ଡ ପାର୍କ, ପାର୍ଲ।

**ଟେଷ୍ଟ ସିରିଜ୍:** ୨୬ରୁ ୩୦।୧୨- ପ୍ରଥମ ଟେଷ୍ଟ, ସେଞ୍ଚୁରିଅନ, ୩ରୁ ୭।୧୨-୨୦୨୪- ଦ୍ୱିତୀୟ ଟେଷ୍ଟ, କେପ୍ ଟାଉନ୍।

• 'ଓ-ଟି' ଅଧ୍ୟକ୍ଷଙ୍କୁ ଭେଟିଲେ ଓସିଏ ସମ୍ପାଦକ

# ରାଜ୍ୟରେ କ୍ରୀଡ଼ାର ବିକାଶ ଲାଗି ଜଣାଇଲେ କୃତଜ୍ଞତା



କଟକ, ୪।୧୨(ସମିସ): 'ଓ-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ସମ୍ପାଦକ ସଞ୍ଜୟ ବେହେରା ସୋମବାର ନବୀନ ନିବାସରେ ସାକ୍ଷାତ କରି ରାଜ୍ୟରେ କ୍ରୀଡ଼ାର ବିକାଶ ପାଇଁ ନିଆଯାଇଥିବା ପଦକ୍ଷେପ ଏବଂ ତ୍ୱରିତ କାର୍ଯ୍ୟାନ୍ୱୟନ ପାଇଁ କୃତଜ୍ଞତା ଜଣାଇଛନ୍ତି। ଶ୍ରୀ ପାଣ୍ଡିଆନଙ୍କ ସହ ହୋଇଥିବା ଆଲୋଚନା ସମ୍ପର୍କରେ ଓସିଏ ସମ୍ପାଦକ କହିଛନ୍ତି, ରାଜ୍ୟ ସରକାରଙ୍କ ସହଯୋଗରେ ଓଡ଼ିଶାରେ ତୃଣମୂଳ ସ୍ତରରୁ କ୍ରୀଡ଼ାର ବିକାଶ ଘଟୁଛି। ସଫଳ କ୍ରୀଡ଼ାବିତମାନଙ୍କୁ ପ୍ରୋତ୍ସାହନ ରାଶି ଦିଆଯିବା ସହିତ ବିଭିନ୍ନ କ୍ରୀଡ଼ାର ଭିତ୍ତିଭୂମି ମଧ୍ୟ ନୂଆ ରୂପ ନେଉଛି। ଇତିମଧ୍ୟରେ ବାରବାଟୀ ଷ୍ଟାଡିୟମର ନବୀକରଣ ନିମନ୍ତେ ମଧ୍ୟ ଯୋଜନା ରହିଛି।

ରାଜ୍ୟ ସରକାରଙ୍କ ସହଯୋଗରେ ଆଗାମୀ ଦିନରେ ଏହି ବିକାଶର ଧାରା କିପରି ବଜାୟ ରହିବ ସେ ଦିଗରେ ଆଲୋଚନା ହୋଇଥିବା ଓସିଏ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଓସିଏ ପକ୍ଷରୁ ରାଜ୍ୟ ସରକାରଙ୍କୁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିବା ଶ୍ରୀ ବେହେରା କହିଛନ୍ତି। ଏହି ଅବସରରେ ଓସିଏ ସମ୍ପାଦକ ଜଗନ୍ନାଥଙ୍କ ଏକ ପ୍ରତିକୃତି ଶ୍ରୀ ପାଣ୍ଡିଆନଙ୍କୁ ପ୍ରଦାନ କରିଥିଲେ।

# ଚେସ୍ ଏକାଡେମି ଲାଗି ପ୍ରତିଭା ଚୟନ ୯ରେ

ଭୁବନେଶ୍ୱର, ୪।୧୨(ସମିସ): ଓଡ଼ିଶାରେ ଚେସ ଖେଳ ଓ ଖେଳାଳିଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ପ୍ରତିଷ୍ଠା କରିବା ଲାଗି ପ୍ରତିଷ୍ଠିତ ହୋଇଛି ପେସାଦାର ଚେସ୍ ପ୍ରଶିକ୍ଷଣ ଏମାଡେମୀ। ଏହାର ନାମ 'ପ୍ରୋ-ଚେସ୍-ଟା' ରଖାଯାଇଥିଲାବେଳେ ଏଠାରେ ୫ରୁ ୧୮ ବର୍ଷ ବୟସର ଖେଳାଳିମାନଙ୍କୁ ପ୍ରଶିକ୍ଷଣ ଦେବା ସକାଶେ ଏକ ଚେସ୍ ପ୍ରତିଭା ଚିହ୍ନଟ ଶିବିର ଆସନ୍ତା ୯ ଓ ୧୦ ତାରିଖରେ ଅନୁଷ୍ଠିତ ହେବ। ନୂଆପଲ୍ଲୀଠାରେ ଥିବା ଏକାଡେମୀ ପରିସରରେ ଏହି ଚିହ୍ନଟ ପ୍ରକ୍ରିୟା ହେବ ବୋଲି କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଚିହ୍ନଟ ପ୍ରକ୍ରିୟା ୩ଟି କାଟାଗୋରୀରେ ଅନୁଷ୍ଠିତ ହେବ। ଏହା ମଧ୍ୟରୁ ପ୍ରଥମଟି ହେଲ ବିଗିନରସ, ଇଣ୍ଟରମିଡିଏଟ ଓ ଅପର ଇଣ୍ଟରମିଡିଏଟ୍। ରାଜ୍ୟର ଶ୍ରେଷ୍ଠ ଚେସ୍ ପ୍ରତିଭାଙ୍କୁ ଚିହ୍ନଟ କରି ସେମାନଙ୍କୁ ଉଚ୍ଚକୋଟୀର ପ୍ରଶିକ୍ଷଣ ଦେବା ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠା ଲାଭ କରିବା ସକାଶେ ଏହାର ଆୟୋଜନ କରାଯାଇଛି। ନିକଟରେ ରାଜ୍ୟ ସାରା ୧୦୦ଟି ଚେସ୍ ପ୍ରଶିକ୍ଷଣ କେନ୍ଦ୍ର ବିଭାଗ ପକ୍ଷରୁ ପ୍ରତିଷ୍ଠା କରାଯିବାର କାର୍ଯ୍ୟକ୍ରମ ରହିଛି। ଏଣୁ ପ୍ରତିଭାବାନ ଖେଳାଳିମାନେ ଏହାର ସୁଯୋଗ ନେବାକୁ କ୍ରୀଡ଼ା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

• କୁଚ ବିହାର ଟ୍ରଫି

# ମ୍ୟାଚ୍ ଡ୍ର; ମହାରାଷ୍ଟ୍ରକୁ ଇନିଂସ ଅଗ୍ରଣୀ ପଏଣ୍ଟ

କଟକ, ୪।୧୨(ସମିସ): ଚଳିତ କୁଚବିହାର ଟ୍ରଫିର ୩ୟ ଲିଗ୍ ମ୍ୟାଚ୍ ଡ୍ର ରଖିଛି ଓଡ଼ିଶା। ଡଃ ବାବା ସାହେବ ଆମ୍ବେଦକର ଷ୍ଟାଡିୟମରେ ଘରୋଇ ମହାରାଷ୍ଟ୍ର ଦଳ ବିପକ୍ଷରେ ଏହି ମ୍ୟାଚ୍ ଖେଳାଯାଉଥିଲା। ଇନିଂସ୍ ଅଗ୍ରଣୀ ଭିତ୍ତିରେ ମହାରାଷ୍ଟ୍ର ୩ ପଏଣ୍ଟ ହାସଲ କରିଛି। ଗ୍ରୁପ-ଇ'ରେ ସ୍ଥାନ ପାଇଥିବା ଓଡ଼ିଶା ୩ଟି ଲିଗ୍ ମ୍ୟାଚ୍‌ରୁ ଗୋଟିଏ ବିଜୟ ଏବଂ ୨ଟି ଡ୍ର ବଳରେ ୯ ପଏଣ୍ଟ ହାସଲ କରି ୩ୟ ସ୍ଥାନରେ ରହିଛି। ପରବର୍ତ୍ତୀ ମୁକାବିଲାରେ ଓଡ଼ିଶା ହାଇଦ୍ରାବାଦକୁ ଭେଟିବ।

ସୂଚନାଯୋଗ୍ୟ, ମହାରାଷ୍ଟ୍ର ବିପକ୍ଷ ମ୍ୟାଚରେ ଓଡ଼ିଶା ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ମ୍ୟାଚ୍‌ର ପ୍ରଥମ ଦିବସ ବର୍ଷା ଯୋଗୁଁ ବାଧାପ୍ରାପ୍ତ ହୋଇଥିଲା। ଦ୍ୱିତୀୟ ଦିବସରେ ମାତ୍ର ୨୩ ଓଭର ଖେଳ ହୋଇଥିଲା। ଏଥିରେ ଓଡ଼ିଶା ୨ ୱିକେଟ ବିନିମୟରେ ୭୪ରନ ସଂଗ୍ରହ କରିଥିଲା। ଶ୍ରେୟାଂଶୁ ପଟ୍ଟନାୟକଙ୍କ ୭୭ରନ ସହାୟତାରେ ଓଡ଼ିଶା ପ୍ରଥମ ଇନିଂସ୍‌ରେ ୨୭୪ରନ କରିଥିଲା। ଘରୋଇ ମହାରାଷ୍ଟ୍ର ପ୍ରଥମ ଇନିଂସ୍ ବ୍ୟାଟିଂ କରି ୮ ୱିକେଟ ହରାଇ ୩୦୪ରନ କରିଥିବା ବେଳେ ୪ର୍ଥ ଦିବସର ଷ୍ଟମ୍ପ ଅପସାରଣ ହୋଇଥିଲା। ମହାରାଷ୍ଟ୍ର ପକ୍ଷରୁ ଅନିରୁଦ୍ଧ ସାବଲେ ଶତକୀୟ ଇନିଂସ ଖେଳିଥିଲେ। ଓଡ଼ିଶାର ସାର୍ଥକ ପଣ୍ଡା ୪ଟି ୱିକେଟ ଅକ୍ତିଆର କରିଥିଲେ।

ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତା

# ନୂଆପଡ଼ାକୁ ହରାଇ କଟକ ଚାମ୍ପିଅନ




ସମ୍ବଲପୁର, ୪।୧୨(ସମିସ):ଦିଲ୍ଲୀପ ଚାନ୍ଦ ମେମୋରିଆଲ ଦୁଇଦିନିଆ ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତାରେ କଟକ ଚାମ୍ପିଅନ ହୋଇଛି। ସମ୍ବଲପୁର ସହର ଫାଟକ ପଡ଼ିଆରେ ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ରେ ନୂଆପଡ଼ାକୁ ୩୭-୧୮ ପଏଣ୍ଟରେ ହରାଇ କଟକ ଜିଲ୍ଲା ଦଳ ବିଜୟୀ ହୋଇଛି। ଫାଇନାଲ ଖେଳରେ ପଦ୍ମଶ୍ରୀ ଦିଲ୍ଲୀପ ତୀର୍କି ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କ୍ଲବ ସଭାପତି ତଥା ପୂର୍ବତନ ଉପ ନଗରପାଳ ସିଦ୍ଧାର୍ଥ ସାହା, କାର୍ଯ୍ୟକାରୀ ସଭାପତି ପ୍ରଣବ ଶତ୍ରୁଶଲ୍ୟ, ସାଧାରଣ ସମ୍ପାଦକ ସୁଶାନ୍ତ ଡନସେନା ପ୍ରମୁଖ କ୍ଲବର ସଦସ୍ୟମାନେ ଉପସ୍ଥିତ ଥିଲେ।। ପ୍ରଥମ ଦିନରେ ଆଞ୍ଚଳିକ କ୍ରୀଡ଼ାବିତ୍‌ମାନଙ୍କୁ ନେଇ ପ୍ରତିଯୋଗିତା ହୋଇଥିଲା।

ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ମୋଟ ୧୨ଗୋଟି ଦଳ ଭାଗ ନେଇଥିଲେ। ଅନାମିକା କ୍ଲବ ବିଜୟୀ ହୋଇଥିଲା। ବିଧାୟକ ନାଉରି ନାଏକ ଓ ବିଜେପି ଜିଲ୍ଲା ସଭାପତି ଗିରୀଶ ପଟେଲ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାରେ ସମ୍ବଲପୁର ଜିଲ୍ଲା ସମେତ ରାଉରକେଲା, ଝାରସୁଗୁଡା, ନୂଆପଡ଼ା, କଟକ, ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ, ଭୁବନେଶ୍ୱର ପଟିଆସ୍ଥିତ କବାଡ଼ି କ୍ଲବ ଯୋଗ ଦେଇଥିଲେ। କ୍ଲବ ସଭାପତି ସିଦ୍ଧାର୍ଥ ସାହାଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଫାଟକ ଦୁର୍ଗାପୂଜା କମିଟି ସଭାପତି ବୁଲୁ ବିଶ୍ୱାଳ ଯୋଗଦେଇ ବିଜେତା ଓ ଉପ ବିଜେତା ଦଳକୁ ଆର୍ଥିକ ରାଶି ସହ ପୁରସ୍କୃତ କରିଥିଲେ।

# ପୂର୍ବାଞ୍ଚଳ ଚାମ୍ପିଅନ; ମାଧୁରୀ ଓ ସୁଶ୍ରୀଙ୍କୁ ଶୁଭେଚ୍ଛା

କଟକ, ୪।୧୨(ସମିସ): ବରିଷ୍ଠ ମହିଳା ଆନ୍ତଃ ଜୋନାଲ ଟି-୨୦ ଟ୍ରଫିରେ ପୂର୍ବାଞ୍ଚଳ ଚାମ୍ପିଅନ ହୋଇଛି। ସାଇକା ଇଏକ୍‌ଙ୍କ ନେତୃତ୍ୱରେ ଭାଗ ନେଇଥିବା ପୂର୍ବାଞ୍ଚଳ ଦଳରେ ଦୁଇ ଓଡ଼ିଆ ଖେଳାଳି ରହିଥିଲେ। ଏମାନେ ହେଲେ ମାଧୁରୀ ମେହଟା ଏବଂ ସୁଶ୍ରୀ ଦିବ୍ୟଦର୍ଶିନୀ। ମାଧୁରୀ ୩ଟି ମ୍ୟାଚ୍‌ରୁ ୨ଟି ଇନିଂସ୍ ଖେଳିବାର ସୁଯୋଗ ପାଇ ମାତ୍ର ୬ରନ କରିଥିଲେ। ସୁଶ୍ରୀ ଅଲରାଉଣ୍ଡ ପ୍ରଦର୍ଶନ କରିଛନ୍ତି। ୪ଟି ମ୍ୟାଚ୍‌ରୁ ୨ଟି ୱିକେଟ ହାସଲ କରିଥିବା ବେଳେ ଗୋଟିଏ ଇନିଂସ୍‌ରେ ବ୍ୟାଟିଂ ସୁଯୋଗ ପାଇ ୬ରନ ସଂଗ୍ରହ କରିଥିଲେ। ସେହିପରି ପୂର୍ବାଞ୍ଚଳ ଦଳର ଫିଜିଓ ଥିଲେ ଓଡ଼ିଶାର ଜୁରୀ ଦତ୍ତ। ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ସଭାପତି ପ୍ରଣବ ପ୍ରକାଶ ଦାସ ଏବଂ ସମ୍ପାଦକ ସଞ୍ଜୟ ବେହେରା ଚାମ୍ପିଅନ ଦଳରେ ସାମିଲ ଥିବା ଏହି ୩ ଓଡ଼ିଆଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



# ଋତୁରାଜଙ୍କ କୀର୍ତ୍ତିମାନ

ନୂଆଦିଲ୍ଲୀ, ୪।୧୨(ଏଜେନ୍ସି): ଭାରତୀୟ ଯୁବ ବ୍ୟାଟର ଋତୁରାଜ ଗାଏକ୍ୱାଡ ଟି-୨୦ରେ ଏକ ନୂଆ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ସଦ୍ୟ ସମାପ୍ତ ଅଷ୍ଟ୍ରେଲିଆ ବିପକ୍ଷ ଟି-୨୦ ସିରିଜରେ ସେ ୫ଟି ମ୍ୟାଚ୍ ଖେଳି ୫୫.୭୫ ହାରରେ ମୋଟ୍ ୨୨୩ ରନ ସଂଗ୍ରହ କରିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିପାକ୍ଷିକ ଟି-୨୦ ସିରିଜରେ ସେ ବିଶ୍ୱର ସର୍ବାଧିକ ରନ୍ ସଂଗ୍ରହକାରୀ ବ୍ୟାଟର ବିବେଚିତ ହୋଇଛନ୍ତି ଓ ସେ ଏହି କ୍ରମରେ ନ୍ୟୁଜିଲାଣ୍ଡ ଅଭିଜ୍ଞ ବ୍ୟାଟର ମାର୍ଟିନ ଗୁପ୍ଟିଲଙ୍କୁ ପଛରେ ପକାଇଛନ୍ତି।

କନିଷ୍ଠ ବିଶ୍ୱ ମୁଷ୍ଟିଯୁଦ୍ଧ

# ଅମୀଶା, ହାର୍ଦ୍ଦିକ, ପ୍ରାଚୀଙ୍କୁ ରୌପ୍ୟ

ନୂଆଦିଲ୍ଲୀ, ୪।୧୨(ଏଜେନ୍ସି): ଆର୍ମେନିଆର ୟେରେଭାନ୍‌ରେ ଚାଲିଥିବା ଆଇବିଏ କନିଷ୍ଠ ବିଶ୍ୱ ମୁଷ୍ଟିଯୁଦ୍ଧ ପ୍ରତିଯୋଗିତାରେ ୩ ଜଣ ଭାରତୀୟ ମୁଷ୍ଟିଯୋଦ୍ଧା ରୌପ୍ୟ ପଦକ ହାସଲ କରିଛନ୍ତି। ହାର୍ଦ୍ଦିକ ପାନୱାର, ଅମୀଶା କେରେଟ୍ଟା ଓ ପ୍ରାଚୀ ଟୋକାସ୍ ସେମାନଙ୍କ ବର୍ଗ ପ୍ରତିଯୋଗିତାର ଫାଇନାଲରେ ପରାସ୍ତ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ଏସୀୟ କନିଷ୍ଠ ଚାମ୍ପିଅନ ହାର୍ଦ୍ଦିକ ୮୦ କେଜି ବର୍ଗ ପ୍ରତିଯୋଗିତାରେ ୨-୩ରେ ରୁଷିଆର ଆଶୁରୋଭ ବୈରାମଖାନ୍‌ଙ୍କଠାରୁ ପରାସ୍ତ ହୋଇ ଅଳ୍ପକେ ବିଜୟରୁ ବଞ୍ଚିତ ହୋଇଥିଲେ। ସେହିପରି ମହିଳା ୫୪




କେଜି ବର୍ଗରେ ଅମୀଶା କାଜାଖସ୍ତାନର ଆୟାଝାନ ସିଦିକଙ୍କଠାରୁ ଫାଇନାଲରେ ୦-୫ରେ ପରାସ୍ତ ହୋଇଥିଲେ। ଅନ୍ୟପଟେ ପ୍ରାଚୀ ମହିଳା +୮୦ କେଜି ବର୍ଗରେ ୦-୫ରେ ଏସିଆ କିନଷ୍ଠ ଚାମ୍ପିଅନ ଉଜବେକିସ୍ତାନର ସୋବିରାଖୋନ୍ ସାଖୋବିଦିନୋଭାଙ୍କଠାରୁ ପରାସ୍ତ ହୋଇ ସ୍ୱର୍ଣ୍ଣରୁ ବଞ୍ଚିତ ହୋଇଛନ୍ତି। ଏଥିସହ ଭାରତ ୫ କାଂସ୍ୟ ସହ ମୋଟ୍ ୧୭ଟି ପଦକ ହାସଲ କରିସାରିଛି। ଏବେ ୪୮ କେଜିରେ ପାୟଲ, ୫୨ରେ ନିଶା, ୫୭ କେଜିରେ ଭିନି, ୬୩ କେଜିରେ ସୃଷ୍ଟି, ୭୦ କେଜିରେ ଆକାଂକ୍ଷା, ୮୦ରେ ମେଘା, ୫୪ରେ ଜତୀନ, ୭୫ରେ ସାହିଲ ଓ ୮୦+ କେଜିରେ ହେମନ୍ତ ଫାଇନାଲ ମୁକାବିଲାରେ ଅବତୀର୍ଣ୍ଣ ହେବେ। ଅର୍ଥାତ ଭାରତୀୟ ଖେଳାଳିମାନେ ଏବେ ଆଉ ୯ ସ୍ୱର୍ଣ୍ଣ ପାଇଁ ମୁକାବିଲରେ ଅବତୀର୍ଣ୍ଣ ହେବେ। ପୂର୍ବରୁ ୪୬ କେଜିରେ ନେହା, ୬୬ରେ ନିଧି, ୫୦ରେ ପରୀ, ୭୫ରେ କିର୍ତ୍ତିକା ଓ ୪୮ କେଜିରେ ସିକନ୍ଦର ସେମିରେ ପରାସ୍ତ ହୋଇ କାଂସ୍ୟ ଜିତିଛନ୍ତି।

ଓରୁ ପୁରୁଷ କନିଷ୍ଠ ବିଶ୍ୱକପ୍ ହକି

# ଭାରତ-କୋରିଆ ମୁକାବିଲା ଆଜି

କ୍ୱାଲାଲମ୍ପୁର, ୪।୧୨(ଏଜେନ୍ସି): ସ୍ଥାନୀୟ ବୁକିତ ଜଲିଲଠାରେ ଆସନ୍ତାକାଲି (ମଙ୍ଗଳବାର)ଠାରୁ ଆରମ୍ଭ ହେବାକୁ ଯାଉଛି ପୁରୁଷ କନିଷ୍ଠ ବିଶ୍ୱକପ୍ ହକି-୨୦୨୩। ଏହି ପ୍ରତିଯୋଗିତାରେ ଭାଗ ନେଇଥିବା ଭାରତୀୟ ଦଳ ତାହାର ଏସୀୟ ପ୍ରତିଦ୍ୱନ୍ଦ୍ୱୀ ଦକ୍ଷିଣ କୋରିଆ ବିପକ୍ଷ ମୁକାବିଲାରୁ ଅଭିଯାନ ଆରମ୍ଭ କରିବ। ଦୁଇଥରର ଚାମ୍ପିଅନ୍ ଭାରତ ଏଥର ଗ୍ରୁପ୍-ସି'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ କୋରିଆ, ସ୍ପେନ୍ ଓ ମାଲେସିଆକୁ ମଧ୍ୟ ସ୍ଥାନ ମିଳିଛି। କୋରିଆ ବିପକ୍ଷରୁ ଭାରତ ଅଭିଯାନ ଆରମ୍ଭ କରି ତୃତୀୟ ଟାଇଟଲ ଜିତିବା ଲକ୍ଷ୍ୟରେ ରହିଛି।

କନିଷ୍ଠ ହକିରେ ପ୍ରତିଦ୍ୱନ୍ଦ୍ୱୀ କୋରିଆ ବିପକ୍ଷରେ ଭାରତର ରେକର୍ଡ ଭଲ। ଉଭୟ ଦଳ ମଧ୍ୟରେ ୬ଟି ମୁକାବିଲା ହୋଇଥିଲାବେଳେ ଭାରତ ୩ଟିରେ ଓ କୋରିଆ ଗୋଟିଏ ମ୍ୟାଚ୍‌ରେ ବିଜୟୀ ହୋଇଛି। ଅନ୍ୟ ମ୍ୟାଚ୍‌ଟି ହାରଜିତ ବିନା ଫଇସଲାରେ ଶେଷ ହୋଇଛି। ଉଭୟ ଦଳ ଶେଷଥର ଚଳିତବର୍ଷ ପ୍ରାରମ୍ଭରେ ଏସୀୟ କପ୍ କନିଷ୍ଠ ହକି ସେମିଫାଇନାଲରେ ଭେଟାଭେଟି ହୋଇଥିଲା। ଏଥିରେ ଭାରତ ୯-୧ ଗୋଲରେ ବିଜୟୀ ହୋଇଥିଲା।

ବିଶ୍ୱକପ୍ ଉଦଘାଟନୀ ମ୍ୟାଚ୍ ଲାଗି ଭାରତ ପ୍ରସ୍ତୁତ ବୋଲି ଏହାର ଅଧିନାୟକ ଉତ୍ତମ ସିଂ ମତଦିଅନ୍ତି। ଆମେ ଏହି ପ୍ରତିଯୋଗିତାଲାଗି ଦୀର୍ଘ ଦିନ ଅପେକ୍ଷା କରିଥିଲୁ। ଏବେ ଉପଯୁକ୍ତ ସମୟ ଉପନୀତ।




ଆମର ଦୃଢ଼ ଆଶା ଆମେ କୋରିଆ ବିପକ୍ଷ ମ୍ୟାଚ୍ ଜିତି ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବୁ। ନିକଟରେ ଆମେ ଏହି ଦଳ ସହ ଖେଳିଥିଲୁ ଓ ଏଥିରେ ଆମକୁ ବଡ଼ ବିଜୟ ମିଳିଥିଲା। ଏହି ସଫଳତାକୁ ଆମେ ଦୋହରାଇବୁ ବୋଲି ସେ କହିଛନ୍ତି। ଏହା ପରେ ଭାରତ ଡିସେମ୍ବର ୭ରେ ସ୍ପେନ୍ ସହ ଓ ଡିସେମ୍ବର ୯ରେ କାନାଡା ସହ ଗ୍ରୁପ୍ ଲିଗ୍ ମ୍ୟାଚ୍ ଖେଳିବ।

ଏହି ପ୍ରତିଯୋଗିତାରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରୁଥିଲାବେଳେ ଏହା ମଙ୍ଗଳବାର ବା ଡିସେମ୍ବର ୫ରୁ ଆରମ୍ଭ ହୋଇ ୧୬ରେ ଶେଷହେବ। ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିବା ୧୬ଟି ଦଳକୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଗ୍ରୁପ୍ ପର୍ଯ୍ୟାୟରେ ରାଉଣ୍ଡ ରବିନ ଲିଗ୍ ପଦ୍ଧତିରେ ଥରେ ଲେଖାଏଁ ମ୍ୟାଚ୍ ଖେଳାଯିବ। ପ୍ରତ୍ୟେକ ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହେବ। ୪ଟି ଯାକ କ୍ୱାର୍ଟର ଫାଇନାଲ ମ୍ୟାଚ୍

### ଭାରତର ଖେଳସୂଚୀ

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭାରତୀୟ ସମୟ |
|---|---|---|
| ୫।୧୨ | କୋରିଆ | ୩ଟା ୩୦ ମିନିଟ୍ |
| ୭।୧୨ | ସ୍ପେନ୍ | ୫ଟା ୩୦ ମିନିଟ୍ |
| ୯।୧୨ | କାନାଡା | ୩ଟା ୩୦ ମିନିଟ୍ |

**ପ୍ରସାରଣ:** ଭାଏକମ୍ ସ୍ପୋର୍ଟ୍ସ ୧୮-୩, ୧୮-୧ ଏଚ୍‌ଡି, ଜିଓ ସିନେମା

ଡିସେମ୍ବର ୧୨, ଦୁଇଟିଯାକ ସେମିଫାଇନାଲ ମ୍ୟାଚ୍ ଡିସେମ୍ବର ୧୪ ଓ ଫାଇନାଲ ମ୍ୟାଚ୍ ଡିସେମ୍ବର ୧୬ରେ ଖେଳାଯିବ।

### ମଙ୍ଗଳବାର ମ୍ୟାଚ୍

୧- ଫ୍ରାନ୍ସ ବନାମ ଇଜିପ୍ଟ, ୬ଟା୩୦, ୨- ଜର୍ମାନୀ ବନାମ ଦକ୍ଷିଣ ଆଫ୍ରିକା, ୮ଟା୩୦, ୩- ସ୍ପେନ ବନାମ କାନାଡା, ୧୧ଟା ୩୦ ୪- ଆର୍ଜେଣ୍ଟିନା ବନାମ ଅଷ୍ଟ୍ରେଲିଆ, ୧ଟା୩୦, ୫-ଭାରତ ବନାମ କୋରିଆ, ୩ଟା ୩୦, ୬- ମାଲେସିଆ ବନାମ ଚିଲି, ୫ଟା ୩୦। (ଭାରତୀୟ ସମୟ)

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର